# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୦/୨୦୨୦ (୨୦ ପୃଷ୍ଠା) | Bhubaneswar, Monday, February 10/2020 | ★★★★

୪୬ଶ ଭାଗ ୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ନସିମ୍ ହ୍ୟାଟ୍ରିକରେ ସର୍ବକନିଷ୍ଠ**

ବାଂଲାଦେଶ ବିପକ୍ଷ ମ୍ୟାଚରେ ପାକିସ୍ତାନର ନସିମ ଶାହା ସର୍ବକନିଷ୍ଠ ବୋଲର ଭାବେ ଟେଷ୍ଟ କ୍ରିକେଟରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। **୧୯**

**୧୪** **ଅବ୍ରାମଙ୍କ ପାଇଁ ଶାହରୁଖ ଗର୍ବିତ**

ଅବ୍ରାମ ଟାଏକୋଣ୍ଡୋରେ ଗୋଲ୍ଡ ମେଡାଲ ଜିତିବା ପରେ ପିତା ଶାହରୁଖ ନିଜ ଅଫିସିଆଲ ଟୁଇଟର୍ ହ୍ୟାଣ୍ଡେଲ୍‌ରେ ପୁଅର ଫଟୋ ସହ ଇମୋଶନାଲ ପୋଷ୍ଟ ଶେୟାର କରିଛନ୍ତି।



# ଖୁସି ଉଜାଡ଼ିଦେଲା ବିଦ୍ୟୁତ୍ ତାର

- **ବସ୍‌ରେ ଲାଗିଲା ୧୧ କେଭି**
- **୧୦ ମୃତ, ୨୨ ଗୁରୁତର**
- **ଅଧା ରହିଗଲା ନିର୍ବନ୍ଧ**



ବ୍ରହ୍ମପୁର ଅଫିସ,୯।୨

ଆଉ ୩୦ ମିନିଟ୍ ପରେ ନିର୍ବନ୍ଧ ପାଇଁ କନ୍ୟା ଘରେ ପହଞ୍ଚିଥାଆନ୍ତେ ବରଘର ଲୋକେ। ଏଥିପାଇଁ ସରିଥିଲା ସବୁ ଆୟୋଜନ। ଦୁଇ ପରିବାର ଓ ବନ୍ଧୁବର୍ଗ ବେଶ୍ ଖୁସିଥିଲେ। ଅଚାନକ ଏହି ଖୁସିକୁ ଉଜାଡ଼ିଦେଲା ୧୧ କେଭି ବିଦ୍ୟୁତ୍ ତାର। ଦେଖୁ ଦେଖୁ ଚାଲିଗଲା ୧୦ଜଣଙ୍କ ଜୀବନ। ଗୁରୁତର ଆହତ ହୋଇଥିଲେ ୨୨ ଜଣ। ତପ୍ତପାଣି ଦୁର୍ଘଟଣାକୁ ୧୫ଦିନ ପୂରି ନ ଥିବାବେଳେ ରବିବାର ଗଞ୍ଜାମ ଜିଲାର ଗୋଳନ୍ଥରା ଥାନା ଅନ୍ତର୍ଗତ ମେଣ୍ଢରାଜପୁର ଛକରେ 'ସିଲ୍‌କି ସିଟି' ନାମକ ଏକ ଘରୋଇ ବସ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ଘଟିଗଲା ଏଭଳି ହୃଦୟବିଦାରକ ଘଟଣା। ୨୨ ଗୁରୁତରଙ୍କ ମଧ୍ୟରୁ ୮ଜଣଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। କିନ୍ତୁ ବିଳମ୍ବିତ ରାତିରେ ଅନ୍ୟ ଜଣଙ୍କର କଟକ ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି। ଏହା ପରେ ଉତ୍ତ୍ୟକ୍ତ ସ୍ଥାନୀୟ ଲୋକେ ସାଉଥ୍‌କୋର ଖାମଖିଆଲ ନୀତି ଯୋଗୁ ଏହି ଦୁର୍ଘଟଣା ଘଟିଛି ବୋଲି ଦାୟୀ କରି ହୋହଲ୍ଲା କରିଥିଲେ।

ରବିବାର ପୂର୍ବାହ୍ନରେ ଡଙ୍କଲପାଡୁ ଗ୍ରାମରୁ ୟୁ.ଅଶୋକ ରେଡ୍ଡୀଙ୍କ ନିର୍ବନ୍ଧ ପାଇ ଚିକରଡ଼ା ଗ୍ରାମକୁ 'ସିଲ୍‌କ ସିଟି' ନାମକ ବସ୍ (ନଂ ଓଆର ୦୭ ଟି ୧୪୪୧)ରେ ପ୍ରାୟ ୩୫ ଜଣ ମହିଳା, ଶିଶୁ ଓ ପୁରୁଷ ଯାଉଥିଲେ। ମେଣ୍ଢରାଜପୁର ରାସ୍ତା ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ବସ୍‌ରେ ଲାଗି ଯାଇଥିଲା। ଫଳରେ ବସ୍ ଭିତରେ ଲୋକମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ସେଠାରେ ପହଞ୍ଚିଥିଲେ। ସଙ୍ଗେ ସଙ୍ଗେ ବିଦ୍ୟୁତ୍ ବିଭାଗକୁ ଜଣାଇବା ସହ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ପରେ ସେଠାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରାଯାଇଥିଲା। ଲୋକମାନେ ଗୁରୁତର ଆହତଙ୍କୁ ସଙ୍ଗେ ସଙ୍ଗେ ବସ୍‌ରୁ ଉଦ୍ଧାର କରିଥିଲେ ହେଁ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଆସିପାରି ନ ଥିଲା। ଗୁରୁତରଙ୍କୁ ଲୋକେ ଅଟୋ ରିକ୍ସା ଓ ବାଇକ୍ ଯୋଗେ ନିକଟସ୍ଥ କେଲୁଆପଲ୍ଲୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ସେମାନଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଜବତ କରିବା ସହ ଏ ନେଇ ନଂ.୪୩/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ବସ୍ ଡ୍ରାଇଭର ଓ ହେଲ୍‌ପର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେହିପରି ଦୁର୍ଘଟଣା ଖବର ପାଇ ମୃତକ ଓ ଆହତଙ୍କ ସମ୍ପର୍କୀୟମାନେ ଏମ୍‌କେସିଜି ମେଡିକାଲକୁ ଧାଇଁଥିଲେ। ଏମ୍‌କେସିଜି ମେଡିକାଲ କାଜୁଆଲିଟି ପରିସରରେ ସମ୍ପର୍କୀୟଙ୍କ ବୁକୁଫଟା ଚିତ୍କାର ଓ କାନ୍ଦବୋବାଳି ବାତାବରଣକୁ ଶୋକାକୁଳ କରି ଦେଇଥିଲା। ଏମ୍‌କେସିଜି ମେଡିକାଲରେ ୟୁ. ଅଶୋକ ରେଡ୍ଡୀଙ୍କ ସମେତ

☞ପୃଷ୍ଠା–୪

## ମୁଖ୍ୟମନ୍ତ୍ରୀଙ୍କ ଶୋକ, ସହାୟତା ଘୋଷଣା

- **ମୃତକଙ୍କ ପରିବାର ପିଛା ୨ ଲକ୍ଷ ଟଙ୍କା**
- **ଆହତଙ୍କ ସମସ୍ତ ଖର୍ଚ୍ଚ ବହନ କରିବେ ରାଜ୍ୟ ସରକାର**

ଭୁବନେଶ୍ୱର,୯।୨(ବ୍ୟୁରୋ)

ଗଞ୍ଜାମ ଜିଲାରେ ଘଟିଥିବା ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହି ଘଟଣାରେ ମୃତ ସମସ୍ତ ବ୍ୟକ୍ତିବିଶେଷଙ୍କ ପରିବାର ପ୍ରତି ସମବେଦନା ମଧ୍ୟ ଜ୍ଞାପନ କରିଛନ୍ତି। ଏଥିସହିତ ମୃତକଙ୍କ ପରିବାର ପିଛା ୨ ଲକ୍ଷ ଟଙ୍କାର ସହାୟତା ରାଶି ମଧ୍ୟ ଘୋଷଣା କରାଯାଇଛି। ଦୁର୍ଘଟଣାରେ ଆହତ ହୋଇଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ବ୍ରହ୍ମପୁର ଏମ୍‌କେସିଜିରେ ଏବଂ ଅତି ସଂକଟାପନ୍ନ ଥିବା ୮ ଜଣଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଛି। ଏହି ବ୍ୟକ୍ତିବିଶେଷଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାରଙ୍କ ପକ୍ଷରୁ ବହନ କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ପକ୍ଷରୁ କୁହାଯାଇଛି। ୧୧ କେ.ଭି. ବିଦ୍ୟୁତ ତାର ଲାଗି ଏହି ଦୁର୍ଘଟଣା ଘଟିଥିଲା। ତେଣୁ ଏହି ତାର କେତେ ଉଚ୍ଚତାରେ ରହିଥିଲା, ସେ ନେଇ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଓଡ଼ିଶା ପାୱାର ଟ୍ରାନ୍ସମିଶନ୍ କର୍ପୋରେଶନ ଲିଃ(ଓପିଟିସିଏଲ୍) ଅଧ୍ୟକ୍ଷ ତଥା କାର୍ଯ୍ୟନିର୍ବାହୀ(ସିଏମ୍‌ଡି) ସୌରଭ ଗର୍ଗଙ୍କ ପକ୍ଷରୁ ସାଉଥକୋକୁ ରିପୋର୍ଟ ମଗାଯାଇଛି। ଏହି ରିପୋର୍ଟ ଆସିବା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି।

## ଅଳ୍ପକେ ରକ୍ଷା ପାଇଲେ ୭୦ ପର୍ଯ୍ୟଟକ

ବାଲିଆପାଳ, ୯।୨(ସ୍ୱ.ପ୍ର.)

ବିଦ୍ୟୁତ୍ ତାର ସଂସ୍ପର୍ଶରେ ବସ୍ ଆସି ଗଞ୍ଜାମ ଜିଲାର ୧୦ ଜଣଙ୍କ ମୃତ୍ୟୁ ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ବାଲେଶ୍ୱର ଜିଲା ବାଲିଆପାଳରେ ମଧ୍ୟ ଏଭଳି ଏକ ଦୁର୍ଘଟଣା ଘଟିଛି। ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏକ ନିଶ୍ଚିତ ବିପଦରୁ ୭୦ ଜଣ ପର୍ଯ୍ୟଟକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବାଲିଆପାଳ ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ଯୋଗୁ ଡଗରା ବେଳାଭୂମି ରାସ୍ତାରେ ଏଭଳି ଘଟଣା ଘଟିଥିବା କୁହାଯାଉଛି।

ବାରିପଦା ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟରୁ ଛାତ୍ରୀଛାତ୍ର ଏବଂ ଅଧ୍ୟାପକମାନେ ଏକ ଘରୋଇ ବସ୍‌ରେ ଡଗରା ବେଳାଭୂମିକୁ ପିକ୍‌ନିକ କରିବା ପାଇଁ ଆସିଥିଲେ। ବସ୍‌ଟି ରବିବାର ପୂର୍ବାହ୍ନରେ ଡଗରା ରାସ୍ତାର ଗଦାଧର ଗିରି ସ୍କୁଲ ନିକଟରେ ଯାଉଥିବା ବେଳେ ରାସ୍ତା ଉପରେ ଓହଳିରହିଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ମାତ୍ର ବସ୍‌ର ଡ୍ରାଇଭର ତୁରନ୍ତ ବସ୍‌କୁ ପଛକୁ ବୁଲାଇ ଦେଇଥିଲେ ଓ ବସ୍‌ରୁ ବିଦ୍ୟୁତ୍ ତାର ଅଲଗା ହୋଇଯାଇଥିଲା। ବିଦ୍ୟୁତ ସଂସ୍ପର୍ଶରେ ବସ୍ ଭିତରେ ଥିବା ଜଣେ ପର୍ଯ୍ୟଟକ ଆହତ ହୋଇଥିବା ଜଣାପଡ଼ିଛି। ବସ୍‌ଟି ତୁରନ୍ତ ପଛକୁ ଆସିବାରୁ ବାଇକ୍‌ରେ

☞ପୃଷ୍ଠା–୪

# ସହଯୋଗର ହାତ ବଢ଼ାଇଲା ଭାରତ

**ଜଟିଳ ହେଉଛି କରୋନା ସ୍ଥିତି**

- **ଜିନ୍‌ପିଙ୍ଗଙ୍କୁ ଚିଠି ଲେଖିଲେ ମୋଦି**
- **ଚାଇନାରେ ଗଡ଼ିଲାଣି ୮୧୧ ମୁଣ୍ଡ**
- **ଆକ୍ରାନ୍ତଙ୍କ ସଂଖ୍ୟା ୩୭,୧୯୮କୁ ବୃଦ୍ଧି**
- **ଚାଇନା ପ୍ରତିନିଧିଙ୍କ ଗୋଆ ଗସ୍ତ ସ୍ଥଗିତ**

ବେଜିଂ/ନୂଆଦିଲ୍ଲୀ/ ପଣଜୀ, ୯।୨(ପି.ଟି.)

ଦିନକୁ ଦିନ କ୍ରମଶଃ ଜଟିଳ ହେବାରେ ଲାଗିଛି କରୋନା ଭାଇରସ୍ ସଂକ୍ରମଣ ସ୍ଥିତି। ଚାଇନାରେ ଏପର୍ଯ୍ୟନ୍ତ ଏହି ଭୂତାଣୁ ସଂକ୍ରମଣରେ ୮୧୧ ଜଣ ପ୍ରାଣ ହରାଇଥିବାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୩୭,୧୯୮କୁ ବୃଦ୍ଧି ପାଇଛି। ଦିନ କେଇଟା ମଧ୍ୟରେ ଏତେ ମୁଣ୍ଡ ନେବା ପରେ ମଧ୍ୟ ଏହା ଅଟକିବାର ନାଁ ନେଉନାହିଁ। ଚାଇନାର ପ୍ରାୟ ସବୁ ପ୍ରଦେଶକୁ ଏହା ବ୍ୟାପିଥିବାବେଳେ ୨୭ ଦେଶ କରୋନା ଭାଇରସ୍ ସଂକ୍ରମଣର ଶିକାର ହେଲାଣି। ଏଭଳି ସ୍ଥିତିରେ ଚାଇନାକୁ ସହଯୋଗ କରିବା ଲାଗି ଭାରତ ହାତ ବଢ଼ାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଇନା ରାଷ୍ଟ୍ରପତି ଜି. ଜିନ୍‌ପିଙ୍ଗଙ୍କୁ ଚିଠି ଲେଖି ସମସ୍ତ ସହଯୋଗ ଓ ପରିସ୍ଥିତିର ମୁକାବିଲା ଲାଗି ଭାରତ ପ୍ରସ୍ତୁତ ଥିବା କହିଛନ୍ତି। ଚିଠିରେ ମୋଦି ମୃତକଙ୍କ ଲାଗି ସମବେଦନା ଜଣାଇଥିବାବେଳେ ହୁବେଇ ପ୍ରଦେଶରୁ ୬୫୦ ଭାରତୀୟଙ୍କୁ ଛାଡ଼ିବାରେ ସହଯୋଗ କରିଥିବାରୁ ପ୍ରଶଂସା କରିଛନ୍ତି। ପ୍ରକାଶଥାଉ କି, ୩ ଦିନ ତଳେ ଚାଇନା ରାଷ୍ଟ୍ରଦୂତ ସନ୍ ୱେଇଡଙ୍ଗ୍ ଏକ ସାକ୍ଷାତ୍‌କାରରେ ଭାରତ ସହ ମିଶି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଚାଇନା ଇଚ୍ଛୁକ ଥିବା କହିଥିଲେ। ଅନ୍ୟପକ୍ଷରେ ଭାରତ ପକ୍ଷରୁ ଚାଇନାକୁ ଯିବା ଆସିବା ଉପରେ ନାଗରିକଙ୍କ ଉପରେ କଟକଣା ଲଗାଯାଇଥିବା ବେଳେ କରୋନା ସଂକ୍ରମଣକୁ ରୋକିବା ଲାଗି ପ୍ରୟାସ କରାଯାଇଛି। କେରଳରେ କରୋନା ଭାଇରସ୍ ରୋଗୀ ଚିହ୍ନଟ ହେବା ପରଠାରୁ ଭାରତ ଏନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିଆସୁଛି।

ଚାଇନାରେ ସ୍ଥିତି ଭୟଙ୍କର ଥିବାବେଳେ ସେଠାରୁ ରବିବାର ଗୋଆ ଆସିବାକୁ ଥିବା ପ୍ରତିନିଧିମାନଙ୍କ ଗସ୍ତକୁ ସ୍ଥଗିତ ରଖାଯାଇଛି। ଗୋଆ ପର୍ଯ୍ୟଟନ ଶିଳ୍ପ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଟ୍ରାଭେଲ ଆଣ୍ଡ ଟୁରିଜମ୍ ଆସୋସିଏଶନ୍ ଅଫ୍ ଗୋଆ(ଟିଟିଏଜି) ଅଧ୍ୟକ୍ଷ ସାଭିଓ ମେସିଆସ୍ ପ୍ରକାଶ କରିଛନ୍ତି। ଚାଇନା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଓ ଗୋଆକୁ ଚାଇନାରେ ଏକ ବୃହତ ପର୍ଯ୍ୟଟନ ଶିଳ୍ପର ମାନ୍ୟତା ଦେବା ଲାଗି ଏଭଳି ପ୍ରସ୍ତୁତି କରାଯାଇଥିଲା। ହେଲେ କରୋନା ସ୍ଥିତି ଉଦ୍‌ବେଗଜନକ ହେବାରୁ ଚାଇନା ପ୍ରତିନିଧିଙ୍କ ଗୋଆ ଗସ୍ତକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି।


**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**
ପୃଷ୍ଠା - ୧୦-୧୧


**ଆଜିର ସମ୍ପାଦକୀୟ**

**ଇଚ୍ଛା ଥିଲେ ଏଡ଼ାଇ ହେବ**

**ଆଜିର ମନ୍ତବ୍ୟ**

"ଭାରତୀୟ ସମାଜର ଗଣତାନ୍ତ୍ରିକ ଚରିତ୍ରକୁ ବ୍ରିଟିଶ୍ କି ମୋଗଲ ଶାସକମାନେ ଉଣା କରିପାରି ନ ଥିଲେ।

–ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

**କିଛି ତଥ୍ୟ**

ଚଳିତ ମାସ ବର୍ତ୍ତମାନ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଦେଶର ପୁଞ୍ଜି ବଜାରରେ ୫,୧୭୭ କୋଟି ଟଙ୍କାର ନେଟ୍ ନିବେଶ କରିଛନ୍ତି।

– ଷ୍ଟକ୍ ବଜାର ଡିପୋଜିଟୋରୀ ଡାଟା


Vencobb Fresh Chicken — Taste the difference!

09.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 59 | 105 | 115 |
| DKL | 62 | 109 | 119 |
| BDK | 62 | 109 | 119 |
| BLS | 63 | 110 | 120 |
| ANG | 64 | 111 | 121 |
| BHM | 58 | 103 | 113 |

*Conditions Apply

Issued in the Interest of Consumers


# ଘୋଷଣାରେ ବିଳମ୍ବ ନେଇ ବିବାଦ

**ଦିଲ୍ଲୀରେ ୬୨.୫୯% ମତଦାନ**

- **ପ୍ରଶ୍ନ ଉଠାଇଲେ କେଜ୍‌ରିୱାଲ**
- **ସଫେଇ ଦେଲେ ସିଇଓ**

ନୂଆଦିଲ୍ଲୀ,୯।୨(ପି.ଟି./ଆଇଏଏନ୍‌ଏସ୍)

ଦିଲ୍ଲୀରେ ଶନିବାର ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ୬୨.୫୯% ମତଦାନ ହୋଇଛି। ଏନେଇ ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ରଣବୀର ସିଂ ରବିବାର ଘୋଷଣା କରିଛନ୍ତି। ତେବେ ଏହି ଘୋଷଣାରେ ବିଳମ୍ବକୁ ନେଇ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରଶ୍ନ ଉଠାଇବା ପରେ ବିବାଦ ସୃଷ୍ଟି ହୋଇଛି।

ଚୂଡ଼ାନ୍ତ ମତଦାନ ହାର ରବିବାର ସନ୍ଧ୍ୟାରେ ଘୋଷଣା କରାଯିବ ବୋଲି ଜଣେ ଖବରଦାତା ଟୁଇଟ୍ କରିଥିଲେ। ଏହାକୁ ନେଇ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ କେଜ୍‌ରିୱାଲ କହିଥିଲେ, ଶନିବାର ସନ୍ଧ୍ୟା ୬ଟାରେ ଭୋଟଗ୍ରହଣ ଶେଷ ହୋଇଥିଲା। ଏହାର ୨୪ ଘଣ୍ଟା ପରେ ମତଦାନ ହାର ଘୋଷଣା କରା ନ ଯିବା ଅତ୍ୟନ୍ତ ଚକିତ କରିଦେବା ଭଳି। ନିର୍ବାଚନ କମିଶନ କ'ଣ କରୁଛନ୍ତି ବୋଲି କେଜ୍‌ରିୱାଲ

☞ପୃଷ୍ଠା–୪

# ବର୍ଷା ପରେ ଥରାଇବ ଶୀତ

ଭୁବନେଶ୍ୱର, ୯।୨(ବ୍ୟୁରୋ)

ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଓଡ଼ିଶାରେ ଗତ ୩ଦିନ ଧରି ବର୍ଷା ଲାଗିରହିଛି। ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବାବେଳେ କେନ୍ଦୁଝରରେ ସର୍ବାଧିକ ୨୨.୪ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ବୌଦ୍ଧ ୧୫.୩, ଦାରିଙ୍ଗବାଡ଼ି ଓ ତାଳଚେର ୧୩, ପାରଳାଖେମୁଣ୍ଡି ୧୨.୫, ଫୁଲବାଣୀ ଓ ଟିଟିଲାଗଡ଼ ୧୨, ବାଲେଶ୍ୱର ୧୦.୫, ସୋନପୁର ଓ ଅନୁଗୋଳ ୧୦, କଟକ ୯.୨, କୋରାପୁଟ ୮.୬, ବଲାଙ୍ଗୀର ୭, ଚାନ୍ଦବାଲି ୬, ଗୋପାଳପୁର ୫.୮, ଭୁବନେଶ୍ୱର ଓ ସମ୍ବଲପୁର ୪.୪ ଓ ସୁନ୍ଦରଗଡ଼ରେ ୪ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହାସହ ରବିବାର କୋରାପୁଟ ଓ ସୁନ୍ଦରଗଡ଼ରେ ସର୍ବନିମ୍ନ ୧୦ ଡିଗ୍ରୀ ତାପମାତ୍ରା ରହିଥିଲା। ତେବେ ସୋମବାରଠାରୁ ଆଉ ବର୍ଷା ହେବ ନାହିଁ। ବର୍ଷା କମିଲେ ମଧ୍ୟ ପ୍ରବଳ ଶୀତ ଥରାଇବ। ତାପମାତ୍ରା ୩ରୁ ୫ ଡିଗ୍ରୀ ଖସିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ସୋମବାର ପ୍ରବଳ ଶୀତ ନେଇ ସୁନ୍ଦରଗଡ଼, ବାଲେଶ୍ୱର, ଅନୁଗୋଳ, କଟକ, ସୋନପୁର ଓ ବଲାଙ୍ଗୀର ଆଦି ୬ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ କିଛି ଜିଲାରେ ଘନ କୁହୁଡ଼ିର ଆସ୍ତରଣ ମଧ୍ୟ ଦେଖିବାକୁ ମିଳିପାରେ। ଏନେଇ ସୋମବାର ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ଅନୁଗୋଳ ଆଦି ୬ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିଭଳି ମଙ୍ଗଳବାର ଘନ କୁହୁଡ଼ି ନେଇ ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ ଓ କୋରାପୁଟ ଆଦି ୪ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।






ଜମ୍ମୁ-କଶ୍ମୀରର ସୀମାନ୍ତ ଜିଲା କୁପୱାଡ଼ା ଓ ବାରାମୁଲାରେ ୧୨୫ଟି ବଙ୍କର ନିର୍ମାଣ କରାଯିବ। ଏଥିପାଇଁ ୨୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ବନ୍ଦିପୋରା ଜିଲାରେ ୨୦ଟି କମ୍ୟୁନିଟି ବଙ୍କର ନିର୍ମାଣ ପାଇଁ ୫ କୋଟି ଟଙ୍କା ମଞ୍ଜୁର ହୋଇଥିବା ଶ୍ରୀନଗରରେ ଡିଭିଜନାଲ କମିଶନର ବସିର ଅହମ୍ମଦ ଖାନ ସୂଚନା ଦେଇଛନ୍ତି। ପାକିସ୍ତାନର ସୀମାପାର ଗୁଳି ଓ ମୋର୍ଟାର ମାଡ଼ରେ ସୀମାନ୍ତବାସୀଙ୍କୁ ସୁରକ୍ଷା ଦେବା ଲାଗି ଏହି ପଦକ୍ଷେପ ନିଆଯାଉଛି।



ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହରେକୃଷ୍ଣ ମହତାବଙ୍କ ୧୨୦ତମ ଜୟନ୍ତୀ ଅବସରରେ କୋଲକାତାରେ ତାଙ୍କ ସ୍ମୃତିରେ ଏକ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନଖର, ତାଙ୍କ ସ୍ତ୍ରୀ ସୁଦେଶ ଧନଖର(ବାମ) ଓ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ।



ଝାଡ଼ଖଣ୍ଡର ହଜାରିବାଗସ୍ଥିତ କୁମ୍ଭାରଟୋଲିରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତମାନେ ଭାଙ୍ଗିଦେଇଛନ୍ତି।




ନୂଆଦିଲ୍ଲୀର ଅକ୍ଷରଧାମସ୍ଥିତ ଏକ ଭୋଟ ଗଣତି କେନ୍ଦ୍ରର ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ମୁତୟନ ସୁରକ୍ଷା କର୍ମୀ।

# ଗାର୍ଗୀ କଲେଜରେ ଯୌନ ଉତ୍ପୀଡ଼ନ

**ନୂଆଦିଲ୍ଲୀ,୯।୨(ଆଇଏଏନ୍‌ଏସ୍)**

ନୂଆଦିଲ୍ଲୀସ୍ଥିତ ଗାର୍ଗୀ କଲେଜର କେତେଜଣ ଛାତ୍ରୀ ଯୌନ ଉତ୍ପୀଡ଼ନର ଶିକାର ହୋଇଛନ୍ତି। ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ସେମାନଙ୍କ ସହ ଅଶାଳୀନ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଯୌନ ଉତ୍ପୀଡ଼ନ ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହାକୁ ନେଇ ଛାତ୍ରୀଛାତ୍ରମାନେ ପୀଡ଼ିତାଙ୍କ ସମର୍ଥନରେ ରବିବାର ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରି ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ ଫେଡେରେଶନ୍ (ଡିଏସ୍‌ଏଫ୍) ପକ୍ଷରୁ ଦାବି କରାଯାଇଛି।

ଦିଲ୍ଲୀ ୟୁନିଭର୍ସିଟିର ଗାର୍ଗୀ କଲେଜରେ ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ରେଭରି' ଚାଲିଥିଲା। ଗତ ୬ ତାରିଖରେ ଏହାର ତୃତୀୟ ଦିନ ମହୋତ୍ସବ ପାଳନ କରାଯାଉଥିବାବେଳେ ଘଟିଥିଲା ଅଭାବନୀୟ ଘଟଣା। ରାଜନୀତି ବିଜ୍ଞାନର ଜଣେ ଦ୍ୱିତୀୟ ବର୍ଷ ଛାତ୍ରୀ ନିଜ ନାମ ଗୋପନ ସର୍ତ୍ତରେ ତାଙ୍କ ଅନୁଭୂତି ବଖାଣିଛନ୍ତି। ସେ କହିଛନ୍ତି, ସେଦିନ ସନ୍ଧ୍ୟା ପ୍ରାୟ ୬ଟାରେ କଲେଜ ପଡ଼ିଆରେ ଏଭଳି ଭିଡ଼ ଲାଗିଥିଲା ଯେ, କିଏ କୁଆଡ଼େ ହଲ୍‌ଚଲ୍ ହେବା ପାଇଁ ମଧ୍ୟ ସ୍ଥାନ ନ ଥିଲା। ମୋ ସହ ମୋର ଦୁଇଜଣ ବାନ୍ଧବୀ ଥିଲେ। ଭିଡ଼ ଭିତରେ ମୁଁ ହଜି ନ ଯିବି ବୋଲି ସେମାନେ ମୋ ହାତ ଧରିଥିଲେ। କାରଣ ଜାମର ଯୋଗୁ ପଡ଼ିଆରେ ଫୋନ୍ ଲାଗୁ ନ ଥିଲା। ହଠାତ୍ ପଛପଟୁ ପ୍ରବଳ ଚାପ ଆସିବାରୁ ମୋ ହାତ ଚାପି ହୋଇଯାଇଥିଲା। ୧୦-୧୫ ମିନିଟ ଧରି ମୁଁ ସାଙ୍ଗମାନଙ୍କୁ ପାଇ ନ ଥିଲି। ସେହି ସମୟ ଭିତରେ ମୁଁ ୩ ଥର ଯୌନ ଉତ୍ପୀଡ଼ନର ଶିକାର ହୋଇଥିଲି। କେହି କେହି ମୋ ଦେହକୁ ଭିଡ଼ି ଧରିଥିଲେ। ଏପରି କି କେହି ଜଣେ ସ୍କର୍ଟ ଭିତରେ ହାତ ପୂରାଇ ଦେଇଥିଲେ। ଅସମ୍ଭାଳ ଭିଡ଼ ଯୋଗୁ ମୁଁ ସେଥିରୁ ମୁକୁଳି ପାରି ନ ଥିଲି। ୧୫ ମିନିଟ ପରେ ମୁଁ ବହୁ କଷ୍ଟରେ ବାହାରିବାରେ ସକ୍ଷମ ହୋଇଥିଲି। ଷ୍ଟଲ୍ ପଛପଟ ଏକ ଖାଲି ସ୍ଥାନରେ ପହଞ୍ଚିବା ପରେ ଯାହା ଦେଖିଲି ସେଥିରେ ଚକିତ ହୋଇଯାଇଥିଲି। ଜଣେ ୩୦-୩୫ ବର୍ଷୀୟ ଯୁବକ ମୋତେ ଦେଖି ହସ୍ତମୈଥୁନ ଆରମ୍ଭ କରିଦେଇଥିଲେ। ସେଠୁ ଦୌଡ଼ି ପଳାଇଆସିଥିଲି ବୋଲି ଛାତ୍ରୀ ଜଣକ କହିଛନ୍ତି।

ଆଉ ଜଣେ ଛାତ୍ରୀ କହିଛନ୍ତି ଯେ, ଅପରାହ୍ନ ୩ଟାରୁ ସାଢ଼େ ୩ଟା ମଧ୍ୟରେ କେତେଜଣ ଯୁବକ ପ୍ରବେଶପଥ ଦେଇ ଧସେଇ ପଶିଥିଲେ। ୩୦୦ରୁ ୪୦୦ ଲୋକ କଲେଜକୁ ଆସିବାବେଳେ ଗେଟ୍‌ରେ କେହି ସୁରକ୍ଷା କର୍ମୀ କି ବାଉନ୍ସର ନ ଥିଲେ। ଯୌନ ଉତ୍ପୀଡ଼ନର ଶିକାର ହେବା ପରେ ପ୍ରିନ୍ସିପାଲ ପ୍ରୋମିଲା କୁମାରଙ୍କୁ ଜଣାଇଥିଲେ। ହେଲେ ପ୍ରିନ୍ସିପାଲ କହିଥିଲେ, ତୁମେ ଯଦି ଏତେ ଅସୁରକ୍ଷିତ ମନେକରୁଛ, ତେବେ ଏଠାକୁ ଆସିବାର ନ ଥିଲା। ଅନ୍ୟପକ୍ଷରେ ଛାତ୍ରୀଙ୍କ ଏହି ଅଭିଯୋଗକୁ ପ୍ରିନ୍ସିପାଲ ଖଣ୍ଡନ କରିଛନ୍ତି। ଡିଏସ୍‌ଏଫ୍ ପକ୍ଷରୁ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଲେଜ ପ୍ରଶାସନର ଅବହେଳା ଓ ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ଏପରି କାଣ୍ଡ ଘଟିଛି। ଅନୁପ୍ରବେଶକାରୀ ଯୁବକମାନେ ଗୈରିକ ପତାକା ଉଡ଼ାଇ 'ଜୟ ଶ୍ରୀରାମ' ସ୍ଲୋଗାନ ଦେଉଥିଲେ। ସେମାନେ ଛାତ୍ରୀମାନଙ୍କ ସହ ଅତ୍ୟନ୍ତ ଖରାପ ବ୍ୟବହାର କରିଛନ୍ତି। କେତେଜଣ ଛାତ୍ରୀଙ୍କୁ ବାଥ୍‌ରୁମ୍ ଭିତରେ ବନ୍ଦକରି ଦୁର୍ବ୍ୟବହାର କରାଯାଇଥିଲା। ଏହି କାଣ୍ଡରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଡିଏସ୍‌ଏଫ୍ ପକ୍ଷରୁ ଜାରି ଏକ ବିବୃତିରେ ଦାବି କରାଯାଇଛି।




**ଅନୁଭୂତି ବଖାଣିଲେ ପୀଡ଼ିତା**

- ୧୦ ମିନିଟରେ ୩ ଥର ବର୍ବରତା
- ମଦ ପିଇ ଧସେଇ ପଶିଥିଲେ ଅଣଛାତ୍ର
- ହାତରେ ଧରିଥିଲେ ଗୈରିକ ପତାକା
- ଜାମର ଯୋଗୁ କାମ କରି ନ ଥିଲା ଫୋନ
- କାର୍ଯ୍ୟାନୁଷ୍ଠାନ ଦାବି କଲା ଡିଏସ୍‌ଏଫ୍

# 'ଧର୍ମ ଆଧାରରେ ବିଭାଜନକୁ ଗ୍ରହଣ କରି ନ ଥିଲେ ଗାନ୍ଧିଜୀ'

**ନୂଆଦିଲ୍ଲୀ,୯।୨(ଆଇଏଏନ୍‌ଏସ୍)**

ମହାତ୍ମା ଗାନ୍ଧୀ ତାଙ୍କ ସାଧାରଣ ଜୀବନରେ ପ୍ରତି ମୁହୂର୍ତ୍ତରେ ଭାରତର ଏକତା ପାଇଁ ସଂଗ୍ରାମ କରୁଥିଲେ। ଧର୍ମ ଆଧାରରେ ଭାରତ ବିଭାଜିତ ହେଉ ବୋଲି ସେ କେବେ ଗ୍ରହଣ କରି ନ ଥିଲେ ବୋଲି ରବିବାର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ମତବ୍ୟକ୍ତ କରିଛନ୍ତି। ବର୍ଷୀୟାନ ସାମ୍ବାଦିକ ଏମ୍.ଜେ. ଆକବରଙ୍କ 'ଗାନ୍ଧୀ ହିନ୍ଦୁଇଜମ୍: ଦି ଷ୍ଟ୍ରଗଲ୍ ଏଗେନ୍‌ଷ୍ଟ ଜିନ୍ନାସ୍ ଇସ୍‌ଲାମ୍' ଶୀର୍ଷକ ପୁସ୍ତକ ଉନ୍ମୋଚନ ଅବସରରେ ପ୍ରଣବ କହିଛନ୍ତି, ଗାନ୍ଧିଜୀଙ୍କ ସମ୍ପୂର୍ଣ୍ଣ ଜୀବନ ହିନ୍ଦୁ-ମୁସ୍‌ଲିମ୍ ଏକତା ପ୍ରତି ଉତ୍ସର୍ଗୀକୃତ ଥିଲା। ସେ କେବଳ ଭାରତର ଜନକ ନୁହନ୍ତି, ଆମ ରାଷ୍ଟ୍ରର ନିର୍ମାତା ମଧ୍ୟ। ସାମ୍ପ୍ରଦାୟିକ ଏକତା ଓ ସହାବସ୍ଥାନ ଭାରତର ଶକ୍ତିର ଆଧାରଶୀଳା ଓ ଉଜ୍ଜ୍ୱଳମୟ ଭବିଷ୍ୟତର ଚାବିକାଠି ବୋଲି ଗାନ୍ଧିଜୀ ହୃଦୟଙ୍ଗମ କରିଥିଲେ। ଭାରତ ସମସ୍ତ ଆସ୍ଥାର ଜନ୍ମଭୂଇଁ ହୋଇଥିବାରୁ ଏଠାରେ କୌଣସି ଧର୍ମ ପ୍ରତି ବିପଦ ନାହିଁ ବୋଲି ସେ ଘୋଷଣା କରିଥିଲେ। ଆକବରଙ୍କ ପୁସ୍ତକରେ ଏସବୁର ଅବତାରଣା କରାଯାଇଥିବା ପ୍ରଣବ କହିଛନ୍ତି।



ପ୍ରଣବ ମୁଖାର୍ଜୀ

# ୧୯ରେ ରାମମନ୍ଦିର ଟ୍ରଷ୍ଟର ପ୍ରଥମ ବୈଠକ

**ନୂଆଦିଲ୍ଲୀ, ୯।୨(ଆଇଏଏନ୍‌ଏସ୍)**

ଫେବୃୟାରୀ ୧୯ରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଟ୍ରଷ୍ଟର ମୁଖ୍ୟ କେ. ପରାଶରନ୍‌ଙ୍କ ଦିଲ୍ଲୀସ୍ଥିତ ବାସଭବନଠାରେ ଏହି ବୈଠକ ବସିବ ବୋଲି ଜଣାପଡ଼ିଛି। ରାମନବମୀ(ଏପ୍ରିଲ ୨) କିମ୍ବା ଅକ୍ଷୟ ତୃତୀୟା(ଏପ୍ରିଲ ୨୬)ରୁ ବିଶାଳ ରାମମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ସମ୍ଭାବନା ରହିଛି। ଫେବୃୟାରୀ ୧୯ ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଟ୍ରଷ୍ଟ ସଦସ୍ୟଙ୍କୁ ୧୮ ସୁଦ୍ଧା ରାଜଧାନୀ ଦିଲ୍ଲୀରେ ପହଞ୍ଚିବା ଲାଗି କୁହାଯାଇଛି। ରାମମନ୍ଦିର ନିର୍ମାଣ କାର୍ଯ୍ୟ ଏକ ଶୁଭବେଳାରେ ଆରମ୍ଭ ହେବ ବୋଲି ଟ୍ରଷ୍ଟର ଜଣେ ସଦସ୍ୟ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ପ୍ରଧାନମନ୍ତ୍ରୀ ମୋଦି ଗତ ୫ ତାରିଖରେ ପାର୍ଲାମେଣ୍ଟରେ ରାମମନ୍ଦିର ନିର୍ମାଣ ଲାଗି ଟ୍ରଷ୍ଟ ଘୋଷଣା କରିଥିଲେ। ପରେ ଟ୍ରଷ୍ଟର କାର୍ଯ୍ୟାଳୟ ସାମୟିକ ଭାବେ ଟ୍ରଷ୍ଟ ମୁଖ୍ୟ କେ. ପରାଶରନ୍‌ଙ୍କ ବାସଭବନରେ ଚାଲିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଥିଲେ।

# ମୋବାଇଲ ଇଣ୍ଟରନେଟ୍ ବନ୍ଦ

**ଶ୍ରୀନଗର, ୯।୨(ପି.ଟି.)**

ପାର୍ଲାମେଣ୍ଟ ଆକ୍ରମଣ ଘଟଣାରେ ଦୋଷୀସାବ୍ୟସ୍ତ ହୋଇ ଫାଶୀଦଣ୍ଡ ପାଇଥିବା ଅଫ୍‌ଜଲ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ରବିବାର କଶ୍ମୀରରେ ମୋବାଇଲ ଇଣ୍ଟର୍‌ନେଟ ସେବା ବନ୍ଦ କରାଯାଇଛି। ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ପକ୍ଷରୁ ଉପତ୍ୟକାରେ ବନ୍ଦ ଡାକରା ଦିଆଯାଇଥିବାବେଳେ ସମ୍ଭାବ୍ୟ ହିଂସାକୁ ଦୃଷ୍ଟିରେ ରଖି ରବିବାର ସକାଳୁ ଅଧିକାରୀମାନେ ଏହି ସେବା ବନ୍ଦ କରିଥିଲେ। ବନ୍ଦ ଡାକରା ଦେଇଥିବା ନିଷିଦ୍ଧ ଜମ୍ମୁ-କଶ୍ମୀର ଲିବରେଶନ୍ ଫ୍ରଣ୍ଟ(ଜେକେଏଲ୍‌ଏଫ୍) ବିରୋଧରେ ପୋଲିସ ଶନିବାର ମାମଲା ରୁଜୁ କରିଥିଲା। ତେବେ ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିବାରୁ ରବିବାର ସନ୍ଧ୍ୟାରେ ମୋବାଇଲ ଇଣ୍ଟର୍‌ନେଟ ସେବା ପୁଣି ଚାଲୁ କରାଯାଇଥିବା ଜଣାପଡ଼ିଛି। ଏବେ ବି ଉପତ୍ୟକାରେ ହାଇଆଲର୍ଟ ଜାରି ରହିଛି। ପ୍ରକାଶଥାଉ କି, ୩୭୦ ଧାରା ଉଚ୍ଛେଦ ସହ ଦୀର୍ଘ ୫ ମାସର ବ୍ୟବଧାନ ପରେ ଜାନୁୟାରୀ ୨୫ରେ ଉପତ୍ୟକାବାସୀ ୨ଜି ଇଣ୍ଟର୍‌ନେଟ ସେବର ସୁବିଧା ପାଇଥିଲେ।

**ଅଫ୍‌ଜଲ ଗୁରୁଙ୍କ ଶ୍ରାଦ୍ଧବାର୍ଷିକୀ**

**କଶ୍ମୀରରେ ହାଇଆଲର୍ଟ**

# କଂଗ୍ରେସ, ଭାଜପା ଉପରେ ବର୍ଷିଲେ ମାୟାବତୀ

**ଲକ୍ଷ୍ନୌ, ୯।୨(ପି.ଟି.)**

କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାରାଣସୀ ଗସ୍ତକରି ଗୁରୁ ରବିଦାସଙ୍କ ଜୟନ୍ତୀ ଅବସରରେ ମନ୍ଦିର ଯାଇ ପ୍ରାର୍ଥନା କରିଥିବାବେଳେ ଏହାକୁ ନେଇ ବିଏସ୍‌ପି ମୁଖ୍ୟ ତଥା ପୂର୍ବତନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମାୟାବତୀ ବର୍ଷିଛନ୍ତି। କଂଗ୍ରେସ, ଭାଜପା କିମ୍ବା ଅନ୍ୟ କୌଣସି ରାଜନୈତିକ ଦଳ ସନ୍ଥ ଗୁରୁ ରବିଦାସଙ୍କୁ ସେମାନଙ୍କ ଶାସନ ସମୟରେ ସମ୍ମାନ ଦେଇ ନାହାନ୍ତି। ଏବେ ନିଜର ସ୍ୱାର୍ଥସାଧନ ଲାଗି ମନ୍ଦିରକୁ ଆସୁଥିବା ମାୟାବତୀ ଅଭିଯୋଗ କରିଛନ୍ତି। ବିଏସ୍‌ପି ଏକମାତ୍ର ଦଳ ଭାବେ ସରକାରରେ ଥାଇ ତାଙ୍କୁ ସମ୍ମାନ ଦେଇଆସିଛି। ଅନ୍ୟ ଦଳର ନେତାମାନେ ରବିଦାସ ମନ୍ଦିର ଯାଇ ସେଠାରେ ପ୍ରାର୍ଥନା କରିବାର ଅର୍ଥ ଭିନ୍ନ ଓ ଅବାସ୍ତବ। ଏହା ନିନ୍ଦାର ବିଷୟ ବୋଲି ସେ କହିଛନ୍ତି। ପ୍ରକାଶଥାଉ କି, ଚତୁର୍ଦ୍ଦଶ ଶତାବ୍ଦୀର ସନ୍ଥ ତଥା ଉତ୍ତର ଭାରତରେ ଭକ୍ତି ଆନ୍ଦୋଳନର ପ୍ରତିଷ୍ଠାତା ରବିଦାସଙ୍କ ଜୟନ୍ତୀ ଉପଲକ୍ଷେ ପ୍ରତିବର୍ଷ ବାରାଣସୀକୁ ଲକ୍ଷାଧିକ ଲୋକ ଆସିଥାନ୍ତି।





**ରବି ଦାସ ଜୟନ୍ତୀ**

# ଗିରିରାଜ୍ କିଶୋରଙ୍କ ପରଲୋକ

**କାନ୍‌ପୁର, ୯।୨(ପି.ଟି.):** ବିଶିଷ୍ଟ ଲେଖକ ତଥା ଶିକ୍ଷାବିତ୍ ପଦ୍ମଶ୍ରୀ ଗିରିରାଜ୍ କିଶୋର(୮୨)ଙ୍କ ରବିବାର ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ। ୧୯୩୭ରେ ଉତ୍ତରପ୍ରଦେଶର ମୁଜାଫରନଗରଠାରେ ଜନ୍ମିତ ଗିରିରାଜ୍ ସାମାଜିକ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ଆଇଆଇଟି କାନ୍‌ପୁରରେ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ଲିଖିତ 'ଧାଇ ଘର', ପହ୍‌ଲା ଗିର୍‌ମିଟିୟା' ଲେଖା ଲୋକଙ୍କ ମନକୁ ଛୁଇଁଥିଲା। ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକବ୍ୟକ୍ତ କରିଛନ୍ତି।



## ଇତିହାସର ଆଇନାରେ

**ଫେବୃୟାରୀ ୧୦ର ପ୍ରମୁଖ ଘଟଣା**

### କୁମ୍ଭମେଳାରେ ଦଳାଚକଟା

୨୦୧୩ ଫେବୃୟାରୀ ୧୦ରେ ଆଲ୍ଲାହାବାଦ ରେଲ୍‌ୱେଷ୍ଟେଶନରେ ଦଳାଚକଟା ହେବାରୁ ୩୬ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ଘଟିଥିଲା। ୩୯ ଜଣ ଆହତ ହୋଇଥିଲେ। କଡ଼ା ସୁରକ୍ଷା ବନ୍ଦୋବସ୍ତ ସତ୍ତ୍ୱେ କୁମ୍ଭମେଳା ମହୋତ୍ସବ ବେଳେ ଏହି ଦୁଃଖଦ ଦୁର୍ଘଟଣା ଘଟିଥିଲା।

### ହଂକଂରେ ବସ୍ ଦୁର୍ଘଟଣା

୨୦୧୮ ଫେବୃୟାରୀ ୧୦ରେ ହଂକଂରେ ଏକ ଡବଲଡେକର ବସ୍ ଓଲଟିପଡ଼ିବା ଫଳରେ ଏଥିରେ ଥିବା ୧୯ ଯାତ୍ରୀ ପ୍ରାଣ ହରାଇବା ସହ ପ୍ରାୟ ୬୦ଜଣ ଆହତ ହୋଇଥିଲେ। ବସ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଏହି ଦୁର୍ଘଟଣା ହଂକଂର ଦ୍ୱିତୀୟ ସର୍ବାଧିକ ଭୟଙ୍କର ଥିଲା।




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭୂତ ହେବ।
**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବା ସହ ସାମାନ୍ୟ ବର୍ଷା ହେବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୩ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୨ | ୧୨.୩ |
| ଚାନ୍ଦବାଲି | ୨୪.୮ | ୧୩.୮ |
| କଟକ | ୨୫.୨ | ୧୩.୨ |
| ପାରାଦ୍ୱୀପ | ୨୩.୪ | ୧୫.୫ |
| ଭୁବନେଶ୍ୱର | ୨୩.୪ | ୧୫.୦ |
| ଗୋପାଳପୁର | ୨୪.୯ | ୧୬.୯ |
| ପୁରୀ | ୨୨.୬ | ୧୫.୨ |
| ଅନୁଗୋଳ | ୨୪.୧ | ୧୧.୬ |
| ବାରିପଦା | -- | ୧୪.୪ |
| ଝାରସୁଗୁଡ଼ା | ୨୫.୨ | ୧୧.୬ |
| କେନ୍ଦୁଝର | ୨୩.୪ | ୧୨.୮ |
| ସମ୍ବଲପୁର | ୨୫.୦ | ୧୨.୪ |
| ସୁନ୍ଦରଗଡ଼ | ୨୬.୫ | ୧୦.୦ |
| ହୀରାକୁଦ | ୨୩.୩ | ୧୪.୧ |
| ତାଳଚେର | ୨୫.୩ | ୧୩.୭ |
| ଭବାନୀପାଟଣା | ୧୯.୦ | ୧୫.୮ |
| ବଲାଙ୍ଗୀର | ୨୨.୪ | ୧୫.୫ |
| କୋରାପୁଟ | ୨୬.୦ | ୧୦.୦ |
| ଫୁଲବାଣୀ | ୧୯.୨ | ୧୪.୮ |
| ଟିଟିଲାଗଡ଼ | ୨୧.୬ | ୧୧.୬ |
| ମାଲକାନଗିରି | ୩୦.୦ | ୨୦.୦ |
| ସୋନପୁର | ୨୨.୦ | ୧୧.୨ |
| ଦାରିଙ୍ଗିବାଡ଼ି | ୨୦.୦ | ୧୩.୦ |

ଡିଗ୍ରୀ ସେଲ୍‌ସିୟସ୍

# ସଂରକ୍ଷଣ ଦାବି ମୌଳିକ ଅଧିକାର ନୁହେଁ

**ନୂଆଦିଲ୍ଲୀ,୯।୨(ପି.ଟି.)**

ସରକାରୀ ଚାକିରିରେ ସଂରକ୍ଷଣ ଦାବି ମୌଳିକ ଅଧିକାର ନୁହେଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ସ୍ପଷ୍ଟ କରିଛନ୍ତି। ତେଣୁ ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଉପଜାତି (ଏସ୍‌ଟି) ବର୍ଗର ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କୁ କୌଣସି ଅଦାଲତ ନିର୍ଦ୍ଦେଶ ଦେଇପାରିବେ ନାହିଁ। ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଦେବା ଅଧିକାର ଓ ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କର। ତେଣୁ କାହାକୁ ନିଯୁକ୍ତି ବା ପଦୋନ୍ନତି ଦିଆଯିବ ତାହା ସରକାରଙ୍କ ବିବେକ ଉପରେ ନିର୍ଭର କରେ। ତେବେ ରାଜ୍ୟ ସରକାର ଏହାକୁ ଲାଗୁ କରିବା ପାଇଁ ବାଧ୍ୟ ନୁହନ୍ତି ବୋଲି ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ରାୟ ଦେଇଛନ୍ତି। ୨୦୧୨ ସେପ୍ଟେମ୍ବର ୫ରେ ଉତ୍ତରାଖଣ୍ଡ ସରକାର ଏକ ନିଷ୍ପତ୍ତି ନେଇଥିଲେ। ଏସ୍‌ସି-ଏସ୍‌ଟି ବର୍ଗର ଲୋକଙ୍କୁ ସଂରକ୍ଷଣ ନ ଦେଇ ରାଜ୍ୟରେ ଖାଲିଥିବା ସମସ୍ତ ସରକାରୀ ପଦବୀ ପୂରଣ କରିବା ଲାଗି ଏଥିରେ ପ୍ରସ୍ତାବ ରହିଥିଲା। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ହାଇକୋର୍ଟ ଉକ୍ତ ନିଷ୍ପତ୍ତିକୁ ଖାରଜ କରିଦେବା ପରେ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଶୁଣାଣି କରି ଖଣ୍ଡପୀଠ କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୧୬ (୪) ଏବଂ ୧୬ (୪-ଏ) ଏସ୍‌ସି-ଏସ୍‌ଟି ବର୍ଗର ଲୋକଙ୍କୁ ସଂରକ୍ଷଣ ଆଧାରରେ ନିଯୁକ୍ତି ଓ ପଦୋନ୍ନତି ଦେବା ନେଇ ଅଧିକାର ପ୍ରଦାନ କରିଛି। ତେଣୁ ସରକାରୀ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ନେଇ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏହାସହ ଉତ୍ତରାଖଣ୍ଡ ସରକାରଙ୍କ ବିଜ୍ଞପ୍ତିକୁ ବଳବତ୍ତର ରଖି ହାଇକୋର୍ଟଙ୍କ ରାୟକୁ ପଲଟାଇଦେଇଛନ୍ତି।

**ସୁପ୍ରିମକୋର୍ଟ ରାୟ**

- ନିଷ୍ପତ୍ତି ରାଜ୍ୟ ସରକାରଙ୍କ ବିବେକ ଉପରେ ନିର୍ଭର କରେ
- ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ରାୟ ପଲଟିଲା



# ଜଙ୍ଗଲ ଜମିରେ ଛନ୍ଦି ହୋଇଛି ଇମାମି ସିମେଣ୍ଟ

■ ଏସ୍‌ଟି-ଏସ୍‌ସି ଉନ୍ନୟନ ବିଭାଗର ତଦନ୍ତ ନିର୍ଦ୍ଦେଶ
■ ପଲ୍ଲିସଭା ବିନା ଶାଳ କିସମ ଜଙ୍ଗଲ ପରିବର୍ତ୍ତନ
■ ୮.୧୧୪ ହେକ୍ଟର ଜଙ୍ଗଲ ଜମିରେ ହେଉଛି ରେଲୱେ ପ୍ରକଳ୍ପ
■ ଆସନ୍ତା ୨୦ ତାରିଖ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ



ଯାଜପୁର ଅଫିସ,୯।୨

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ବିଭିନ୍ନ ଶିଳ୍ପ କାରଖାନା ପାଇଁ ପୁଣି ଜଙ୍ଗଲ ଜମି ବେଆଇନଭାବେ ପରିବର୍ତ୍ତନ କରି ବ୍ୟବହାର ହେଉଥିବା ନେଇ ଅଭିଯୋଗ ହୋଇଛି। ସାଇଜର ଲଜିଷ୍ଟିକ ପାର୍କ ପରେ ଏବେ ଏହି ମାମଲାରେ ଇମାମି ସିମେଣ୍ଟ ଲିଃର ନିର୍ମାଣାଧୀନ ରେଲୱେ ପ୍ରକଳ୍ପ ଛନ୍ଦି ହୋଇଛି। ଅଭିଯୋଗକୁ ଭିତ୍ତି କରି ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ସ୍ୱତନ୍ତ୍ର ଡ୍ୟୁଟିରେ ଥିବା ଅଧିକାରୀ ରାଜକିଶୋର ଦାସ ଯାଜପୁର ଜିଲା ସମାଜ ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ)ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି କି ନାହିଁ ସେ ନେଇ ଏକ କାର୍ଯ୍ୟାନ୍ୱୟନ ରିପୋର୍ଟ ପ୍ରସ୍ତୁତ କରି ଆସନ୍ତା ୨୦ ତାରିଖ ସୁଦ୍ଧା ଦାଖଲ କରିବାକୁ ନିର୍ଦ୍ଦେଶରେ ଦର୍ଶାଯାଇଛି।

ଅଭିଯୋଗ ଅନୁସାରେ, ଦାନଗଦୀ ତହସିଲ ଅନ୍ତର୍ଗତ ମାନତିରା ମୌଜାର ପ୍ଲଟ ନମ୍ବର ୧୫୦, ଖାତା ନମ୍ବର ୨୨୯ ଓ କିସମ ଶାଳ ଜଙ୍ଗଲ ଏବଂ ରାବଣା ମୌଜା ଅନ୍ତର୍ଗତ ପ୍ଲଟ ନମ୍ବର ୪ ଓ ୩ର ଝାଟିଆ ଜଙ୍ଗଲ କିସମ ୮.୧୧୪ ହେକ୍ଟର ଜମିରେ ଇମାମି ସିମେଣ୍ଟର ରେଲୱେ ପ୍ରକଳ୍ପ ନିର୍ମାଣ ହେଉଛି। ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁଯାୟୀ କୌଣସି ସ୍ୱତନ୍ତ୍ର ପଲ୍ଲିସଭାର ଆୟୋଜନ ନ କରି ଉପରୋକ୍ତ ଜଙ୍ଗଲ ଜମିକୁ ପରିବର୍ତ୍ତନ କରାଯାଇଛି। ଏହାବାଦ ମାନତିରା ସରପଞ୍ଚଙ୍କ କୌଣସି ସ୍ୱୀକୃତି ନିଆଯାଇ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ପକ୍ଷରୁ ପତ୍ରସଂଖ୍ୟା ନମ୍ବର ୧୧-୯/୧୯୯୮-ଏଫସି (ପିଟି)/୩୦।୭।୨୦୦୯ ନିର୍ଦ୍ଦେଶ ଅନୁସାରେ ଇମାମି ସିମେଣ୍ଟ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଏହି ଜମି ଉପରେ ଅସନବାହାଲି ଓ ରାବଣା ଆଦିବାସୀ ସାହିର ୨୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ପ୍ରାୟ ୧୦୦ ବର୍ଷ ହେଲା ନିର୍ଭର କରିଆସୁଛନ୍ତି। କିନ୍ତୁ ଜଙ୍ଗଲ ଜମି ପରିବର୍ତ୍ତନ ସମୟରେ କୌଣସି ଆବଶ୍ୟକ ପଦକ୍ଷେପ ଗ୍ରହଣ ହୋଇ ନ ଥିବାରୁ ରେଲୱେ ପ୍ରକଳ୍ପ ବନ୍ଦ କରିବାକୁ ଦାବି ହୋଇଥିଲା। ଏହା ପୂର୍ବରୁ ଏହି ମାମଲା ଉପରେ ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗର ପତ୍ରସଂଖ୍ୟା ୬୩୪୨/୮।୯।୨୦୧୭ରେ ଇଡକୋ ପରିଚାଳନା ନିର୍ଦ୍ଦେଶକଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୂଚିତ କରାଯାଇଥିଲା। ଏହାବାଦ ମାନତିରା ଓ ରାବଣା ଗ୍ରାମର ୨୦.୦୫ ଏକର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରି ରେଲୱେ ପ୍ରକଳ୍ପ ପ୍ରତିଷ୍ଠା ପ୍ରସଙ୍ଗ ଉପରେ ୨୦୧୭ ଜୁନ ୨୧ରେ ମୁଖ୍ୟଶାସନ ସଚିବ ଓ ଇମାମି ସିମେଣ୍ଟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହାପରେ ଇମାମି ପକ୍ଷରୁ ତାଙ୍କ ପତ୍ରସଂଖ୍ୟା ୦୪୪/୨୯।୬।୨୦୧୭ରେ ମୁଖ୍ୟଶାସନ ସଚିବଙ୍କୁ ପତ୍ର ଦିଆଯାଇଥିଲା। ଉକ୍ତ ପତ୍ରରେ ଇପିକଲ ୨୦.୦୫ ଏକର ଜଙ୍ଗଲ ଜମି ଆବଣ୍ଟନ କରିବାକୁ ଇଡକୋକୁ ନିୟୋଜିତ କରିଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହାସହ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିଣତ କରିବାକୁ ଇଡ୍‌କୋକୁ ଅନୁରୋଧ କରାଯାଇଥିବା ସଂକ୍ରାନ୍ତରେ ମୁଖ୍ୟଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ, ୨୦୧୬ ସେପ୍ଟେମ୍ବର ୨୭ରେ ଇମାମିର ସିମେଣ୍ଟ ପ୍ଲାଣ୍ଟର ଜନଶୁଣାଣିକୁ ଅଞ୍ଚଳବାସୀ ପ୍ରଥମେ ବିରୋଧ କରିବାରୁ ତାହା ସ୍ଥଗିତ ହୋଇଥିଲା। ଏହାପରେ ପରବର୍ତ୍ତୀ ଶୁଣାଣିରେ ଅଞ୍ଚଳବାସୀ ବିଭିନ୍ନ ସର୍ତ୍ତ ରଖି ଇମାମି ସିମେଣ୍ଟକୁ ସମର୍ଥନ ଜଣାଇଥିଲେ। ତେବେ ଇମାମି ସିମେଣ୍ଟ ଉତ୍ପାଦନକ୍ଷମ ହୋଇସାରିଥିଲେ ହେଁ ଏବେ ବି ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗ ଅସମାହିତ ହୋଇରହିଛି। ଏ ସଂକ୍ରାନ୍ତରେ ଇମାମି କର୍ତ୍ତୃପକ୍ଷ କହିଛନ୍ତି ଯେଉଁଠି ରେଲୱେ ପ୍ରକଳ୍ପ ନିର୍ମାଣ ହେଉଛି ସେହି ଜମିକୁ ଆଇନ ଅନୁଯାୟୀ ପରିବର୍ତ୍ତନ ହୋଇଛି। ଏନେଇ ଜିଲାପାଳ ପ୍ରମାଣପତ୍ର ପ୍ରଦାନ କରି ସାରିଛନ୍ତି। ଉକ୍ତ ଜମିରେ କୌଣସି ଆଦିବାସୀ ପରିବାର ନିର୍ଭରଶୀଳ ନୁହନ୍ତି। ଏ ସଂକ୍ରାନ୍ତରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଚେତନା ସେଠୀଙ୍କୁ ପଚାରିବାରୁ, ଡିଏଲସି ବୈଠକରେ ପାସ ହେବା ପରେ ଆଇନ ଅନୁଯାୟୀ ଜଙ୍ଗଲ କିସମ ଜମି ପରିବର୍ତ୍ତନ ହୋଇଛି। ଏଥିରେ କୌଣସି ଆଦିବାସୀ ପରିବାର ପ୍ରଭାବିତ ହେଉନାହାନ୍ତି। ତଥାପି ଅଭିଯୋଗ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଆଜି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ବୈଠକ

## ରେଲୱେ ଅନୁଦାନ ହ୍ରାସ ପ୍ରସଙ୍ଗ

■ ୧୧ କିମ୍ବା ୧୨ରେ ରେଳମନ୍ତ୍ରୀଙ୍କୁ ଭେଟିବାକୁ ସମୟ ମାଗିବ କମିଟି

ଭୁବନେଶ୍ୱର,୯।୨(ବ୍ୟୁରୋ)

ଚଳିତବର୍ଷ ଓଡ଼ିଶାର ବିଭିନ୍ନ ରେଳ ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ବଜେଟରେ ୪୩୭୩ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହା ଗତବର୍ଷ ବ୍ୟୟ ବରାଦଠାରୁ ୨୨୦କୋଟି ଟଙ୍କା କମ୍ ରହିଛି। ପୂର୍ବତଟ ରେଳପଥ ଲାଗି ଚଳିତ ଥର ୫୮୬୫ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ରାଜ୍ୟର ବିଭିନ୍ନ ପ୍ରକଳ୍ପ ଏଥିରେ ସାମିଲ ରହିଛି। ଗତବର୍ଷ ଓଡ଼ିଶା ରେଳପଥର ବିଭିନ୍ନ ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ୪୫୯୩ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ତେବେ ଚଳିତ ଥର କେନ୍ଦ୍ର ବଜେଟରେ ରେଲୱେ ଅନୁଦାନ ହ୍ରାସ ପାଇବାପରେ ବିଜେଡି ଓ ଭାଜପା ମୁହାଁମୁହିଁ ହୋଇଛନ୍ତି। ଏହାସହ କଂଗ୍ରେସ ମଧ୍ୟ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଟାର୍ଗେଟ କରିବାରେ ଲାଗିଛି। ଏଭଳି ସ୍ଥିତିରେ ବିଧାନସଭାର ରେଲୱେ କମିଟି ପକ୍ଷରୁ କେନ୍ଦ୍ର କମାଇଥିବା ଅନୁଦାନ ବାବଦରେ ସୋମବାର ଏକ ଜରୁରୀ ବୈଠକ ବସିବ। କମିଟି ଅଧ୍ୟକ୍ଷ ତଥା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ କମିଟିର ସମସ୍ତ ସଦସ୍ୟଙ୍କୁ ଯୋଗଦେବା ଲାଗି ଗତ ଶୁକ୍ରବାର ଚିଠି ଦିଆଯାଇଛି। ୧୦ ତାରିଖ ପୂର୍ବାହ୍ଣ ୧୦.୩୦ ମିନିଟ୍‌ରେ ବିଧାନସଭାର ୫୪ନମ୍ବର ରୁମ୍‌ରେ ବୈଠକ ଅନୁଷ୍ଠିତ ହେବ। ରେଲୱେ ଅନୁଦାନ ହ୍ରାସ କରାଯିବା ଏବଂ ରାଜ୍ୟରେ ରେଳ କାର୍ଯ୍ୟ ବଢାଇବା ପାଇଁ କେନ୍ଦ୍ର ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ନେଇ ମଧ୍ୟ ଆଲୋଚନା ହେବ। ଏହାସହ ଆସନ୍ତା ୧୧ କିମ୍ବା ୧୨ରେ ରେଳମନ୍ତ୍ରୀଙ୍କୁ ଭେଟିବା ସକାଶେ ସମୟ ମଗାଯିବ। କେନ୍ଦ୍ରମନ୍ତ୍ରୀ ଯେଉଁ ତାରିଖ ଦେବେ କମିଟି ସଦସ୍ୟମାନେ ଦିଲ୍ଲୀ ଯାଇ ତାଙ୍କୁ ଭେଟିବେ ବୋଲି ଜଣାପଡିଛି।

# ଟ୍ରକ୍ ପଛରେ ପିଟିହେଲା ବୋଲେରୋ, ୩ ମୃତ

■ ୧୦ ଗୁରୁତର ଡାକ୍ତରଖାନାରେ ଭର୍ତ୍ତି
■ ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ



ଚୂରମାର ହୋଇ ଯାଇଥିବା ବୋଲେରୋ ଓ ଦୁର୍ଘଟଣାସ୍ଥଳରେ ଥିବା ଟ୍ରକ।

ବଲାଙ୍ଗୀର ଅଫିସ, ୯।୨

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ପୁଇଁତଲା ଥାନା ଅଧୀନ ବଇରାସର ନିକଟ କୁକୁଡା ଫାର୍ମ ସମ୍ମୁଖରେ ରାସ୍ତାକଡରେ ଠିଆ ହୋଇଥିବା ଟ୍ରକ୍ ପଛପଟରେ ରବିବାର ସକାଳେ ଏକ ବୋଲେରୋ ପିଟି ହୋଇଯିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଲାଙ୍ଗୀର ଜିଲା ଲରମ୍ବା ଥାନା ଅନ୍ତର୍ଗତ ଘୁମେର ଗାଁର ତେଜରାଜ ବାରିକ, ଶକୁନ୍ତଳା ସାହୁ ଓ ଗେର୍ଡି ଗାଁର ପବିତ୍ର ସାହୁ। ବୋଲେରୋରେ ଥିବା ଅନ୍ୟ ୧୦ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ବଲାଙ୍ଗୀର ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆହତଙ୍କ ମଧ୍ୟରୁ ତିନିଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ବୋଲେରୋ ଡ୍ରାଇଭର ଫେରାର ହୋଇ ଯାଇଛନ୍ତି। ତେବେ ଆଶ୍ଚର୍ଯ୍ୟଜନକଭାବେ ଗାଡିରେ ଥିବା ଜଣେ ଦୁଇବର୍ଷର ଶିଶୁ ଓ ତାଙ୍କ ମା'ଙ୍କର କୌଣସି କ୍ଷତି ଘଟିନାହିଁ।

ସୂଚନା ଅନୁସାରେ ତେଜରାଜ ବାରିକଙ୍କ ନେତୃତ୍ୱରେ ଘୁମେର ଗାଁରୁ ଶନିବାର ରାତିରେ ୧୫ଜଣ ଶ୍ରମିକ ପୁରୀ ଅଭିମୁଖେ ବୋଲେରୋରେ ଯାଉଥିଲେ। ଭୋର ୪ଟା ବେଳେ ବଇରାସର କୁକୁଡା ଫାର୍ମ ସମ୍ମୁଖରେ ରାସ୍ତାରେ ଛିଡା ହୋଇଥିବା ଏକ ଟ୍ରକ୍ ପଛପଟେ ବୋଲେରୋ ପିଟି ହୋଇ ଯାଇଥିଲା। ବୋଲେରୋ ଏତେ ଜୋରରେ ଟ୍ରକ୍ ପଛେ ପିଟି ହୋଇଥିଲା ଯେ, ଶକୁନ୍ତଳାଙ୍କ ଶରୀରରୁ ମୁଣ୍ଡ ଛିଣ୍ଡି ଅଲଗା ହୋଇ ଯାଇଥିଲା। ଘଟଣାସ୍ଥଳରେ ତେଜରାଜଙ୍କ ମୃତଦେହ ପଡି ରହିଥିଲା। ଗୁରୁତର ଅବସ୍ଥାରେ ପବିତ୍ର ସାହୁଙ୍କୁ ସୁବର୍ଣ୍ଣପୁର ଜିଲା ତରଭା ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଲୋକେ ଓ ସ୍ଥାନୀୟ ଜନସାଧାରଣ ବଲାଙ୍ଗୀର-ସୋନପୁର ୫୭ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୁଇଁତଲା ଥାନା ଅଧିକାରୀ ବି. ରୁଦ୍ରିଆ ଓ ବିଡିଓ ଉପେନ୍ଦ୍ର ମାଝୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହାସହ ପରବର୍ତ୍ତୀ ସମୟରେ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଏ ନେଇ ପୁଇଁତଲା ଥାନାରେ ଏକ ମାମଲା (ନଂ.୧୫/୨୦) ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହଗୁଡିକୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଆଜି ଶପଥ ନେବେ ହାଇକୋର୍ଟର ନୂତନ ବିଚାରପତି

କଟକ ଅଫିସ,୯।୨: ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ନିଯୁକ୍ତି ପାଇଥିବା ଆଇନଜୀବୀ ସଞ୍ଜୀବ କୁମାର ପାଣିଗ୍ରାହୀ ସୋମବାର ଶପଥ ଗ୍ରହଣ କରିବେ। ଅପରାହ୍ଣ ୨ଟାରେ ହାଇକୋର୍ଟ ପୁରୁଣା କୋଠାର ନୂତନ ସମ୍ମିଳନୀ କକ୍ଷରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସଞ୍ଜୁ ପଣ୍ଡା ଯୋଗଦେଇ ପାଣିଗ୍ରାହୀଙ୍କୁ ଶପଥ ପାଠ କରାଇବେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ଅନ୍ୟ ବିଚାରପତିଙ୍କ ସହ ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ହାଇକୋର୍ଟର ଡେପୁଟି ରେଜିଷ୍ଟ୍ରାର୍ ଜ୍ୟୋତି ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ଶୁକ୍ରବାର ହାଇକୋର୍ଟ ନୂତନ ବିଚାରପତି ଭାବେ ସଞ୍ଜୀବଙ୍କୁ ନିଯୁକ୍ତି ମିଳିଥିବା ନେଇ ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ରାଷ୍ଟ୍ରପତିଙ୍କ ମୋହର ବାଜିବା ପରେ ତାଙ୍କ ନାମ ଘୋଷଣା ହୋଇଥିଲା।

# ରତ୍ନସିଂହାସନରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ

ପୁରୀ ଅଫିସ,୯।୨

ଶ୍ରୀମନ୍ଦିରରେ ରବିବାର ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଯାଇଛି। କୋହଲା ପାଗ ସତ୍ତ୍ୱେ ରତ୍ନସିଂହାସନରେ ଦାରୁବିଗ୍ରହଙ୍କ ଏହି ଦିବ୍ୟ ବେଶ ଦର୍ଶନ କରିଛନ୍ତି ହଜାର ହଜାର ଭକ୍ତ। ଦ୍ୱିପ୍ରହର ଧୂପ ପରେ ତିନିବାଡ଼ରେ ଗଜ ଉଦ୍ଧାରଣ ବେଶ କରାଯାଇଥିଲା। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଏହି ବେଶ କରାଇଥିଲେ। ଏହି ବେଶ ଥାଇ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ନୀତି ବଢ଼ିଥିଲା। ଏହାପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ଠାକୁରଙ୍କ ପାଖରେ ଖିରି ଏବଂ ଅମାଲୁ ଭୋଗ କରାଯାଇଥିଲା।

ଗଜ ଉଦ୍ଧାରଣ ବେଶରେ ଶ୍ରୀଜଗନ୍ନାଥ ବିଷ୍ଣୁ ରୂପରେ ଚାରି ଭୁଜରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରି ଗରୁଡ଼ ପୃଷ୍ଠରେ ପଦ୍ମାସନ ଭଙ୍ଗୀରେ ବସିଥାନ୍ତି। କୋଳରେ ମାତା ଲକ୍ଷ୍ମୀ (ଶ୍ରୀଦେବୀ) ଉପବେଶନ କରିଥାନ୍ତି। ଶ୍ରୀବଳଭଦ୍ର ବାସୁଦେବ ରୂପରେ ଚତୁର୍ଭୁଜ ହସ୍ତପଦ ବିଶିଷ୍ଟ ପଦ୍ମାସନରେ ବସିଥାନ୍ତି। ଚାରି ଭୁଜରେ ଶଙ୍ଖ, ଚକ୍ର, ହଳ ଓ ମୁଷଳ ଥାଏ। ଦେବୀ ସୁଭଦ୍ରା ଦୁଇହସ୍ତ ଓ ଦୁଇପାଦ ବିଶିଷ୍ଟ କୃଷ୍ଣଙ୍କ ପରି ଛନ୍ଦାୟିତ ପଦରେ ଏକ ପଦ୍ମ କଳିକା ଧରି ଦଣ୍ଡାୟମାନ ଅବସ୍ଥାରେ ରହିଥାନ୍ତି। ଠାକୁରମାନେ ଏହି ବେଶରେ ଚୁଳ, କିରୀଟ, କର୍ଣ୍ଣ କୁଣ୍ଡଳ, ତିଳକ, ସୂର୍ଯ୍ୟ, ଚନ୍ଦ୍ର, ଅଣ୍ଟାପଟି, ନାକଚଣା, ପାହୁଡ଼, ବାଙ୍କି, ଗୋଡ଼ଖଡୁ, ନାକରେ ଫାସିଆ, ଶ୍ରୀହସ୍ତରେ ଖଡୁବଳା, ପାଦରେ ପପାଦ୍ମ, ବାହୁରେ ବାଜୁବନ୍ଧ ଓ ବେକରେ ପଦ୍ମମାଳି ପିନ୍ଧିଥାନ୍ତି । ତିନିଠାକୁର ଯେଉଁ ଅଳଙ୍କାର ଧାରଣ କରିଥାନ୍ତି ତାହା ଶୋଲ, ଜରି, କଇଁଆଠା ପ୍ରଭୃତିରେ ପ୍ରସ୍ତୁତ କରାଯାଇଥାଏ। ଏଥିସହ ଦୁଇଠାକୁରଙ୍କ ସମ୍ମୁଖରେ ଦୁଇଟି ହାତୀ ଶୁଣ୍ଢରେ ପଦ୍ମ କଳିକା ଧରି ଦଣ୍ଡାୟମାନ ହୋଇଥାନ୍ତି। ଗୋଟିଏ ବଡ଼ ହାତୀ ଏବଂ ଅନ୍ୟଟି ଛୋଟ ହାତୀ । ବଡ଼ ହାତୀକୁ ଏକ ବିରାଟକାୟ କୁମ୍ଭୀର ଆକ୍ରମଣ ମୁଦ୍ରାରେ ରହିଥାଏ। ସିଂହାସନ ନିମ୍ନରେ ସମୁଦ୍ର ଦୃଶ୍ୟମାନ ହେଲା ଭଳି କରାଯାଇଥାଏ।

# ଜାପାନରୁ ଫେରିଲା ୨ ଓଡ଼ିଆଙ୍କ ମୃତଦେହ

■ ସହାୟତାର ହାତ ବଢ଼ାଇଲା ଓଡ଼ିଶା: ମୋ ପରିବାର ସଙ୍ଗଠନ
■ ଉଦ୍ୟମ କରିଥିଲେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ
■ ସହଯୋଗ କରିଥିଲା ବୈଦେଶିକ ମନ୍ତ୍ରଣାଳୟ

ଭୁବନେଶ୍ୱର,୯।୨(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଏବଂ ଓଡ଼ିଶା: ମୋ ପରିବାର ସଙ୍ଗଠନ ପ୍ରଚେଷ୍ଟା କ୍ରମେ ଜାପାନରୁ ୨ ଓଡ଼ିଆଙ୍କ ମୃତଦେହ ଶୁକ୍ରବାର ଫେରିପାରିଛି। ଜାପାନର ଟୋକିଓ ସହରରେ ରୋଷେୟା କାମ କରୁଥିବା ୨ ଓଡ଼ିଆଙ୍କ କିଛିଦିନ ତଳେ ମୃତ୍ୟୁ ହୋଇଥିଲା। ଏହି ଦୁଇଜଣ ହେଲେ ବାଲେଶ୍ୱର କମର୍ଦ୍ଦାର ଶେଖ୍ ମଣ୍ଟାଜ୍ ଏବଂ ଯାଜପୁର ବଡ଼ଚଣାର ଶେଖ୍ ବାହାରୁଦ୍ଦିନ୍। ରୋଷେଇ ପ୍ରସ୍ତୁତ ସମୟରେ ଗ୍ୟାସ ନିର୍ଗତ ହେବାରୁ ଶ୍ୱାସରୁଦ୍ଧ ହୋଇ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମୃତ୍ୟୁ ଖବର ପାଇ ସେମାନଙ୍କ ପରିଜନ, କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଏବଂ 'ଓଡ଼ିଶା: ମୋ ପରିବାର' ସଂଗଠନ ସହ ଯୋଗାଯୋଗ କରିଥିଲେ।

ଏହି ଖବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୁ ମଧ୍ୟ ଅଣାଯାଇଥିଲା। ଏହା ପରେ ତାଙ୍କ ନିର୍ଦ୍ଦେଶ କ୍ରମେ ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ ଏବଂ ଉପଦେଷ୍ଟା ବିବେକାନନ୍ଦ ପଟ୍ଟନାୟକ ଜାପାନସ୍ଥିତ ଭାରତୀୟ ଦୂତାବାସ ସହ ଯୋଗାଯୋଗ କରିଥିଲେ। ଏହା ପରେ ସମସ୍ତ ଆଇନଗତ ପ୍ରକ୍ରିୟା ସମ୍ପାଦିତ ହୋଇଥିଲା। ରବିବାର ସକାଳୁ କଲିକତା ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରେ ସେମାନଙ୍କ ମୃତଦେହ ପହଞ୍ଚିଥିଲା। ସେଠାରେ ଅରୂପ ଏବଂ ବିବେକାନନ୍ଦ ମୃତଦେହକୁ ଗ୍ରହଣ କରିବା ସହ ପୃଥକ ଗାଡିରେ ଉଭୟଙ୍କ ଗାଁକୁ ପଠାଇଥିଲେ। ସେହିପରି ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ କିଛି ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯାଇଥିବା ଜଣାପଡିଛି। ଅନୁରୂପ ଭାବେ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ ମଧ୍ୟ ଉପରୋକ୍ତ ଦୁଇ ଓଡ଼ିଆଙ୍କ ମୃତଦେହକୁ ଫେରାଇ ଆଣିବା ପାଇଁ ନିଜସ୍ତରରେ ଉଦ୍ୟମ କରିଥିଲେ। ଗତ ୬ ତାରିଖରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଭେଟି ଦାବିପତ୍ର ମଧ୍ୟ ଦେଇଥିଲେ। ଜୟଶଙ୍କର ମଧ୍ୟ ସମସ୍ତ ପ୍ରକାର ସହାୟତା ଲାଗି ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଏହି ଉଦ୍ୟମ ପାଇଁ ମୃତକଙ୍କ ପରିବାର ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ସାତ୍ୱିକ୍ ପରିବାରବର୍ଗ


ଜ୍ୟୋତି ପରିବାରବର୍ଗ


ଅପୁନ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହାଇୱା ଧକ୍କାରେ ଶାଳୀ, ଭିଣୋଇ ମୃତ

**ରିଆମାଳ,୯।୨(ଡି.ଏନ୍.ଏ.)**

ଦେବଗଡ ଜିଲା ରିଆମାଳ ବ୍ଲକ ପଳସମା ପଞ୍ଚାୟତ ଅନ୍ତର୍ଗତ ଛତ୍ରିପିଟାଠାରେ ରବିବାର ଅପରାହ୍ନରେ ଏକ ହାଇୱା ଧକ୍କାରେ ବାଇକରେ ଯାଉଥିବା ୨ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରିଙ୍କି ବେହେରା(୨୬) ଓ ତାଙ୍କ ଭିଣୋଇ ଅନୁଗୋଳ ଜିଲା ଶଗଡ଼ିଆ ଗ୍ରାମର ଅଧିକାରୀ ବେହେରା(୩୦)। ଦୁର୍ଘଟଣାରେ ରିଙ୍କିଙ୍କ ଭାଇ ବିଷ୍ଣୁ ବେହେରା(୧୦) ଗୁରୁତର ହୋଇଛନ୍ତି। ତାଙ୍କୁ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ରିଆମାଳ ବ୍ଲକ ଖିଲେଇ ପଞ୍ଚାୟତ ମୂଷାକାନି ଗ୍ରାମର ରଞ୍ଜନ ବେହେରା ଅନୁଗୋଳ ଜିଲା କଣିହା ଗେଙ୍ଗଠିଆରେ ମାସକ ତଳେ ରିଙ୍କି ବେହେରା(୨୬)ଙ୍କୁ ବିବାହ କରିଥିଲେ। ଏକ ମାସ ହେବା ଅବସରରେ ରିଙ୍କିଙ୍କୁ ନେବାକୁ ତାଙ୍କ ସାନ ଭାଇ ବିଷ୍ଣୁ ଓ ଭିଣୋଇ ଅଧିକାରୀ ବେହେରା ମୂଷାକାନି ଗ୍ରାମକୁ ଆସିଥିଲେ। ବାଇକ ନଂ. ଓଆର୧୯ଡି୯୩୭୧ରେ ସେମାନେ ତିନିହେଁ ଫେରିବା ବେଳେ ଅପରାହ୍ନ ପ୍ରାୟ ପାଞ୍ଚଟାରେ କୁଣ୍ଡେଇଗୋଳା ଥାନା ତଥା ଖଇରିପାଲି ଫାଣ୍ଡି ଅନ୍ତର୍ଗତ ଛତ୍ରିପିଟାଠାରେ ସ୍ଥାନୀୟ ଏକ କ୍ରଶରର ହାଇୱା ନଂ.ଓଡ଼ି୦୫ଏଏଫ୭୯୧୦ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଶାଳୀ, ଭିଣୋଇଙ୍କର ମୃତ୍ୟୁ ଘଟିଥିବା ବେଳେ ବିଷ୍ଣୁ ଗୁରୁତର ହୋଇଥିଲେ। ଦୁର୍ଘଟଣା ପରେ ଡ୍ରାଇଭର ହାଇୱାକୁ କ୍ରଶର ଭିତରକୁ ଦ୍ରୁତଗତିରେ ନେଇ ପଳାଇ ଯାଇଥିଲେ। ଖଇରିପାଲି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଥିବା ଏଏସଆଇ ବିଜୟ କୁମାର ଦେହୁରୀ କହିଛନ୍ତି। ବିବାହର ମାସକ ପରେ ଏମିତି ଏକ ଦୁର୍ଘଟଣା ଶାଶୁଘର ଦେବଗଡ଼ ଜିଲା ରିଆମାଳ ବ୍ଲକ ମୂଷାକାନି ଓ ବାପଘର ଅନୁଗୋଳ ଜିଲା ଗେଙ୍ଗଠିଆରେ ଶୋକର ଛାୟା ଖେଳିଯାଇଛି। ଦୁର୍ଘଟଣା ଘଟାଇଥିବା ହାଇୱା ଡ୍ରାଇଭର ଫେରାର ହୋଇଯାଇଛନ୍ତି।

# ବଦଳିଲା ପାଗ, ଯୋରନ୍ଦା ମାଘ ମେଳାରେ ଭିଡ଼

ଢେଙ୍କାନାଳ ଅଫିସ,୯।୨- ଢେଙ୍କାନାଳ ଜିଲା ମହିମା ଧର୍ମ ପୀଠ ମହିମାଗାଦି ଯୋରନ୍ଦାରେ ବିଶ୍ୱ ପ୍ରସିଦ୍ଧ ମାଘ ମେଳାର ରବିବାର ଥିଲା ତୃତୀୟ ଦିବସ। ବର୍ଷାପାଗ ଯୋଗୁ ଶନିବାର ମେଳା ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁ ଉଠା ଦୋକାନୀଙ୍କ ବ୍ୟବସାୟ ଠପ୍ ହୋଇଯାଇଥିଲା। ଦୂରଦୂରାନ୍ତରୁ ଆସିଥିବା ଦୋକାନୀମାନେ ନିରାଶ ହୋଇଥିଲେ। ରବିବାର ସକାଳେ ମଧ୍ୟ ଝିପିଝିପି ବର୍ଷା ହେବା ଦେଖି ଯାତ୍ରୀ ଓ ଦୋକାନୀମାନେ ପୁଣି ନିରାଶ ହୋଇଥିଲେ। କିନ୍ତୁ ପରେ ପାଗ ବଦଳିବାରୁ ମେଳାରେ ଭିଡ ଜମିଥିଲା। ଫଳରେ ଦୋକାନୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ସନ୍ଧ୍ୟାରେ ମେଳାରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା।

# ଖୁସି ଉଜାଡ଼ି...

ଅନେକ ମହିଳା ଓ ପୁରୁଷ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟିକା ଉଷା ଦେବୀ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ପ୍ରମୁଖ ଏମ୍‌କେସିଜି ମେଡିକାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ମୃତଦେହଗୁଡ଼ିକୁ ମେଡିକାଲର ଏଫ୍‌ଏମ୍‌ଟି ବିଭାଗକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅନ୍ୟପଟେ ଗୋଳନ୍ଥରା ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ସାଉଥ୍‌କୋର ଏଭଳି ଏକ ଗୁରୁତର ତ୍ରୁଟି ଯୋଗୁ ଅକାଳରେ ଲୋକଙ୍କ ଜୀବନ ଚାଲିଯିବା ପରେ ବ୍ରହ୍ମପୁର ବିଦ୍ୟୁତ୍ ବିଭାଗ ତରଫରୁ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ୟୁ.ଏସ୍‌ଏସ୍ ପାତ୍ର ଘଟଣାର ତଦନ୍ତ ପାଇଁ ମେଣ୍ଟରାଜପୁରରେ ପହଞ୍ଚିଥିଲେ।

## ପ୍ରଥମ ପୃଷ୍ଠାରୁ...

ତଦନ୍ତ ବେଳେ ଘଟଣାସ୍ଥଳ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର କମ୍ ଉଚ୍ଚରେ ଯାଇଥିବାରୁ ଏଭଳି ଲୋମଟାଙ୍କୁରା ଦୁର୍ଘଟଣା ଘଟିଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଉକ୍ତ ରାସ୍ତା ଦେଇ ଯେତେବେଳେ ୧୧ କେଭି ତାର ଟଣା ଯାଇଥିଲା, ସେତେବେଳେ ଗ୍ରାମବାସୀ ଏହାର ଦୃଢ଼ ପ୍ରତିବାଦ କରିଥିଲେ । କିନ୍ତୁ ଲୋକଙ୍କ କଥାକୁ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ରବିବାର ମଧ୍ୟାହ୍ନରେ ଏଭଳି ଏକ ହୃଦୟବିଦାରକ ଘଟଣାକ୍ରମରେ ଲୋକଙ୍କ ଜୀବନ ଚାଲିଯାଇଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମେଣ୍ଟରାଜପୁରରେ ଏକ ବଡ଼ଧରଣର ଦୁର୍ଘଟଣା ଘଟିଲା। ଏଥିରେ ୧୦ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏମ୍‌କେସିଜିରେ ଚିକିତ୍ସାଧୀନ ଆହତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ୮ ଜଣ ଗୁରୁତରଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ବିଳମ୍ବିତ ରାତିରେ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ମଧ୍ୟ କହିଛନ୍ତି। ଭାଜପା ଗଞ୍ଜାମ ଜିଲା ସଭାପତି ବିଭୂତି ଜେନା ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ୍ ବିଭାଗର ଏଭଳି ତ୍ରୁଟିପୂର୍ଣ୍ଣ କାର୍ଯ୍ୟକଳାପ ଯୋଗୁ ଲୋକଙ୍କ ଜୀବନ ଚାଲିଯାଇଛି ବୋଲି କହିଥିଲେ। ଅପରପକ୍ଷରେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଗୁରୁତର ଆହତଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିବାକୁ ସେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଜାନୁୟାରୀ ୨୮ ତାରିଖ ବିଳମ୍ବିତ ରାତିରେ ତପ୍ତପାଣି ଘାଟିରେ ଏକ୍ ବସ୍ ଓଲଟି ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୪୦ ଜଣ ଗୁରୁତର ଆହତ ହୋଇଥିଲେ।

# ଘୋଷଣାରେ...

ପ୍ରଶ୍ନ କରିଥିଲେ। ସେହିପରି ଉପମୁଖ୍ୟମନ୍ତ୍ରୀ ମନୀଷ୍ ସିସୋଡିଆ କହିଥିଲେ, ଭାଜପା ନେତାମାନେ ଭୋଟିଂ ପରିସଂଖ୍ୟାନ ଦେଉଥିବାରୁ ଘୋଷଣାରେ ବିଳମ୍ବ ହେଉଛି। ନିର୍ବାଚନ କମିଶନ (ଇସି) କ'ଣ ଭାଜପା ଅଫିସରୁ ଚୂଡ଼ାନ୍ତ ହାର ସଂଗ୍ରହ କରୁଛନ୍ତି।

ଏହାକୁ ନେଇ ମଡେଲ୍ ଟାଉନ୍‌ରୁ ଭାଜପା ପ୍ରାର୍ଥୀ ହୋଇଥିବା କପିଳ ମିଶ୍ର କେଜ୍‌ରିୱାଲଙ୍କୁ ସମାଲୋଚନା କରିଛନ୍ତି। ଏଏପି ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ (ଇଭିଏମ୍)କୁ ନେଇ ପ୍ରଶ୍ନ ଉଠାଇ ଦିଲ୍ଲୀବାସୀଙ୍କୁ ଅପମାନିତ କରିଛି ବୋଲି ସେ କହିଛନ୍ତି। ରବିବାର ସନ୍ଧ୍ୟାରେ ସିଇଓ ରଣବୀର ସିଂ ଭୋଟ ହାର ଘୋଷଣା କରିବା ସହ ବିଳମ୍ବକୁ ନେଇ ସଫେଇ ଦେଇଛନ୍ତି। ସନ୍ଧ୍ୟା ୬ଟା ପରେ ମଧ୍ୟ ଭୋଟର ଲମ୍ବା ଲାଇନରେ ଛିଡ଼ା ହୋଇଥିଲେ। ସେମାନେ ମତଦାନ କରିବା ପରେ ରିଟର୍ନିଂ ଅଫିସରମାନେ ରାତିସାରା ଯାଞ୍ଚ କରିଥିଲେ। ନିର୍ଭୁଲ ତଥ୍ୟ ଦେବା ପାଇଁ ବିଳମ୍ବ ହୋଇଛି। ଏହାକୁ ନେଇ କୌଣସି ରାଜନୈତିକ ଦଳ ପ୍ରଶ୍ନ ଉଠାଇବା ଅନୁଚିତ ବୋଲି ସିଇଓ ଏକ ଖବରଦାତା ସମ୍ମିଳନୀରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଅଳ୍ପକେ ରକ୍ଷା...

ଯାଉଥିବା ଜଣେ ବ୍ୟକ୍ତି ବାଇକ ଛାଡ଼ିଦେଇ ଜୀବନ ବଞ୍ଚାଇବା ପାଇଁ ରାସ୍ତା ପାର୍ଶ୍ୱକୁ ଡେଇଁ ପଡ଼ିଥିଲେ। ବାଇକ୍‌ଟି ବସ୍ ଚକତଳେ ଚାପିଯାଇ ଭାଙ୍ଗିରୁଜି ଯାଇଛି। ବାରମ୍ବାର ବିଦ୍ୟୁତ୍ ବିଭାଗକୁ କହିଲେ ମଧ୍ୟ ନେସ୍କୋ ଅଧିକାରୀମାନେ କେବଳ ଖୁଣ୍ଟିଏ ପୋତିଦେଇ ବିପଦପୂର୍ଣ୍ଣ ୧୧କେଭି ତାରଟିକୁ ସେପରି ଓହଳିବାକୁ ଛାଡ଼ି ଦେଇଛନ୍ତି ବୋଲି ପୂର୍ବତନ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତ ଅଭିଯୋଗ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଏକାଦଶସ୍ଥ ବୁଧ ଯୋଗୁ ସନ୍ତାନଙ୍କ ସମସ୍ୟା ବିଷୟରେ ଚିନ୍ତିତ ରହିବେ। ସ୍ୱାସ୍ଥ୍ୟହାନି, ଶତ୍ରୁତା କିମ୍ବା ଋଣ ପରିଶୋଧର ଚିନ୍ତା ବୃଦ୍ଧି ପାଇବ। ଆଲୋଚନା କ୍ରମରେ ଘରର କେତେକ ରହିଯାଇଥିବା କାମକୁ କରିବା ସକାଶେ ଚିନ୍ତା କରିପାରନ୍ତି। ପାଖ ପଡୋଶୀଙ୍କ ସହ ବିଭିନ୍ନ ପ୍ରକାରର ଆଲୋଚନାରେ ସମୟ କଟାଇବାର ସୁଯୋଗ ଜୁଟିବ।

**ବୃଷ**
ନବମସ୍ଥ ରବିଙ୍କ ଯୋଗୁ ପରିବାରର ବିଭିନ୍ନ ପ୍ରକାରର ବ୍ୟୟ ବରାଦର ଭରଣା କରିବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଗୁରୁବର୍ଗଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ମାତ୍ର ଗଠନମୂଳକ କାର୍ଯ୍ୟ ଗତି ମନ୍ଥର ହେବ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗି ରହିବ।

**ମିଥୁନ**
କର୍ମସ୍ଥ ଶୁକ୍ର କନ୍ୟା ସନ୍ତାନଙ୍କ ବୈବାହିକ ସମସ୍ୟା ପ୍ରତି ଚିନ୍ତିତ କରାଇବ। ଏହା ସାଙ୍ଗକୁ ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ହେବେ। ପୁନର୍ବସୁ ନକ୍ଷତ୍ର ଘର କାମରେ କିମ୍ବା ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**କର୍କଟ**
ଧନଭାବରେ ଚନ୍ଦ୍ର ଅର୍ଥନୈତିକ ଅଭିବୃଦ୍ଧି ଘଟାଇବା ସହ ଶାରୀରିକ ସୁସ୍ଥତା ପ୍ରଦାନରେ ସହାୟକ ହେବେ। କର୍ମକ୍ଷେତ୍ରରେ ଅସ୍ଥିରତା ଲାଗି ରହିପାରେ। ଅଶ୍ଳେଷା ନକ୍ଷତ୍ର ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତ ରହି ପାରନ୍ତି। ମନ ବୁଝିଲା ଭଳି କଥା କହି ଅନ୍ୟକୁ ଆପଣାର କରିବା ସହ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ।

**ସିଂହ**
ରବି ଓ ଶନିଙ୍କ ସ୍ଥାନ ପ୍ରଭାବରେ ସମସ୍ୟା ମଧ୍ୟଦେଇ କାର୍ଯ୍ୟହାସଲ କରିବେ ଏବଂ ନିକଟ ସମ୍ପର୍କୀୟମାନଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। କୌଣସି କଥାରେ ତରବର ହୋଇ କାମ କରନ୍ତୁ ନାହିଁ, ତଥାପି କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହେବେ। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା**
କର୍ମସ୍ଥ ରାହୁ ପରିବାର ଓ କାର୍ଯ୍ୟହାସଲ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ଆଜି ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବାର ସୂଚନା ରହିଛି। ଗୃହ ସଜ୍ଜାରେ ମନୋନିବେଶ କରିପାରନ୍ତି। ଅଫିସ୍ କାମରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହେବାର ପରିସ୍ଥିତି ସୃଷ୍ଟି ହେବ।

**ତୁଳା**
ଉଚ୍ଚସ୍ଥାନରେ ଶୁକ୍ର ମନୋରଞ୍ଜନ ସମ୍ବନ୍ଧିତ ଜିନିଷ କ୍ରୟ କରିବା ଦିଗରେ ଖର୍ଚ୍ଚାନ୍ତ କରାଇପାରେ। ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ଚିତ୍ରାର ପୂର୍ବରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ।

**ବିଛା**
କର୍ମଭାବର ଶୁଭପ୍ରଭାବରୁ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ କିନ୍ତୁ ଅତ୍ୟଧିକ ଖର୍ଚ୍ଚାନ୍ତ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ନିଜର ପାଖ ଲୋକମାନେ ଅପପ୍ରଚାର କରି ପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ତଥା କ୍ରୀଡା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
କେତୁ ଯୁକ୍ତ ମଙ୍ଗଳ ପ୍ରଭାବରୁ ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି, ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ । ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ କିନ୍ତୁ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ ସୃଷ୍ଟି କରି ପାରନ୍ତି।

**ମକର**
ଶନି ଓ ରାହୁଙ୍କ ଷଡାଷ୍ଟକ ସ୍ଥିତିଜନିତ ସତର୍କତାର ସହ କାମ କରନ୍ତୁ, ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ପୂର୍ବ ସ୍ଥିରୀକୃତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁ ଦ୍ୱାରକୁ ଗମନ କରିପାରନ୍ତି। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ**
ଦ୍ୱିତୀୟସ୍ଥ ଶୁକ୍ରଙ୍କ ପ୍ରଭାବରୁ ବହୁତ ହସ ଖୁସୀରେ ଦିନଟି ଅତିବାହିତ ହେବ। ପାଖ ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାର ମଧ୍ୟରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ଏହା ସାଙ୍ଗକୁ ପୁତ୍ରକନ୍ୟା ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ**
ଆଜିର ଅନୁକୂଳ ଗ୍ରହ ପ୍ରଭାବରୁ ଅନ୍ୟମାନଙ୍କୁ ଆପଣାର କରିବା ସକାଶେ କୌଶଳ ପ୍ରୟୋଗ କରି ପାରନ୍ତି। ରଚନାତ୍ମକ କାର୍ଯ୍ୟ,କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ଆଇନ, ଅଦାଲତ, ପ୍ରଶାସନ, ଯାନବାହନ, ନିର୍ମାଣରେ ସୁଫଳ ମିଳିବ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ରକ୍ଷା କରନ୍ତୁ, ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

ଆଜି ଫାଲଗୁନ କୃଷ୍ଣ ପ୍ରତିପଦାଯୁକ୍ତ ଦ୍ୱିତୀୟା ସୋମବାର, ଫେବୃୟାରୀ ୧୦ ତାରିଖ, ରାଶି ନକ୍ଷତ୍ର -ମଘା/ସିଂହ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ସକାଳ ଘ.୧୦।୫୩ମି. ଗତେ ଘ.୧।୦୮ମି. ମଧ୍ୟେ ଅମୃତବେଳା। ଦିବା ଘ.୯।୧୫ମି. ଗତେ ଘ.୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ.୭।୪୭ମି. ଗତେ ଘ.୯।୧୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302


SALE

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 7008390130.** D-68480

Demarketed gharabari plot sale near Sundarpada 550 per sqft. close to 100' road. Contact: 8018516246. D-68766

**Never before offer: Free 200sqft. land fully developed residential plots at Reasionable Price near Gudiapokhari (Pamasara road). Purchase 1200sqft. plot, get 200sqft. Free. Offer valid upto 29th February- 8917527308, 9437030095 (T&C apply).** D-68659

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣ୍ଟପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

**Guest house for sale at Puri, G+3 building 5200sqft. builtup on 2400sqft. plot including 11 rooms. Details: realestateindia.com 9777386474.** D-68576

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

**Plots at Bhubaneswar with 30'road near Infosys-II, Gita Engineering College and adjacent to NH by-pass immediate registration with possession, Contact- 6371412241, 7873822900.** D-16630

A Two Bedroom MIG Ground Floor flat at GGP Colony, Rasulgarh, Bhubaneswar is available for sale. Interested persons are requested to Contact on these Numbers, 9937511325, 9777446890. D-16591

ଭୁବନେଶ୍ୱର କଟଣୀଗେଟ୍‌ଠାରେ **sqft-185/-, SC plot sqft-120/-,** ନଖରା **SC plot sqft-390/- IIT** ଅରଗୁଳ **sqft-120/-, immediate possession/ registration, 8144706560, 7750909843.** D-68488

Bhubaneswar ଏୟାରପୋର୍ଟରୁ 7km. ଦୂରରେ 1500sqft. ଘରବାରି ପ୍ଲଟ୍ 13,50,000/-, ନେଇ ଘରକରନ୍ତୁ। Contact: Pinky 6370476317. D-68577

ଭୁବନେଶ୍ୱର କଟଣୀଗେଟ୍‌ଠାରେ **Sqft.200/-,** ବାଲକାଟି ବଜାରରୁ **2k.m Sqft.550/-** (ଘରବାରି) କଟକ ତ୍ରିଶୁଳିଆରୁ **4k.m Sqft.300/-**ରେ ପ୍ଲଟ୍ ମିଳୁଛି। **9348020724, 7978939440.** D-68472

Boundarywall, 30ft. road well demarcated plot near Gudia pokhari, Bilipada, Bhubaneswar. 9937518482, 8908805482. D-68656

ଭୁବନେଶ୍ୱର **AIIMS Medical** ଠାରେ **30'** ରାସ୍ତାଥାଇ **yellowzone,** ଘରବାରି, **boundary plot** ମିଳୁଅଛି। **1st possession/ registration- 9937819395.** D-68481



2BR Residential ground floor near Behera Sahi, Square Nayapalli, 9437005150. D-68578

A/C halls ground floor 1500 sqft. and first floor 2500 sqft. suitable for Educational Institutes/ Offices at Patia near DLF Cybercity. Contact: 9437068052. D-16585



Hindustan Packers & Movers shifting of household goods, office & bike (all over India). 9437045552, 9937288024. D-16608



Ayurvedic full body massage ladies/gents smart experts therapist:- 8480939300. D-68772

Refresh your mind and soul with best therapy at Orchid Salon/Spa. 9937287222. D-68775

Full body herbal massage with refreshment expert therapist. 7381239385, 06742540855. D-68983

Ayurvedic full body massage ladies & gents smart therapist, 9668814589. D-68784

Experience full body massage with us (expert). Call: 7377048581, 06742597822. D-68984

Herbal full body massage by smart / expert therapist. Contact: 8338067247. D-68985

Sai herbal spa refresh your body with smart, expert therapist. 7608062524. D-68991

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68783

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68986

Body massage @ 1099 at mystic Unisex Salon and Spa. 9556978408. D-68988

Rejuvenate and Ayurvedic full body massage by smart therapist. 9114402304. D-68987

Kasturi massage club, fully relaxed by expert lady, home service: 9178845612. D-68779

Ayurvedic full body massage ladies and gents. Contact: 9861064981. D-68778



୪୯୯୯/- ରେ ନିଜର Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-16575

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ଶ୍ରୀମାଂଶ ପଟ୍ଟନାୟକ (ଅପୁନ୍)**
ଠିକଣା: କ୍ଷତ୍ରିୟ ବରପୁର, ଗଞ୍ଜାମ
ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତୋତେ ସର୍ବଦା ଭଲରେ ରଖନ୍ତୁ।
**ଶୁଭେଚ୍ଛା ସହ**
ଜେଜେ ବାବା, ଜେଜେ ମା', ବାପା, ମା, ବନ୍ଧୁ ଓ ପରିବାରବର୍ଗ ।
ଧ-୧୬୬୩୬

## 4th Birthday Wish



**Satvik Dash**
Khodasingi, Berhampur
May lord Jagannath bless you with loads of happiness, success & prosperity in life. Keep smiling as always.
**Best wishes:**
Papa, Mama, Jeje bapa, Jeje maa, Aja, Aai & Loving Family.
D-16635

## AFFIDAVIT



By virtue of an affidavit before the Notary Public, Bhubaneswar, on dated: 07.02.2020, I have changed my name from Gitanjali Mudra to Gitanjali Dash. Henceforth I shall be known as Gitanjali Dash, W/o- Sudhir Kumar Dash for all purposes. D-68998

## LEGAL NOTICE

ମାନନୀୟ ଶ୍ରୀଯୁକ୍ତ ଜଜ୍,
ପରିବାର ଅଦାଲତ,
ଭୁବନେଶ୍ୱର।
Civil Execution ସି.ପି. ନଂ ୨୮/୨୦୧୮
ରିମା ମୁଦୁଲି @ ବେହେରା .........ବାଦୀ
ବନାମ
ମନୋଜ କୁମାର ବେହେରା ........ପ୍ରତିବାଦୀ
ନୋଟିସ୍ U/O-5, Rule-20 of C.P.C.
ପ୍ରାପ୍ତେଷୁ,

ପ୍ରତିବାଦୀ ମନୋଜ କୁମାର ବେହେରା, ବୟସ ୩୪ ବର୍ଷ, ପିତା- ଉପେନ୍ଦ୍ର କୁମାର ବେହେରା, ହା.ସା- ବିଡ଼ାନାସି, କୁମ୍ଭାର ସାହି, ଜିଲ୍ଲା- କଟକ ତୁମ୍ଭଙ୍କୁ ଜଣାଇ ଦିଆଯାଉଅଛିକି, ଉପରଲିଖିତ ମୋକଦ୍ଦମାର ବାଦୀ ତୁମ୍ଭ ଠାରୁ ବିବାହ ବିଚ୍ଛେଦ ଧାରା ୨୭ ସ୍ୱତନ୍ତ୍ର ବିବାହ ଆଇନ ମୋକଦ୍ଦମା ମାନ୍ୟବର ପରିବାର ଅଦାଲତ ଭୁବନେଶ୍ୱର ଦାୟର କରିଅଛନ୍ତି, ତୁମ୍ଭେ ପ୍ରତିବାଦୀଙ୍କ ଠିକଣା ଅନୁଯାୟୀ ଡାକ ଯୋଗେ ଓ କୋର୍ଟଙ୍କ ଦ୍ୱାରା ବାରମ୍ବାର ସମନ୍ ପଠାଇଥିଲେ ମଧ୍ୟ ଆପଣ ଉପର ବର୍ଣ୍ଣିତ ଅଦାଲତରେ ହାଜର ହୋଇନାହାନ୍ତି। ଉକ୍ତ ନୋଟିସ୍ ଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି କି, ଉକ୍ତ ମୋକଦ୍ଦମାର ତା- ୧୨।୦୩।୨୦୨୦ ରିଖକୁ ଧାର୍ଯ୍ୟ ଅଛି।

ଏଣୁ ଖବରକାଗଜ ମାଧ୍ୟମରେ ମାନ୍ୟବର କୋର୍ଟଙ୍କ ଆଦେଶରେ ଏହା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇଦିଆଗଲା ଯେ, ତୁମ୍ଭେ ଉପରୋକ୍ତ ତାରିଖରେ ଉକ୍ତ ମୋକଦ୍ଦମାରେ ହାଜର ହୋଇ କାରଣ ଜଣାଇବେ, ନଚେତ୍ ଆଇନ୍ ଅନୁଯାୟୀ ତୁମ୍ଭ ବିରୁଦ୍ଧରେ ମୋକଦ୍ଦମା ଏକତରଫା ବିଚାର ହେବ।

Sd/- (Sri R.K Das)
ଜଜ୍, ପରିବାର ଅଦାଲତ,
ଭୁବନେଶ୍ୱର
D-16590

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଧରାପଡ଼ିଲେ ବ୍ରାଉନସୁଗାର ଡିଲର ଲାଡେନ, ରାଜୁ

ଭୁବନେଶ୍ୱର(ବ୍ୟୁରୋ)/ବାଲିଅନ୍ତା (ଡି.ଏନ୍.ଏ.), ୯।୨

ଅପରେଶନ ପଏଣ୍ଟ ଥିଲା ଫୁଲନଖରା ଛକରୁ ସିମ୍ଫୋନୀ ମଲ୍ ସମ୍ମୁଖ ଜାତୀୟ ରାଜପଥ। ଟାର୍ଗେଟ ଥିଲା ବାଲେଶ୍ୱରରୁ ଭୁବନେଶ୍ୱର ଆସୁଥିବା ବ୍ରାଉନସୁଗାର ମାଫିଆ ଲାଡେନ। ଓଭରବ୍ରିଜ, ଜଳଖିଆ ଦୋକାନ, ଟ୍ରକ୍, ବସ୍‌ଷ୍ଟପ୍‌ରେ ବିଭିନ୍ନ ଛଦ୍ମବେଶରେ ଜଗି ରହିଥିଲେ ଡ୍ରଗ୍ ଟାସ୍କଫୋର୍ସର ଅଧିକାରୀ ଓ କର୍ମଚାରୀ। ସାମିଲ୍ ଥିଲେ ବାଲିଅନ୍ତା ଥାନାର ଏକ ପୋଲସ ଟିମ୍। ଏପଟେ ମୋବାଇଲ୍ ଟ୍ରାକ୍ କରାଯାଇ ଟିମ୍ ମୁଖ୍ୟଙ୍କୁ କ୍ଷଣିକ୍ଷଣିକେ ଦିଆଯାଉଥିଲା ସୂଚନା। ସମୟ ପୂର୍ବାହ୍ନ ୧୧ଟା ମଧ୍ୟରେ ହେବ। ଓଡି୦୧ଓ୍ୱାଇ ୮୮୭୪ ନମ୍ବର ବିଶିଷ୍ଟ ଏକ ଆପାଚି ବାଇକ ପହଞ୍ଚିବା କ୍ଷଣି ଚାରିଆଡୁ ପୂରା ଫିଲ୍ମି ଷ୍ଟାଇଲ୍‌ରେ ଘେରିଯାଇଥିଲେ। ଡ୍ରଗ୍ସ ଡିଲର ଲାଡେନ ଓରଫ ସେକ୍ ମହିବୁଲ (୨୧) ଓ ତାଙ୍କ ସହ ଥିବା ସହଯୋଗୀ ସେକ୍ ଆଜବାହାର ଓରଫ ରାଜୁଙ୍କୁ ମାଡ଼ିବସିଥିଲେ। ଯାଞ୍ଚବେଳେ ସେମାନଙ୍କ ନିକଟରୁ ୧୫୫ ଗ୍ରାମ ବ୍ରାଉନସୁଗାର ମିଳିଥିଲା। ଏହାପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ବ୍ରାଉନସୁଗାର, ୩୪୦ ଟଙ୍କା, ୩ ମୋବାଇଲ୍

## ଜାଲ ବିଛାଇଥିଲା ଡ୍ରଗ୍ ଟାସ୍କଫୋର୍ସ


ଗିରଫ ଦୁଇ ଅଭିଯୁକ୍ତ


ଜବତ ବ୍ରାଉନ୍‌ସୁଗାର, ଟଙ୍କା, ମୋବାଇଲ

- ବାଇକ୍‌ରେ ବ୍ରାଉନସୁଗାର ଧରି ବାଲେଶ୍ୱରରୁ ଆସିଥିଲେ
- ଫୁଲନଖରା ଓଭରବ୍ରିଜ୍ ତଳେ ଛଦ୍ମବେଶରେ ଜଗି ରହିଥିଲେ ଅଧିକାରୀ
- ଯାଞ୍ଚ ପରେ ମିଳିଲା ୧୫ଲକ୍ଷ ଟଙ୍କାର ବ୍ରାଉନସୁଗାର

ଫୋନ୍ ଓ ବାଇକ୍‌କୁ ଜବତ କରାଯାଇଛି। ଜବତ ବ୍ରାଉନସୁଗାର ମୂଲ୍ୟ ୧୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ବାଲିଅନ୍ତା ଥାନାରେ ଏକ ମାମଲା (ନଂ.୩୪/୨୦) ରୁଜୁ କରାଯିବା ସହ ଦୁଇ ଅଭିଯୁକ୍ତଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନିଆଯାଇ ପଚରଉଚରା କରାଯାଇଥିଲା। ଲାଡେନ ଓ ରାଜୁଙ୍କ ଘର ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ବସ୍ତିରେ। ସେମାନଙ୍କଠାରୁ ପୋଲିସ ବ୍ରାଉନସୁଗାର କାରବାର ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି।

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ କମିଶନରେଟ ପୋଲିସର ସ୍ୱତନ୍ତ୍ର ଅପରେଶନ ଆରମ୍ଭ ହେବା ପରେ ବ୍ରାଉନସୁଗାର ମାଫିଆମାନେ ଛାନିଆ ହୋଇପଡିଛନ୍ତି। ଗତ ୫ ମାସ ଭିତରେ ୧୫୦ରୁ ଊର୍ଦ୍ଧ୍ୱ ଡିଲର, ଦଲାଲ, ବେପାରୀ ଓ ଗ୍ରାହକଙ୍କୁ ଗିରଫ କରାଯାଇ ସାରିଲାଣି। ଏବେ ଚଢ଼ାଉ ଜୋର୍‌ଦାର ଜାରି ରହିଥିବାବେଳେ ବ୍ରାଉନସୁଗାର ଚାଲାଣକାରୀମାନେ ସେମାନଙ୍କ କାରବାରର ଧାରା ବଦଳାଇଛନ୍ତି। ଧରାପଡିଥିବା ଲାଡେନ ଓ ରାଜୁ ବସ୍ କିମ୍ବା ଅନ୍ୟ ସ୍ୱତନ୍ତ୍ର ଗାଡ଼ିରେ ନ ଆସି ବାଇକ୍‌ରେ ବ୍ରାଉନସୁଗାର ଧରି ଭୁବନେଶ୍ୱରରେ ଥିବା ବେପାରୀଙ୍କୁ ଦେବାକୁ ଆସିଥିଲେ। ହେଲେ ପୂର୍ବରୁ ଡ୍ରଗ୍ ସ୍କ୍ୱାଡ୍ ନଜର ରଖିଥିବା ନେଇ ସେମାନେ ଜାଣିପାରି ନ ଥିଲେ। କୁହାଯାଉଛି ପୋଲିସ ଭୁବନେଶ୍ୱରର ନିର୍ଦ୍ଦିଷ୍ଟ କେତେଜଣ ବ୍ରାଉନସୁଗାର ବେପାରିଙ୍କୁ ଧରି ତାଙ୍କ ଦ୍ୱାରା ଲାଡେନଙ୍କୁ ଯୋଗାଯୋଗ କରାଯାଇ ଅର୍ଡର ଦିଆଯାଇଥିଲା। ଏଥିସହ କେତେଜଣ ପୋଲିସ ମଧ୍ୟ ବ୍ରାଉନସୁଗାର ବେପାରୀ ସାଜି ସେମାନଙ୍କ ସହ ଯୋଗାଯୋଗରେ ଥିଲେ। ଏପଟେ ଲାଡେନଙ୍କ ଏକାଧିକ ମୋବାଇଲ୍ ଫୋନ୍‌କୁ ଟ୍ରାକିଂ କରାଯାଇ ଧରିବାକୁ ସବୁକିଛି ଯୋଜନା ପ୍ରସ୍ତୁତ ହୋଇଥିଲା। କିଛି ସପ୍ତାହର ଲାଡେନ ଧରା ଅଭିଯାନ ରବିବାର ସଫଳ ହୋଇଥିବା ଡ୍ରଗ୍ ସ୍କ୍ୱାଡ୍‌ର ଜଣେ ଅଧିକାରୀ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ତେବେ ସେମାନଙ୍କ ବୟାନ ଆଧାରରେ ସମ୍ପୃକ୍ତ ଆଉକେତେଜଣ ବ୍ରାଉନସୁଗାର ଡିଲର ଓ ଛୋଟ ବେପାରୀଙ୍କୁ ଧରିବାକୁ ଡ୍ରଗ୍ ସ୍କ୍ୱାଡ୍ ଟିମ୍ ଚଢ଼ାଉ ଜାରି ରଖିଛି। ଏଥିସହ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାକୁ ଚିନ୍ତା କରାଯାଉଥିବା ଅଧିକାରୀ ଜଣକ କହିଛନ୍ତି।

## ଜିଲା ଚିଠି
### ଜଗତ୍‌ସିଂହପୁର



### ସୁଧୁରୁନି ସ୍ୱାସ୍ଥ୍ୟସେବା

ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦେଉଥିବା ବ୍ୟାପକ ପ୍ରଚାର ହେଉଛି। ବାସ୍ତବରେ କିନ୍ତୁ ପ୍ରଚାର ତୁଳନାରେ କାମ ହେଉଥିବା ଅନୁଭବ ହେଉନାହିଁ। ଯାହାର ଜ୍ୱଳନ୍ତ ପ୍ରମାଣ ଦେଖିବାକୁ ମିଳିଛି ଜଗତ୍‌ସିଂହପୁର ଜିଲାରେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନୁମୋଦିତ ଡାକ୍ତର ପଦବୀ ସଂଖ୍ୟା ୫୮ ଥିବାବେଳେ ଅଛନ୍ତି ମାତ୍ର ୨୨। ଜିଲାର କେବଳ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବାଦଦେଲେ ଅନ୍ୟ ବ୍ଲକ ଅଞ୍ଚଳରେ ପ୍ରସୂତି ଓ ସ୍ତ୍ରୀ ରୋଗ ପରାମର୍ଶଦାତା ନାହାନ୍ତି। ରାଜ୍ୟର ଅନେକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ, ସିଟି ସ୍କାନ୍, ଏମ୍ଆର୍ଆଇ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି ଓ ସେବା ଉପଲବ୍ଧ ହେଉଥିବା ବେଳେ ଜଗତ୍‌ସିଂହପୁର ଜିଲାକୁ ଅଣଦେଖା କରାଯାଉଛି। ବଡ଼ କଥା ହେଲା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଧିକାଂଶ ସମୟରେ ଗୁରୁତର ରୋଗୀ ପହଞ୍ଚୁଛନ୍ତି। କିନ୍ତୁ ଆଇସିୟୁ (ଇଣ୍ଟେନସିଭ୍ କେୟାର ୟୁନିଟ୍) ନ ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ଏହି ସମୟରେ ଅନେକଙ୍କ ମୃତ୍ୟୁ ହେଉଥିବା ମଧ୍ୟ ନଜିର ରହିଛି। ସରକାର ଏଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବା ଉଚିତ ବୋଲି ଦାବି ହେଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ ଭିତ୍ତିଭୂମି ଅସଜଡ଼ା। ୧୯୯୩ ମସିହାରେ ଚିକିତ୍ସାଳୟର ଶଯ୍ୟା ସଂଖ୍ୟା ଥିଲା ୧୨୬। ତେବେ ୨୬ ବର୍ଷ ପରେ ମଧ ଏହି ସଂଖ୍ୟା ଅପରିବର୍ତ୍ତିତ ରହିଛି। ଆଶୁ ଚିକିତ୍ସା କେନ୍ଦ୍ର (କାଜୁଆଲିଟି) ମଧ୍ୟ ପୂର୍ବପରି ଚାଲିଛି। ଆଇସିୟୁ ନାହିଁ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସମ୍ପର୍କୀୟଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଯେଉଁ କାରଣରୁ ଅନେକ ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରୋଗୀ ସମ୍ପର୍କୀୟଙ୍କ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ଓ ରୋଷଶାଳା ମଧ୍ୟରେ ପାଖାପାଖି ୩ ହଜାର ବର୍ଗ ଫୁଟ ଜମିରେ ୪ ତାଲା ବିଲ୍ଡିଂ ନିର୍ମାଣ କରାଯିବାକୁ ପ୍ରସ୍ତାବ ରହିଛି। ପ୍ରାଥମିକ ପର୍ଯ୍ୟାୟରେ ୨ ତଳ ବିଶିଷ୍ଟ ବିଲ୍ଡିଂ ନିର୍ମାଣ ପାଇଁ ପାଖାପାଖି ୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିରେ ରୋଗୀ ସମ୍ପର୍କୀୟ ବସିବା ପାଇଁ ତଳ ଓ ଉପର ମହଲାରେ ହଲ୍ ରହିବ। ହଲ୍‌ଗୁଡିକରେ ଏସି ବ୍ୟବସ୍ଥା କରାଯିବ। ଏଥିସହ ପାର୍କିଂ, ଲିଫ୍ଟ, ଶିଡି ଆଦିର ବ୍ୟବସ୍ଥା ହେବ। ଏହି ପରିସରରେ କ୍ୟାଣ୍ଟିନ୍ ବ୍ୟବସ୍ଥା ସାଙ୍ଗକୁ ଏଲ୍ଇଡି ଲାଗିବ। ତଳ ଓ ଉପର ମହଲାରେ ମହିଳା ଓ ପୁରୁଷଙ୍କ ପାଇଁ ପୃଥକ ଭାବେ ୪ଟି ଲେଖାଏ ୮ଟି ପାଇଖାନା ଏବଂ ଗାଧୁଆ ଘର ନିର୍ମାଣ ହେବ। ଏସବୁ ପ୍ରସ୍ତାବ ସରକାରଙ୍କ ନିକଟକୁ ଯାଇଥିବା କୁହାଯାଉଛି। ବାସ୍ତବରେ କିନ୍ତୁ ସରକାରୀ ଅନୁମୋଦନ ଲାଭ କରିନାହିଁ। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ (ଏମ୍‌ସିଏଚ୍) ୱାର୍ଡ ନିର୍ମାଣ ପାଇଁ ପାଖାପାଖି ୩ ବର୍ଷ ହେବ ଉଦ୍ୟମ ହୋଇଥିବାବେଳେ ଜମି ହସ୍ତାନ୍ତର ପ୍ରକ୍ରିୟା ନିକଟରେ ସରିଛି। ନିର୍ମାଣ କାମ ଆରମ୍ଭ ହେବାକୁ ଆହୁରି ସମୟ ଲାଗିବ। ଏହିପରି ଅନେକ ସମସ୍ୟା ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଛି। ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

– ପ୍ରମୋଦ କୁମାର ନାୟକ

# କରେଣ୍ଟ ଲାଗି ବସ୍ ଦୁର୍ଘଟଣା ପ୍ରସଙ୍ଗରେ ନେତାଙ୍କ ଦୁଃଖ ପ୍ରକାଶ

ଭୁବନେଶ୍ୱର,୯।୨(ବ୍ୟୁରୋ)

ଗଞ୍ଜାମ ଜିଲା ବ୍ରହ୍ମପୁର ଅନ୍ତର୍ଗତ ମେଣ୍ଡରାଜ୍‌ପୁରଠାରେ ଏକ ଯାତ୍ରୀବାହୀ ବସ୍ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା କାରଣରୁ ୧୦ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଲୋକ ଗୁରୁତର ଅବସ୍ଥାରେ ଅଛନ୍ତି। ଏଭଳି ଏକ ଦୁଃଖଦ ଘଟଣାରେ ରାଜ୍ୟର ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଦୁଃଖ ପ୍ରକାଶ କରିଛନ୍ତି। ଅନ୍ୟପଟେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଘଟଣାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇସାରିଛନ୍ତି। ମାତ୍ର

- ସରକାରଙ୍କୁ ଦୋଷ ଦେଲା ଭାଜପା, ମନ୍ତ୍ରୀ କହିଲେ ତଦନ୍ତ ନିର୍ଦ୍ଦେଶ ଦିଆସରିଛି
- ଘଟଣାର ପୁନରାବୃତ୍ତି ନ ହେବ ସେଥିପାଇଁ ଧ୍ୟାନ ଦେବା ଦରକାର: କେନ୍ଦ୍ରମନ୍ତ୍ରୀ

ରାଜ୍ୟ ଭାଜପା କିନ୍ତୁ ଏହି ଘଟଣାକୁ ନେଇ ସରକାରଙ୍କୁ ସମାଲୋଚନା କରିଛି।

ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ରାଜ୍ୟରେ ଏଭଳି ମର୍ମନ୍ତୁଦ ଘଟଣା ବାରମ୍ବାର ହେବାରେ ଲାଗିଛି। ମାତ୍ର ଏହାସତ୍ତ୍ୱେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନ ନେବା ପ୍ରଶାସନ ଓ ସରକାରଙ୍କ ଉଦାସୀନତାକୁ ପଦାରେ ପକାଇଛି। ଏହାକୁ ଯେତେ ନିନ୍ଦା କଲେ ମଧ କମ୍ ପଡୁଛି। ଆଜିର ଏହି ଘଟଣାକୁ ରୋକା ଯାଇ ପାରିଥାଆନ୍ତା। ସ୍ଥାନୀୟ ବାସିନ୍ଦାଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଏବଂ ଅବହେଳା ଓ ଉଦାସୀନତା ଯୋଗୁ ଯାତ୍ରୀମାନେ ଜୀବନ ହରାଇଛନ୍ତି। ଏହି ଘଟଣାରେ ପ୍ରତି ମୃତାହତ ପରିବାରକୁ କ୍ଷତିପୂରଣ ବାବଦରେ ୧୦ ଲକ୍ଷ ଟଙ୍କା ଏବଂ ଆହତ ଯାତ୍ରୀଙ୍କୁ ମାଗଣା ଚିକିତ୍ସା ସେବା ଯୋଗାଇ ଦେବାକୁ ଗୋଲକ ଦାବି କରିଛନ୍ତି। କାର୍ଯ୍ୟରେ ଅବହେଳା କରାଯିବା କାରଣରୁ ବିଜୁଳି ବିତରକ କମ୍ପାନୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମ୍ପୃକ୍ତ ଅଧିକାରୀଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଟୁଇଟ୍ କରି ଦୁଃଖପ୍ରକାଶ କରିବା ସହିତ ଆଗକୁ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେଥିପାଇଁ ପଦକ୍ଷେପ ନେବାକୁ କହିଛନ୍ତି। ଆହୁରି ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାର ଘଟଣାକୁ ଗମ୍ଭୀରତାର ସହ ତଦନ୍ତ କରିବେ। ସରକାର ଆହତଙ୍କୁ ଉପଯୁକ୍ତ ଓ ଗୁଣାତ୍ମକ ଚିକିତ୍ସା ସେବା ପ୍ରଦାନ ସହ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇବା ପାଇଁ ସେ ନିବେଦନ କରିଛନ୍ତି। ଏହାସହ ଆହତଙ୍କ ଆଶୁ ଆରୋଗ୍ୟ କାମନା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି ଯେ, କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ତା'ର ତଦନ୍ତ ହେବ। ଯେଉଁମାନେ ଏଭଳି ଘଟଣା ପାଇଁ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ତଦନ୍ତ ନିର୍ଦ୍ଦେଶ ଦିଆସରିଛି, କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବ ବୋଲି ମନ୍ତ୍ରୀ ବେହେରା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ ଏବଂ ଆଗକୁ ଏଭଳି ଘଟଣା ଯେପରି ନ ଘଟେ ସେଥିଲାଗି ପଦକ୍ଷେପ ନିଆଯିବ।

### ପାଣିକୋଇଲି- ରେମୁଳି ୪ଲେନ୍ ନିର୍ମାଣରେ ଅନିୟମିତତା

# ଘଟଣାର ସିବିଆଇ ତଦନ୍ତ ଦାବି

ଭୁବନେଶ୍ୱର,୯।୨(ବ୍ୟୁରୋ)

**କେନ୍ଦ୍ର ଭୂପୃଷ୍ଠ ପରିବହନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ**

ପାଣିକୋଇଲି- ରାଜାମୁଣ୍ଡା ଜାତୀୟ ରାଜପଥର ୪ ଲେନ୍ ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଛି। ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ୭୦ ପ୍ରତିଶତ କାମ କରି ଫେରାର ହୋଇଯାଇଛି। ଯାହାଫଳରେ ଠିକାଦାରଙ୍କ ସହ ହୋଇଥିବା ଚୁକ୍ତି ବାତିଲ ହେବାପରେ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏଥିପାଇଁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଭଳି ଦାୟିତ୍ୱହୀନତା ପାଇଁ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କେନ୍ଦ୍ର ଭୂପୃଷ୍ଠ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖି ଜଣାଇଛନ୍ତି ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀରାଜ କୁଅଁର।

ପ୍ରକାଶ ଯେ, ଜାତୀୟ ରାଜପଥ ବିକାଶ ପ୍ରକଳ୍ପ(ଏନ୍‌ଏଚ୍‌ଡିପି) ଅଧୀନରେ ଗାୟତ୍ରୀ କନ୍‌ଷ୍ଟ୍ରକ୍ସନ କମ୍ପାନୀ ୨୧୫ନମ୍ବର ଜାତୀୟ ରାଜପଥ(ବର୍ତ୍ତମାନ ୨୦)ର ପାଣିକୋଇଲି - ରାଜାମୁଣ୍ଡା ପ୍ରକଳ୍ପର ପାଣିକୋଇଲି-ରେମୁଳି ସେକ୍ସନ ମଧ୍ୟରେ ୪ଲେନ୍ ନିର୍ମାଣ ଦାୟିତ୍ୱ ନେଇଥିଲା। ୧୬୬ କିଲୋମିଟର ଦୂର ଏହି ପ୍ରକଳ୍ପକୁ ୨୦୦୪-୦୫ରେ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ) ୧,୪୧୦ କୋଟି ବ୍ୟୟରେ ମଞ୍ଜୁରଇ କରିଥିଲା। ୨୦୧୩ ମେ ୨ତାରିଖରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୧୫ ଅକ୍ଟୋବର ୨୮ ମଧ୍ୟରେ ଏହାର କାର୍ଯ୍ୟ ଶେଷ ହେବାର ଥିଲା। ହେଲେ ଏଯାବତ୍ ଏହାର ନିର୍ମାଣ ଶେଷ ହୋଇପାରି ନାହିଁ। ସମ୍ପୃକ୍ତ ଠିକାସଂସ୍ଥାର ଏବେ ଦେଖା ଦର୍ଶନ ମିଳୁନାହିଁ। ନିର୍ଦ୍ଧାରିତ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଠିକାସଂସ୍ଥାର ଚୁକ୍ତି ବାତିଲ ହୋଇଛି। ଯେତିକି କାମ ହୋଇଛି ତାହା ଅତ୍ୟନ୍ତ ନିମ୍ନ ମାନର। ତେଣୁ ଘଟଣାର ସବିଆଇ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ଏବଂ ସ୍ଥାନୀୟ ଅଞ୍ଚଳବାସୀ ତଥା ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକମାନେ ବିଶେଷ ଉପକୃତ ହୋଇପାରିବେ ବୋଲି କୁଅଁର କହିଛନ୍ତି।

# ପୁଣି ଚର୍ଚ୍ଚାରେ ଶାହାଙ୍କ ଗସ୍ତ

### ବିଶାଳ ସାଧାରଣ ସଭା କରିବାକୁ ଯୋଜନା କରୁଛି ଭାଜପା

ଭୁବନେଶ୍ୱର,୯।୨(ବ୍ୟୁରୋ)

ପୂର୍ବାଞ୍ଚଳ ପରିଷଦ ବୈଠକ ଚଳିତ ମାସ ଶେଷସୁଦ୍ଧା ଓଡିଶା ଲୋକସେବା ଭବନରେ ଅନୁଷ୍ଠିତ ହେବ ବୋଲି ଶୁଣିବାକୁ ମିଳୁଛି। ଉକ୍ତ ବୈଠକ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଦୀର୍ଘ ୨୯ବର୍ଷ ପରେ ଏହି ବୈଠକ ଓଡିଶାରେ ହେବାକୁ ଯାଉଛି। ବୈଠକରେ ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼ ଆଦି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ। ଆସନ୍ତା ୨୮ରେ ଏହି ବୈଠକ ବସିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ମାତ୍ର ଏନେଇ କୌଣସି ବିଧିବଦ୍ଧ ସୂଚନା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇନାହିଁ। ଫେବୃୟାରୀ ୧୨ରେ ଏହି ବୈଠକ ବସିବା ପୂର୍ବରୁ କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶାହାଙ୍କ ଗସ୍ତ ସମ୍ପର୍କିତ କୌଣସି ସୂଚନା ନ ମିଳିବାରୁ ଏହା ବାତିଲ ହୋଇଥିଲା। ସେହିପରି ଏଥର ମଧ ବୈଠକ ସମ୍ପର୍କରେ ସେପରି କୌଣସି ସଠିକ୍ ସୂଚନା ଆସିନାହିଁ। ସରକାରୀ କାର୍ଯ୍ୟକ୍ରମରେ ଶାହା ଓଡିଶା ଆସିବାକୁ ଥିବାବେଳେ ଦୁଇଟି ଭିନ୍ନଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏକ ଘରୋଇ କଲେଜର କାର୍ଯ୍ୟକ୍ରମରେ ତାଙ୍କର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟ ଭାଜପା ମଧ ଏକ ବିଶାଳ ସାଧାରଣ ସଭାର ଆୟୋଜନ କରିବାକୁ ସମସ୍ତ ପ୍ରକାର ଦଳୀୟ ମହଲ ଭିତରେ ପ୍ରସ୍ତୁତି ସରିଥିବା ଜଣେ ବରିଷ୍ଠ ନେତାଙ୍କଠାରୁ ସୂଚନା ମିଳିଛି।

भारतीय प्रौद्योगिकी संस्थान, भुवनेश्वर
INDIAN INSTITUTE OF TECHNOLOGY, BHUBANESWAR
3rd Open Day and Grand Science and Technology Exhibition
IIT Bhubaneswar on the eve of 12th Foundation Day invites all students of Schools and Colleges to its campus for an Open Day and Grand Science and Technology Exhibition on 12th February 2020.
Details of Program are given below:
Venue : IIT Bhubaneswar, Argul Campus, PO: Jatni- 752050
Date of Open Day : 12.02.2020 (Wednesday)
Time : From 9.30 AM to 5.30 PM
For more details please visit our website https://www.iitbbs.ac.in/open-day-2020

# ‘ହ୍ୟୁମାନ୍‌ସ ମ୍ୟୁଜିକ୍’ରେ ୬୦ ଦେଶର କଥା

ଭୁବନେଶ୍ୱର, ୯।୨(ବ୍ୟୁରୋ)

ପରିବେଶବିତ୍, ସାମ୍ବାଦିକ, ଫଟୋଗ୍ରାଫର ଏବଂ ଫିଲ୍ମନିର୍ମାତା ୟାନ୍ ଆର୍ଥସ୍ ବଟ୍ରାଣ୍ଡ। ୨୦୧୫ରେ ଡକ୍ୟୁମେଣ୍ଟାରୀ ଫିଲ୍ମ ‘ହ୍ୟୁମାନ୍’ କରି ଚର୍ଚ୍ଚାକୁ ଆସିଥିଲେ ଏହି ଫ୍ରେଞ୍ଚ୍ ଫିଲ୍ମମେକର। ୬୦ ଦେଶର ୨ ହଜାର ଲୋକଙ୍କୁ ନେଇ ହୋଇଥିବା ଏହି ଡକ୍ୟୁମେଣ୍ଟାରୀରେ ସମଗ୍ର ବିଶ୍ୱର ବିଭିନ୍ନ ଜାତି, ଧର୍ମ, ବର୍ଗ, ଶ୍ରେଣୀ ଓ ଅଞ୍ଚଳର ଲୋକଙ୍କ କାହାଣୀ ପ୍ରତିଫଳିତ ହୋଇଛି। ତେବେ ୟାନ୍‌ଙ୍କ ଏହି ଫିଲ୍ମକୁ ସ୍ୱତନ୍ତ୍ର ମ୍ୟୁଜିକ୍‌ରେ ସଜାଇ ଏକ ନୂତନ ରୂପରେ ଦର୍ଶକଙ୍କ ଆଗରେ ଉପସ୍ଥାପନ କରିଛନ୍ତି ଫ୍ରେଞ୍ଚ୍ ସଙ୍ଗୀତଜ୍ଞ ଆର୍ମଣ୍ଡ ଆମର୍। ‘ହ୍ୟୁମାନ୍‌ସ ମ୍ୟୁଜିକ୍’ ନାମରେ ନାମିତ ଏହି ଫିଲ୍ମ ରବିବାର ଉତ୍କଳ ଅଡିଟୋରିୟମ୍‌ଠାରେ ଚାଲିଥିବା ତ୍ରୟୋଦଶ ଅନ୍ତର୍ଜାତୀୟ କଳା ଓ କଳାକାର ପ୍ରାମାଣିକ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହୋଇଥିଲା। ଜେ.ଡି. ସେଣ୍ଟର ଅଫ୍ ଆର୍ଟ(ଜେଡିସିଏ) ପକ୍ଷରୁ ଆୟୋଜିତ ଏହି ଉତ୍ସବର ତୃତୀୟ ତଥା ଉଦ୍‌ଯାପନୀ ଦିବସରେ ‘ହ୍ୟୁମାନ୍‌ସ ମ୍ୟୁଜିକ୍’ ପ୍ରମୁଖ ଆକର୍ଷଣ ରହିଥିଲା। ୧୨୩ ମିନିଟର ଫିଲ୍ମରେ ବିଭିନ୍ନ ଥିମ୍‌କୁ ଭିନ୍ନ ଭିନ୍ନ ସଙ୍ଗୀତରେ ସଜାଇ ଉପସ୍ଥାପନ କରାଯାଇଥିଲା। ବିଶ୍ୱର ବହୁ ଖ୍ୟାତନାମା ସଙ୍ଗୀତଜ୍ଞ ଏବଂ କଣ୍ଠଶିଳ୍ପୀମାନଙ୍କୁ ଏଥିରେ ଶୁଣିବାକୁ ମିଳିଥିଲା। କେବଳ ଏରିଅଲ୍ ଫୁଟେଜ୍ ତଥା ବାର୍ଡଆଇ ଭ୍ୟୁରେ ସୁଟ୍ ହୋଇଥିବା ‘ହ୍ୟୁମାନ୍’ରେ ପରିବାର, ଧର୍ମ, ଆକାଂକ୍ଷା, ବିଫଳତା,



ଫିଲ୍ମ ‘ହ୍ୟୁମାନ୍‌ସ ମ୍ୟୁଜିକ୍’ର ଏକ ଦୃଶ୍ୟ।

**ଜେଡିସିଏ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ ଉଦ୍‌ଯାପିତ**

- ପ୍ରଦର୍ଶିତ ହେଲା ‘ରଘୁ ରାଏ, ଆନ୍ ଅନ୍‌ଫ୍ରେମ୍‌ଡ ପୋଟ୍ରେଟ୍’
- ଉଦ୍‌ଯାପନୀ ଦିବସର ଆକର୍ଷଣ ‘ହ୍ୟୁମାନ୍‌ସ ମ୍ୟୁଜିକ୍’
- ‘ଲଷ୍ଟ୍ ଇନ୍‌ଟୁ ଆର୍ଟ’ରେ ଡୋକ୍ରାର କାହାଣୀ
- ଝିଅଙ୍କ କ୍ୟାମେରାରେ ବାପା

ହୋମୋସେକ୍ସୁଆଲିଟି, ଯୁଦ୍ଧ ଏବଂ ଦାରିଦ୍ର୍ୟ ଭଳି ବିଷୟକୁ ଫୋକସ୍‌ରେ ରଖାଯାଇଥିଲା।

ଉଦ୍‌ଯାପନୀ ଦିବସରେ ମୁଦ୍ରା ଫାଉଣ୍ଡେଶନ ପକ୍ଷରୁ ପ୍ରଦର୍ଶିତ ହୋଇଥିଲା ଏକ ଉତ୍କୃଷ୍ଟ ଫିଲ୍ମ ‘ଲଷ୍ଟ୍ ଇନ୍‌ଟୁ ଆର୍ଟ’। ଓଡ଼ିଶାର ପାରମ୍ପରିକ ହସ୍ତକଳା ‘ଡୋକ୍ରା’ର ଇତିହାସ ଏବଂ ଏହାର ନିଖୁଣ କାରିଗରି ଶୈଳୀକୁ ୨୩ ମିନିଟର ଡକ୍ୟୁମେଣ୍ଟାରୀରେ ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ଟେରାକୋଟା କାରିଗରି ଉପରେ ରଞ୍ଜିତ ମହାନ୍ତିଙ୍କ ଦ୍ୱାରା ନିର୍ମିତ ‘ପ୍ଲାନେଟ୍ ଆର୍ଥ ସେଲିବ୍ରେଟ୍ସ’, ଶ୍ରୀକ୍ରିଷ୍ଣା ଦାସଙ୍କ ‘ଲଦାଖ୍: ଏ ଟାଇମ୍‌ଲାପ୍ସ ଜର୍ନି ଥ୍ରୋ ଦି ଲ୍ୟାଣ୍ଡ ଅଫ୍ ହାଇ ପାସେସ୍’, ଗଣ୍ଡ କଳାକାର ଜନଗଡ଼ ସିଂ ଶ୍ୟାମଙ୍କ ଜୀବନୀ ଉପରେ ନୂତନ ମନମୋହନଙ୍କ ଦ୍ୱାରା ନିର୍ମିତ ‘ଲିଗାସି ଅଫ୍ ଏ ପେଣ୍ଟର’, ଦେଶର ଖ୍ୟାତନାମା ଆର୍କିଟେକ୍ଟ ବି.ଭି. ଦୋଷୀଙ୍କ କାହାଣୀ ଉପରେ ଆଧାରିତ ପ୍ରମଜିତ ରାମଚନ୍ଦ୍ରନ୍‌ଙ୍କ ‘ଦୋଷୀ ବିଗ୍‌ନିଙ୍ଗ୍’, ଈଶା ଶର୍ମାଙ୍କ ‘ମହେନ୍ଦ୍ର ରାଜ୍’, ଧୀମନ୍ତ ବ୍ୟାସଙ୍କ ‘ଏଭ୍ରି ଡ୍ରପ୍ କାଉଣ୍ଟ୍ସ’ ଆଦି ମୁଖ୍ୟ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହୋଇଥିଲା। ଆର୍କିଟେକ୍ଟ ସିଦ୍ଧାର୍ଥ ଦାସଙ୍କ ଦ୍ୱାରା ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଲାଗି ତିଆରି ହେଉଥିବା ରଥ ନିର୍ମାଣ ପ୍ରଣାଳୀକୁ ଏକ ଛୋଟ ଡକ୍ୟୁମେଣ୍ଟାରୀ ‘କ୍ରାଫ୍ଟିଙ୍ଗ୍ ଦି ରଥ’ ମାଧ୍ୟମରେ ଦେଖିବାକୁ ମିଳିଥିଲା। ଏହି ଅବସରରେ ପ୍ରଦର୍ଶିତ ବିଦେଶୀ ଫିଲ୍ମ ମଧ୍ୟରେ ରହିଥିଲା ଚାଇନାର ଗୁଗେନହେମ୍ ମ୍ୟୁଜିୟମ୍ ଦ୍ୱାରା ପ୍ରସ୍ତୁତ ‘ଟେଲ୍‌ସ ଅଫ୍ ଆୱାର୍ ଟାଇମ୍’ ଏବଂ ‘ମାଇଥୋଲୋଜିକାଲ ଟାଇମ୍’, ଆମେରିକାର ଆଲେକଜାଣ୍ଡ୍ରା ଲିଭରିସ୍‌ଙ୍କ ଫିଲ୍ମ ‘ଆର୍କିଟେକ୍ଟ ସାଣ୍ଟିଆଗୋ କାଲାଟ୍ରାଭା’, କାନାଡ଼ାର ‘ଥ୍ରୋଟ୍ ସିଙ୍ଗଙ୍ଗ୍ ଇନ୍ କାଙ୍ଗିର୍‌ସକ୍’, ଇସ୍ରାଏଲ୍‌ର ଇତାନ୍ ହର୍‌ମାନଙ୍କ ‘ନିନୋ’, ବ୍ରିଟେନ୍‌ରୁ ଆସିଥିବା ନୋନୋଙ୍କ ନିର୍ଦ୍ଦେଶିକ ‘ଦି ହାର୍ଟବିଟ୍‌ସ ଅଫ୍ ମେମୋରୀ’ ଆଦି ରହିଥିଲା। ଉଦ୍‌ଯାପନୀ ଦିବସର ଶେଷ ଫିଲ୍ମଭାବେ ବିଶ୍ୱର ଜଣେ ଖ୍ୟାତନାମା ଫଟୋଗ୍ରାଫର ଭାବେ ପରିଚିତ ପଦ୍ମଶ୍ରୀ ରଘୁ ରାଏଙ୍କ ଉପରେ ନିର୍ମିତ ‘ରଘୁ ରାଏ, ଆନ୍ ଅନ୍‌ଫ୍ରେମ୍‌ଡ ପୋଟ୍ରେଟ୍’ ପ୍ରଦର୍ଶିତ ହୋଇଥିଲା। ରଘୁ ରାଏଙ୍କ ଝିଅ ଅବନୀ ରାଏଙ୍କ ଦ୍ୱାରା ନିର୍ମିତ ଏହି ଫିଲ୍ମରେ ଜଣେ ଝିଅ କିଭଳି ନିଜ ବାପାଙ୍କ କାହାଣୀକୁ ଫିଲ୍ମ ମାଧ୍ୟମରେ ଦର୍ଶାଇଛି ତାହା ଦେଖିବାକୁ ମିଳିଥିଲା। ସେହିଭଳି ଫେଷ୍ଟିଭାଲ ବ୍ଲାକ୍ ବକ୍ସରେ ଜାପାନ, କୋରିଆ, ସ୍ପେନ୍ ଏବଂ ଭାରତର କିଛି ବଛା ବଛା ଫିଲ୍ମମେକରଙ୍କ ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପଦ୍ମଶ୍ରୀ ରଘୁ ରାଏଙ୍କ ସମେତ ଜେଡିସିଏ ଅଧ୍ୟକ୍ଷ ତଥା ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ ଦାସ ଉପସ୍ଥିତ ଥିଲେ।

**କରୋନା ଭାଇରସ୍ ସଚେତନତା**

Brought to you by: Apollo HOSPITALS BHUBANESWAR

**ଚିକିତ୍ସା**

ନୋଭେଲ୍ କରୋନା ଭାଇରସ୍ କାରଣରୁ ଜାତ ରୋଗର ଚିକିତ୍ସା ପାଇଁ କୌଣସି ସ୍ୱତନ୍ତ୍ର ଚିକିତ୍ସା ନାହିଁ । ଚିକିତ୍ସା ମୁଖ୍ୟତଃ ରୋଗୀଙ୍କ ନିଦାନିକ ସ୍ଥିତି ଭିତ୍ତିରେ ଲକ୍ଷଣ ଓ ସହାୟତା ଆଧାରିତ ହୋଇଥାଏ । ଏବେ ସୁଦ୍ଧା, କୌଣସି ଟିକା ଉପଲବ୍ଧ ହୋଇନାହିଁ । ୨୦୧୯-nCoV ରେ ପୀଡ଼ିତ ଥିବାର ସନ୍ଦେହ କରାଯାଉଥିବା/ସୁନିଶ୍ଚିତ ହୋଇଥିବା ରୋଗୀଙ୍କ ପରିବାର ସଦସ୍ୟଙ୍କ ଲାଗି ପ୍ରାକ୍-ସତର୍କତା

- ହାତକୁ ବାରମ୍ବାର ଏବଂ ଭଲଭାବେ ସାବୁନ ଓ ପାଣିରେ ଅତିକମ୍‌ରେ ୨୦ ସେକେଣ୍ଡ ପାଇଁ ଧୁଅନ୍ତୁ ।
- ଯଦି ସାବୁନ ଓ ପାଣି ଉପଲବ୍ଧ ନ ହୋଇଥାଏ ଏବଂ ଯଦି ଆପଣଙ୍କ ହାତ ଏତେ ମଇଳା ହୋଇ ନ ଥାଏ ତେବେ ଆଲକହଲ ଭିତ୍ତିକ ହ୍ୟାଣ୍ଡ ସାନିଟାଇଜର୍ ବ୍ୟବହାର କରନ୍ତୁ ।
- ଅଧୁଆ ହାତରେ ନିଜ ଆଖି, ନାକ ଓ ପାଟିକୁ ଛୁଅଁନ୍ତୁ ନାହିଁ ।
- ରୋଗୀଙ୍କ ଯତ୍ନ ଘରେ ନେଉଥିଲେ, କେବଳ ଜରୁରୀ ଲୋକଙ୍କୁ ହିଁ ଘରେ ରହିବାକୁ ଦିଅନ୍ତୁ । ସମ୍ଭବ ହୋଇଥିଲେ ଅନ୍ୟାନ୍ୟ ପରିବାର ସଦସ୍ୟମାନଙ୍କୁ ଅନ୍ୟ ଏକ ଘରକୁ ପଠାନ୍ତୁ କିମ୍ବା ଅନ୍ୟ କୋଠରିରେ ରଖନ୍ତୁ ଅର୍ଥାତ୍ ରୋଗୀଙ୍କଠାରୁ ଅନ୍ୟମାନଙ୍କୁ ଯଥାସମ୍ଭବ ଦୂରରେ ରଖନ୍ତୁ।
- ଉପଲବ୍ଧ ଥିଲେ, ପୃଥକ୍ ସ୍ନାନାଗାର/ଶୌଚାଳୟ ବ୍ୟବହାର କରନ୍ତୁ ।
- ଯେଉଁମାନେ ଜରୁରୀ ନୁହନ୍ତି ସେପରି ଆଗନ୍ତୁକ-ମାନଙ୍କ ଯା'ଆସ ଉପରେ କଟକଣା ଲଗାନ୍ତୁ ।
- ବୟୋଜ୍ୟେଷ୍ଠ ବ୍ୟକ୍ତି/ଦୁର୍ବଳ ରୋଗ ପ୍ରତିରୋଧ କ୍ଷମତାଧାରୀ ବ୍ୟକ୍ତି/ ହୃଦ୍‌ରୋଗ, ଫୁସ୍‌ଫୁସ୍ କିମ୍ବା କିଡ୍‌ନୀ ରୋଗ ଓ ଡାଇବେଟିସ୍ ଭଳି ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ବ୍ୟକ୍ତିମାନଙ୍କୁ ପ୍ରଭାବିତ ବ୍ୟକ୍ତିଙ୍କଠାରୁ ଦୂରରେ ରଖନ୍ତୁ ।
- ଝରକାଗୁଡ଼ିକୁ ଖୋଲା ରଖନ୍ତୁ ଏବଂ ଏୟାର୍ କଣ୍ଡିସନର୍‌କୁ ଚାଲିବାକୁ ଦିଅନ୍ତୁ ।
- ବ୍ୟକ୍ତିଙ୍କ ରକ୍ତ, ଶାରୀରିକ ତରଳ ଏବଂ/କିମ୍ବା କ୍ଷରଣ - ଝାଳ, ଲାଳ, କଫ, ସିଂଘାଣି, ବାନ୍ତି, ମୂତ୍ର କିମ୍ବା ଝାଡ଼ା ସଂସ୍ପର୍ଶରେ ଆସିବାର ଥିଲେ ଡିସ୍‌ପୋଜେବଲ୍ ଫେସ୍‌ମାସ୍କ, ଗାଉନ୍ ତଥା ଆବଶ୍ୟକତାସ୍ଥଳେ ଗ୍ଲୋଭ୍‌ସ ପିନ୍ଧନ୍ତୁ ।
- ବ୍ୟବହାର ପରେ ଫେସ୍‌ମାସ୍କ, ଗାଉନ୍ ଏବଂ ଗ୍ଲୋଭ୍‌ସକୁ ଫୋପାଡ଼ିଦିଅନ୍ତୁ ଓ ତୁରନ୍ତ ହାତ ଧୁଅନ୍ତୁ ।
- ସଂକ୍ରମିତ ହୋଇଥିବାର ସନ୍ଦେହ ଥିବା ବ୍ୟକ୍ତିଙ୍କ ସହ ତଉଲିଆ, ଖାଇବା ବାସନକୁସନ, ପାଣି ଗ୍ଲାସ୍, କପ୍, ବିଛଣା କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଭାଗ କରନ୍ତୁ ନାହିଁ ।
- ବ୍ୟବହାର ପରେ ଭଲ ଭାବେ ସାବୁନ ଓ ପାଣିରେ ଧୁଅନ୍ତୁ।
- କାଉଣ୍ଟର୍, ଟେବୁଲଟପ୍, ଡୋର୍‌ନବ୍, ବାଥ୍‌ରୁମ୍ ଫିକ୍ସର୍, ଶୌଚାଳୟ, ଫୋନ୍, କୀବୋର୍ଡ, ଟାବ୍‌ଲେଟ୍ ଏବଂ ବେଡ୍‌ସାଇଡ୍ ଟେବୁଲ ଭଳି ସମସ୍ତ ‘‘ଉଚ୍ଚ-ସ୍ପର୍ଶ’’ ପୃଷ୍ଠଗୁଡ଼ିକୁ ସବୁଦିନ ସଫା କରନ୍ତୁ ।




(କ୍ରମଶଃ...)

ଡା. ସୁନୀତା ସାହୁ, ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ୍ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬

# ଇଚ୍ଛା ଥିଲେ ଏଡ଼ାଇ ହେବ

ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତା'ର ନିର୍ଦ୍ଦିଷ୍ଟ ଉଚ୍ଚତାଠାରୁ କମ୍‌ରେ ଓହଳି ରହିବା ଏକ ଚିରାଚରିତ ଘଟଣା। ୨୦୧୮ ଅକ୍ଟୋବର ୨୭ରେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଳାଙ୍ଗ ଗ୍ରାମ ନିକଟରେ ବିଦ୍ୟୁତ୍ ଆଘାତରେ ଏକାଥରକେ ୭ ହାତୀଙ୍କ ମୃତ୍ୟୁ ଘଟିବା ସେତେବେଳେ ଆଲୋଡ଼ନ ସୃଷ୍ଟି କରିଥିଲା। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଭୂମିଠାରୁ ମାତ୍ର ୫ ଫୁଟ୍ ଉଚ୍ଚତାରେ ଓହଳିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏହି ହାତୀଙ୍କ ମୃତ୍ୟୁ ଘଟିଥିଲା। ସମ୍ପୃକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) କର୍ତ୍ତୃପକ୍ଷ କହିଥିଲେ ଯେ, ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ତାର ଓହଳି ପଡ଼ିଥିଲା ସେ ବିଷୟରେ ବନ ବିଭାଗ ପୂର୍ବରୁ ଜଣାଇ ନ ଥିଲା। ଅନ୍ୟପକ୍ଷରେ ବନ ବିଭାଗ ଦାବି କରିଥିଲା ଯେ, ଏହି ଓହଳିଥିବା ବିଦ୍ୟୁତ୍ ତାର ସମ୍ପର୍କରେ ପୂର୍ବରୁ ସେସୁକୁ ଚେତାଇ ଦିଆଯାଇଥିଲା। ଏଭଳି ଦୋଷ ଲଦାଲଦି ଘଟଣା ହାତୀ ମୃତ୍ୟୁକୁ ବଳି ଯାଇଥିଲା। ଏବେ ୯ ଫେବୃୟାରୀ ୨୦୨୦ରେ ଗଞ୍ଜାମ ଜିଲା ବ୍ରହ୍ମପୁରର ଗୋଳନ୍ଥରା ଥାନା ଅନ୍ତର୍ଗତ ମେଣ୍ଟରାଜପୁରରେ ଏକ ଯାତ୍ରୀବାହୀ ବସ୍ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ପରେ ୧୦ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ନିର୍ବନ୍ଧ ପାଇଁ ବସ୍‌ଟି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଏହା ପରେ ପରିବହନ ମନ୍ତ୍ରୀ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ରାସ୍ତାରେ ବଡ଼ ବସ୍ ଯିବା ଉଚିତ ନ ଥିଲା ବୋଲି ପ୍ରଶ୍ନ ଉଠିଲାଣି। ଏଭଳିସ୍ଥଳେ ଘଟଣା କେଉଁ ରୂପ ଧାରଣ କରିବ ପରେ ଜଣାପଡ଼ିବ। ତେବେ ସମ୍ମୁଖରେ ୧୧ କେଭି ତାର ଓହଳିଥିବା ବସ୍ ଡ୍ରାଇଭର ଦେଖି ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଅନ୍ୟପକ୍ଷରେ ୯ ଫେବୃୟାରୀରେ ବାଲେଶ୍ୱର ଜିଲା ବାଲିଆପାଳ ଡଗରା ରାସ୍ତାର ଗଦାଧରଗିରି ସ୍କୁଲ ନିକଟରେ ଓହଳିପଡ଼ିଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଏକ ବସ୍ ଆସିବା କ୍ଷଣି ଡ୍ରାଇଭର ଉପସ୍ଥିତ ବୁଦ୍ଧି ଖଟାଇ ତାହାକୁ ପଛକୁ ଆଣିବାରୁ ୭୦ ପର୍ଯ୍ୟଟକ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଯାଇଛନ୍ତି। ୧୧ କେଭି ଭଳି ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର କେଉଁ ଅଞ୍ଚଳରେ କିଭଳି ଭାବେ ରହିଛି ଏହି ଦୁଇଟି ଘଟଣାରୁ ବୁଝାପଡ଼ିଯାଉଛି।

ଏହାବ୍ୟତୀତ ଦେଖାଯାଉଛି ଭିତ୍ତିଭୂମି ଉନ୍ନୟନ ଦାୟିତ୍ୱରେ ରହୁଥିବା ସଂସ୍ଥା ବା ବ୍ୟକ୍ତିଙ୍କ ଖାମଖିଆଲ କାର୍ଯ୍ୟ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ବିଦ୍ୟୁତ୍ କଥା ଦେଖିଲେ, ଏହା ଖୁଣ୍ଟରୁ ଖୁଣ୍ଟକୁ ଟଣାଯାଇଥିବାରୁ ଏହାକୁ ବାରମ୍ବାର ଯାଞ୍ଚ କରାଯିବା କଥା। ଯେତେବେଳେ ଏହା ଭୂମି ଉପରେ ଛିଣ୍ଡିପଡ଼େ ବା ନିର୍ଦ୍ଦିଷ୍ଟ ଉଚ୍ଚତା ତଳକୁ ଓହଳିପଡ଼େ, ସେତେବେଳେ ତାହା ବିପଦପୂର୍ଣ୍ଣ ହୋଇଯାଏ। ସେଭଳି ସ୍ଥଳେ ସଚେତନ ନ ଥିବା ବ୍ୟକ୍ତି ଦୁର୍ଘଟଣାର ସମ୍ମୁଖୀନ ହୋଇଥାଆନ୍ତି। ଏହା ପରେ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କୁ ଆର୍ଥିକ ଅନୁକମ୍ପା ଦିଆଯାଏ ଓ ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିଥାଆନ୍ତି। ଏହା ହୋଇଗଲାଣି ଚିରାଚରିତ ପ୍ରକ୍ରିୟା। କିନ୍ତୁ ଯେଉଁମାନଙ୍କ ପାଇଁ ଏତେବଡ଼ ଦୁର୍ଘଟଣା ଘଟେ ସେମାନଙ୍କୁ ଧରିବା ସହଜ ହୋଇ ନ ଥାଏ। ଜନସାଧାରଣଙ୍କ ଆଡୁ ବ୍ୟବସ୍ଥା ଉପରେ ଚାପ ପ୍ରୟୋଗ ହେଲେ ତତ୍କ୍ଷଣାତ୍ କେତେକ ତଳିଆ କର୍ମଚାରୀଙ୍କୁ ନିଲମ୍ବିତ କିମ୍ବା ବହିଷ୍କାର କରାଯିବାର ନଜିର ରହିଛି। ପୁଣି ସରକାରୀ ବ୍ୟବସ୍ଥାରେ ତଦନ୍ତ ମାସ ମାସ କିମ୍ବା ବର୍ଷ ବର୍ଷ ମଧ୍ୟ ଗଡ଼ିଚାଲିଥାଏ। ଦାୟିତ୍ୱରେ ଅବହେଳା କରିଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବା ପୂର୍ବରୁ ଆହୁରି ଅନେକ ଘଟଣା ଘଟି ଯାଉଥିବାରୁ ଜନସାଧାରଣ ପଛ କଥା ଭୁଲି ଯାଇଥାଆନ୍ତି। ଏବେ ବିଦ୍ୟୁତ ବିଭାଗ ବକେୟା ବିଲ୍ ନେଇ ଯେଭଳି ତତ୍ପରତା ଦେଖାଉଛନ୍ତି, ସେହି ଅନୁଯାୟୀ ସୁରକ୍ଷାକୁ ଗୁରୁତ୍ୱ ଦେଲେ ପରିସ୍ଥିତିରେ ଅନେକ ପରିବର୍ତ୍ତନ ଆସିପାରନ୍ତା।

ରାଜ୍ୟର ବିଭିନ୍ନ ଅଞ୍ଚଳରେ ବହୁଦିନ ଧରି ବିଦ୍ୟୁତ୍ ତାର ବିପଜ୍ଜନକ ଅବସ୍ଥାରେ ଓହଳି ରହୁଥିବା ସମସ୍ତେ ଦେଖିଥାଆନ୍ତି। ବାରମ୍ବାର ଅଭିଯୋଗ ହେଲେ ମଧ୍ୟ ବିଦ୍ୟୁତ୍ କର୍ମଚାରୀ ଓ ଅଧିକାରୀମାନେ ସେଥିପ୍ରତି ନଜର ଦେଇ ନ ଥାନ୍ତି। ଅଧିକାଂଶ ସ୍ଥାନରେ ଅତି ପୁରୁଣା ଯନ୍ତ୍ରାଂଶ ବ୍ୟବହୃତ ହେଉଛି। ମାଟି ତଳେ କେବୁଲ ମାଧ୍ୟମରେ ବିଦ୍ୟୁତ୍ ତାର ବିଛାଇବା ବ୍ୟବସ୍ଥା ସୃଷ୍ଟି ହୋଇପାରୁ ନାହିଁ। କେବଳ ବଡ଼ ଦୁର୍ଘଟଣା ଘଟିଯିବା ପରେ ଉଚ୍ଚ କର୍ତ୍ତୃପକ୍ଷ ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରାଯିବ ଓ କର୍ମଚାରୀଙ୍କୁ ଅଧିକ ସଚେତନ କରାଯିବ ବୋଲି କହି ଗଳ୍ପ ସମାପ୍ତ କରିଦିଅନ୍ତି। ମାତ୍ର ବାସ୍ତବତାକୁ ଲୋକେ ପୁଣି ସମ୍ମୁଖୀନ ହୋଇ ଚାଲିଥାଆନ୍ତି। ଏହାର ପ୍ରତିକାର କୌଣସି ତଳିଆ କର୍ମଚାରୀଙ୍କୁ ନିଲମ୍ବିତ କଲେ ମିଳିବ ନାହିଁ। ସମସ୍ୟାର ସମାଧାନ ପାଇଁ ଇଚ୍ଛୁକ କର୍ତ୍ତୃପକ୍ଷ ଲୋକଙ୍କଠାରୁ ବାସ୍ତବ ପରିସ୍ଥିତି ଜାଣିବାର ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଆଗକୁ ଦୁର୍ଘଟଣା ଘଟିବ ବୋଲି ଜାଣି ସ୍ଥାନୀୟ ବାସିନ୍ଦା ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କୁ ଜଣାଇଥିବାର ଅନେକ ନଜିର ରହିଛି। କିନ୍ତୁ ସେମାନେ ଗାଲୁଆମି କରି ନିଷ୍କ୍ରିୟ ରହିଯାଆନ୍ତି। ଫଳରେ ଦୁର୍ଘଟଣା ଘଟିଥାଏ। ଯଦି ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗକୁ ତତ୍କ୍ଷଣାତ୍ ଗୁରୁତ୍ୱ ଦିଆଯାଆନ୍ତା, ସମ୍ଭବତଃ ଅଧିକାଂଶ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରନ୍ତା।

# ଭାଷାବଗିଚାକୁ ଗାଉଁଲି ଚାରା



ପଦ୍ମନାଭ ସାହୁ

ଜାତିର ଜୀବନ ଭାଷା। ଭାଷାର ରୂପ ଭିତରେ ଜାଜ୍ୱଲ୍ୟମାନ ଗୋଟିଏ ଜାତିର ପରିଚୟ। ଭାଷାର ସମୃଦ୍ଧିରେ ଦେଶ ଓ ସମାଜର ବିକାଶ ସାଧିତ ହୋଇଥାଏ। ଓଡ଼ିଆ ଭାଷା ଓଡ଼ିଶାର ଗୌରବ ଗରିମାର ଗାଥା ଗାନ କରେ। ଭାରତବର୍ଷର ପ୍ରାଚୀନତମ ଭାଷା ଭାବେ ଆମ ଓଡ଼ିଆ ଆଜି ସର୍ବତ୍ର ସ୍ୱୀକୃତ। ୨୦୧୪ ମାର୍ଚ୍ଚ ୧୧ରେ ଓଡ଼ିଆକୁ ଦେଶର ଷଷ୍ଠ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ମିଳିବା ଏହାର ପ୍ରମାଣ।

ବିଶ୍ୱ ମାନଚିତ୍ରରେ ସୀମିତ ଭୂଖଣ୍ଡର ରାଷ୍ଟ୍ର ଇଂଲଣ୍ଡ। ମାତ୍ର ଛବିଶଗୋଟି ଅକ୍ଷରରେ ସଜ୍ଜିତ ତାଙ୍କ ଭାଷା। ଅଧୁନା ସମଗ୍ର ବିଶ୍ୱରେ ଭାବ ଆଦାନପ୍ରଦାନର ମାଧ୍ୟମ ରୂପେ ବ୍ୟବହୃତ। ଇଂଲିଶ ଭାଷା ସମୃଦ୍ଧିର ଶିଖରରେ ପହଞ୍ଚି ପାରିବାର ଅନ୍ୟତମ ମୁଖ୍ୟ କାରଣ ହେଲା, ଜଗତର ବିଭିନ୍ନ କୋଣ ଅନୁକୋଣରେ ରହିଥିବା ଭାଷା ବଗିଚାରୁ ଶବ୍ଦବୀଜର ଚାରାଗଛମାନ ଆଣି ନିଜ ଭାଷା ଉଦ୍ୟାନରେ ସେମାନେ ରୋପଣ କରିଛନ୍ତି। ଦେଶ, ବିଦେଶ ତଥା ଆଞ୍ଚଳିକ ଭାଷାର ଶବ୍ଦରାଜି ମଧ୍ୟରୁ ଉପାଦେୟ ଶବ୍ଦ ଚୟନ କରି ଆମ ଭାଷା ଭଣ୍ଡାରରେ ଗଚ୍ଛିତ କଲେ ଓଡ଼ିଆ ଭାଷା ଯେ ଆହୁରି ମହିମାନ୍ୱିତ ହୋଇପାରିବ, ଏହା ନିଃସନ୍ଦେହ।

ଓଡ଼ଶାର ଭୌଗୋଳିକ ସ୍ଥିତିକୁ ସାଧାରଣତଃ ଚାରିଗୋଟି ଅଞ୍ଚଳରେ ବିଭକ୍ତ କରାଯାଏ। ଉପକୂଳ ଓଡ଼ିଶା, ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶା। ଓଡ଼ିଶାର ସ୍କୁଲ କଲେଜଗୁଡ଼ିକରେ ପ୍ରଚଳିତ ପୁସ୍ତକଗତ ଶୁଦ୍ଧ ଓଡ଼ିଆ ପ୍ରାୟତଃ ଉକ୍ତ ଚାରି ଅଞ୍ଚଳ ଭିତରୁ କୌଣସିଠାରେ ବି କଥାବାର୍ତ୍ତା ବେଳେ ଯେମିତିକୁ ସେମିତି ବ୍ୟବହୃତ ହୁଏନାହିଁ। ପ୍ରତ୍ୟେକ ଅଞ୍ଚଳବାସୀଙ୍କର ଓଡ଼ିଆ କଥିତ ଭାଷା ହୋଇଥିଲେ ହେଁ ନିଜସ୍ୱ ଅଞ୍ଚଳର କିଛି କିଛି ବ୍ୟାବହାରିକ ଶବ୍ଦକୁ ବାର୍ତ୍ତାଳାପରେ କ୍ରମାଗତ ଭାବେ ସେମାନେ ଉପଯୋଗ କରି ଆସୁଛନ୍ତି। କଥିତ ଭାଷାର ଉକ୍ତ ମୌଳିକ ଶବ୍ଦ ବା ଓଡ଼ିଆ ପ୍ରତିଶବ୍ଦଗୁଡ଼ିକୁ ଠାବକରି ଓଡ଼ିଆ ଭାଷାକୋଷରେ ସଂରକ୍ଷଣ କଲେ ଆମ ମାତୃଭାଷା ଅବଶ୍ୟ ଐଶ୍ୱର୍ଯ୍ୟବିମଣ୍ଡିତ ହେବ।

ଉତ୍ତର ଓଡ଼ିଶାର ଉପାନ୍ତ ଜିଲା ମୟୂରଭଞ୍ଜ। ଆୟତନରେ ଏହା ରାଜ୍ୟର ସର୍ବବୃହତ୍ ଜିଲା। ଜିଲାରେ ସାଧାରଣ ବର୍ଗ ତଥା ପ୍ରାୟ ପଞ୍ଚଷଠି ସମ୍ପ୍ରଦାୟର ତଫସିଲଭୁକ୍ତ ଜାତି ଓ ଜନଜାତିର ଲୋକ ବସବାସ କରନ୍ତି। ଆଦିବାସୀ ସମ୍ପ୍ରଦାୟଗୁଡ଼ିକର ଅଲଗା ଅଲଗା ଭାଷା ରହିଥିଲେ ହେଁ ଜିଲାବାସୀ ସକଳେ ଓଡ଼ିଆରେ ବାର୍ତ୍ତାଳାପ କରିଥାଆନ୍ତି। ପୁରାଣବର୍ଣ୍ଣିତ ସାଗରମନ୍ଥନରୁ ଅମୃତ ପ୍ରାପ୍ତ ହେଲା ଭଳି ଏଠାକାର ସାଧାରଣବର୍ଗ ଓ ଆଦିବାସୀମାନଙ୍କ ଭାଷା ଆଦାନପ୍ରଦାନ ପ୍ରକ୍ରିୟାରୁ ବହୁ ନୂତନ ଶବ୍ଦ ବିକଶିତ ହୋଇଥିବା ଦେଖାଯାଏ। ଜିଲାରେ କଥିତ ହେଉଥିବା ଉକ୍ତ ଶବ୍ଦଗୁଡ଼ିକ ଉପରେ ଆଲୋକପାତ କରିବା ଏଇ କ୍ଷୁଦ୍ର ନିବନ୍ଧର ଲକ୍ଷ୍ୟ ଓ ଆଭିମୁଖ୍ୟ।

ଗଡ଼ଜାତ ଶାସନ କାଳରେ ତତ୍କାଳୀନ ମୟୂରଭଞ୍ଜର ଅବସ୍ଥିତି ଅନୁଯାୟୀ ଷ୍ଟେଟ୍‌କୁ ଉପରଭାଗ, ମଝାଲଭାଗ ଓ ନିଛିଲାଭାଗ ଏହିଭଳି ତିନିଗୋଟି ପ୍ରଗଣାରେ ବିଭକ୍ତ କରାଯାଇଥିଲା। ତନ୍ମଧ୍ୟରୁ ଷ୍ଟେଟ୍‌ର ଉପରଭାଗରେ ପ୍ରଚଳିତ ଓଡ଼ିଆ ଭାଷାର ଉଚ୍ଚାରଣ ଥିଲା ନିଆରା। ଇଲାକାକୁ ଲାଗିଥିବା ପଡ଼ୋଶୀ ଦୁଇ ରାଜ୍ୟ ଯଥାକ୍ରମେ ବିହାର (ବର୍ତ୍ତମାନର ଝାଡ଼ଖଣ୍ଡ) ଓ ବେଙ୍ଗଲର ହିନ୍ଦୀ, ବେଙ୍ଗଲୀ ଭାଷା ଛାୟାରେ ଲୋକମାନେ ଏଠାରେ ଆପଣା ବାଚନିକ ଶବ୍ଦକୁ ହଳନ୍ତ ଯୁକ୍ତ କରି ବୋଲନ୍ତି। ତେବେ ଉତ୍ତର ଓଡ଼ିଶା ଓ ଉପାନ୍ତ ମୟୂରଭଞ୍ଜରେ ପ୍ରଚଳିତ ଆହୁରି ଅସଂଖ୍ୟ ନିଜସ୍ୱ ମୌଳିକ ଓଡ଼ିଆ ଶବ୍ଦ ରହିଛି, ଯେଉଁଗୁଡ଼ିକୁ ବି ଏଯାଏ ଆମ ଶବ୍ଦକୋଷରେ ସ୍ଥାନ ମିଳିନାହିଁ। ଏଥିରୁ କେତେକ ଶବ୍ଦକୁ ନିମ୍ନରେ ଉଦ୍ଧାର କରି ଭାଷାବିତ୍‌ମାନଙ୍କୁ ଅନୁରୋଧ ଜଣାଉଛୁ ଏହା ଉପରେ ବିଧିବଦ୍ଧ ଗବେଷଣା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଅନ୍ତୁ। ଉଲ୍ଲିଖିତ ଶବ୍ଦାବଳୀକୁ ଓଡ଼ିଆ ଶବ୍ଦଭଣ୍ଡାରରେ ସଯତ୍ନ ସାଇତି ରଖିଲେ ପଲ୍ଲୀମାଟିର ଫୁଲ ହୋଇ ଦିନେ ନା ଦିନେ ଏହା ଓଡ଼ିଆ ଭାଷାକୁ ଗୌରବମୟ କରିବ।

ଓଡ଼ିଶାରେ ଏକପ୍ରକାର ଖାଦ୍ୟର ବିଭିନ୍ନ ନାମକରଣ ରହିଛି। ଉଦାହରଣ ସ୍ୱରୂପ, ଉତ୍ତରଓଡ଼ିଶା ଓ ଉପାନ୍ତ ମୟୂରଭଞ୍ଜର ଲୋକେ ମୁଢ଼ିକୁ ଭୁଜା କହୁଥିବା ବେଳେ ଉଖୁଡାକୁ ମୁଡୁକି, ଅରୁଆ ଚାଉଳକୁ ଉଆ ଚାଉଳ, ତରକାରିକୁ ତୁଣ, ମାଂସକୁ ମାଉଁସ ବା ନାଲ୍‌ଭାଜି ବୋଲନ୍ତି। ଉତ୍ତରଓଡ଼ିଶାର ଗ୍ରାମୀଣ ଅଧିବାସୀ ଜାମାକୁ ତଦ୍ରୂପ ଅଙ୍ଗା କହନ୍ତି ତ ଫୁଲ୍‌ପ୍ୟାଣ୍ଟକୁ ପୂରାପେଣ୍ଟ ଭାବେ ନାମିତ କରନ୍ତି। ରାଜ୍ୟର କେତେକ ପନିପରିବା ଓ ଫଳର ନାମ ବି ଅଞ୍ଚଳଭେଦରେ ଭିନ୍ନପ୍ରକାରର। ଯେପରି କି ନାଡୁକାକୁ ରୁହ୍ନା, ଶିମ୍ବକୁ ଝଟୁଆ, ଜହ୍ନିକୁ ଝିଙ୍ଗା, ସାରୁ ପ୍ରଜାତିଶାଗକୁ ଗାଡରିଶାଗ, ପିଜୁଳିକୁ ପେଡା ଓ ଆତକୁ ମେହା ନାମରେ ଲୋକେ କହିଥାଆନ୍ତି। ଏହାଛଡ଼ା ପଡ଼ୋଶୀ ଝାଡ଼ଖଣ୍ଡସ୍ଥିତ ପୂର୍ବ ସିଂହଭୂମ ଜିଲାରେ କେଇଗୋଟି ପଶୁପକ୍ଷୀ ଓ କୀଟପତଙ୍ଗ ମଧ୍ୟ ଭିନ୍ନ ନାମରେ ପରିଚିତ ହୁଅନ୍ତି। ସେମାନେ ହେଲେ, ବିଲୁଆ–ଶିଆଳ, ଘରଚଟିଆ–ଚଟା, ଝଡ଼ିପୋକ–କଲେଇ, ଏଣ୍ଡୁଅ–କେଁକଡ, ଝିଣ୍ଟିକା–ଫିଙ୍ଗା ଓ ମାଛ ଯାଆଁଳ–ପହଁଣା ଇତ୍ୟାଦି।

କେତେକ ଘରକରଣା ଦ୍ରବ୍ୟକୁ ଅଞ୍ଚଳବାସୀ ପୃଥକ୍ ପୃଥକ୍ ନାମରେ ଚିହ୍ନନ୍ତି। ଯଥା ନୁଟା–ଟୁକୁଣା, ଗିନା–ତାଟିଆ, ଡୁଙ୍କି–କରଚୁଲି, ଖଣତି–ଖୁସିଣି, ଗଗରା–ଭର୍ଣ୍ଣା, କରେଇ–ନହତା, ଦୀପ–ବଇଠା, ସପ–ପଟିଆ, ଟୋକେଇ–ପାଛିଆ, ଛୋଟ ଟୋକେଇ–ଟୁକୁଲି, ଶସ୍ୟ ସଞ୍ଚି ରଖିବାର ବିଶାଳ ଟୋକେଇ–ଡୁଲି, କୁରାଢ଼ି–ବୁଟିଆ, ମୋଟା ଦଉଡି–ବରେଇ, ଘାରି–ଘାଡରି, ଖଇଞ୍ଚି–ଦାଲପା, ମୁଗୁରା–କୁଣି ଓ ନଡା–ନୁଟି/କୁଟା ଇତ୍ୟାଦି।

ଜମିଜମା ଓ ଚାଷୋପକରଣ କ୍ଷେତ୍ରରେ ବ୍ୟବହାର କରୁଥିବା ଶବ୍ଦରେ ତାରତମ୍ୟ ରହିଛି। ଯଥା ଗହୀର ଜମି–ବେଡାଜମି, ପଥୁରିଆ ବା ଉଚ୍ଚଜମି–ଡିପଜମି, ବେଉଷଣ–କଡାଣ, ଦ୍ୱିତୀୟ ବେଉଷଣ–ଦୁଆ, ମାଟି କୋରିବା ଲଙ୍ଗଳ–କୁରଳ, ମାଟିକୁ ସମତଳ କରିବା ଲଙ୍ଗଳ–ମଇ, ବାଡ–ବାଦାଡ ଏବଂ ବାଡ ବନ୍ଦ କରିବା– ତାଟି ଝାମ୍ପ ଆଦିର ବ୍ୟବହାର କାଳ କାଳ ଧରି ଏଠାରେ ଚଳି ଆସୁଛି।

ଉତ୍ତର ଓଡ଼ିଶାରେ କ୍ରିୟାବାଚକ ବହୁ ଓଡ଼ିଆ ଶବ୍ଦ ଭିନ୍ନ ନାମରେ ପରିଚୟ ପ୍ରଦାନ କରନ୍ତି। ଶବ୍ଦଗୁଡ଼ିକ ବହୁଳ ଭାବେ ହଳନ୍ତଯୁକ୍ତ। ସେଗୁଡ଼ିକ ଭିତରୁ କେତେକ ଏଠାରେ ସ୍ଥାନିତ କରୁଛୁ। ଯେପରି କି ଉଣ୍ଡିବା– ଚିହ୍ନିଙ୍କିବା/ ହୁଲକିବା/ ନିହିଡିବା, ଚିତ୍କାର କରିବା– ଚିହିଡିବା, ଧାଇଁବା– ଘଟକିବା, ସୁଡୁରେଇବା– ଗେଣ୍ଡେଇବା, ବିଦ୍ରୂପ କରିବା– ଚିଗ୍‌ଲେଇବା, ପୁଟ୍‌କିବା– ଖସ୍‌ରିଯିବା, ବନେଇବା– ତିଆରି କରିବା, ମୁଣ୍ଡ କୁଣ୍ଡେଇବା– ମୁଣ୍ଡ ଖାଁକିବା, ଉକାଳିଦେବା– ଉଲ୍‌ଗିବା, ଯୁକ୍ତିତର୍କ– ରେଙ୍ଗାଘେଁସ, ଲାଖିଯିବା– ନଟକିବା, ଢିଲା– ହଣ୍‌ଗା, ଉଭେଇଯିବା– ନିମ୍‌ଜିଯିବା, ଦୁଷ୍ଟାମି–ଉଗ୍ରୀ, ବକର୍ ବକର୍–କେଚେର୍ କେଚେର୍/ଗେଜେର୍ ଗେଜେର୍, ଫନ୍ଦିଫିକର–ଫିର୍‌କିଟି, ବିକଳ ମନ– ଉଲୁତୁକୁ, ଉସକେଇବା– ଟିହେଇବା, ଫପାଡିବା– ଫାବ୍‌ଡିବା, ଘୁଙ୍ଗୁଡି– ଘଁଟ୍‌ରା, ଚିରିବା– ପିଞ୍ଜିବା, ହଇରାଣ– ଛିଲବିଲ, ଦାନ୍ତ ଦେଖେଇବା– ଗିଜିଡିବା, ତରକେଇବା– ଭିଡ଼କେଇବା, ଲଗ୍ନଧରା– ନଗଧରା, ବଡ଼ ଆଖିରେ ଚାହିଁବା– ଏଣ୍ତରେଇବା, ମୁହଁ ଆମ୍ପିଲା କରିବା– ମୁହଁ ଉନ୍ଦ୍‌ରେଇବା ଓ ଚିନ୍ତାଦକ– ହୁଲ୍‌ଡୁଲ୍ ଇତ୍ୟାଦି।

ଏଠିକା ଗାଆଁଗହଳିର ଲୋକେ କହୁଥିବା କେତେକ ଓଡ଼ିଆ ଶବ୍ଦର ଭିନ୍ନ ନାମ ନିମ୍ନରେ ପ୍ରଦାନ କରୁଛୁ। ଯଥା– ମହିଳା–ମାଇଡା/ମାହାଡା, ପିଲାର ମାଆ ହୋଇ ନ ଥିବା ଭୁଆସୁଣୀ– ଦିଣ୍ଡା, ଦ୍ୱିତୀୟ ବିବାହ–ସଙ୍ଗା, ରକ୍ଷିତା–ଢେମ୍‌ଣୀ, ବିଟପୀ–ସାତଘରୀ, ପୋଲା–ଧଡ୍‌ରା, ମେଲା–ଭଙ୍ଗ୍‌ଲ, ବହୁତ–ବେଡେ, ପର୍ଯ୍ୟାପ୍ତ–ବେଜାଏଁ, ଅସ୍ୱାଦୁ–ବିଜକିଟିଆ, କ'ଣ ପାଇଁ–କେନେ, ଅଳିଆ–ଜୁବ୍‌ରା, ଅଶ୍ୱତ୍ଥ ଗଛ– ଜଳିଗଛ ଏବଂ କର୍ମ–ପାଇଟି ଆଦି। ଉତ୍ତର ଓଡ଼ିଶାର ଉପାନ୍ତ ଇଲାକାରେ ପ୍ରଚଳିତ ଉପରୋକ୍ତ କଥିତ ଭାଷାର ଶବ୍ଦାବଳୀରୁ ଉପାଦେୟ ଶବ୍ଦମାନ ଖୋଜି ଓଡ଼ିଆ ଶବ୍ଦକୋଷରେ ସାଇତି ରଖିଲେ ଆମ ଭାଷାବାଟିକା ଯେ ଅଧିକ ବ୍ୟାପ୍ତ, ଆକର୍ଷଣୀୟ ଓ ସୌରଭ ବିତରଣକାରୀ ହେବ, ଏଥିରେ ସନ୍ଦେହ ନାହିଁ।

ଦାରୋଗାଡାହି, ବାରିପଦା, ମୟୂରଭଞ୍ଜ,
ମୋ–୯୪୩୭୨୧୮୬୦୮

# ମନ ଫେରୁଛି ବହିକୁ



ଉପେନ୍ଦ୍ର ବିଶ୍ୱାଳ

ଦୈନିକ 'ଧରିତ୍ରୀ'ର ଲେଖିକା ଓ ଲେଖକମାନଙ୍କର ଥିଲା ବନ୍ଧୁମିଳନ କାର୍ଯ୍ୟକ୍ରମ। ସମ୍ମାନନୀୟ ସମ୍ପାଦକ ସଭିଙ୍କ ସାମ୍ନାରେ ସୁନ୍ଦର କଥାଟିଏ ରଖିଥିଲେ ସେଦିନ। କେମିତି ବଢ଼ାଯାଇ ପାରିବ ପଠନ ପ୍ରୀତି ଓ ପାଠକଙ୍କ ସଂଖ୍ୟା– ଏହିପରି ଏକ ଆତ୍ମିକ ଆବେଦନ ଥିଲା ତାଙ୍କର। ବାସ୍ତବରେ ଦିନକୁ ଦିନ ବଢ଼ି ଚାଲିଛି ପତ୍ରପତ୍ରିକା ସଂଖ୍ୟା। ବଢ଼ି ଚାଲିଛି ବି ବହି ଛପା। ମାତ୍ର ବଢୁନି ପାଠକ ସଂଖ୍ୟା। ବରଂ ସମ୍ମୋହିତ କରିଚାଲିଛି ସାମାଜିକ ଗଣମାଧ୍ୟମ। ଦୁନିଆର ଦୃଶ୍ୟପଟରେ ଗ୍ରନ୍ଥର ଗୁରୁତ୍ୱକୁ ଯେ ଦେଶ ଯେମିତି ବୁଝିଛି, ସେ ଦେଶ ସେମିତି ସୁରଭିତ ହୋଇଛି। ବହିକୁ ବେଖାତିର କରୁଥିବା ସମାଜ ସତ୍ୟାନାଶକୁ ସାମ୍ନା କରିଛି ସମୟାନ୍ତରରେ। ବହି ହିଁ ଆମକୁ ବାଟ ଦେଖାଇଥାଏ ଆଗକୁ ବଢ଼ିବାରେ। ସାହିତ୍ୟ ହିଁ ସାହାରା ସାଜେ ସୁସ୍ଥ ସମାଜ ଗଠନରେ। ପଠନପ୍ରିୟ ମଣିଷ ଆଗକୁ ବଢ଼େ ଓ ଜାତିକୁ ଗଢ଼େ। ଏହି କଥାକୁ ଆମ ଆଖିରେ ଆଙ୍ଗୁଠି ଗେଞ୍ଜି କହି ଚାଲିଛନ୍ତି ଆଇସ୍‌ଲାଣ୍ଡ (୩ ଲକ୍ଷ ୬୦ ହଜାର ଲୋକ, ନୋବେଲ ସଂଖ୍ୟା ୧), ଫିନ୍‌ଲାଣ୍ଡ (୫୭ ଲକ୍ଷ ଲୋକ, ନୋବେଲ ୫), ଇସ୍ରାଏଲ (୮୮ ଲକ୍ଷ ଲୋକ, ୧୩ଟି ନୋବେଲ), ନେଦରଲାଣ୍ଡ (୨ କୋଟିରୁ କମ୍, ୨୦ଟି ନୋବେଲ), ସୁଇଜରଲାଣ୍ଡ (୧କୋଟିରୁ କମ୍, ୨୯ଟି ନୋବେଲ), ଜାପାନ (୪ କୋଟିରୁ କମ୍, ୨୭ଟି ନୋବେଲ) ଆଦି କ୍ଷୁଦ୍ରାତିକ୍ଷୁଦ୍ର ସୁଖସମୃଦ୍ଧିଭରା ଦେଶଗୁଡ଼ିକ। ପଢ଼ିଲେ ବଢ଼ିବା, ଜାଣିଲେ ଜିଣିବା– ଏହି ମନ୍ତ୍ରରେ ଅଭିମନ୍ତ୍ରିତ ସେ ମାଟିର ମଣିଷମାନେ।

ଭୂମିକୁ ବିଭାଯୁକ୍ତ କରିବାରେ ବଳିଷ୍ଠ ଭୂମିକା ନିର୍ବାହ କରିଛି ବହିର ବନ୍ଦନା। ଆଣ୍ଡ୍ରଏଡ୍ ମୋବାଇଲ ଆମ ହାତକୁ କାବୁକରି ରଖୁଥିଲାବେଳେ ବହି ଶୋଭା ପାଇଥାଏ ସେମାନଙ୍କ ହାତରେ। ଫୁରସତ୍ ପାଇଲା କ୍ଷଣି ପ୍ରତିଟି କ୍ଷଣର ସଦୁପଯୋଗ କରିଥାଆନ୍ତି ପଢ଼ିବାରେ। ପ୍ରତିଟି ପ୍ରାଣ ପୁସ୍ତକର ପୂଜାରୀ। ସମୟର ଅଯଥା ଅପଚୟ ଅପରାଧ ତାଙ୍କ ପାଇଁ। ଅଧ୍ୟୟନ ଓ ଅଧ୍ୟବସାୟକୁ ସେମାନେ ଅଳଙ୍କୃତ କରୁଥିଲାବେଳେ ଆଣ୍ଡ୍ରଏଡ୍ ଫୋନ୍ ଆମର ଅଙ୍ଗସାଥୀ ସାଜୁଛି। ଦୈନିକ ପ୍ରାୟ ୫ ଘଣ୍ଟା (ଦ୍ୱିତୀୟ ସର୍ବାଧିକ) ଆମେ ବନ୍ଧା ହୋଇ ରହୁ ସାମାଜିକ ଗଣମାଧ୍ୟମରେ। ଅନ୍ଧାରରାତିର ସୂର୍ଯ୍ୟସମ ଆଶାର ଆଲୋକ କିନ୍ତୁ ଦେଖିବାକୁ ମିଳିଲାଣି ଆଜି। ସାମାଜିକ ଗଣମାଧ୍ୟମର ଦୁଷ୍ପ୍ରଭାବକୁ ହୃଦୟଙ୍ଗମ କରି ଏ ମଣିଷ ଆଦରିବାକୁ ବସିଲାଣି ବହିକୁ। ଅଧ୍ୟୟନରୁ ଅମୃତ ଆସ୍ୱାଦନର ଅଭିଯାନ ବି ଆରମ୍ଭ ହୋଇଛି। ପୋଲିସ ପ୍ରଶାସକ ପାଟିଲ ହୁଅନ୍ତୁ ବା କେରଳୀ କନ୍ୟା ଅଜନା ନାଜିମ୍, ପଦ୍ମ ସମ୍ମାନରେ ସମ୍ମାନିତ ସାହିତ୍ୟ ସାରଥି ସତ୍ୟନାରାୟଣ ଅବା ଓଡ଼ିଶାର ଦୁଇ ଯୁବକ ପ୍ରଫୁଲ୍ଲ ମହାନ୍ତି ଏବଂ ସଞ୍ଜୟ ନାୟକ ହୁଅନ୍ତୁ, ଏମାନଙ୍କର ଅଭିଯାନ ଅତ୍ୟନ୍ତ ଅଭିନନ୍ଦନୀୟ।

ମହାରାଷ୍ଟ୍ରର ଯୁବ ଆଇପିଏସ୍ ସନ୍ଦୀପ ପାଟିଲ। ନକ୍ସଲପ୍ରବଣ ଅଞ୍ଚଳରେ କାର୍ଯ୍ୟରତ ଏଇ ଯୁବ ଏସ୍‌ପି ଜଣକ ଚାକିରି ଆରମ୍ଭରୁ ବହିକୁ ହିଁ ବାଛିଛନ୍ତି ଉତ୍କୃଷ୍ଟ ଉପହାର ଭାବେ। ଏପରି କି ଫୁଲତୋଡ଼ା ବି ଗ୍ରହଣ କରନ୍ତିନି କାହାରିଠୁ। ବହିଗୁଡ଼ିକୁ ନେଇ ବାଣ୍ଟିଥାଆନ୍ତି ବିଦ୍ୟାଳୟ/ମହାବିଦ୍ୟାଳୟମାନଙ୍କରେ। ବହିର ଭଣ୍ଡାରରେ ବି ସମୃଦ୍ଧ କରିଛନ୍ତି ତାଙ୍କ ଅଧୀନ ଥାନା ଓ ଜେଲଖାନାଗୁଡ଼ିକୁ। ଫଳତଃ ସେଠିକାର ଲୋକଙ୍କଠି ବଢ଼ିଛି ବହିପ୍ରୀତି, ବଢ଼ିଛି ପଠନ ପ୍ରବୃତ୍ତି। ଅନ୍ୟ ଏକ ଅନନ୍ୟ ଉଦାହରଣ ଅଟନ୍ତି ଅଜନା। ମୁସ୍‌ଲିମ୍ ସମାଜର ପ୍ରଥାନୁଯାୟୀ 'ମେହେର' ପର୍ବଟି ପାଳନ କରାଯାଇଥାଏ ବାହାଘର ପୂର୍ବରୁ। ଈପ୍ସିତ ସମ୍ପତ୍ତି ବା ସାମଗ୍ରୀକୁ ପବିତ୍ର ମନରେ ପୂର୍ତ୍ତି କରିଥାଏ ଭାବୀ ପତି। କୋଲ୍ଲାସ ଜିଲାର କନ୍ୟାରତ୍ନଟି ସମ୍ପତ୍ତି ବା ଦାମିକା ସାମଗ୍ରୀ ପରିବର୍ତ୍ତେ ଭଲ ଭଲ ୮୦ଟି ବହି ପାଇବାକୁ ଇଚ୍ଛା ବାଢ଼ିଥିଲେ, ସଫ୍ଟୱେର ଇଞ୍ଜିନିୟର ଥିବା ଭାବୀ ବର ରଜାକ୍ ହାକିମଙ୍କଠାରେ। ସେ ମଧ୍ୟ ଏପରି ଭବ୍ୟ ଭାବନାରେ ଭିଜି ଗୀତା ସମେତ ୯୬ଟି ବହି ଭେଟି ଦେଇଥିଲେ ପତ୍ନୀଙ୍କୁ। କେବଳ ଏତିକି ନୁହଁ, ପଠନପ୍ରିୟା ପତ୍ନୀକୁ ଉତ୍ସାହିତ କରିବାକୁ ଯାଇ ଆଲମିରା ଭର୍ତ୍ତି ବହିର ଭଣ୍ଡାରଟିଏ ଭରିଦେଇଥିଲେ ଶୟନ କକ୍ଷରେ। ଆମ ଓଡ଼ିଆ ଝିଅ–ପୁଅମାନେ ଏଥିପ୍ରତି ଆଗେଇ ଆସିଲେ ଆଦୃତ ହୁଅନ୍ତା ଅମୃତଭରା ଏହି ଅଭିଯାନଟି।

ବହି ଦୁନିଆ ସହିତ ବନ୍ଧା ଦୁଇ ଯୁବକଙ୍କର ଝୁଙ୍କ୍ ଉଠିଛି ବହିର ବୁନିଆଦୀକୁ ବ୍ୟାପକ କରିବାକୁ। ଭୁବନେଶ୍ୱରସ୍ଥ ପ୍ରଫୁଲ୍ଲ ମହାନ୍ତି (ମୋ. ୯୮୬୧୩୯୭୫୯୬) ଓ ସଞ୍ଜୟ ନାୟକ (ମୋ. ୮୯୦୮୯୬୭୦୦୧) ବ୍ରତଭାବେ ବାଛି ନେଇଛନ୍ତି ବହି ବିକ୍ରୟକୁ। ପୁଣି ଏବେ ଆରମ୍ଭ କରିଛନ୍ତି ଅଭିନବ ଅଭିଯାନଟିଏ। ଏକାଧିକ ଭଲ ଭଲ ବହିର ଗିଫ୍ଟ ପ୍ୟାକେଟ୍‌ଟିଏ ଘରେ ପହଞ୍ଚାଇ ଦିଅନ୍ତି ଚାହିଁବାନୁଯାୟୀ। ଭୋଜି ଆଦିରେ ପଇସା ପରିବର୍ତ୍ତେ ଭଲ ବହିର ଗିଫ୍ଟ ପ୍ୟାକେଟ୍‌ଟିକୁ ବି ଆଦର କରି ଚାଲିଛନ୍ତି ବହୁ ସଜ୍ଜନ। ଦୋକାନକୁ ଯାଇ ବହି କିଣି ପୁଣି ପ୍ୟାକ୍ କରିବାକୁ ଆଉ କେଉଁଠିକୁ ଯିବାର ଝିନ୍‌ଝଟ ନାହିଁ ଏଥିରେ। ପୁନଶ୍ଚ ହଜାରେ ବା ଦୁଇ ହଜାର ଟଙ୍କା ବଦଳରେ ପାଞ୍ଚ ଶହ ଟଙ୍କା ଭିତରେ ଚାରି ପାଞ୍ଚଟି ବହିର ପ୍ୟାକ୍‌ଟିଏ ବି ପସନ୍ଦଯୋଗ୍ୟ ହେଉଛି। ୫/୧୦ଟି ପ୍ୟାକେଟ୍‌କୁ ଘରେ ସାଇତି ରଖି ଦରକାର ବେଳେ ତହିଁରୁ ଗୋଟିଏ ନେଇ ଉପହାର ଦେବାକୁ ଉଚିତ ମଣୁଛନ୍ତି ଲୋକେ।

ଅନ୍ୟ ଜଣେ ପ୍ରେରଣାର ଉତ୍ସ ହେଉଛନ୍ତି ପଦ୍ମ ସମ୍ମାନରେ ସମ୍ମାନିତ ସତ୍ୟନାରାୟଣ। ପାଠକ ଆନ୍ଦୋଳନକୁ ସୁଦୂରପ୍ରସାରୀ କରିବାକୁ ଯାଇ ସ୍ୱେଚ୍ଛାକୃତ ଭାବେ ଅବସର ନେଲେ ଏଇ ରାଜସ୍ୱ ଅଧିକାରୀ। ଅରୁଣାଚଳ ପ୍ରଦେଶର ଦୁର୍ଗମ ଅଞ୍ଚଳରେ ଶିକ୍ଷା ଓ ସଚେତନତା ବାଣ୍ଟିବାକୁ ଅନେକ ପ୍ରଶଂସନୀୟ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ବିଶେଷକରି ପାଠାଗାର ଆନ୍ଦୋଳନର ସେ ଜଣେ ଅଗ୍ରଦୂତ। ପାର୍ବତ୍ୟ ପ୍ରଦେଶଟିରେ ଭ୍ରାମ୍ୟମାଣ ପାଠାଗାର ସହିତ ବିଭିନ୍ନ ସ୍ଥାନରେ ୧୩ଟି ଲାଇବ୍ରେରି ଗଢ଼ିତୋଳି ପାରିଛନ୍ତି ନିଜସ୍ୱ ଚେଷ୍ଟାରେ। ସେଗୁଡ଼ିକ ୧୦ ହଜାରରୁ ଊର୍ଦ୍ଧ୍ୱ ବହିରେ ସମୃଦ୍ଧ। ପୁଣ୍ୟପ୍ରାଣ ଏହି ପୁସ୍ତକପ୍ରେମିକ ଯୋଗୁ ସେଠିକାର ଅଧିବାସୀଙ୍କ ଭିତରେ ବଢ଼ିଛି ବହି ପ୍ରତି ବ୍ୟାକୁଳତା, ପଠନ ପ୍ରତି ଲାଳସା। ବିଳମ୍ବରେ ହେଉ ପଛେ ବହିର ଜୟଯାତ୍ରା ଧୀରେ ଧୀରେ ଆରମ୍ଭ ହେଲାଣି। ଏମିତି ବଢ଼ିଚାଲୁ ଅଧ୍ୟୟନ ପ୍ରତି ଅନୁରାଗ, ପ୍ରତିଟି ପରିବାରରେ ପୂଜା ପାଉ ପୁସ୍ତକ।

ମୋ– ୯୪୩୭୪୩୬୦୭୩,
unbiswal05@gmail.com

## ଏଇ ଭାରତରେ

ସମାଜରେ ଦିବ୍ୟାଙ୍ଗଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ଲାଗି କାର୍ଯ୍ୟ କରାଯାଉଛି ସତ, କିନ୍ତୁ ସେମାନଙ୍କୁ ବିବାହବନ୍ଧନରେ ବାନ୍ଧି ସ୍ୱାବଲମ୍ବୀ କରୁଥିବା ବ୍ୟକ୍ତି ବା ସଂସ୍ଥା ଖୁବ୍ କମ୍ ଦେଖିବାକୁ ମିଳେ। ଏଭଳି ଏକ ସଂସ୍ଥା ରହିଛି ରାଜସ୍ଥାନର ଉଦୟପୁରରେ। ନାଁ 'ନାରାୟଣ ସେବା ସଂସ୍ଥା'। ଉକ୍ତ ସଂସ୍ଥା ଫେବୃୟାରୀ ୮ ଓ ୯ ଦୁଇଦିନ ବ୍ୟାପୀ ଦିବ୍ୟାଙ୍ଗଙ୍କ ବିବାହ ସମ୍ପାଦନ କରିଛି। ଏହି ଅବସରରେ ୫୧ ଦିବ୍ୟାଙ୍ଗ ଯୋଡ଼ିଙ୍କୁ ବିବାହ କରାଯାଇଛି। ବିବାହ ଉତ୍ସବର ନାମ ରଖାଯାଇଥିଲା 'ରୟାଲ ମାସ୍ ୱେଡ଼ିଂ'। ସମାଜରୁ ଯୌତୁକ ପ୍ରଥା ଲୋପ କରିବା ଏଭଳି ବିବାହର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହନ୍ତି ସଂସ୍ଥାର ଅଧିକାରୀମାନେ। କେବଳ ଏତିକି ନୁହେଁ ଦିବ୍ୟାଙ୍ଗଙ୍କୁ ମୁଖ୍ୟଧାରାକୁ ଆଣିବା ଲାଗି ମଧ୍ୟ ପ୍ରୟାସ କରାଯାଉଛି। ଏହି ସଂସ୍ଥା ବିବାହିତ ଦମ୍ପତିଙ୍କୁ ସାମାଜିକ ଓ ଆର୍ଥିକ ସହଯୋଗ ପ୍ରଦାନ କରି ଏକ ନୂଆ ଜୀବନ ଆରମ୍ଭ କରିବା ଲାଗି ସୁଯୋଗ ଦେଉଛି ବୋଲି କୁହନ୍ତି ସଂସ୍ଥାର ସଭାପତି ପ୍ରଶାନ୍ତ ଅଗ୍ରୱାଲ। ଏହି ସଂସ୍ଥା ସ୍ଥାପନ ହେବା ପରଠାରୁ ଏଯାବତ୍ ୨୦୫୧ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଓ ଅଭାବୀ ଦମ୍ପତିଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଛି। ସେମାନେ ପିଲାଙ୍କ ସହ ଏବେ ସୁଖୀ ଜୀବନ ବିତାଉଛନ୍ତି।

## ଚିରନ୍ତନୀ

ଏହି ଛୋଟ ଛୋଟ ବସ୍ତୁ ଘେନି ମୁଁ ଖେଳଇଁ ଖେଳ
ରଞ୍ଜି ଦେବାକୁ ମାନସୀ ପ୍ରିୟାର ସ୍ୱର୍ଣ୍ଣ ଚେଳ
ତାହାରି ଭୂଷଣ ଖୋଜି ମୁଁ ବାଚାଳ ଚାଲଇଁ ବାଟେ
ଅରୂପ ରୂପର ଉପାସନା କରି କାଟଇଁ କାଳ।
(ମାନସୀ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଫେବୃୟାରୀ ୧୯୯୫

- ଅଣୁ ଅସ୍ତ୍ର ପ୍ରସାର ନିରୋଧୀ ଚୁକ୍ତିରେ ଯଦି ଇସ୍ରାଏଲ ସ୍ୱାକ୍ଷର ନ କରେ ତେବେ ଉକ୍ତ ଚୁକ୍ତିର ମିଆଦକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବୃଦ୍ଧି କରିବା ନିମନ୍ତେ ଇଜିପ୍ଟ ରାଜି ହେବ ନାହିଁ ବୋଲି ଘୋଷଣା କରିଛି।
- ଟେଲିଭିଜନ ଓ ରେଡିଓ ଏୟାର ୱେଭ (ବାୟୁତରଙ୍ଗ)କୁ ନିୟନ୍ତ୍ରଣ କରିବା ଓ ଏହାକୁ ପରିଚାଳନା କରିବା ପାଇଁ ଏକ ସ୍ୱାଧୀନ ପବ୍ଲିକ ଅଥରିଟି ପ୍ରତିଷ୍ଠା କରିବା ପାଇଁ ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୨– ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶନିବାର ଲୋକ ସଭାରେ ୨୦୨୦–୨୧ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିଛନ୍ତି। ଏହି ଅବସରରେ ସେ ୨୦୨୨ ସୁଦ୍ଧା ଦେଶର କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ୧୬ ସୂତ୍ରୀ ଯୋଜନା ଘୋଷଣା କରିଛନ୍ତି।

୪– ମାରାତ୍ମକ କରୋନା ଭୂତାଣୁ ସାରା ବିଶ୍ୱରେ ଆତଙ୍କ ଖେଳାଇ ଦେଇଥିବା ବେଳେ ଏହାର କେନ୍ଦ୍ରସ୍ଥଳ ଚାଇନାର ଉହାନ ସହରକୁ ନେଇ ଏବେ ଏକ ନୂଆ ତଥ୍ୟ ପଦାକୁ ଆସିଛି। ଯେଉଁଠାରୁ ଏହି ଭୂତାଣୁ ବ୍ୟାପିଛି, ସେଠାରେ ଗୋପନରେ ଚାଇନା ଜୈବିକ ଯୁଦ୍ଧାସ୍ତ୍ର ବିକଶିତ କରୁଥିଲା ବୋଲି ସନ୍ଦେହ କରାଯାଉଛି।

୫– ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ଟ୍ରଷ୍ଟ ଗଠନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭାରେ ଘୋଷଣା କରିଛନ୍ତି।

୬– ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ସିନେଟ ମହାଭିଯୋଗରୁ ମୁକ୍ତ କରିଛି।

## ଆମ ସମସ୍ୟା

### ଜଟଣୀରେ ଆର୍‌ଟିଓ ଅଫିସ ଖୋଲାଯାଉ

ମହାଶୟ,

ଜଟଣୀ ସହର ଭୁବନେଶ୍ୱର କମିଶନରେଟ ପରିସରରେ ଯାଉଥିଲେ ମଧ୍ୟ କମିଶନରେଟ ଅଞ୍ଚଳର ସୁବିଧାସୁଯୋଗରୁ ବଞ୍ଚିତ। ଭୁବନେଶ୍ୱର ଏବଂ ଖୋର୍ଦ୍ଧାରେ ଥିବା ଆର୍‌ଟିଓ ଅଫିସରେ ଅସମ୍ଭବ ଭିଡ଼କୁ ଆଖିଆଗରେ ରଖି ଭୁବନେଶ୍ୱର ଏବଂ ଖୋର୍ଦ୍ଧାରେ ନୂତନ ପରିବହନ ଅଫିସ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେହି ନ୍ୟାୟରେ ଜଟଣୀର ଲୋକସଂଖ୍ୟା ଏବଂ ଗାଡ଼ି ସଂଖ୍ୟା ଖୋର୍ଦ୍ଧାଠାରୁ ଅଧିକ ଥିବାରୁ ଜଟଣୀ ଲୋକମାନେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଦୌଡ଼ି ଗାଡ଼ି କାଗଜପତ୍ର କରିବାକୁ ବହୁତ ଅସୁବିଧା ଭୋଗୁଛନ୍ତି। ତେଣୁ ପରିବହନ ବିଭାଗ ସଚିବ ଏଥିପ୍ରତି ଦୃଷ୍ଟି ଦେଇ ଜଟଣୀରେ ପରିବହନ ଅଫିସ ଖୋଲିଲେ ସାଧାରଣ ଲୋକମାନେ ଉପକୃତ ହୋଇପାରନ୍ତେ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

### ଅଶାନ୍ତିରେ ପ୍ରଶାନ୍ତିବିହାରବାସୀ

ଭୁବନେଶ୍ୱରସ୍ଥ ପ୍ରଶାନ୍ତିବିହାର ହାଉସିଂ ବୋର୍ଡ କଲୋନୀରେ ହାଉସିଂ ବୋର୍ଡ ନିମ୍ନ ଆୟକାରୀ ବର୍ଗର ଜନସାଧାରଣଙ୍କ ପାଇଁ ଘର ତିଆରି କରି ଆବଣ୍ଟନ କରିଥିଲା। ଏହି ହାଉସିଂ ଯୋଜନାରେ ସରକାରୀ ନକ୍ସା ଅଙ୍କିତ ଉଚ୍ଚ ବିଦ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଡାକଘର, କ୍ରୀଡାଙ୍ଗନ, ଉଦ୍ୟାନ, ପାଠାଗାର ଓ ଚିତ୍ତ ବିନୋଦନ କେନ୍ଦ୍ର ଆଦି ପାଇଁ ଉଦ୍ଦିଷ୍ଟ ଜମିରୁ ଅଧିକାଂଶ ପ୍ରଶାସନିକ ଉଦାସୀନତା ଯୋଗୁ ଜବରଦଖଲ ହେବାରେ ଲାଗିଛି। ପାନୀୟ ଜଳ ଯୋଗାଣ, ଡ୍ରେନେଜ, ସ୍ୱେରେଜ ଆଦି ବ୍ୟବସ୍ଥା ଅଧପାନ୍ତରିଆ ହୋଇ ପଡିରହିଛି। କଲୋନୀ ମଧ୍ୟସ୍ଥ ଖାଲି ଜମିରେ ବସ୍ତି ଗଢ଼ି ଉଠିଲାଣି। ପ୍ରଶାନ୍ତି ବିହାରବାସୀଙ୍କ ଅଶାନ୍ତି ଦୂର କରିବାକୁ ରାଜ୍ୟ ସରକାର ତଥା ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଅନୁରୋଧ।

ପୁଷ୍ପଲତା ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶର–୨୪

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 7 | | | | | | B | | | | | | 0 | |
| | 6 | 2 | | A | | | | | E | 5 | | C | D | |
| | A | | C | 1 | E | 4 | | | | | | | | 6 |
| C | D | | 0 | | | | 7 | | | 8 | | | | |
| | 8 | 5 | | 9 | | | | D | | 3 | | 1 | | |
| 7 | 4 | E | | | 6 | A | | 5 | 0 | | 3 | | | |
| | | | | | | B | | 9 | | 7 | | 8 | | 4 |
| 9 | 5 | | 4 | | | | | | | | | | A | 1 |
| 8 | | | | 5 | | | | | B | | | | | 3 |
| | | 6 | | | D | 7 | | | | C | E | | | |
| B | | | | | | | | 6 | | E | 7 | 0 | 8 | |
| | | | B | | | | | | 3 | 2 | A | | | |
| | | | 9 | | | | | 7 | 5 | | | | 4 | B |
| | 2 | | | | | D | 9 | A | | | | 5 | | |
| A | | | 1 | | | 0 | | | | | | D | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 9 | 5 | A | 1 | 2 | B | C | 6 | 3 | 8 | 4 | E | 7 | D |
| 1 | D | 7 | 8 | 6 | 9 | 3 | E | 5 | 0 | B | 2 | A | C | 4 |
| 3 | 2 | 4 | B | D | E | 7 | A | 1 | 9 | C | 5 | 6 | 0 | 8 |
| A | 8 | C | 7 | 4 | 5 | 9 | 0 | 2 | 6 | E | D | 1 | 3 | B |
| B | E | 6 | C | 0 | 3 | D | 4 | 8 | A | 7 | 1 | 5 | 2 | 9 |
| 7 | B | A | 3 | 2 | 1 | 0 | D | 4 | 5 | 6 | E | 8 | 9 | C |
| 2 | 1 | D | E | 9 | 7 | A | 5 | B | 8 | 3 | C | 4 | 6 | 0 |
| 5 | 3 | 8 | 4 | A | B | C | 6 | 9 | 7 | D | 0 | 2 | 1 | E |
| 9 | 6 | 0 | D | 8 | C | E | 1 | 3 | 2 | 4 | B | 7 | A | 5 |
| 4 | C | E | 0 | 5 | 6 | 8 | 2 | 7 | 1 | A | 9 | D | B | 3 |
| D | A | 2 | 5 | E | 0 | 6 | B | C | 4 | 1 | 3 | 9 | 8 | 7 |
| 8 | 0 | 9 | 1 | B | D | 2 | 7 | E | C | 5 | A | 3 | 4 | 6 |
| 6 | 5 | B | 9 | 7 | 4 | 1 | 3 | 0 | E | 2 | 8 | C | D | A |
| C | 4 | 1 | 6 | 3 | A | 5 | 8 | D | B | 9 | 7 | 0 | E | 2 |
| E | 7 | 3 | 2 | C | 8 | 4 | 9 | A | D | 0 | 6 | B | 5 | 1 |

ଗତକାଲିର ଉତ୍ତର

## ସଂକ୍ଷେପରେ

### ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ



ବାଲିଆ, ୯।୨: ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ ବିରିଡ଼ି ବ୍ଲକ ଅଧୀନ ଚାନ୍ଦପୁରସ୍ଥିତ ସତ୍‌ସଙ୍ଗ ବିହାରଠାରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଋତ୍ୱିକ୍ ନୃସିଂହ ଚରଣ ବେହୁରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଧାପକ ପ୍ରଦୀପ୍ତ କୁମାର ଲେଙ୍କା ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଶ୍ରୀଶ୍ରୀ ଠାକୁରଙ୍କର ଦୟା ଓ କରୁଣା ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ଋତ୍ୱିକ୍ ନଗେନ୍ଦ୍ର ନାଥ ଭୂୟାଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନୁକୂଳଚନ୍ଦ୍ରଙ୍କ ଦିବ୍ୟ ଜୀବନ ଓ ଭାବାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଋତ୍ୱିକ୍ ଭୁବନମୋହନ ସ୍ୱାଇଁ, କ୍ଷୀରୋଦ ସାହୁ, ପ୍ରତାପ ଚନ୍ଦ୍ର ବ୍ରହ୍ମା, ଭୀମସେନ ସାହୁ ପ୍ରମୁଖ ଯୋଗଦେଇ ଠାକୁରଙ୍କ ନୀତି ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବକୁ ସତ୍‌ସଙ୍ଗ ବିହାରର ବରିଷ୍ଠ ଗୁରୁ ଭାଇ ବିଷ୍ଣୁ ଚରଣ ମିଶ୍ର, ଅକ୍ଷୟ କୁମାର ମହାରଣା, ପ୍ରଦ୍ୟୁମ୍ନ ପଶାୟତ, ପ୍ରଣୟ ପଶାୟତ, ରାମକୃଷ୍ଣ ପରିଜା, ଆଲୋକ ରଞ୍ଜନ ପରିଜା, ଦେବାଶିଷ ନାୟକ, ଶମ୍ଭୁନାଥ ସାହୁ, ଅକ୍ଷୟ କୁମାର ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ। ପୂଜକ ଅଜିତ କୁମାର ତ୍ରିପାଠୀ ଠାକୁରଙ୍କ ପୂଜା ଆଳତି ସମ୍ପନ୍ନ କରିଥିଲେ।

### ତିର୍ତ୍ତୋଲରେ ରାଷ୍ଟ୍ରୀୟ ଲୋକଅଦାଲତ

ତିର୍ତ୍ତୋଲ, ୯।୨ (ଡି.ଏନ୍.ଏ.): ତିର୍ତ୍ତୋଲ ଦେୱାନୀ ତଥା ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ବିଚାରପତି ସୁଶାନ୍ତ କୁମାର ନାୟକ ମାମଲାଗୁଡ଼ିକର ଶୁଣାଣି କରିଥିବା ବେଳେ ଅଦାଲତର କର୍ମଚାରୀ ଲଳିତ କୁମାର ମଲ୍ଲିକ, ଅଭିରାମ ମଠନ, ଲଳିତ କିଶୋର ରାୟ, ସରକାରୀ ଓକିଲ ପ୍ରଭାତ ରଞ୍ଜନ ପଲାଉର ଓ ତିର୍ତ୍ତୋଲ ବାର ଆସୋସିଏଶନ୍‌ର ଆଇନଜୀବୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଲୋକଅଦାଲତରେ ୬ଟି ମାମଲା ଆପୋସ ଫଇସଲା ହୋଇଥିଲା।

### ଦକ୍ଷିଣେଶ୍ୱର ମନ୍ଦିର ପ୍ରତିଷ୍ଠା

ନାଉଗାଁ, ୯।୨ (ସ୍ୱ.ପ୍ର.): ନାଉଗାଁ ବ୍ଲକ ଅଧୀନ ତିହୁଡ଼ା ବାଲିସାହିସ୍ଥିତ ପୁରାତନ ଶୈବ ପୀଠ ଦକ୍ଷିଣେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ଶୁକ୍ରବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ, ରୁଦ୍ରାଭିଷେକ, ଭଜନ କୀର୍ତ୍ତନ କରାଯିବା ସହ ପ୍ରତ୍ୟହ ମହନ୍ତ ମହାରାଜ ଚିନ୍ତାମଣି ପର୍ବତ ଗୋସ୍ୱାମୀ ଓ ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ ପ୍ରବଚନ ପ୍ରଦାନ କରିଥିଲେ। ନାଉଗାଁ ପଞ୍ଚାୟତ ସମିତି ଅଧକ୍ଷ ଜଗନ୍ନାଥ ଦାସ, ପ୍ରିୟଦର୍ଶନ ଦାସ, ସୁବାସ ଚନ୍ଦ୍ର ଦାସ, ପ୍ରତାପ ଦାସ, ବୃନ୍ଦାବନ ଲେଙ୍କା, ସୁରେଶ ଚନ୍ଦ୍ର ବେହୁରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଭାରତୀୟ ଚେତନାର ଅବକ୍ଷୟ ହେଉଛି'

ଜଗତ୍‌ସିଂହପୁର ଅଫିସ,୯।୨

**ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ**



ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

■ ସୁଖୀ ତାଲିକାରେ ଭାରତ ତଳକୁ ଖସୁଛି | ■ ଆଶାକୁ ନିପାତ ନୁହେଁ, ରୂପାନ୍ତରିତ କରିବାକୁ ପଡିବ

ଭାରତୀୟଙ୍କ ଚେତନା ଅତି ଉର୍ଦ୍ଧ୍ୱକୁ ଯାଇସାରିଛି। ଯେଉଁ କାରଣରୁ ବିଶ୍ୱରେ ଭାରତର ସ୍ଥାନ ସ୍ୱତନ୍ତ୍ର। ତେବେ ଦୁଃଖର କଥା, ଏବେ ଭାରତୀୟଙ୍କ ଚେତନାର ଦ୍ରୁତ ଅବକ୍ଷୟ ଘଟୁଛି। ଯେଉଁ କାରଣରୁ ସମଗ୍ର ଏସିଆ ମହାଦେଶରେ ଯୁବ ଆତ୍ମହତ୍ୟା ତାଲିକାରେ ଭାରତ ପ୍ରଥମ ସ୍ଥାନକୁ ଚାଲିଆସିଛି। ଭାରତୀୟମାନେ ବିଷାଦଗ୍ରସ୍ତ ହେବାରେ ଲାଗିଛନ୍ତି। ସୁଖୀ ତାଲିକାରେ ଭାରତ ତଳକୁତଳ ଖସିବା ବାସ୍ତବିକ୍ ଚିନ୍ତାର କାରଣ। ଏହା କେବଳ ଭାରତୀୟଙ୍କ ସ୍ୱଧର୍ମରୁ ବିଚ୍ୟୁତି ଯୋଗୁ ଘଟୁଛି। ରବିବାର ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ପାଳନ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ପଦ୍ମଭୂଷଣ ମନୋଜ ଦାସ ଏକଥା କହିଛନ୍ତି। ସେ ଶ୍ରୀମା, ଶ୍ରୀଅରବିନ୍ଦଙ୍କ ସ୍ମୃତିଚାରଣ କରି କହିଥିଲେ, ଅଭିପ୍ସାର ଏକ ବିକୃତରୂପ ହେଉଛି ଆଶା। ଅଭିପ୍ସା କହିଲେ ଲୋକ, ମୋହ ଆଦିକୁ ବୁଝାଏ। ଆଶାର ବିନାଶ ସମ୍ଭବ ନୁହେଁ। କେବଳ ରୂପାନ୍ତରିତ ସମ୍ଭବ। ଲୋଭ, ମୋହ, ଆକର୍ଷଣରୁ ଉର୍ଦ୍ଧ୍ୱକୁ ଯିବାକୁ ପଡିବ। ଅହଂକାରର ମୁଖ୍ୟ ଉପାଦାନ ହେଉଛି ଧନ। ଧନ ବଢିଗଲେ ମଣିଷ ଭିତରେ ଭଗବତ ଗୁଣର ବିକୃତି ପରିଲକ୍ଷିତ ହୁଏ ଏବଂ ମୁଁର ଆବିର୍ଭାବ ହୋଇଥାଏ। ପୃଥିବୀରେ କିଛି ଭୁଲ ନାହିଁ। ଏହାକୁ ଗ୍ରହଣ ନ କରିବା ଠିକ ନୁହେଁ। ବୁଦ୍ଧି ଦ୍ୱାରା ଆମେ ସବୁଠି ଜିତିପାରିବା ନାହିଁ। ଏପରି କି ନିଜର ନିରାପତ୍ତା ରକ୍ଷା କରିବା ମଧ୍ୟ ସବୁବେଳେ ସମ୍ଭବ ନୁହେଁ। ତେଣୁ ଐଶ୍ୱରୀୟ ସତ୍ତା ଓ ଶକ୍ତି ଉପରେ ବିଶ୍ୱାସ ରଖିବାକୁ ହେବ। ଏଥିସହିତ ଦାସ କହିଥିଲେ, ଶ୍ରୀମା'ଙ୍କୁ ସେ ୩୧।୨।୬୧ରେ ଅନୁଭବ କରିଥିଲେ। ମା'ଙ୍କୁ ଦେଖିଲା ପରେ ମଣିଷ ଦେହରେ ଦିବ୍ୟ ସୌନ୍ଦର୍ଯ୍ୟ କ'ଣ ଥାଇପାରେ ତାହା ଅନୁଭବ କରିଥିଲେ। ଆଉ ଯେତେବେଳେ ମା'ଙ୍କ କକ୍ଷକୁ ଯାଇଥିଲେ କି ଅପୂର୍ବ ପରିବେଶ ତାହା ଅବର୍ଣ୍ଣନୀୟ ବୋଲି ଭାବପ୍ରବଣ ହୋଇ ଦାସ ପ୍ରକାଶ କରିଥିଲେ।

ଶ୍ରୀଅରବିନ୍ଦ ପାଠଚକ୍ର ରାଜ୍ୟ ସଭାପତି ଗଦାଧର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ମନୋଜ ଦାସଙ୍କୁ ଜଗତ୍‌ସିଂହପୁର ମାଟିର ସୁଯୋଗ୍ୟ ଦାମାଦ୍ କହି ସମ୍ପର୍କ ଯୋଡିବାକୁ ଚେଷ୍ଟା କରିଥିଲେ। ବିଧାୟକ ଦାସ କହିଥିଲେ, ଦାସଙ୍କ ପୈତୃକ ଘର ବାଲେଶ୍ୱର ଓ ଶ୍ୱଶୁର ଘର ପାରାଦୀପ ଗଡ଼ ହୋଇଥିଲେ ସୁଦ୍ଧା ସେ ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ଓଡ଼ିଆ ଜାତି ଆଜି ତାଙ୍କ ପାଇଁ ଗର୍ବିତ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନିଜ ସାହିତ୍ୟ ରଚନା କ୍ଷେତ୍ରରେ ଦାସଙ୍କୁ ସେ ଆଦର୍ଶ ଭାବେ ଗ୍ରହଣ କରିଥିବା ସ୍ୱୀକାର କରିଥିଲେ। ନିକଟରେ ହୋଇଥିବା ପୁସ୍ତକ ମେଳାରୁ ସେ ଦାସଙ୍କ ରଚିତ ପୁସ୍ତକ ଚେତନାର ଦିଗ୍‌ବଳୟ କିଣି ଗୋଟିଏ ରାତିରେ ପଢି ସାରି ଦେଇଥିଲେ। ଦାସଙ୍କ ଶବ୍ଦ ସଂଯୋଜନା, ବ୍ୟଙ୍ଗ ଓ ସମାଜ ପାଇଁ ସୂକ୍ଷ୍ମ ସ୍ୱର୍ଶ ବେସ୍ ଆକର୍ଷଣୀୟ ବୋଲି ଜିଲାପାଳ ବର୍ଣ୍ଣନା କରିଥିଲେ। ଉତ୍ସବରେ ଶ୍ରୀଅରବିନ୍ଦ ପାଠଚକ୍ର ରାଜ୍ୟ ସଭାପତି ଗଦାଧର ମିଶ୍ର ଓ ଶ୍ରୀଅରବିନ୍ଦ ପାଠଚକ୍ର ଜିଲା ସଭାପତି ଦେବଦତ୍ତ ସାହୁ ପ୍ରମୁଖ ଶ୍ରୀମା, ଶ୍ରୀଅରବିନ୍ଦଙ୍କ ନୀତି, ଆଦର୍ଶ, ସମାଜ ପାଇଁ ଦିଗ୍‌ଦର୍ଶନ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଏସ୍‌ସିବି ମେଡିକାଲ କଲେଜ ପୂର୍ବତନ ଅଧକ୍ଷା ଡ. ଶ୍ୟାମା କାନୁନ୍‌ଗୋ ସାବିତ୍ରୀ ଆବୃତ୍ତି କରିଥିବା ବେଳେ ନବ ଜୀବନ ଶିକ୍ଷା ସଂସଦ ସମ୍ପାଦକ ପ୍ରସାଦ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଭୂଷଣ ମନୋଜ ଦାସ ଉପସ୍ଥିତ ଲୋକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

# ପିଏମ୍ କିଷାନ ହିତାଧିକାରୀଙ୍କୁ ୨୩ ସୁଦ୍ଧା କ୍ରେଡିଟ୍ କାର୍ଡ

ଜଗତ୍‌ସିଂହପୁର ଅଫିସ,୯।୨

ଜଗତ୍‌ସିଂହପୁର ଜିଲାରେ ପାଖାପାଖି ୧,୧୦,୦୦୦ ଲୋକଙ୍କୁ ପ୍ରଧାନମନ୍ତ୍ରୀ (ପିଏମ୍) କିଷାନ ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିମଧ୍ୟରେ ହିତାଧିକାରୀଙ୍କୁ ୨,୦୦୦ ଟଙ୍କା ଲେଖାଏ ୪ଟି କିସ୍ତିରେ ୮,୦୦୦ ଟଙ୍କା ମିଳି ସାରିଲାଣି। କିନ୍ତୁ ଅନେକ ହିତାଧିକାରୀଙ୍କୁ କିଷାନ କ୍ରେଡିଟ୍ କାର୍ଡ (କେସିସି) ଦିଆଯାଇନାହିଁ। ଯେଉଁ କାରଣରୁ ପିଏମ୍ କିଷାନ ଯୋଜନାରେ ସହାୟତା ପାଇଥିବା ଚାଷୀଙ୍କୁ କେସିସିରେ ଋଣ ସହାୟତା ମିଳିପାରୁ ନାହିଁ। ଏନେଇ ଗତ ୮ରୁ ୨୩ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ସମସ୍ତ ପିଏମ୍ କିଷାନ ହିତାଧିକାରୀଙ୍କୁ କେସିସି ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରବିବାର ସ୍ଥାନୀୟ ଯୋଗଧାରୀସ୍ଥିତ ରିସେଟି ନୂଆ ବିଲ୍ଡିଂରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କୁହାଯାଇଛି। ଏଥିରେ ଏଲ୍‌ଡିଏମ୍ ସତୀଶ ପାତ୍ର ଓ ନାବାର୍ଡ ଜିଲା ଉନ୍ନୟନ ପରିଚାଳକ ବିଶ୍ୱଭୂଷଣ ମହାନ୍ତି ଯୋଗଦେଇ କହିଥିଲେ, କେସିସିରେ ସର୍ବାଧିକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଯୋଗାଯାଇପାରେ। ଚାଷୀ ଠିକ ସମୟରେ ଋଣ ପରିଶୋଧ କରିଦେଲେ କେନ୍ଦ୍ର ସରକାର ମୋଟ ସୁଧର ୩% ରିହାତି ହିସାବ କରି ଫେରସ୍ତ କରିବା ବ୍ୟବସ୍ଥା ରହିଛି। ଏଥିସହ ରାଜ୍ୟ ସରକାର ମଧ୍ୟ ମଝିରେ ମଝିରେ ଛାଡ କରିଥାନ୍ତି। ତେଣୁ ଚାଷୀ ଏହାର ଫାଇଦା ଉଠାଇବା ଜରୁରୀ। ଯେଉଁମାନଙ୍କ କେସିସି କାର୍ଯ୍ୟକ୍ଷମ ନାହିଁ ସେମାନେ ଏହାକୁ କ୍ରିୟାଶୀଳ କରିବାକୁ ପଡିବ। ମୋଟାମୋଟି ଭାବରେ ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର କେସିସି ଉପରେ ଗୁରୁତ୍ୱାରୋପ କରୁଛନ୍ତି ବୋଲି କୁହାଯାଇଥିଲା।

# ସୁବ୍ରତ ଦାସଙ୍କୁ ପ୍ରତିଭା ସମ୍ମାନ



ସୁବ୍ରତ ଦାସଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

ବାଲିଆ, ୯।୨

ବିରିଡି ବ୍ଲକ ଅଲାଣ୍ଡୋ ଗ୍ରାମର ନୃତ୍ୟ ଶିକ୍ଷକ ସୁବ୍ରତ କୁମାର ଦାସଙ୍କୁ ବଡିମୀରା ଶିଶୁ ବିଦ୍ୟାମନ୍ଦିର ତରଫରୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ସମ୍ପାଦକ ସୁଧାକର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବରେ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ନୃତ୍ୟ ଶିକ୍ଷକ ସୁବ୍ରତଙ୍କୁ ସମ୍ମାନିତ କରିଥିଲେ। ଉତ୍ସବରେ ଜିଲା ବିଜେଡି ଉପସଭାପତି ରବି ନାରାୟଣ ଜେନା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜଗତ୍‌ସିଂହପୁରର କାର୍ଯ୍ୟବାହ ବିଜୟ କୁମାର ନାୟକ ଅତିଥି ଭାବେ ଯୋଗଦେଇଥିଲେ।





ସମାବେଶରେ ଅତିଥି ଓ ଅନ୍ୟମାନେ।

# ରାଜ୍ୟସ୍ତରୀୟ ଉପଭୋକ୍ତା କର୍ମୀ ସମାବେଶ

ପାରାଦୀପ, ୯।୨ (ସ୍ୱ.ପ୍ର.)

ସ୍ଥାନୀୟ ମଧୁବନସ୍ଥିତ ପୌରକଲ୍ୟାଣ ମଣ୍ଡପଠାରେ ରବିବାର ରାଜ୍ୟ ଉପଭୋକ୍ତା ମହିଳା କଲ୍ୟାଣ ମହାସଂଘର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମହାସଂଘ ସଭାପତି ବଂଶୀଧର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଏଥିରେ ଦିଲ୍ଲୀର କଞ୍ଜୁମର କନଫରେନ୍ସ ଇଣ୍ଡିଆର ସଂଯୋଜକ ଡ. ଅନନ୍ତ ଶର୍ମା, ସମ୍ପାଦିକା ପ୍ରୀତି ପାଣ୍ଡିଆ, କାଉନ୍‌ସିଲର ପ୍ରଶାନ୍ତ ପଣ୍ଡା, ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଆଲୋଚନା ମୁତାବକ, ସଚେତନତା ଅଭାବ ଯୋଗୁ ଖାଉଟିମାନେ ଠକାମିର ଶିକାର ହେଉଛନ୍ତି। ତେଣୁ ଖାଉଟିମାନଙ୍କୁ ସଚେତନ କରିବା ଏହି ମହାସଂଘର ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାଧାରଣ ଓଜନଠାରୁ ଅରମ୍ଭ କରି ଚିଟ୍‌ଫଣ୍ଡ, ସୋସିଆଲ୍ ମିଡିଆ ଜରିଆରେ ଟଙ୍କା ଲୁଟିନେବା ଆଦି ଘଟଣା ଅନେକ ସମୟରେ ଘଟୁଛି। ସେତେବେଳେ କିପରି ସତର୍କ ହେବା ଆବଶ୍ୟକ ଏବଂ ଠକ ବ୍ୟକ୍ତି ବା ସଂସ୍ଥା ବିରୋଧରେ କିଭଳି ପଦକ୍ଷେପ ଗ୍ରହଣ କରିବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହିଳା କଲ୍ୟାଣ ମହାସଂଘର ପ୍ରମୁଖ କର୍ମକର୍ତ୍ତା ସ୍ନେହମୟୀ ଆଚାର୍ଯ୍ୟ, ଗୀତାଞ୍ଜଳି ସ୍ୱାଇଁ, ଜୟନ୍ତୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ଦୁର୍ଘଟଣାରେ ବ୍ୟବସାୟୀ ମୃତ

ପାରାଦୀପ, ୯।୨ (ସ୍ୱ.ପ୍ର.)

ପାରାଦୀପ ମଡେଲ ଥାନା ଅଧୀନ ବଡ଼ପଡ଼ିଆ କୁମ୍ଭୀରପାଙ୍କ ରାସ୍ତାରେ ରବିବାର ଦୁର୍ଘଟଣା ଘଟି ଜଣେ ଜଳଖିଆ ଦୋକାନୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆବଜାରର ପ୍ରଶାନ୍ତ ସାହୁ। ପ୍ରଶାନ୍ତ କୌଣସି କାର୍ଯ୍ୟରେ ଅଠରବାଙ୍କି ପଡ଼ିଆ ଅଭିମୁଖେ ବାଇକ୍‌ରେ ଯାଉଥିବା ବେଳେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ଫୁଟ୍‌ପାଥରେ ବାଡେଇ ହୋଇ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୋର୍ଟ ହସ୍ପିଟାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

# ମଙ୍ଗୁଳି ସମବାୟ ସମିତି ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବିରିଡି (ଡି.ଏନ୍.ଏ.)/ ବାଲିଆ, ୯।୨



ଗୃହ ଉଦ୍‌ଘାଟନୀ ଅବସରରେ ସହକାରୀ ନିବନ୍ଧକ ବିଜୟ କୁମାର ସାସ୍‌ମଲ ଓ ଅନ୍ୟମାନେ।

ବିରିଡି ବ୍ଲକ ଅଧୀନ ୨୨ ମୌଜା ମଙ୍ଗୁଳି ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜଗତ୍‌ସିଂହପୁର ସର୍କଲର ସହକାରୀ ନିବନ୍ଧକ ବିଜୟ କୁମାର ସାସ୍‌ମଲ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ପାଦକ ବିଜୟ ପ୍ରସନ୍ନ ଦାସଙ୍କ ସୁପରିଚାଳନାରେ ଏବଂ ସମିତି ସଭାପତି ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଉପସଭାପତି ଅନସୂୟା ରାୟ, ପରିଚାଳନା କମିଟି ସଭ୍ୟ ବିଜୟ ଜେନା, ପ୍ରଫୁଲ୍ଲ ପଟ୍ଟନାୟକ, ମୁରଲୀଧର ପାତ୍ର, ଭାବଗ୍ରାହୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ସଭ୍ୟ ବିଷ୍ଣୁଚରଣ ପାଇକରାୟ, ଭରତ ସାହୁ, ମିହିର ମିଶ୍ର, ସଦାନନ୍ଦ ଜେନା ପ୍ରମୁଖ ମଙ୍ଗୁଳି କୃଷି ସମବାୟ ସମିତିରେ ନୂତନ ଗୋଦାମ ଗୃହ ଯୋଗାଇ ଦେବାକୁ ବ୍ୟବସ୍ଥା କରିବା ପାଇଁ ସହକାରୀ ନିବନ୍ଧକ ସାସମଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# କୁଇଣ୍ଟାଲ ପିଛା ୨ ରୁ ୫ କିଗ୍ରା କଟୁଛି ଧାନ

**ଜିଲା କୃଷକ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ**

ରଘୁନାଥପୁର, ୯। ୨ (ଡି.ଏନ.ଏ.): ଧାନକ୍ରୟ ପାଇଁ ସରକାର କୃଷି ସମବାୟ ସମିତି ଜରିଆରେ ବ୍ୟବସ୍ଥା କରିଛନ୍ତି। ତେବେ ସମିତି ପକ୍ଷରୁ ଖୋଲା ଯାଇଥିବା ମଣ୍ଡିରେ ଅନିୟମିତତା ହେଉଥିବା ନେଇ ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ହୋଇଛି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୨ରୁ୫ କିଗ୍ରା ଧାନ କାଟାଯାଉଛି। ମିଲର, ଏଜେଣ୍ଟ ଓ ସମିତି କର୍ମକର୍ତ୍ତାଙ୍କ ଅସାଧୁମେଣ୍ଟରେ ଚାଷୀଙ୍କୁ ଶୋଷଣ କରାଯାଉଥିବା ସଙ୍ଗଠନ ସଭାପତି ଗୋବିନ୍ଦ ଚନ୍ଦ୍ର ଜେନା ଅଭିଯୋଗ ବାଢିଛନ୍ତି। ଯେଉଁଚାଷୀ ଏଫଏକ୍ୟୁ ମାନଠାରୁ ନିମ୍ନମାନର ଧାନ ଆଣୁଛନ୍ତି ସେମାନଙ୍କୁ ସଚେତନ କରିବା ପରିବର୍ତ୍ତେ କାଟ ଛାଣ୍ଟ କରି ଧାନ କ୍ରୟ କରିବା ଆଦୌ ସମୀଚିନ ନୁହେଁ ବୋଲି ସମ୍ପାଦକ ଇଂ. ବାବାଜୀ ଚରଣ ଜେନା କହିଛନ୍ତି। ଉପସଭାପତି ସାରଦା ରାୟ ଏହା ଦୁର୍ଭାଗ୍ୟଜନକ ଏବଂ ସରକାର ଯଦି ସତ୍ୟତା ଜାଣିବାକୁ ଚାହାନ୍ତି ତେବେ ପ୍ରମାଣ ସହ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ନିମ୍ନମାନର ଦର୍ଶାଇ କାଟି ନିଆଯାଉଥିବା ଧାନର ମୂଲ୍ୟକୁ ଏକ ଗୋଷ୍ଠୀ ଜରିଆରେ ବାଣ୍ଟି ନିଆଯାଉଛି ବୋଲି କର୍ମକର୍ତ୍ତା ସିଦ୍ଧାର୍ଥ ତ୍ରିପାଠୀ, ଅଭୟ ସାମନ୍ତରାୟଙ୍କ ସହ ବହୁ ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସଙ୍ଗଠନ ପକ୍ଷରୁ ଜଗତ୍‌ସିଂହପୁର ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି ବୋଲି ସଙ୍ଗଠନ ସଭାପତି ଜେନା ସୂଚନା ଦେଇଛନ୍ତି।

# ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

**ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୨ୟ ଦିବସ**

ବାଲିକୁଦା,୯।୨(ସ୍ୱ.ପ୍ର.): ବାଲିକୁଦା ବ୍ଲକ ଅଧୀନ ନାଳିଓଠାରେ ଶ୍ରୀଶ୍ରୀଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ୬୯ତମ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଶନିବାରଠାରୁ ଆରମ୍ଭ ହୋଇଛି। ରବିବାର ଏହାର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଫେସର ରଜତ କର ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥିଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ମୁଖ୍ୟବକ୍ତା ଡ. ଶାନ୍ତନୁ ରଥ, ବିଶିଷ୍ଟଅତିଥି ପୂଜ୍ୟ ଶ୍ରୀମଦ୍ ସ୍ୱାମୀ ଦିବ୍ୟାନନ୍ଦ ମହାରାଜ, ମହନ୍ତ ମହାରାଜ, ଆସାମ ବଙ୍ଗୀୟ ସାରସ୍ୱତ ମଠ, ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ, ସମ୍ମାନିତ ବକ୍ତା ଭବାନୀଶଙ୍କର ମିଶ୍ର, ଗୋପାଳଚନ୍ଦ୍ର ରାଉତ, ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଆଦର୍ଶ ଗୃହସ୍ଥ ଜୀବନ ଗଠନ, ଗୃହସ୍ଥ ଭିତରେ ରହି ସନାତନ ଧର୍ମର ପ୍ରଚାର, ସତ୍‌ଶିକ୍ଷାର ବିସ୍ତାର ଓ



ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଶ୍ରଦ୍ଧାଳୁ।

ଆଧାତ୍ମିକ ଜ୍ଞାନ ସେବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।

ଶନିବାର ଗଗନେନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜଳସମ୍ପଦ ବିଭାଗ ମନ୍ତ୍ରୀ ତଥା ସମ୍ମିଳନୀର ଅଭ୍ୟର୍ଥନା କମିଟି ସଭାପତି ରଘୁନନ୍ଦନ ଦାସ ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥିଭାବେ ଜିଲାପାଳ ସଂଗ୍ରାମକେଶରୀ ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ 'ଆଦର୍ଶ ଗୃହସ୍ଥ ଜୀବନ ଗଠନ' ଶୀର୍ଷକ ବିଷୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ମୁଖ୍ୟବକ୍ତା ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ସାଧାରଣ ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ଅନ୍ୟତମ ଅତିଥି ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଯୋଗଦେଇ ଭକ୍ତି ଓ ଭାବଧାରା ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଆସାମସ୍ଥିତ ବଙ୍ଗୀୟ ସାରସ୍ୱତ ମଠର ମହନ୍ତ ମହାରାଜ ପୂଜ୍ୟ ଶ୍ରୀମତ୍‌ସ୍ୱାମୀ ଦିବ୍ୟାନନ୍ଦ ମହାରାଜ, ଭୁବନେଶ୍ୱରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ୱାର୍ଲ୍ଡ ଫାଉଣ୍ଡେଶନ ଅଧକ୍ଷ ପୂଜ୍ୟ ଶ୍ରୀମଦ୍‌ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ପ୍ରମୁଖ ଯୋଗ ଦେଇଥିଲେ।

# ନୋଟିସ୍ ଜାରିରେ ସୀମିତ କାର୍ଯ୍ୟାନୁଷ୍ଠାନ

ନାଉଗାଁ, ୯।୨(ସ୍ୱ.ପ୍ର.)

■ ସରକାରୀ ନିୟମ ମାନୁନାହାନ୍ତି ଇଟା ବ୍ୟବସାୟୀ

■ ଜନବସତି ନିକଟରେ ହେଉଛି ବେଆଇନ ଇଟାପୋଡ଼ା

**ବ୍ୟବସାୟୀମାନଙ୍କୁ ଜରିମାନା ପାଇଁ ନୋଟିସ କରାଯାଇଛି। କେତେଜଣଙ୍କଠାରୁ ଜରିମାନା ଆଦାୟ ମଧ୍ୟ କରାଯାଇଛି।**
**- ତହସିଲଦାର ଜେ. କଳ୍ପନା**

ନାଉଗାଁ ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ ଇଟାଭାଟି ପୋଡ଼ା ହେଉଛି। ଜନବସତି, ସ୍କୁଲ ପାର୍ଶ୍ୱ, ରାସ୍ତା କଡ଼ କିମ୍ବା ନଦୀପଠା ଆଦି ସ୍ଥାନରେ ଇଟା ନ ପୋଡିବା ପାଇଁ ନିୟମ ରହିଥିଲେ ବି ବ୍ୟବସାୟୀମାନେ ଏହି ନିୟମ ମାନୁନାହାନ୍ତି। ଏଥିଯୋଗୁ ସାଧାରଣ ଲୋକେ ଦିନ ରାତି ଧୂଆଁରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନି। ଫଳରେ ଦିନକୁ ଦିନ ଇଟାଭାଟି ସଂଖ୍ୟା ବୃଦ୍ଧି ପାଇବା ସହ ଲୋକମାନଙ୍କ ସମସ୍ୟା ବି ବଢୁଛି। ଅନେକ କ୍ଷେତ୍ରରେ ବେଆଇନ ଭାବେ ଜନବସତି ନିକଟ ବା ଶିକ୍ଷାନୁଷ୍ଠାନ ଆଖପାଖରେ ଇଟାଭାଟି ପୋଡ଼ା ହେଉଥିବା ନେଇ ପ୍ରଶାସନ ନିକଟରେ ଅଭିଯୋଗ ପହଞ୍ଚିବା ପରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ନୋଟିସ୍ ଜାରି କରିଦେଇ ପଶାସନିକ ଅଧିକାରୀ ମୁଣ୍ଡରୁ ଦୋଷ ଓହ୍ଲାଇ ଦେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଏ ଦିଗରେ ତଦାରଖ କରା ନଯିବା ଯୋଗୁ ବ୍ୟବସାୟୀମାନେ ପୂର୍ବପରି ସେହି ସ୍ଥାନରେ ଇଟା ପୋଡୁଛନ୍ତି।



ଡାହାଣୀଖିଆ ପ୍ରାଥମିକ ସ୍କୁଲ ପାର୍ଶ୍ୱରେ ହୋଇଥିବା ଇଟାଭାଟି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବ୍ଲକ ଅଧୀନ କୋରୁଅ ପଞ୍ଚାୟତସ୍ଥିତ ଡାହାଣୀଖିଆ ପ୍ରାଥମିକ ବିଦ୍ୟାଳୟ ପଛ ପାର୍ଶ୍ୱରେ ଲକ୍ଷ ଲକ୍ଷ ଇଟା ପଡୁଥିବା ବେଳେ ଦେବୀ ନଦୀ ପଠା, ଡେରିକି କସ୍ତୁରବା ଉଚ୍ଚ ବିଦ୍ୟାଳୟ ନିକଟରେ ବି ଲକ୍ଷାଧିକ ଇଟା ପକାଯାଉଛି। ଭାଟିରେ ନିଆଁ ଲଗାଯିବା ପରେ ବାୟୁରେ ଏତେମାତ୍ରାରେ ଧୂଆଁର ଆସ୍ତରଣ ମିଶିଯାଉଛି ଯେ, ଛୋଟ ଛୋଟ ପିଲା ଓ ବୟସ୍କମାନେ ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ଭୋଗୁଛନ୍ତି। ପ୍ରତିବର୍ଷ ଏଭଳି ହେଉଥିବାରୁ ସମ୍ପୃକ୍ତ ଅଞ୍ଚଳରେ କେତେଜଣ ଲୋକଙ୍କର ଶ୍ୱାସ ରୋଗ ବାହାରିବା ସହ କେତେଜଣଙ୍କର ନିଃଶ୍ୱାସପ୍ରଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ ହେଉଛି। ଇଟା ପକାଇବା ପୂର୍ବରୁ ନିକଟସ୍ଥ ରାଜସ୍ୱ କାର୍ଯ୍ୟାଳୟ କିମ୍ବା ତହସିଲ କାର୍ଯ୍ୟାଳୟରେ ରସିଦ କାଟି ଅନୁମତି ଆଣିବା ନିୟମ ରହିଛି। କିନ୍ତୁ ଅଧିକାଂଶ ଇଟା ବ୍ୟବସାୟୀ ଅନୁମତି ନଆଣି ଇଟା ପକାଉଛନ୍ତି। ଏ ନେଇ ଅଭିଯୋଗ ହେଲେ ବି ରାଜସ୍ୱ ବିଭାଗ କିମ୍ବା ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ସାଧାରଣ ଲୋକ ହଇରାଣ ହେଉଥିବା ବେଳେ ଇଟା ବ୍ୟବସାୟୀମାନେ ରାଜସ୍ୱ ଫାଙ୍କି ଭଲ ଦିପଇସା ରୋଜଗାର କରୁଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ବିଷୟରେ ନାଉଗାଁ ତହସିଲଦାର ଜେ. କଳ୍ପନାଙ୍କୁ ପଚାରିବାରେ ବେଆଇନ ଇଟା ବ୍ୟବସାୟୀମାନଙ୍କୁ ଜରିମନା ପାଇଁ ନୋଟିସ କରାଯାଇଛି। ଇତିମଧ୍ୟରେ କେତେଜଣଙ୍କଠାରୁ ଜରିମନା ମଧ୍ୟ ଆଦାୟ କରାଯାଇଛି ବୋଲି କହିଛନ୍ତି।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।

- ସ୍ୱାମୀ ଦୟାନନ୍ଦ ସରସ୍ୱତୀ

# ୨୦ ବର୍ଷରେ କର୍କଟ ରୋଗୀଙ୍କ ସଂଖ୍ୟା ଦ୍ୱିଗୁଣିତ

**ଯାଜପୁର ଅଫିସ,୯।୨**

**ଯାଜପୁର ଜିଲା**

- ଜିଲାରେ ନାହିଁ ଚିକିତ୍ସା ସୁବିଧା
- ପ୍ରତି ୨୦ ଜଣଙ୍କ ମଧ୍ୟରେ ଜଣେ କର୍କଟ ରୋଗର ଶିକାର ହେବା ଆଶଙ୍କା

ଯାଜପୁର ଜିଲାରେ କର୍କଟରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କର୍କଟରୋଗୀଙ୍କ ସଂଖ୍ୟା ୨୦ବର୍ଷ ମଧ୍ୟରେ ଦ୍ୱିଗୁଣିତ ହୋଇଥିବା ସୂଚନା ମିଳିଛି। ବିଶ୍ୱ କର୍କଟ ରୋଗ ଦିବସ ଅବସରରେ ଲେଖକ ବୁଦ୍ଧିଜୀବୀ ପରିଷଦ ପକ୍ଷରୁ ଆଲୋଚନା ପ୍ରସଙ୍ଗରେ କୁହାଯାଇଛି ଯେ, ସର୍ବାଧିକ ତମାଖୁ ସେବନ, ଦୂଷିତ, ଦୁର୍ଗନ୍ଧମୟ ପରିବେଶ, ବିଷାକ୍ତ ଖାଦ୍ୟ ପଦାର୍ଥ ଯୋଗୁ ଲୋକେ କର୍କଟରୋଗ ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି। ତେବେ ପରିସ୍ଥିତି ଏପରି ଆଡକୁ ଯାଉଛି, ଫଳରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରେ ଜଣେ କର୍କଟ ରୋଗର ଶିକାର ହେବାର ଆଶଙ୍କା ଦେଖାଦେଇଛି। ଏହି ଜିଲାରେ ସର୍ବାଧିକ ୪୦ ହଜାର କୁଷ୍ଠ ରୋଗୀ ୪୦ ବର୍ଷ ମଧ୍ୟରେ ପଞ୍ଜୀକୃତ ହୋଇ ଏବେ ୨ ହଜାର ତଳକୁ ଖସି ଆସିଛି। ସେହିଭଳି ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ୪୦ ବର୍ଷ ମଧ୍ୟରେ ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇ ଏବେ ତାହା ୪ ହଜାରକୁ ଖସି ଆସିଥିବାବେଳେ ଜିଲାଟି ଏକପ୍ରକାର କୁଷ୍ଠ ଓ ଯକ୍ଷ୍ମା ନିରାକରଣରେ ସଫଳତା ହାସଲ କରିଛି। ରାଜ୍ୟ ଓ କେନ୍ଦ୍ର ସରକାର ଏହି ଜିଲାକୁ କୁଷ୍ଠମୁକ୍ତ ଜିଲାଭାବେ ଘୋଷଣା କରିଛନ୍ତି। କିନ୍ତୁ ଏବେ ସାରା ଭାରତରେ ୨୦୧୮ ତଥ୍ୟ ଅନୁଯାୟୀ ନୂତନ କର୍କଟ ରୋଗୀଙ୍କ ସଂଖ୍ୟା ୧.୧୬ ନିୟୁତ ଏବଂ କର୍କଟ ରୋଗୀ ମୃତ୍ୟୁ ସଂଖ୍ୟା ୭ ଲକ୍ଷ ୮୪ ହଜାର ୮୦୦ ହୋଇଥିବାବେଳେ ଓଡ଼ିଶାରେ ସେହି ସଂଖ୍ୟା ୨ଲକ୍ଷ ୭୦ହଜାର। ଜିଲାରେ ସେହି ଅନୁପାତରେ ୧୩ ହଜାରରୁ ଊର୍ଦ୍ଧ୍ୱ ରହିବା କଥା। କିନ୍ତୁ କର୍କଟ ଚିକିତ୍ସା କେନ୍ଦ୍ରର ରୋଗୀଙ୍କ ସଂଖ୍ୟା ଦେଖିଲେ ତାହା ୧୫ ହଜାରରୁ ଊର୍ଦ୍ଧ୍ୱ ବୋଲି ଜଣାଯାଏ। ଏହି ଜିଲାରେ କୁଷ୍ଠ ଓ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ହ୍ରାସ ପାଉଥିବାବେଳେ କର୍କଟ ରୋଗୀଙ୍କ ସଂଖ୍ୟା ଊର୍ଦ୍ଧ୍ୱରେ ରହିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ରୋଗୀଙ୍କ ସଂଖ୍ୟା ଠିକଭାବେ ନିରୂପଣ ହୋଇପାରି ନାହିଁ। କାରଣ ଏହି ରୋଗ ନିରୂପଣ କେବଳ କଟକ କିମ୍ବା ଭୁବନେଶ୍ୱରରେ କରାଯାଇଥାଏ। ଏହି ଜିଲାରୁ ନିରୂପଣ ହେଉଥିବା କର୍କଟ ରୋଗୀଙ୍କ ମଧ୍ୟରୁ ଏକ ତୃତୀୟାଂଶ ମୃତ୍ୟୁବରଣ କରୁଛନ୍ତି। ଅବଶିଷ୍ଟଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ୬ମାସରୁ ୨ବର୍ଷ ମଧ୍ୟରେ ମୃତ୍ୟୁବରଣ କରନ୍ତି। ମୁଖଗହ୍ୱର କର୍କଟ, ଫୁସଫୁସ, ଲିଭର, ମୂତ୍ରାଶୟ, ଖାଦ୍ୟାଶୟ କର୍କଟ ରୋଗରେ ପୁରୁଷମାନେ ଆକ୍ରାନ୍ତ ହେଉଥିବାବେଳେ ମହିଳାମାନେ ଜରାୟୁ, ଗ୍ରୀବା, ସ୍ତନ କର୍କଟରେ ଆକ୍ରାନ୍ତ ହୁଅନ୍ତି। ସଂଗେସଂଗେ ଏହି ରୋଗ ନିରୂପଣ କରିବା ଲାଗି ଜିଲାରେ ସେପରି କୌଣସି ସୁବିଧା ଏପର୍ଯ୍ୟନ୍ତ ହୋଇପାରି ନାହିଁ। ସରକାରଙ୍କ ତଥ୍ୟ ଅନୁଯାୟୀ କ୍ୟାନସର ପିଡ଼ିତ ପ୍ରତି ପରିବାର ପାଇଁ ଚିକିତ୍ସା ଲାଗି ହାରାହାରି ବର୍ଷକୁ ୩୭ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ। ଏହି କାରଣରୁ ୬୦ ପ୍ରତିଶତ ପରିବାର ଋଣଗ୍ରସ୍ତ ହୋଇଥାନ୍ତି। ଏପରିକି ସର୍ବସ୍ୱାନ୍ତ ହେବାକୁ ପଡିଥାଏ। ଜିଲାରେ ଏଭଳି ରୋଗୀଙ୍କୁ ସହାୟତାର ହାତ ବଢାଇଥାନ୍ତି ଜିଲା ରେଡକ୍ରସ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ, ସମାଜ ରିଲିଫ ଫଣ୍ଡ ଇତ୍ୟାଦି। ବିହାର, ଓଡିଶା, ଝାଡଖଣ୍ଡଭଳି ରାଜ୍ୟ ଏବେ ଦ୍ରୁତଗତିରେ କ୍ୟାନସର ରାଜ୍ୟଭାବେ ପରିଣତ ହେବାକୁ ଯାଉଛି ବୋଲି ଗବେଷଣା ସଂସ୍ଥା ସଚେତନ କରାଇଛି। ପ୍ରତି ଜିଲାରେ ଏହାର ଏକ ସର୍ଭେ କରାଯିବା ସହିତ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ଅଭିଯାନ ଆରମ୍ଭ କରାଯିବାକୁ ଲେଖକ ବୁଦ୍ଧିଜୀବୀ ପରିଷଦ ପକ୍ଷରୁ ଦାବି ହୋଇଛି।

## ବ୍ୟାଟେରି ଚୋରି ଅଭିଯୋଗରେ ୩ ଗିରଫ

**ଯାଜପୁର ଟାଉନ,୯।୨(ଡିଏନଏ)**

ଯାଜପୁର ସହର ଆଙ୍କୁଲାଛକଠାରେ ଜଣଙ୍କ ଘରୁ ବ୍ୟାଟେରୀ ଚୋରି କରିବା ଅଭିଯୋଗରେ ୩ଜଣଙ୍କୁ ଯାଜପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଗଣେଶ୍ୱରପୁର ଗ୍ରାମର ବିଷ୍ଣୁଚରଣ ଜେନା, ସିବୁନ୍ ଗଇପେଇ ଓ ଚଇନପୁର ଗ୍ରାମର ରମେଶ ଜେନା। ଏହି ୩ଜଣ ଆଙ୍କୁଲା ଛକଠାରେ ରବିନ୍ଦ୍ର କୁମାର ପରିଜାଙ୍କ ଘରୁ ଗତ ନଭେମ୍ବରରେ ୫ଟି ବ୍ୟାଟେରୀ ଚୋରି କରିଥିବାବେଳେ ଗତ ୩ ତାରିଖ ତାଙ୍କ ଘରୁ ୪ଟି ଓ ୪ ତାରିଖ ୨ଟି ବ୍ୟାଟେରୀ ଚୋରି କରି ବିକ୍ରି କରିଛନ୍ତି। ଲଗାତାରଭାବେ ବ୍ୟାଟେରୀ ଚୋରି କରିଥିବାରୁ ପୋଲିସ ସନ୍ଧାନୀ କୁକୁର ଆଣି ସେମାନଙ୍କୁ ଠାବ କରିଥିଲା। ପୋଲିସ ଏକ ମାମଲା (ନଂ. ୫୭/୨୦୨୦) ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ପ୍ରେମିକାଙ୍କୁ ପ୍ରତାରଣା କରି ଜେଲ ଗଲେ ପ୍ରେମିକ

**ଜେନାପୁର,୯।୨(ଡ଼ିଏନଏ):** ଜେନାପୁର ଥାନା ମର୍ଜିତାପୁର ପଞ୍ଚାୟତ ଅଧୀନ ସାଥୁଆପାଟଣା ଗ୍ରାମରେ ଜଣେ ପ୍ରେମିକାଙ୍କୁ ଧୋକା ଦେବା ଅଭିଯୋଗରେ ଜେନାପୁର ପୋଲିସ ପ୍ରେମିକଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ସାଥୁଆପାଟଣା ଗ୍ରାମର ବଳରାମ ବାରିକ (୨୫)। ପ୍ରକାଶ ଯେ, ବଳରାମ ସେହି ଗ୍ରାମର ଜଣେ ଝିଅଙ୍କୁ ଅଷ୍ଟମ ଶ୍ରେଣୀରୁ ପ୍ରେମ କରୁଥିଲେ। ନାବାଳିକାଙ୍କ ଘର ଲୋକ ଏହାଜାଣି ୧୬ବର୍ଷ ବୟସରୁ ତାଙ୍କୁ ଅନ୍ୟତ୍ର ବିବାହ କରି ଦେଇଥିଲେ। ବିବାହର ୬ ଦିନ ପରେ ପ୍ରେମିକ ବଳରାମଙ୍କ ଫୋନ ପାଇ ନାବାଳିକା ତାଙ୍କ ସାଙ୍ଗରେ ପଳାଇ ଆସି ବାହାରେ ଏକାଠି ରହୁଥିଲେ। ଏହାପରେ ନାବାଳିକା ତାଙ୍କୁ ବିବାହ କଥା କହିବାରୁ ବଳରାମ ମନା କରିବା ସହ ନାବାଳିକାଙ୍କୁ ଆଣି ତାଙ୍କ ଘରେ ଛାଡ଼ି ଦେଇଥିଲେ। ଫଳରେ ନାବାଳିକା ଅସହାୟ ହୋଇ ରବିବାର ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜେନାପୁର ପୋଲିସ ଏ ନେଇ ଏକ ମାମଲା (ନଂ.୨୬/୨୦) ରୁଜୁ କରି ପ୍ରେମିକା ଓ ପ୍ରେମିକଙ୍କ ଡାକ୍ତରୀ ମାଇନା କରାଇ ବଳରାମଙ୍କୁ କୋର୍ଟ ଚାଲାଣ କରିଛି।

### ଛାତ୍ରୀ ନିଖୋଜ ଅଭିଯୋଗ

**କୋରେଇ,୯।୨(ସ୍ୱ.ପ୍ର):** ପାଣିକୋଇଲି ନୋଡାଲ ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ରୀ ନିଖୋଜ ହେବା ନେଇ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଛି। ଶନିବାର ପାଣିକୋଇଲି ନୋଡାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ ହେବା ପାଇଁ ସ୍ଥିର ହୋଇଥିଲା। ମାତ୍ର ବର୍ଷା ଯୋଗୁ ଏହାକୁ ବାତିଲ କରାଯାଇଥିଲା। କିନ୍ତୁ ମଣିପୁର ଗ୍ରାମର ଜଣେ ୧୦ମ ଶ୍ରେଣୀର ଛାତ୍ରୀ ବିଦ୍ୟାଳୟ ଉତ୍ସବକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ରବିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଶ୍ରାଦ୍ଧ ବାର୍ଷିକୀରେ ଭିନ୍ନକ୍ଷମଙ୍କୁ ବସ୍ତ୍ର ପ୍ରଦାନ

**ସିଂହପୁର,୯।୨(ଡିଏନଏ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ଆଲୋକ ବେଉରିଆ ରବିବାର ତାଙ୍କ ମା'ଙ୍କ ଶ୍ରାଦ୍ଧ ବାର୍ଷିକୀରେ ୨୦ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ତାଙ୍କର ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

### ପୁରାତନ କାଞ୍ଜିଆପଡ଼ା ପାଲା ସଂଗଠନ ସମ୍ବର୍ଦ୍ଧିତ



**ରସୁଲପୁର,୯।୨(ଡିଏନଏ):** ଭାରତୀୟ କଳା, ସଂସ୍କୃତି ଓ ଐତିହ୍ୟକୁ ଲୋକାଭିମୁଖୀ କରିବାରେ ପାଲା ହେଉଛି ବଳିଷ୍ଠ ମାଧମ। ପାଲାକୁ ବଞ୍ଚାଇ ରଖିବାରେ ଅନବରତ ଉଦ୍ୟମ ଜାରି ରଖିଥିବା ରସୁଲପୁର ବ୍ଲକ ଗନ୍ଧଣ ପଞ୍ଚାୟତ ଏକତଳା ଗ୍ରାମସ୍ଥିତ ବହୁ ପୁରାତନ କାଞ୍ଜିଆପଡା ପାଲା ସଂଗଠନକୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅବିଭକ୍ତ କଟକ ଓ ଜଗତସିଂହପୁର ଜିଲାର ନୀଳାଚଳ ନିଖିଳ ଉତ୍କଳ ପାଲାଗାୟକ ପରିଷଦ ପକ୍ଷରୁ ଆୟୋଜିତ ୧୨ତମ ବାର୍ଷିକୋତ୍ସବ ଜଗତସିଂହପୁର ଜିଲାର ପ୍ରସିଦ୍ଧ ଶାରଳାପୀଠ କୀର୍ତ୍ତନପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଂଘ ସଭାପତି ମଦନ ମୋହନ ଜେନା, ସମ୍ମାନିତ ଅତିଥିଭାବେ ସଂଘର ସମ୍ପାଦକ ସନ୍ତୋଷ ପଟ୍ଟନାୟକ ଯୋଗଦେଇ ମନୋନୀତ ହୋଇଥିବା ସଂଗଠନଗୁଡିକୁ ସମ୍ବର୍ଦ୍ଧିତ କରିଥିଲେ। କାଂଜିଆପଡା ପାଲା ସଂଘ ପକ୍ଷରୁ ସୁବାସ ମିଶ୍ର, ବ୍ରଜକିଶୋର ମହାନ୍ତି, ବୈରାଗୀ ରାମ, ସୁବାସ ରାମ, ବଟକୃଷ୍ଣ ରାମ ପ୍ରମୁଖ ପ୍ରଶଂସାପତ୍ର ଗ୍ରହଣ କରିଥିଲେ। ରାଜ୍ୟସ୍ତରୀୟ ସଂଘ ପକ୍ଷରୁ ତାଙ୍କ ଅନୁଷ୍ଠାନକୁ ପରିଚୟ ପ୍ରଦାନ କରାଯାଇଥିବାରୁ ସଂଗଠନର କର୍ମକର୍ତ୍ତାମାନେ ସଂଘ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଆନ୍ତଃକଲେଜ ଡ୍ରପ୍ ରୋବଲ୍ ପ୍ରତିଯୋଗିତା




ଡ୍ରପ୍ ରୋବଲ୍ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ।

**ଯାଜପୁର ଟାଉନ,୯।୨(ଡିଏନଏ)**

**ନରସିଂହଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଚାମ୍ପିୟନ**

ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୨ଦିନିଆ ଆନ୍ତଃକଲେଜର ପୁରୁଷ ଓ ମହିଳା ଡ୍ରପ୍ ରୋବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ୧୨ଟି ଲେଖାଏଁ ଦଳ ଅଂଶଗ୍ରହଣ କରିଥିଲେ। ଶନିବାର ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଫକୀର ମୋହନ ମଲ୍ଲିକ ମୁଖ୍ୟଅତିଥି ଓ ଉତ୍କଳ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ବିଭାଗର ମୁଖ୍ୟ ଅମ୍ବିକା ପ୍ରସାଦ ରାୟ ମୁଖବକ୍ତାଭାବେ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗରେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିବାବେଳେ ବଳଙ୍ଗା ମହାବିଦ୍ୟାଳୟ ରନର୍ସ ଅପ୍ ହୋଇଥିଲା। ସେହିପରି ମହିଳା ବିଭାଗରେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିବାବେଳେ ଚିତାଳୋ ମହାବିଦ୍ୟାଳୟ ରନର୍ସ ଅପ୍ ହୋଇଥିଲା। ରବିବାର ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମଲ୍ଲିକ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ପ୍ରଦୀପ୍ତ ସାହୁ ଓ ଦେବଦତ୍ତ ମିଶ୍ର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜ୍ୟୋତିର୍ମୟ ନାଥଶର୍ମା, ଜିତେନ୍ଦ୍ର ମହାନ୍ତି, ଅର୍ପିତା ନାୟକ, ଅଦ୍ୱୈତ କୁମାର ମାଝୀ, ପୂଜା ବେହେରା ଓ କ୍ଷୀରୋଦ କୁମାର ହାତୀ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର କ୍ରୀଡାଶିକ୍ଷକ ରଞ୍ଜନ ସୂତାର ଅତିଥି ପରିଚୟ ପ୍ରଦାନ କରିଥିଲେ।

## ନିଶା ନିବାରଣ କର୍ମଶାଳା

**କୋରେଇ,୯।୨(ସ୍ୱ.ପ୍ର)**

ପାଣିକୋଇଲି ପ୍ରାଥମିକ ବିଦ୍ୟାଳୟରେ ରବିବାର ନିଶା ନିବାରଣ ଉପରେ କର୍ମଶାଳା ଆୟୋଜିତ ହୋଇଯାଇଛି। ଉକ୍ତ କର୍ମଶାଳାଟି ଆଭା ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ପରିଚାଳିତ ହୋଇଥିବାବେଳେ ପୂର୍ବାଞ୍ଚଳ-୩ ଆଞ୍ଚଳିକ ସାଧନ ଓ ପ୍ରଶିକ୍ଷଣ କେନ୍ଦ୍ର ଓଡ଼ିଶା ଓ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ସମାଜ ରକ୍ଷା ସଂସ୍ଥାନ ଏବଂ ପରିବାର ଅନୁଷ୍ଠାନର ସକ୍ରିୟ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ ମୁଖ୍ୟଅତିଥିଭାବେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଏନସିସି ପ୍ରଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଶିକ୍ଷକ ଭୋଳାନାଥ ସାହୁ, ମୁଖ୍ୟବକ୍ତାଭାବେ ସାଧନ କେନ୍ଦ୍ରର ସଂଯୋଜକ ଅଖିଳ ମୋହନ ମହାନ୍ତି ପ୍ରମୁଖ ଯୋଗଦେଇ ନିଶା ନିବାରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। କର୍ମଶାଳାରେ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ବୀଣାପାଣି ଜେନା ପ୍ରଥମ, ପ୍ରଶାନ୍ତ ପଣ୍ଡା ଦ୍ୱିତୀୟ ଓ ନିବେଦିତା ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାରଣାଙ୍କ ସମେତ ପରିଚାଳନା କମିଟି ସଭାପତି ମୁସ୍ତାକ ଅଲ୍ଲୀ ଖାନ, ଶିକ୍ଷକ ଦିଲ୍ଲୀପ କୁମାର ନାୟକ, ବିରେନ୍ଦ୍ର ସିମନୋକିଆ ଶିକ୍ଷୟିତ୍ରୀ ଅର୍ପିତା ଦାଶ, ପାଚିକା ଗୀତାଞ୍ଜଳି ପହୀ, ସହାୟିକା ସଇନାଜ ବେଗମ, ସାମାଜିକ କର୍ମୀ ରାକେଶ କୁମାର ସାହୁ ଓ ଅନ୍ୟମାନେ ପରିଚାଳନା କରିଥିଲେ।



## କାଣୀ ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଯାଜପୁର ଅଫିସ,୯।୨**

ଦଶରଥପୁର ବ୍ଲକ ଦଉପୁର ପଞ୍ଚାୟତ ଦେଇ ଯାଇଥିବା କାଣୀ ନଦୀର ଧୋବାନାଳି ପୋଲ ନିକଟରେ ଭାସୁଥିବା ଜଣେ ଯୁବକଙ୍କ ମୃତଦେହକୁ ରବିବାର ଅପରାହ୍ନରେ ମଙ୍ଗଳପୁର ପୋଲିସ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ମୃତଦେହର ବିଭିନ୍ନ ସ୍ଥାନରେ ହୋଇଥିବା କ୍ଷତ ଏବଂ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କଲେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ କରାଯାଉଛି। ମୃତକ ଜଣଙ୍କ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରିଛି। ସୂଚନା ଯେ, ଏହି ପଞ୍ଚାୟତ ଦେଇ ଯାଇଥିବା କାଣୀ ନଦୀର ଧୋବାନାଳି ପୋଲ ନିକଟକୁ ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀ କ୍ଷେତକୁ ପାଣି ମଡ଼ାଇବାକୁ ଯାଇଥିବାବେଳେ ନଦୀରେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ମଙ୍ଗଳପୁର ଥାନା ଆଇଆଇସି ଅସିତ୍ ରଞ୍ଜନ ମହାନ୍ତି ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ନଦୀରୁ ମୃତଦେହକୁ ବାହାରକୁ ଆଣିଥିଲେ। ତାଙ୍କ ବୟସ ପ୍ରାୟ ୩୫ରୁ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଏହି ମୃତ ଯୁବକଙ୍କ ଦେହରୁ କିମ୍ବା ପ୍ୟାଣ୍ଟ ଓ ସାର୍ଟ ପକେଟ୍‌ରୁ ପୋଲିସ କୌଣସି ଜିନିଷ ପାଇ ନ ଥିବାବେଳେ ଯୁବକଙ୍କୁ ହତ୍ୟା କରାଯାଇ ପାଣିରେ ଭସାଇ ଦିଆଯାଇଥିବା ଅନୁମାନ କରାଯାଉଛି। ଥାନା ପକ୍ଷରୁ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨/୨୦୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଇଣ୍ଡିପେଣ୍ଡେନ୍ସ କ୍ରିକେଟ କପ୍ ଉଦ୍‌ଘାଟିତ: ଖୋଲାସପୁର ବିଜୟୀ



ଅତିଥି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

**ରସୁଲପୁର,୯।୨(ଡିଏନଏ)**

ରସୁଲପୁର ବ୍ଲକ ରସୁଲପୁର ପଞ୍ଚାୟତ ଖୋସାଲପୁର ଗ୍ରାମ ଖେଳପଡ଼ିଆରେ ଅନୁଷ୍ଠିତ ୧୮ତମ ଇଣ୍ଡିପେଣ୍ଡେନ୍ସ କ୍ରିକେଟ କପ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଖୋସାଲପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଯୁବ ଉଦ୍ୟୋଗୀ ଆଦିତ୍ୟ କୁମାର ରଣା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତିସଭ୍ୟ ରଞ୍ଜିତ ରାଉତ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଘରୋଇ ଖୋସାଲପୁର କ୍ରିକେଟ ଦଳ ଓ କପାସ ଟିକିରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖୋସାଲପୁର କ୍ରିକେଟ କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା। ଦଳ ୧୫ ଓଭର ଖେଳି ୭ଟି ୱିକେଟ ବିନିମୟରେ ୧୯୨ ରନ୍ କରିଥିଲା। ଦଳ ପକ୍ଷରୁ ଅଲରାଉଣ୍ଡର ସ୍ମୃତିରଞ୍ଜନ ସାହୁ ୨୪ ବଲରେ ୭୫ରନ୍ ଓ ୩ଟି ୱିକେଟ ଅକ୍ତିଆର କରି ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରତିପକ୍ଷ ଦଳ ସମସ୍ତ ଓଭର ଖେଳି ୮ ୱିକେଟ ବିନିମୟରେ ୧୪୬ରନ କରି ପରାଜୟ ବରଣ କରିଥିଲା। ସ୍ମୃତିରଞ୍ଜନ ସାହୁଙ୍କ ସଫଳତା ପାଇଁ ତାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ଜ୍ଞାନରଞ୍ଜନ ପଣ୍ଡା ଓ ରାଜକିଶୋର ନାୟକ ପରିଚାଳନା କରିଥିଲେ। କ୍ଲବର କର୍ମକର୍ତ୍ତାମାନେ ଖେଳ ପରିଚାଳନାରେ କରିବାରେ ସହଯୋଗ କରିଥିଲେ।

# ଦୋକାନୀଙ୍କ କ୍ୟାବିନ ପୋଡ଼ା ଯାଇଥିବା ଅଭିଯୋଗ

**ଚଣ୍ଡିଖୋଲ/ଛତିଆ,୯।୨(ଡି.ଏନ.ଏ)**

**ମୋବାଇଲ ଚୋରିକୁ ନେଇ ବୋମାମାଡ଼ ଘଟଣା**

**ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ**

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ବୁଢା କେନ୍ଦୁଆ ବଜାରରେ ମୋବାଇଲ ଚୋରି ଘଟଣାକୁ ନେଇ ଶୁକ୍ରବାର ବୋମା ମାଡ଼ ହୋଇଥିଲା। ଏହି ବୋମା ମାଡ଼ ଘଟଣା ପରେ ବଜାର ବନ୍ଦ ହେବା ସହ ସ୍ଥାନୀୟ ଦୋକାନୀମାନେ ବୈରୀ ଥାନା ସମ୍ମୁଖରେ ଧାରଣା ଦେବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ। ପୋଲିସର ପ୍ରତିଶ୍ରୁତି ପରେ ଧାରଣା ହଟିଥିବାବେଳେ ଶନିବାର ରାତିରେ ସେହି ସ୍ଥାନରେ ଏକ ଦୋକାନ ପୋଡ଼ାଯାଇଛି। ଯାହାକୁ ନେଇ ପୁର୍ନବାର ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ବୁଢା କେନ୍ଦୁଆରେ ଥିବା କାଳନ୍ଦି ସାମଲଙ୍କ କ୍ୟାବିନକୁ ଶନିବାର ମଧ୍ୟରାତ୍ରିରେ ପୋଡ଼ା ଯାଇଥିବା ନେଇ ରବିବାର ବୈରୀ ଥାନାରେ ଅଭିଯୋଗ ହୋଇଛି। ସୂଚନା ଥାଉକି, ଗତ କିଛି ଦିନ ଧରି ସେଠାରେ ଲଗାତର ଚୋରି ହେବା ସହ ଗୁରୁବାର ରାତିରେ ଅଶୋକ ଖିଲାରଙ୍କ ମୋବାଇଲ ଦୋକନରୁ ୫୦ରୁ ଊର୍ଦ୍ଧ୍ୱ ମୋବାଇଲ ଚୋରି ହୋଇଥିଲା। ଏହାକୁ ନେଇ ବଜାର କମିଟି ସମାଧାନ କରିଥିଲେ ମଧ ଶୁକ୍ରବାର ରାତିରେ ସେଠାରେ ନକୁଳ ସୁନ୍ଧି ନାମକ ଜଣେ ବ୍ୟକ୍ତି ବୋମା ଫୋପାଡ଼ି ବ୍ୟବସାୟୀଙ୍କୁ ଭୟଭୀତ କରିଥିଲେ। ଏନେଇ ଅଶୋକ ଖିଲାର ତାଙ୍କ ନାମରେ ବୈରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ବାରମ୍ବାର ଘଟଣାସ୍ଥଳକୁ ଯାଉଥିଲେ ମଧ୍ୟ ଉତ୍ତେଜନା ଥମୁନାହିଁ। ମାତ୍ର ପୋଲିସ ଏଥିପ୍ରତି କଡ଼ା ନଜର ରଖିଥିବା ବୈରୀ ଥାନା ଦାୟିତ୍ୱରେ ଥିବା ଡିଏସପି ଦୀପକ କୁମାର ଗୋଛାୟତ ପ୍ରକାଶ କରିଛନ୍ତି।

# ଆଇନଜୀବୀଙ୍କ ପ୍ରଶିକ୍ଷଣ ଶିବିର

**ଯାଜପୁର ଟାଉନ,୯।୨(ଡିଏନଏ)**

ଜିଲା ଆଇନ୍‌ସେବା ପ୍ରାଧିକରଣ ଯାଜପୁର ତରଫରୁ ଜିଲା ଜଜ୍‌ଙ୍କ ଅଦାଲତ ପରିସରରେ ଆଇନସେବା ପ୍ରାଧିକରଣ ତରଫରୁ ତାଲିକାଭୁକ୍ତ ଆଇନଜୀବୀଙ୍କର ଏକ ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲାଜଜ୍ ତଥା ଜିଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣ, ଯାଜପୁର ତଥା ତାଲୁକ, ଲିଗାଲ୍ ସର୍ଭିସେସ୍ କମିଟି ଚଣ୍ଡିଖୋଲ ଏବଂ ଯାଜପୁର ରୋଡର ସମସ୍ତ ପ୍ୟାନେଲ୍ ଆଇନଜୀବୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାଜଜ ପ୍ରଶାନ୍ତ କୁମାର ନାୟକ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପ୍ରଦୀପ କୁମାର ବେହେରା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗୌରୀଶଙ୍କର ପଣ୍ଡା, ଜୁଏଲ୍ ପଟ୍ଟନାୟକ, ତାନ୍ୱୀ ରଥ, ଦିପାରାଣୀ ଜେନା ପ୍ରମୁଖ ପ୍ୟାନେଲ ଆଇନଜୀବୀଙ୍କୁ ସେମାନଙ୍କର ଭୂମିକା, ଦାୟିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସବିଶେଷ ପ୍ରଶିକ୍ଷଣ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସିଭିଲକୋର୍ଟ ରେଜିଷ୍ଟ୍ରାର ପ୍ରଦ୍ୟୋମୟୀ ସୁଜାତା, ଏସ୍‌ଡିଜେଏମ୍ ସୁନନ୍ଦା ସାହୁ, ପ୍ରୋବେସନ ମାଜିଷ୍ଟ୍ରେଟ୍ ରିତୀ ତ୍ରିପାଠୀ ଏବଂ ସୁଲିପ୍ସା ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।




ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

# ମା'ଙ୍କ ପୀଠରେ ଜମିଲା ଭକ୍ତଙ୍କ ଭିଡ଼

**ରସୁଲପୁର,୯।୨(ଡିଏନଏ)**

**ମା' ବୁଢୀ ଭାଲୁଶୁଣୀଙ୍କ ୩୭ତମ ବାର୍ଷିକ ଯଜ୍ଞୋତ୍ସବ**



ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ବିଲିପଡ଼ା ଗ୍ରାମର ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ପାଟ ମଧ୍ୟରେ ମା' ବୁଢି ଭାଲୁଶୁଣୀ ପୀଠ ଅବସ୍ଥିତ। ଏହି ପୀଠର ବାର୍ଷିକୋତ୍ସବ ଅବସରରେ ମା'ଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ଆଖପାଖ ୧୦ଖଣ୍ଡ ଗ୍ରାମର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋଟକା ପଞ୍ଚାୟତର ବିଲିପଡ଼ା, ବାହାଦଲାପୁର ପଞ୍ଚାୟତ କମାରପାଳ ଓ ରସୁଲପୁର ପଞ୍ଚାୟତର କେଉଟ ଲଗୁଆଁ ଗ୍ରାମର ମଧ୍ୟବର୍ତ୍ତୀ ସ୍ଥଳରେ ଗ୍ରାମଦେବତୀ ବିରାଜମାନ କରୁଛନ୍ତି। ପ୍ରତ୍ୟେକ ଗାଁ ମୁଣ୍ଡରେ ଗ୍ରାମଦେବତୀ ପୂଜା ପାଉଥିବାବେଳେ ଏଠାରେ ମା'ଙ୍କୁ ଏକାଧିକ ଗ୍ରାମବାସୀ ଗ୍ରାମଦେବୀ ବୋଲି ପୂଜାର୍ଚ୍ଚନା କରିଆସୁଛନ୍ତି। ଏହା ହେଉଛି ମା'ଙ୍କ ସ୍ୱତନ୍ତ୍ରତା। ୩୭ବର୍ଷ ଧରି ଅଗିରା ପୂର୍ଣ୍ଣିମା ତିଥିରେ ମା'ଙ୍କ ଯଜ୍ଞୋତ୍ସବ ପାଳନ ହୋଇଆସୁଛି। ଯଦିଓ ଯଜ୍ଞ କାର୍ଯ୍ୟରେ ବିଲିପଡ଼ା ଗ୍ରାମର ଜନସାଧାରଣଙ୍କ ଭୂମିକା ଗୁରୁତ୍ୱ ବହନ କରୁଛି; ହେଲେ ବାହଦାଲାପୁର ପଞ୍ଚାୟତର କମାରପାଳ, ସରିଫାବାଦ, ବାହାଦଲାପୁର ଆଦି ଗ୍ରାମରୁ ଭକ୍ତ, ଶ୍ରଦ୍ଧାଳୁ, ମାସନିକଧାରୀ ଯଜ୍ଞକାର୍ଯ୍ୟରେ ଯୋଗ ଦେଇଥାନ୍ତି। ଏଥିପାଇଁ ମା'ଙ୍କ ପୀଠରେ ଶନିବାର ଅଧିବାସ ଓ କୁଣ୍ଡମଣ୍ଡଳ ସ୍ଥାପନ କରାଯାଇଥିଲା। ରବିବାର ପ୍ରତ୍ୟୁଷରେ ଘଟ ସ୍ଥାପନ କରାଯାଇ ଯଜ୍ଞ ଉତ୍ସବ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ଅବ୍ୟାହତି ପୂର୍ବରୁ ମା'ଙ୍କ ନିକଟରେ ପାରମ୍ପରିକ ରୀତିନୀତିର ସହ ଷୋଡ଼ଶ ଉପଚାର ପୂଜା, ବଡ଼ସିଂହାର ବେଶ ସହ ମା'ଙ୍କୁ ଏକାଧିକ ବେଶରେ ଭୂଷିତ କରାଯାଇ ପୂଜା କରାଯାଇଥିଲା। ବ୍ରାହ୍ମଣ ଗୋପିନାଥ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ଯଜ୍ଞ କାର୍ଯ୍ୟ ପରିଚାଳନା ହୋଇଥିଲା। ନିତ୍ୟ ମା'ଙ୍କ ପୂଜାର୍ଚ୍ଚନା କରୁଥିବା ସେବକ ବାରିକ ସମ୍ପ୍ରଦାୟ ପକ୍ଷରୁ ଯଜ୍ଞକାର୍ଯ୍ୟ ପରିଚାଳନାରେ ସହଯୋଗ କରାଯାଇଥିଲା। କମିଟି ପକ୍ଷରୁ ଯଜ୍ଞ ଉତ୍ସବରେ ଯୋଗ ଦେଇଥିବା ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବନ୍ଦୋବସ୍ତ କରାଯାଇଥିଲା। ସନ୍ଧ୍ୟାରେ ଯଜ୍ଞକାର୍ଯ୍ୟ ଶେଷ ହୋଇଥିଲା। ବ୍ରତଧାରୀଙ୍କ ମଧ୍ୟରେ ଯଜ୍ଞକୁଣ୍ଡରୁ ବହାରିଥିବା ପୋଡା ନଡିଆ ଓ ଅରୁଆ ଚାଉଳ ମିଶା (ଚରୁ ଭୋଗ) ପ୍ରସାଦ ବଣ୍ଟନ କରାଯାଇ ଯଜ୍ଞକାର୍ଯ୍ୟ ଉଦ୍‌ଯାପିତ ହୋଇଥିଲା।

ଧରିତ୍ରୀ
DHARITRI
ସୋମବାର, ୧୦ ଫେବୃୟାରୀ, ୨୦୨୦

# ମାଟ୍ରିକ ପରୀକ୍ଷା ସାଥୀ





## ସାମାଜିକ ବିଜ୍ଞାନ (SOCIAL SCIENCE)

ସମୟ: ୨ଘଣ୍ଟା ୩୦ ମିନିଟ୍ ପୂର୍ଣ୍ଣସଂଖ୍ୟା: ୧୦୦

ନିର୍ଦ୍ଦେଶାନୁଯାୟୀ ଉତ୍ତର ଲେଖ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଦକ୍ଷିଣ ପାର୍ଶ୍ୱରେ ଦିଆଯାଇଛି।
ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ।

### PART 1: OBJECTIVE

#### ଇତିହାସ ଓ ରାଜନୀତି ବିଜ୍ଞାନ

୧. ଗୋଟିଏ ଶବ୍ଦରେ ଉତ୍ତର ଲେଖ। [୧× ୫=୫
(କ) ଜେନେରାଲ୍ ଡାୟାର କେଉଁ ସ୍ଥାନର ସାମରିକ ମୁଖ୍ୟ ଥିଲେ ?
(ଖ) କେଉଁ ପ୍ରଧାନମନ୍ତ୍ରୀ ପୂର୍ବତଟ ରେଳପଥର ଶୁଭ ଦେଇଥିଲେ ?
(ଗ) ପୋଖରାନ୍ କେଉଁ ରାଜ୍ୟରେ ଅବସ୍ଥିତ ?
(ଘ) କେଉଁ ମହାରାଜା ହରେକୃଷ୍ଣ ମହତାବଙ୍କୁ ପର୍ଶୁରାମ ଆଖ୍ୟା ଦେଇଥିଲେ ?
(ଙ) କାହା ମାଧ୍ୟମରେ ସିକିମ୍‌ର ଜନସାଧାରଣ ଭାରତରେ ମିଶିବାପାଇଁ ଆଗ୍ରହ ପ୍ରକାଶ କରି ଅନୁରୋଧ ଜଣାଇଥିଲେ ?

୨. ଗୋଟିଏ ବାକ୍ୟରେ ଉତ୍ତର ଦିଅ। [୧× ୫=୫
(କ) କେଉଁ ବ୍ୟକ୍ତିଙ୍କୁ ସୀମାନ୍ତ ଗାନ୍ଧୀ କୁହାଯାଏ ?
(ଖ) କିଏ ସାକ୍ଷୀଗୋପାଳଠାରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ?
(ଗ) ଦ୍ୱିତୀୟ ଗୋଲଟେବୁଲ ବୈଠକ ବେଳେ କିଏ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଥିଲେ ?
(ଘ) କେଉଁ ଯୋଜନା ମାଧ୍ୟମରେ ସମଗ୍ର ଓଡ଼ିଶାରେ ନୂତନ ବିଦ୍ୟାଳୟମାନ ଖୋଲାଯାଇଛି ?
(ଙ) ସ୍ୱାଧୀନତା ପରଠାରୁ ଭାରତ କେଉଁ ଅର୍ଥବ୍ୟବସ୍ଥା ଦ୍ୱାରା ପରିଚାଳିତ ?

୩. ଶୂନ୍ୟସ୍ଥାନ ପୂରଣ କର। [୧× ୫=୫
(କ) ଛତିଶଗଡ଼ ରାଜ୍ୟ ________ ମସିହାରେ ଗଠିତ ହେଲା।
(ଖ) ମତଦାନ ପାଇଁ ନିର୍ଦ୍ଧାରିତ ଦିନର ________ ଘଣ୍ଟା ପୂର୍ବରୁ ନିର୍ବାଚନ ପ୍ରଚାର ଅଭିଯାନ ବନ୍ଦ ହୁଏ।
(ଗ) ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କୁ ଇଂରେଜମାନେ ________ ଉପାଧିରେ ଭୂଷିତ କରିଥିଲେ।
(ଘ) ________ ଆନ୍ଦୋଳନ ମହାତ୍ମା ଗାନ୍ଧିଙ୍କର ଶେଷ ଗଣ ଆନ୍ଦୋଳନ ଥିଲା।
(ଙ) କ୍ଲିମେଣ୍ଟ ଅଟଲି ________ ଦଳର ନେତା ଥିଲେ।

୪. ଠିକ୍ ଉକ୍ତି ପାଇଁ (✓) ଓ ଭୁଲ୍ ଉକ୍ତି ପାଇଁ (×) ଦିଆଯାଇଥିବା ବକ୍ସରେ ସୂଚାଅ। [୧× ୫=୫
(କ) ଗାନ୍ଧିଜୀଙ୍କ ଆନ୍ଦୋଳନ ସମୟରେ ଦକ୍ଷିଣ ଆଫ୍ରିକାର ଶାସନ ମୁଖ୍ୟ ଥିଲେ ଜେନେରାଲ୍ ସ୍ମଟ୍‌ସ୍।
(ଖ) ଟି.ଇ. ରେଭେନ୍‌ସା ଆଳି ଓ ବାଙ୍କୀଠାରେ ନୂତନ ବନ୍ଧ ନିର୍ମାଣ ତଥା ପୁରୁଣା ବନ୍ଧର ମରାମତି କରାଇଥିଲେ।
(ଗ) ହରେକୃଷ୍ଣ ମହତାବ ଲୌହମାନବ ଭାବେ ପରିଚିତ।
(ଘ) ଆକାଶ ଏକ ଆଣବିକ ରିଆକ୍ଟର ନୁହେଁ।
(ଙ) ଭାରତ ସମ୍ବିଧାନର ତୃତୀୟ ଭାଗରେ ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ ଉଲ୍ଲିଖିତ ହୋଇଅଛି।

୫. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମିଳନ କର: [୧× ୫=୫

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ନିର୍ବାଚନ ମଣ୍ଡଳୀ | କୋରାପୁଟ |
| ତୈଳ ବିଶୋଧନାଗାର | ଧାନମଣ୍ଡଳ |
| ସେବା କାଗଜ କଳ | ଆସ୍କା |
| ଝୋଟକଳ | ରିଟର୍ଣ୍ଣିଂ ଅଫିସର |
| ଚିନିକଳ | ପାରାଦୀପ |

#### ଭୂଗୋଳ ଓ ଅର୍ଥନୀତି

୬. ବନ୍ଧନୀ ମଧ୍ୟରୁ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର। [୧× ୫=୫
(କ) ଭୂ- ପୃଷ୍ଠର ସମୁଦାୟ ଆୟତନର ଶତକଡ଼ା ________ ଭାଗ ଜଳଭାଗ। (୬୧, ୭୧, ୮୧, ୯୧)
(ଖ) ଭାରତର ________ ରାଜ୍ୟରେ ସର୍ବାଧିକ ଗୁଳ୍ମ ଅରଣ୍ୟ ରହିଛି। (ଓଡ଼ିଶା, ଆସାମ, ଆନ୍ଧ୍ରପ୍ରଦେଶ, ହରିୟାଣା)
(ଗ) ଟନ୍‌କାର ଗଭୀରତା ପ୍ରାୟ ________ ମିଟର। (୬.୧, ୭.୨, ୮.୩, ୯.୪)
(ଘ) ବିଶ୍ୱବାଣିଜ୍ୟ ସଂଗଠନର ମୁଖ୍ୟ କାର୍ଯ୍ୟାଳୟ ________ ଠାରେ ଅବସ୍ଥିତ। (ବୋଷ୍ଟନ୍, ଜେନିଭା, କାନାଡ଼ା, ମେକ୍‌ସିକୋ)
(ଙ) ସହରାଞ୍ଚଳରେ ଜଣେ ଲୋକପାଇଁ ସର୍ବନିମ୍ନ ________ କ୍ୟାଲୋରୀ ଖାଦ୍ୟସାର ଆବଶ୍ୟକ ହୋଇଥାଏ। (୨୦୦୦, ୨୧୦୦, ୨୩୦୦, ୨୪୦୦)

୭. ଗୋଟିଏ ଲେଖାଏଁ ବାକ୍ୟରେ ପ୍ରକାଶ କର। [୧× ୫=୫
(କ) ଦୋରସା ମୃତ୍ତିକା (ଖ) କୃଷ୍ଣହୀରକ (ଗ) ଝୁମ୍
(ଘ) ମୁଦ୍ରାଗତ ପ୍ରତିକାର (ଙ) ସଂସ୍ଥାନୀୟ ବେକାରୀ

୮. ରେଖାଙ୍କିତ ପଦକୁ ବଦଳାଇ ଭ୍ରମ ସଂଶୋଧନ କର। [୧× ୫=୫
(କ) ଲୁହା କଠିନତମ ଖଣିଜ ପଦାର୍ଥ ଅଟେ।
(ଖ) ଦେଶର ସମୁଦାୟ ଅରଣ୍ୟର ୫୦ ଭାଗ ଅରଣ୍ୟ ପାର୍ବତ୍ୟାଞ୍ଚଳରେ ରହିବା ଆବଶ୍ୟକ।
(ଗ) ଜାପାନର ବଜାରରେ ଭାରତୀୟ ପ୍ରସ୍ତୁତ ଲୁଗାପଟାର ଚାହିଦା ଅଧିକ।
(ଘ) ଦରବୃଦ୍ଧି ସମୟରେ କଳାବଜାରୀମାନଙ୍କର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ ପ୍ରଭାବିତ ହୋଇଥାଏ।
(ଙ) ୧୯୯୧ ମସିହା ଜନଗଣନା ଅନୁଯାୟୀ ଦେଶର ମହିଳା ଶ୍ରମିକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୫.୭୫ ପ୍ରତିଶତ ଥିଲା।

୯. ଏକ ବା ଦୁଇଟି ଶବ୍ଦରେ ପ୍ରକାଶ କର। [୧× ୫=୫
(କ) ସୂଚ୍ୟଗ୍ରପତ୍ରୀ ସରଳବର୍ଗୀୟ ବିଦେଶଜ ଉଦ୍ଭିଦ-
(ଖ) ଟାକ୍ସୋଲ ନାମକ ଔଷଧ ପ୍ରସ୍ତୁତ କରାଯାଉଥିବା ଉଦ୍ଭିଦ-
(ଗ) ଇଣ୍ଡୋନେସିଆ ଓ ଭିଏତ୍‌ନାମ୍‌ରେ ସ୍ଥାନାନ୍ତରିତ କୃଷି-
(ଘ) ଦୁଇଜଣ ବ୍ୟକ୍ତିଙ୍କର ଆୟର ବୈଷମ୍ୟ -
(ଙ) ଜାତୀୟ ଆୟକୁ ଜନସଂଖ୍ୟା ଦ୍ୱାରା ଭାଗ କରାଯାଇ ମିଳୁଥିବା ଆୟ-

୧୦. (କ) ଭାରତର ରେଖାଙ୍କିତ ମାନଚିତ୍ରରେ ଦର୍ଶାଅ। [୧× ୩=୩
୧. ଡାଚିଗ୍ରାମ ରାଷ୍ଟ୍ରୀୟ ଉଦ୍ୟାନ
୨. ବାସେଇନ୍ ତୈଳଖଣି
୩. ସାଲେମ୍ ଲୌହଇସ୍ପାତ ଓ ଶିଳ୍ପ
(ଖ) ବାମପାର୍ଶ୍ୱରେ ପ୍ରଦତ୍ତ ଯୋଡ଼ା ଶବ୍ଦ ସମ୍ପର୍କ ଭିତ୍ତିକ ଡାହାଣ ପାର୍ଶ୍ୱରେ ଖାଲିଥିବା ସ୍ଥାନରେ ଶବ୍ଦ ଲେଖି ଯୋଡ଼ି ସମ୍ପର୍କ ସ୍ଥାପନ କର। [୧× ୨
୧. ନେପାନଗର : ସମ୍ବାଦପତ୍ର : : ହୋସାଙ୍ଗାବାଦ : ________
୨. ଚାଉଳ : ଗୋଡି : : ଚା' : ________

### PART 2: SUBJECTIVE

#### ଭୂଗୋଳ ଓ ଅର୍ଥନୀତି

11.(କ) ବୃହତ୍ ନଦୀ ଉପତ୍ୟକା ଯୋଜନାଗୁଡ଼ିକୁ କାହିଁକି ବହୁମୁଖୀ ନଦୀବନ୍ଧ ଯୋଜନା କୁହାଯାଏ ? [4
କିମ୍ବା, ବନ୍ୟପ୍ରାଣୀର ବ୍ୟବହାର ଓ ଉପକାରିତାର ଏକ ବିବରଣୀ ପ୍ରଦାନ କର।
(ଖ) ଭାରତର ବାଣିଜ୍ୟିକ କୃଷି ବିଷୟରେ ଏକ ବିବରଣୀ ପ୍ରଦାନ କର। [4
କିମ୍ବା, ଭାରତରେ ଦେଖାଯାଉଥିବା କ୍ରାନ୍ତୀୟ ଆର୍ଦ୍ର ଅର୍ଦ୍ଧ ଚିରହରିତ୍ ଅରଣ୍ୟ ସମ୍ପର୍କରେ ଏକ ବିବରଣୀ ପ୍ରଦାନ କର।

12. (କ) ସଂକ୍ଷେପରେ ଉତ୍ତର ଲେଖ। [3
ମୃତ୍ତିକା କ୍ଷୟର କୁପରିଣାମ ଲେଖ।
କିମ୍ବା, ବୃହତ୍ ଶିଳ୍ପର ଗୁରୁତ୍ୱଗୁଡ଼ିକ କ'ଣ ?
(ଖ) ସଂକ୍ଷେପରେ ଉତ୍ତର ଲେଖ। [3
ମରୁସ୍ଥଳୀ ମୃତ୍ତିକା କିମ୍ବା, ଅବର୍ଗୀକୃତ ଅରଣ୍ୟ
(ଗ) ଦରବୃଦ୍ଧିର କାରଣଗୁଡ଼ିକ ଉଲ୍ଲେଖ କର। [3
କିମ୍ବା, ଖାଉଟି ବିବାଦୀୟ ପ୍ରତିବିଧାନ ସଂସ୍ଥାର କାର୍ଯ୍ୟକାରିତା ବିଷୟରେ ଲେଖ।

13. (କ) କାରଣ ଦର୍ଶାଅ। [2
ଭାରତର କ୍ରାନ୍ତୀୟ ଆର୍ଦ୍ର ଚିରହରିତ୍ ଅରଣ୍ୟର ବୃକ୍ଷଗୁଡ଼ିକର ସଦୁପଯୋଗ ହୋଇପାରୁନାହିଁ।
କିମ୍ବା, ସହର ଓ ଶିଳ୍ପାୟନ ଉଭୟେ ଅଙ୍ଗାଙ୍ଗୀଭାବେ ଜଡ଼ିତ।
(ଖ) ପାର୍ଥକ୍ୟ ଦର୍ଶାଅ। [2
ଭେନ୍ ଓ ଲୋଡ୍ କିମ୍ବା, ଅପଘଟକ ଓ ପରପୋଷୀ
(ଗ) ପାର୍ଥକ୍ୟ ଦର୍ଶାଅ। [2
ଜାତୀୟ ଆୟ ଓ ମୁଣ୍ଡପିଛା ଆୟ
କିମ୍ବା, ସାଧାରଣ ବଣ୍ଟନ ବ୍ୟବସ୍ଥା ଓ ଶାସନ ଗତ ଦର ବ୍ୟବସ୍ଥା
(ଘ) ସଂକ୍ଷିପ୍ତ ଟିପ୍ପଣୀ ଲେଖ। [2
ପଲାରପାନି କିମ୍ବା, ଲିଗ୍‌ନାଇଟ୍ କୋଇଲା

#### ଇତିହାସ ଓ ରାଜନୀତି ବିଜ୍ଞାନ

14. ସଂକ୍ଷେପରେ ଉତ୍ତର ଦିଅ। [4
(କ) ଓଡ଼ିଶାରେ ସମ୍ବାଦ ପତ୍ରର ବିକାଶ କିପରି ହୋଇଥିଲା ?
କିମ୍ବା, ପୁନର୍ଗଠିତ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟିରେ କେଉଁମାନେ ସଦସ୍ୟ ଥିଲେ ଏବଂ ଏହାର କି କି ପ୍ରସ୍ତାବ ଥିଲା ?
(ଖ) ଭାରତଛାଡ଼ ଆନ୍ଦୋଳନରେ ଲକ୍ଷ୍ମଣ ନାୟକଙ୍କ ଅବଦାନ ସଂପର୍କରେ ଆଲୋଚନା କର। [4
କିମ୍ବା, ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଅଗ୍ରଗତି ସଂପର୍କରେ ସୂଚନା ଦିଅ।

15. ସଂକ୍ଷେପରେ ଉତ୍ତର ଦିଅ। [3
(କ) ଖିଲାଫତ୍ ଆନ୍ଦୋଳନର ଅବସାନ କିପରି ଘଟିଥିଲା ?
କିମ୍ବା, ଉତ୍କଳ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ କ'ଣ ଥିଲା ?
(ଖ) ହାଇଦ୍ରାବାଦ କିପରି ଭାରତ ସହ ମିଶିଥିଲା ? [3
କିମ୍ବା, ଓଡ଼ିଶା ବିଧାନସଭାର ପ୍ରଥମ ଅଧିବେଶନ କେବେ ଓ କେଉଁଠାରେ ବସିଥିଲା ? ଏହି ଅଧିବେଶନରେ କେଉଁମାନେ ବାଚସ୍ପତି ଓ ଉପବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ ?
(ଗ) କାହିଁକି ଓ କେବେ 'ରାଜ୍ୟ ପୁନର୍ଗଠନ ଆୟୋଗ' ଗଠିତ ହେଲା ? ଏଥିରେ କେତେ ଜଣ ସଦସ୍ୟ ଥିଲେ ? [3
କିମ୍ବା, ଭାରତରେ କେଉଁ ସଂସ୍ଥା ନିର୍ବାଚନ ପରିଚାଳନା କରନ୍ତି ? ଏହି ସଂସ୍ଥାର କାର୍ଯ୍ୟ କ'ଣ ?

16. ସଂକ୍ଷେପରେ ଉତ୍ତର ଦିଅ।
(କ) ରାଓଲାଟ୍ ଆଇନରେ କ'ଣ ବ୍ୟବସ୍ଥା ରହିଥିଲା ଏବଂ ଏହା କେବେ ଗୃହୀତ ହୋଇଥିଲା ? [2
କିମ୍ବା, କାହାଙ୍କୁ 'ଭାରତର ବିସ୍‌ମାର୍କ' ବୋଲି କୁହାଯାଏ ଏବଂ କାହିଁକି ?
(ଖ) କିଏ ଏବଂ କେବେ ଖଡ଼ଗପୁରଠାରେ ପ୍ରଥମ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ କରିଥିଲେ ? [2
କିମ୍ବା, ଆଦିବାସୀ ଓ ଦଳିତମାନଙ୍କ ଶିକ୍ଷାର ବିକାଶ ପାଇଁ ସରକାର କେଉଁ ପଦକ୍ଷେପଗୁଡ଼ିକ ଗ୍ରହଣ କରିଛନ୍ତି ?
(ଗ) ଜୁନାଗଡ଼ କିପରି ଭାରତ ସହ ମିଶିଥିଲା ? [2
କିମ୍ବା, କାହିଁକି ଓ କେବେ କୃଷ୍ଣଚନ୍ଦ୍ର ଗଜପତି ମିଳିତ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ ?
(ଘ) ଆମ ଦେଶରେ କେଉଁମାନେ ପ୍ରତ୍ୟକ୍ଷ ଓ କେଉଁମାନେ ପରୋକ୍ଷ ଭାବରେ ନିର୍ବାଚିତ ହୁଅନ୍ତି ? [2
କିମ୍ବା, କାହାର ପ୍ରସ୍ତାବ ଅନୁଯାୟୀ ଆମ ଦେଶର ସମ୍ବିଧାନ ପ୍ରଣୟନ ସଭା ଗଠିତ ହେଲା ଓ ଏହାର ପ୍ରଥମ ବୈଠକ କେବେ ବସିଥିଲା ?

### ANSWERS

୧. (କ) ଅମୃତସର (ଖ) ଦେବଗୌଡ଼ା (ଗ) ରାଜସ୍ଥାନ (ଘ) କଳାହାଣ୍ଡି (ଙ) ଗଣଭୋଟ

୨. (କ) ଖାନ୍ ଅବଦୁଲ ଗଫର ଖାନ୍‌ଙ୍କୁ ସୀମାନ୍ତ ଗାନ୍ଧୀ କୁହାଯାଏ। (ଖ) ଗୋପବନ୍ଧୁ ଦାସ ସାକ୍ଷୀଗୋପାଳଠାରେ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। (ଗ) ଦ୍ୱିତୀୟ ଗୋଲଟେବୁଲ ବୈଠକ ବେଳେ ରାମ୍‌ସେ ମ୍ୟାକ୍‌ଡୋନାଲଡ୍ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଥିଲେ। (ଘ) ସର୍ବଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ସମଗ୍ର ଓଡ଼ିଶାରେ ନୂତନ ବିଦ୍ୟାଳୟମାନ ଖୋଲାଯାଇଛି। (ଙ) ସ୍ୱାଧୀନତା ପରଠାରୁ ଭାରତ ମିଶ୍ରିତ ଅର୍ଥବ୍ୟବସ୍ଥା ଦ୍ୱାରା ପରିଚାଳିତ।

୩. (କ) ୨୦୦୦ (ଖ) ୪୮ (ଗ) ସାର୍ (ଘ) ଭାରତ ଛାଡ଼ (ଙ) ଶ୍ରମିକ

୪. (କ) ✓ (ଖ) ✓ (ଗ) × (ଘ) ✓ (ଙ) ×

୫.

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ନିର୍ବାଚନ ମଣ୍ଡଳୀ | ରିଟର୍ଣ୍ଣିଂ ଅଫିସର |
| ତୈଳ ବିଶୋଧନାଗାର | ପାରାଦୀପ |
| ସେବା କାଗଜ କଳ | କୋରାପୁଟ |
| ଝୋଟକଳ | ଧାନମଣ୍ଡଳ |
| ଚିନିକଳ | ଆସ୍କା |

୬. (କ) ୭୧ (ଖ) ଆନ୍ଧ୍ରପ୍ରଦେଶ (ଗ) ୬.୧ (ଘ) ଜେନିଭା (ଙ) ୨୧୦୦

୭. (କ) ବାଲିଆ, ପଟୁ ଓ ମଟାଳ ସମାନ ପରିମାଣରେ ମିଶିକରି ଯେଉଁ ମୃତ୍ତିକା ଗଠିତ ହୁଏ ତାହାକୁ ଦୋରସା ମୃତ୍ତିକା କୁହାଯାଏ। (ଖ) କୋଇଲାରୁ ଅନେକ ଦରକାରୀ ଜିନିଷ ମିଳୁଥିବାରୁ ଏହାକୁ କୃଷ୍ଣହୀରକ କୁହାଯାଏ। (ଗ) ଉତ୍ତର-ପୂର୍ବ ରାଜ୍ୟ, ଯଥା: ଆସାମ, ମେଘାଳୟ, ମିଜୋରାମ ଓ ନାଗାଲାଣ୍ଡରେ ସ୍ଥାନାନ୍ତରିତ କୃଷିକୁ ଝୁମ୍ କୁହାଯାଏ। (ଘ) ଦରବୃଦ୍ଧି ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ମୁଦ୍ରା ପ୍ରଚଳନକୁ ସଂକୁଚିତ କରିବାକୁ ମୁଦ୍ରାଗତ ପ୍ରତିକାର କୁହାଯାଏ। (ଙ) ଯଦି କୌଣସି ଅର୍ଥ ବ୍ୟବସ୍ଥାରେ ସମ୍ବଳ ବା ପୁଞ୍ଜିର ଅଭାବ ହେତୁ ଶ୍ରମିକମାନଙ୍କର ନିଯୁକ୍ତି ବାଧାପ୍ରାପ୍ତ ହୁଏ, ତା' ହେଲେ ସେ ଅବସ୍ଥାକୁ ସଂସ୍ଥାନୀୟ ବେକାରୀ କୁହାଯାଏ।

୮. (କ) ହୀରା କଠିନତମ ଖଣିଜ ପଦାର୍ଥ ଅଟେ। (ଖ) ଦେଶର ସମୁଦାୟ ଅରଣ୍ୟର ୬୦ ଭାଗ ଅରଣ୍ୟ ପାର୍ବତ୍ୟାଞ୍ଚଳରେ ରହିବା ଆବଶ୍ୟକ। (ଗ) ଯୁକ୍ତରାଷ୍ଟ୍ର ଆମେରିକାର ବଜାରରେ ଭାରତୀୟ ପ୍ରସ୍ତୁତ ଲୁଗାପଟାର ଚାହିଦା ଅଧିକ। (ଘ) ଦରବୃଦ୍ଧି ସମୟରେ ଖାଉଟିମାନଙ୍କର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ ପ୍ରଭାବିତ ହୋଇଥାଏ। (ଙ) ୨୦୦୧ ମସିହା ଜନଗଣନା ଅନୁଯାୟୀ ଦେଶର ମହିଳା ଶ୍ରମିକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୫.୭୫ ପ୍ରତିଶତ ଥିଲା।

୯. (କ) ବୋରିୟଲ ଉଦ୍ଭିଦ (ଖ) ୟିଉ (ଗ) ରେ (ଘ) ଆପେକ୍ଷିକ ଦାରିଦ୍ର୍ୟ (ଙ) ମୁଣ୍ଡପିଛା ଆୟ

୧୦. (କ)




(ଖ) ୧. କାଗଜନୋଟ୍ ୨. ଚମଡ଼ା ଗୁଣ୍ଡ

୧୧. (କ) (i) ନଦୀ ଶଯ୍ୟାରେ ବନ୍ଧବାନ୍ଧି ଜଳପ୍ରବାହକୁ ରୋକାଯାଇ ପରବର୍ତ୍ତୀ ସମୟରେ ଏହି ସଞ୍ଚିତ ଜଳକୁ ଚାଷ ଜମିରେ ଜଳସେଚନ ପାଇଁ ବ୍ୟବହାର କରାଯାଏ।
(ii) ଆଜିକାଲି କେବଳ ଜଳସେଚନ ପାଇଁ ନଦୀବନ୍ଧ ନିର୍ମାଣ କରା ନଯାଇ ଏଥିରୁ ଜଳବିଦ୍ୟୁତ୍ ଉତ୍ପାଦନ, ଘରୋଇ ଓ ଔଦ୍ୟୋଗିକ କ୍ଷେତ୍ରରେ ବ୍ୟବହାର, ବନ୍ୟା ନିୟନ୍ତ୍ରଣ, ନୌକାବିହାର, ମନୋରଞ୍ଜନ, ପର୍ଯ୍ୟଟନ, ଅନ୍ତଃସ୍ଥଳୀୟ ଜଳପରିବହନ ଏବଂ ମତ୍ସ୍ୟ ପ୍ରଜନନ ପାଇଁ ବ୍ୟବହୃତ ହେଉଛି।
(iii) ଏହା ବ୍ୟତୀତ ଏହି ଯୋଜନାଗୁଡ଼ିକ ଜଳ ସମ୍ବଳର ସମନ୍ୱିତ ବିକାଶ ଓ ସୁପରିଚାଳନାକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଏ।
(iv) ଏହା ଦ୍ୱାରା କୃଷି ବିକାଶ, ଦ୍ରୁତ ଶିଳ୍ପାୟନ ଓ ଗ୍ରାମ୍ୟ ଅର୍ଥନୀତି ଏବଂ ସହରୀ ଅର୍ଥନୀତି ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଇ ପାରୁଛି। ତେଣୁ ବୃହତ୍ ନଦୀ ଉପତ୍ୟକା ଯୋଜନାଗୁଡ଼ିକୁ ବହୁମୁଖୀ ନଦୀବନ୍ଧ ଯୋଜନା କୁହାଯାଏ।
କିମ୍ବା, (i) ବନ୍ୟପ୍ରାଣୀମାନଙ୍କଠାରୁ ଦୁଗ୍ଧ, ମାଂସ, ଶିଙ୍ଗ, ଚମଡ଼ା, ପଶମ ଇତ୍ୟାଦି ମିଳିଥାଏ। ମହୁମାଛିର ଫେଣାରୁ ମହୁ ସଂଗ୍ରହ କରାଯାଇଥାଏ। କୀଟପତଙ୍ଗମାନଙ୍କ ସାହାଯ୍ୟରେ ଫୁଲର ପରାଗ ସଙ୍ଗମ ହୋଇଥାଏ।
(ii) ବନ୍ୟପ୍ରାଣୀମାନେ ପରିବେଶରୁ ଅଳିଆ ଆବର୍ଜନା ସଫାକରି ଏହାକୁ ପରିଷ୍କାର ରଖିଥାନ୍ତି। କୁଆ, ଶାଗୁଣା ଆଦି ପକ୍ଷୀମାନେ କୀଟପତଙ୍ଗ, ପୋକଜୋକ, ପଶୁପକ୍ଷୀ ଓ ମନୁଷ୍ୟର ଶବକୁ ଖାଇ ପରିବେଶକୁ ପ୍ରଦୂଷଣମୁକ୍ତ ରଖିଥାନ୍ତି।
(iii) ମନୁଷ୍ୟ ନଦୀ, ହ୍ରଦ, ସମୁଦ୍ର ଓ ପୋଖରୀରୁ ମାଛ ମାରି ଖାଦ୍ୟରୂପେ ଗ୍ରହଣ କରିଥାଏ।
(iv) ବିଭିନ୍ନ ପ୍ରକାରର ପ୍ରାଣୀ, ପକ୍ଷୀ, ମାଛ ଇତ୍ୟାଦିରୁ କେତେକ ବିଶେଷ ଧରଣର ମୂଲ୍ୟବାନ ଔଷଧ ପ୍ରସ୍ତୁତ କରାଯାଇଥାଏ।
(ଖ) (i) ବାଣିଜ୍ୟିକ କୃଷିରେ ଅଧିକ ଉତ୍ପାଦନ ପାଇଁ ବ୍ୟବହାର ହେଉଥିବା ଉପାଦାନଗୁଡ଼ିକ ହେଲା ଅଧିକ ଅମଳକ୍ଷମ ବିହନ,ରାସାୟନିକ ସାର ଓ କୀଟନାଶକ ଔଷଧ। ଏହି କୃଷି ପାଇଁ ଅଧିକ ମୂଳଧନ, ଦକ୍ଷ ଶ୍ରମିକ, ଅତ୍ୟାଧୁନିକ ଯନ୍ତ୍ରପାତି ତଥା ଜ୍ଞାନକୌଶଳ, ସାର, ଜଳସେଚନ ଓ ପରିବହନ ବ୍ୟବସ୍ଥା ଅତ୍ୟନ୍ତ ଜରୁରୀ।
(ii) ରୋପଣ କୃଷି ମଧ୍ୟ ଏକ ପ୍ରକାର ବାଣିଜ୍ୟିକ କୃଷି। ଏ ପ୍ରକାର କୃଷିରେ ଗୋଟିଏ କିସମର ଶସ୍ୟକୁ ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ଚାଷ କରାଯାଇଥାଏ। ଚା, କଫି, ରବର, କଦଳୀ, ନଡ଼ିଆ, ମସଲା ଆଦି ରୋପଣ କୃଷିର ଅନ୍ତର୍ଭୁକ୍ତ।
(iii) ସେଓ, କମଳା, ଅଙ୍ଗୁର ଆଦି ଫଳଚାଷକୁ ବାଣିଜ୍ୟିକ କୃଷିର ଅନ୍ତର୍ଭୁକ୍ତ କରାଯାଇଛି।
(iv) ଅଞ୍ଚଳ ଭିତ୍ତିରେ ବାଣିଜ୍ୟିକ କୃଷି ଭିନ୍ନଭିନ୍ନ ହୋଇଥାଏ। ଓଡ଼ିଶାରେ ଧାନ ପ୍ରୟୋଜନଭିତ୍ତିକ କୃଷି ହୋଇଥିବାବେଳେ ପଞ୍ଜାବ ଓ ହରିୟାଣାରେ ଧାନ ବାଣିଜ୍ୟିକ କୃଷିର ମାନ୍ୟତା ପାଇଛି।
କିମ୍ବା, (i) ଏହି ଅରଣ୍ୟ ବାର୍ଷିକ ହାରାହାରି ୨୦୦ ସେ.ମି.ରୁ ୨୫୦ ସେ.ମି. ବୃଷ୍ଟିପାତ ଏବଂ ୮୦ ଶତାଂଶ ଆର୍ଦ୍ରତା ଥିବା ଅଞ୍ଚଳରେ ଦେଖାଯାଏ।
(ii) ଏହା ଉଭୟ ଆର୍ଦ୍ର ଚିରହରିତ୍ ଅରଣ୍ୟ ଓ ପର୍ଣ୍ଣମୋଚୀ ଅରଣ୍ୟର ଏକ ମିଶ୍ରିତ ଅରଣ୍ୟ। ଏହାର ବୃକ୍ଷଗୁଡ଼ିକ ଅଳ୍ପ ଘଞ୍ଚ ଓ ପ୍ରାୟ ୨୪ ମିଟରରୁ ୩୬ ମିଟର ଉଚ୍ଚ।
(iii) ଏହି ଅରଣ୍ୟରେ କଦମ, ରୋଜଉଡ୍, କାଜୁ, ବିଜାଶାଳ, କୁସୁମ, ଭାରତୀୟ ଚେଷ୍ଟନଟ୍, ଚମ୍ପା ଇତ୍ୟାଦି ବୃକ୍ଷ ଦେଖାଯାଏ।
(iv) ଏହି ଅରଣ୍ୟ ସାଧାରଣତଃ ଭାରତର ପଶ୍ଚିମ ଉପକୂଳ, ଉତ୍ତର ଆସାମ, ପୂର୍ବ ହିମାଳୟ ପାର୍ବତ୍ୟାଞ୍ଚଳର ନିମ୍ନଢାଲୁ ଅଞ୍ଚଳ ଓ ଓଡ଼ିଶା ଉପକୂଳ ଓ ନିକଟବର୍ତ୍ତୀ ପାହାଡ଼ଗୁଡ଼ିକରେ ଦେଖାଯାଏ।

୧୨. (କ) (i) ମୃତ୍ତିକା କ୍ଷୟ ଯୋଗୁଁ ଭୂମିର ଉର୍ବରତା ହ୍ରାସ ପାଏ, ଯାହା ଫଳରେ କୃଷି ଭୂମିର ଉତ୍ପାଦନ କ୍ଷମତା ହ୍ରାସ ପାଏ।
(ii) ମୃତ୍ତିକାରେ ଥିବା ଖଣିଜ ପଦାର୍ଥ କ୍ରମଶଃ ହ୍ରାସ ପାଏ। ଭୂଗର୍ଭ ଜଳର ଜଳଶୀର୍ଷ ନିମ୍ନାଭିମୁଖୀ ହୁଏ।
(iii) ବନ୍ୟା ଓ ମରୁଡ଼ି ପ୍ରକୋପ ବୃଦ୍ଧି ପାଏ। ପଟୁମାଟି ଓ ବାଲି ନଦୀ ଶଯ୍ୟାରେ ଜମା ହୋଇ ଶଯ୍ୟାର ଉଚ୍ଚତା ବୃଦ୍ଧି ପାଏ। ଏହା ଫଳରେ ଦେଶର ଓ ରାଜ୍ୟର ପ୍ରଗତିରେ ବାଧା ଆସେ ଏବଂ ଅପରାଧ ଓ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧିପାଏ।
କିମ୍ବା, (i) ବୃହତ୍ ଶିଳ୍ପରେ ଅଧିକ ପରିମାଣରେ କଞ୍ଚାମାଲ ଆବଶ୍ୟକ ହୁଏ ଓ ଅଧିକ ସଂଖ୍ୟାରେ ଶ୍ରମିକ ନିୟୋଜିତ ହୋଇଥାନ୍ତି।
(ii) ଏ ପ୍ରକାର ଶିଳ୍ପ ପ୍ରତିଷ୍ଠାନରେ ବୃହଦାକାର ଶକ୍ତିଚାଳିତ ଯନ୍ତ୍ର ସାହାଯ୍ୟରେ ଦ୍ରବ୍ୟ ଉତ୍ପାଦିତ ହୋଇଥାଏ।
(iii) ଏହି ଶିଳ୍ପରେ ଉତ୍ପାଦିତ ଦ୍ରବ୍ୟଗୁଡ଼ିକ ଆକାରରେ ବଡ଼ ହେବା ସଙ୍ଗେ ସଙ୍ଗେ ଓଜନଦାର ହୋଇଥାଏ।
(ଖ) (i) ଏହି ମୃତ୍ତିକା ଶୁଷ୍କ ଓ ଅର୍ଦ୍ଧଶୁଷ୍କ ଜଳବାୟୁ ଅଞ୍ଚଳରେ ଦେଖାଯାଏ।
(ii) ରାଜସ୍ଥାନର ଥର୍ ମରୁଭୂମି, ଗୁଜରାଟର ସୌରାଷ୍ଟ୍ର ଓ କଚ୍ଛ, ହରିୟାଣା ଓ ପଞ୍ଜାବ ରାଜ୍ୟମାନଙ୍କରେ ଏହି ମୃତ୍ତିକା ଦେଖାଯାଏ।
(iii) ଏହି ମୃତ୍ତିକାରେ ଅଧିକ ପରିମାଣର ବାଲି, ଲବଣ ଓ ଫସଫରସ୍ ଏବଂ କମ୍ ପରିମାଣର ଜୈବାଂଶ, ଯବକ୍ଷାରଜାନ ଓ କ୍ୟାଲସିୟମ୍ କାର୍ବୋନେଟ୍ ରହିଥାଏ ଓ ଏହି ମୃତ୍ତିକାର ଜଳଧାରଣ ଶକ୍ତି ବହୁତ କମ୍।
କିମ୍ବା, (i) ଏହି ପ୍ରକାର ଅରଣ୍ୟର କୌଣସି ପ୍ରତିବନ୍ଧକ ରହି ନଥାଏ। ତେଣୁ ଏହାକୁ ମୁକ୍ତ ଅରଣ୍ୟ ବା ଅବର୍ଗୀକୃତ ଅରଣ୍ୟ ବୋଲି କୁହାଯାଏ।
(ii) ଏହି ଅରଣ୍ୟ କାଷ୍ଠ ସଂଗ୍ରହ ଓ ପଶୁଚରଣ ପାଇଁ ବିଶେଷ ଭାବେ ବ୍ୟବହୃତ ହୋଇଥାଏ।
(iii) ଏହାର ଆୟତନ ସମୁଦାୟ ଅରଣ୍ୟ ଆୟତନର ପ୍ରାୟ ୧୮ ଶତାଂଶ ହୋଇଥାଏ।
(ଗ) (i) ଚାହିଦା ଅନୁଯାୟୀ କୌଣସି ଦ୍ରବ୍ୟର ଯୋଗାଣ ପର୍ଯ୍ୟାପ୍ତ ନ ହେଲେ ସେହି ଦ୍ରବ୍ୟ କିମ୍ବା ସେବାର ମୂଲ୍ୟ ବୃଦ୍ଧି ଘଟିଥାଏ।
(ii) ଉତ୍ପାଦନ କ୍ଷେତ୍ରରେ କଞ୍ଚାମାଲର ଦର, ଶ୍ରମିକ ମଜୁରି, ମାଲ ପରିବହନ ଖର୍ଚ୍ଚ ଇତ୍ୟାଦିର ବୃଦ୍ଧି ହେଲେ ବିଭିନ୍ନ ପ୍ରକାର ଦ୍ରବ୍ୟ ଓ ସେବାର ଦର ବୃଦ୍ଧି ହୁଏ।
(iii) ବେଳେବେଳେ ବିଭିନ୍ନ ଅସାମାଜିକ ତତ୍ତ୍ୱମାନେ ଯେପରିକି କଳାବଜାରୀ, ମହଜୁଦ୍‌କାରୀ ଏବଂ ମୁନାଫାଖୋର ବ୍ୟବସାୟୀ ବେଆଇନ୍ ଭାବରେ ବଜାରରେ ବିଭିନ୍ନ ଦ୍ରବ୍ୟର ଅଯଥା ମୂଲ୍ୟ ବୃଦ୍ଧି ଘଟାଇଥାନ୍ତି।
କିମ୍ବା, (i) ଖାଉଟି ସୁରକ୍ଷା ପାଇଁ ସରକାର ଏକ ତ୍ରିସ୍ତରୀୟ ସଂସ୍ଥା ବିଭିନ୍ନ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ସ୍ଥାପନ କରିଛନ୍ତି। ଏହାର ନାମ ହେଲା ଖାଉଟି ବିବାଦୀୟ ପ୍ରତିବିଧାନ ସଂସ୍ଥା ଏହି ସଂସ୍ଥା। ଖାଉଟିମାନଙ୍କର ବିଭିନ୍ନ ଅଭିଯୋଗ ଉପରେ ସେମାନଙ୍କର ଶୁଣାଣି ତିନିମାସ ମଧ୍ୟରେ ଦେବାର ବ୍ୟବସ୍ଥା କରିଛନ୍ତି।
(ii) ଏହି ଆଇନ ବଳରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଖାଉଟି କଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ ବିଭାଗମାନ ସ୍ଥାପନ କରାଯାଇ ଖାଉଟିମାନଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।
(iii) ଏହି ଆଇନ ଅନୁଯାୟୀ ଆମ ଦେଶରେ ତିନିସ୍ତରରେ ଖାଉଟି ଅଦାଲତମାନ ସ୍ଥାପିତ ହୋଇଛି, ଯଥା-ଜାତୀୟ ଖାଉଟି କମିଶନ, ରାଜ୍ୟ ଖାଉଟି କମିଶନ୍ ଓ ଜିଲ୍ଲା ବିଚାରମଞ୍ଚ।

୧୩. (କ) (i) ଭାରତରେ ବାର୍ଷିକ ହାରାହାରି ୨୦୦ ସେ.ମି.ରୁ ଅଧିକ ବୃଷ୍ଟିପାତ ହେଉଥିବା ସ୍ଥାନଗୁଡ଼ିକରେ ଏ ପ୍ରକାର ଅରଣ୍ୟ ଦେଖାଯାଏ।
(ii) ଭୀଷଣ ବର୍ଷା, ଘଞ୍ଚ ଜଙ୍ଗଲ ଓ ପରିବହନର ଅସୁବିଧା ଯୋଗୁଁ ଏହି ଅରଣ୍ୟର ମୂଲ୍ୟବାନ ବୃକ୍ଷଗୁଡ଼ିକର ସଦୁପଯୋଗ ହୋଇପାରୁନାହିଁ।
କିମ୍ବା, (i) ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହେଲେ ସେହି ସ୍ଥାନରେ ସହରୀକରଣ ପ୍ରକ୍ରିୟା ଆରମ୍ଭ ହୁଏ।
(ii) ସହରାଞ୍ଚଳରେ ବ୍ୟାଙ୍କ୍, ବଜାର, ପରିବହନ, ଶ୍ରମିକ ଓ ଶକ୍ତି ଆଦି ସହଜରେ ଉପଲବ୍ଧ ହେଉଥିବାରୁ ସେଠାରେ ଶିଳ୍ପାୟନ ସହଜସାଧ୍ୟ।
(ଖ) (i) ଆଗ୍ନେୟ ଓ ରୂପାନ୍ତରିତ ଶିଳାରେ ଖଣିଜ ପଦାର୍ଥ କମ୍ ଥିଲେ ତାହାକୁ ଭେନ୍ ବା ଶିରା ବୋଲି କୁହାଯାଏ।
(ii) ଆଗ୍ନେୟ ଏବଂ ରୂପାନ୍ତରିତ ଶିଳାରେ ଖଣିଜ ପଦାର୍ଥ ଅଧିକ ଥିଲେ ତାହାକୁ ଲୋଡ୍ ବା ଧାତୁସ୍ତର ବୋଲି କୁହାଯାଏ।
କିମ୍ବା, (i) ମୃତ ଉଦ୍ଭିଦ ଓ ପ୍ରାଣୀମାନଙ୍କର ଶରୀରରୁ ଖାଦ୍ୟ ଶୋଷଣ କରି ବଞ୍ଚୁଥିବା ଅଣୁଜୀବମାନଙ୍କୁ ଅପଘଟକ କୁହାଯାଏ। କବକ ଓ ବ୍ୟାକ୍ଟେରିଆ ଇତ୍ୟାଦି ଅପଘଟକ ଶ୍ରେଣୀର।
(ii) ପ୍ରାଣୀମାନେ ହେଉଛନ୍ତି ପରପୋଷୀ। ଏମାନେ ହେଉଛନ୍ତି ଭକ୍ଷକ। ଏମାନେ ସବୁଜ ଉଦ୍ଭିଦଗୁଡ଼ିକ ଉପରେ ନିର୍ଭର କରି ବୃଦ୍ଧି ପାଇଥାନ୍ତି।
(ଗ) (i) କୌଣସି ଦେଶର ବର୍ଷକ ମଧ୍ୟରେ ଉତ୍ପାଦିତ ହେଉଥିବା ବିଭିନ୍ନ ଦ୍ରବ୍ୟ ଓ ସେବାର ମୂଲ୍ୟ ଓ ଏଥିସହିତ ବିଦେଶରୁ ଆସୁଥିବା ଆୟକୁ ମିଶାଇ ଜାତୀୟ ଆୟ ସ୍ଥିର କରାଯାଏ।
(ii) ଦେଶର ଜାତୀୟ ଆୟକୁ ସମୁଦାୟ ଜନସଂଖ୍ୟା ଦ୍ୱାରା ଭାଗ କରାଯାଇ ମୁଣ୍ଡପିଛା ଆୟ ନିରୂପଣ କରାଯାଏ।
କିମ୍ବା, (i) ଦରବୃଦ୍ଧି ସମୟରେ ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ସରକାର ଗରିବ ଲୋକମାନଙ୍କୁ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ, ଯଥା- ଚାଉଳ, ଗହମ, ଚିନି, ଖାଇବା ତେଲ, କିରୋସିନି ଆଦି ଯୋଗାଇଥାନ୍ତି। ଏହାଦ୍ୱାରା ଦରବୃଦ୍ଧି କିଛି ପରିମାଣରେ ନିୟନ୍ତ୍ରିତ ହୋଇଥାଏ।
(ii) ଦରବୃଦ୍ଧି ହେଲେ ସରକାର ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଦର ସ୍ଥିର କରନ୍ତି ଏବଂ ବ୍ୟବସାୟୀମାନଙ୍କୁ ସେହି ଦରରେ ଉକ୍ତ ଦ୍ରବ୍ୟଗୁଡ଼ିକ ବିକିବାପାଇଁ ନିର୍ଦ୍ଦେଶ ଦିଅନ୍ତି। ଏହାକୁ ଶାସନଗତ ଦର ବ୍ୟବସ୍ଥା କୁହାଯାଏ।
(ଘ) (i) ରାଜସ୍ଥାନର ଶୁଷ୍କ ଏବଂ ଅର୍ଦ୍ଧଶୁଷ୍କ ଅଞ୍ଚଳରେ ମୁଖ୍ୟତଃ ବିକାନିର, ଫାଲୋଡ଼ି ଓ ବାରମାର ଜିଲ୍ଲାମାନଙ୍କରେ ବୃଷ୍ଟିଜଳକୁ ପାନୀୟ ଜଳ ପାଇଁ ଭୂଗର୍ଭ ଜଳାଶୟ 'ଟନକା'ରେ ଗଚ୍ଛିତ ରଖିଥାନ୍ତି।
(ii) ଏହି ଜଳକୁ ସ୍ଥାନୀୟ ଭାବେ ପଲାରପାନି ବୋଲି କୁହାଯାଏ।
କିମ୍ବା, (i) ଏହା ଏକ ନିମ୍ନମାନର ଏବଂ ଧୂସର ରଙ୍ଗର କୋଇଲା। ଏହି କୋଇଲାରେ ଅଙ୍ଗାରକର ପରିମାଣ ଶତକଡ଼ା ୬୦ ଭାଗ।
(ii) ଏହି କୋଇଲା ତାମିଲନାଡୁର ନେଭେଲିଠାରେ ମିଳେ ଓ ବିଦ୍ୟୁତ୍ ଶକ୍ତି ଉତ୍ପାଦନରେ ବ୍ୟବହାର ହୁଏ।

୧୪. (କ) (i) ୧୮୩୭ ମସିହାରେ ଓଡ଼ିଶାରେ ପ୍ରଥମ ମୁଦ୍ରଣ ଯନ୍ତ୍ର ବସାଯାଇ କଟକ ମିଶନ ପ୍ରେସ୍ ନାମରେ ପ୍ରତିଷ୍ଠିତ ହେଲା। ଏହାଫଳରେ ସମ୍ବାଦପତ୍ର ପ୍ରକାଶନ ସହଜ ହେଲା।
(ii) ୧୮୬୬ରେ କଟକରେ ଗୌରୀଶଙ୍କର ରାୟଙ୍କ ସଂପାଦନାରେ ଉତ୍କଳଦୀପିକା, ୧୮୬୮ରେ ବାଲେଶ୍ୱରରେ ଫକୀରମୋହନ ସେନାପତିଙ୍କ ସଂପାଦନାରେ ସମ୍ବାଦବାହିକା ଓ ବୋଧଦାୟିନୀ, ୧୮୮୯ରେ ନୀଳମଣି ବିଦ୍ୟାରତ୍ନଙ୍କ ଦ୍ୱାରା ବାମଣ୍ଡାରୁ 'ସମ୍ବଲପୁର ହିତୈଷିଣୀ' ଆଦି ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା।
(iii) ଏଗୁଡ଼ିକ ବ୍ୟତୀତ ବହୁଦିନ ପର୍ଯ୍ୟନ୍ତ ତିଷ୍ଠି ରହିପାରି ନଥିବା ଅନ୍ୟାନ୍ୟ ଅନେକ ପତ୍ରିକା ପ୍ରକାଶିତ ହୋଇଥିଲା।
(iv) ଏହି ସମ୍ବାଦପତ୍ରଗୁଡ଼ିକ ଓଡ଼ିଶାର ସମସ୍ୟାଗୁଡ଼ିକ ପ୍ରତି ଜନମତ ଜାଗ୍ରତ କରିବା ଏବଂ ଓଡ଼ିଆ ଜାତୀୟ ଚେତନା ବୃଦ୍ଧି କରିବାରେ ସହାୟକ ହୋଇଥିଲା।
କିମ୍ବା, (i) ଓଡ଼ିଶା ଗଡ଼ଜାତମାନଙ୍କରେ ଶାସନ ବ୍ୟବସ୍ଥା କାର୍ଯ୍ୟକାରିତାର ତଦନ୍ତ ପାଇଁ ୧୯୩୮ ମସିହାରେ ଓଡ଼ିଶା ଗଡ଼ଜାତ ତଦନ୍ତ କମିଟି ପୁନର୍ଗଠିତ ହେଲା। ହରେକୃଷ୍ଣ ମହତାବ ଏହାର ଅଧ୍ୟକ୍ଷ ଥିଲେ। ଏହି କମିଟିରେ ସଂପାଦକ ଥିଲେ ସାରଙ୍ଗଧର ଦାସ ଏବଂ ଅନ୍ୟ ଦୁଇଜଣ ସଭ୍ୟ ଥିଲେ ଲାଲ ମୋହନ ପଟ୍ଟନାୟକ ଓ ବଳବନ୍ତରାୟ ମେହେଟ୍ଟା।
(ii) ୧୯୩୯ ମସିହାରେ କମିଟି ତାଙ୍କର ବିବରଣୀରେ ଗଡ଼ଜାତମାନଙ୍କରେ ଚାଲୁଥିବା କୁଶାସନର ସ୍ପଷ୍ଟ ଚିତ୍ର ସ୍ଥାନିତ କରିଥିଲେ। ପ୍ରଜାମାନଙ୍କର ଦୁଃଖ ଦୁର୍ଦ୍ଦଶା ଓ ଗଡ଼ଜାତମାନଙ୍କର ଅରାଜକତା ବିଷୟରେ କମିଟି ତାଙ୍କ ବିବରଣୀରେ ଉଲ୍ଲେଖ କରିଥିଲେ।
(iii) ଗଡ଼ଜାତମାନଙ୍କରେ ବିଧିବ୍ୟବସ୍ଥାର ପୁନଃପ୍ରଚଳନ ଓ ପ୍ରଜାମାନଙ୍କର ଦୁଃଖ ଲାଘବ ନିମନ୍ତେ କମିଟି କେତେକ ପ୍ରସ୍ତାବ ମଧ୍ୟ ଦେଇଥିଲେ।
(iv) ଗଡ଼ଜାତ ଶାସନ ଉପରେ ଅଧିକ୍ଷଣ କ୍ଷମତା ବ୍ରିଟିଶ୍ ରାଜପ୍ରତିନିଧିଙ୍କ ହାତରୁ ଆଣି ଓଡ଼ିଶା ସରକାର ହାତରେ ନ୍ୟସ୍ତ କରାଯିବା ଥିଲା କମିଟିର ମୁଖ୍ୟ ପ୍ରସ୍ତାବ।
(ଖ) (i) କୋରାପୁଟ ଜିଲ୍ଲାରେ ଭାରତଛାଡ଼ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଲକ୍ଷ୍ମଣ ନାୟକ।
(ii) ୧୯୪୨ ମସିହା ଅଗଷ୍ଟ ୨୧ରେ ସେ କଂଗ୍ରେସ ପତାକା ଓ ଲାଠି ଧରି ଲୋକଙ୍କ ସହ ମାତିଲି ଥାନା ଘେରାଉ କରିଥିଲେ।
(iii) ମହାତ୍ମାଗାନ୍ଧୀଙ୍କ ଜୟ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହେଲା। ଫଳରେ ପୋଲିସ ଗୁଳିଚାଳନା କରିଥିଲା ଓ ୫ ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ।
(iv) ଜଣେ ଜଙ୍ଗଲରକ୍ଷୀକୁ ପିଟିପିଟି ହତ୍ୟା କରିଥିବା ମିଥ୍ୟା ଅଭିଯୋଗରେ ଲକ୍ଷ୍ମଣ ନାୟକଙ୍କୁ ଜେଲ୍ ପଠାଇ ଦିଆଗଲା। ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ତାଙ୍କୁ ବ୍ରହ୍ମପୁର ଜେଲରେ ଫାଶୀ ଦିଆଯାଇଥିଲା। ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ଓଡ଼ିଶାରୁ ଏକମାତ୍ର ଫାଶୀ ପାଇଥିବା ବ୍ୟକ୍ତି ହେଉଛନ୍ତି ଶହୀଦ୍ ଲକ୍ଷ୍ମଣ ନାୟକ।
କିମ୍ବା, (i) ସୋଭିଏତ୍ ରୁଷିଆ ସହାୟତାରେ ସାମରିକ ପ୍ରଯୁକ୍ତି ବିଦ୍ୟାକୁ ଭାରତରେ ବିକଶିତ କରାଗଲା। ୧୯୫୮ ମସିହାରେ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂଗଠନ ଗଠିତ ହେଲା।
(ii) ୧୯୮୩ ମସିହାରେ ଏକୀଭୂତ ନିୟନ୍ତ୍ରିତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହେଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଗ୍ନି, ପୃଥ୍ୱୀ, ଧନୁଶ, ଆକାଶ, ତ୍ରିଶୂଳ, ନାଗ, ଶୌର୍ଯ୍ୟ ଓ ବ୍ରହ୍ମସ୍ ପ୍ରଭୃତି କ୍ଷେପଣାସ୍ତ୍ରର ବିକାଶ କରାଗଲା।
(iii) ଆକାଶବାହିନୀ ପାଇଁ ଅତି ଉନ୍ନତମାନର ଯୁଦ୍ଧ ବିମାନ ତିଆରି କରିବାରେ ଭାରତୀୟ ବୈଜ୍ଞାନିକମାନେ ସଫଳ ହୋଇଛନ୍ତି। ନୌବାହିନୀ ପାଇଁ ଆବଶ୍ୟକ ଜଳଜାହାଜ, ବୁଡ଼ାଜାହାଜ ଓ ଅନ୍ୟାନ୍ୟ ଯନ୍ତ୍ରପାତି ମଧ୍ୟ ଆମ ଦେଶରେ ତିଆରି କରାଯାଇପାରୁଛି।
(iv) ପ୍ରତିରକ୍ଷା ପାଇଁ ବ୍ୟବହୃତ ଯାନବାହନ, ଗୋଳାବାରୁଦ, ବୈଦ୍ୟୁତିକ ଯନ୍ତ୍ରପାତି ମଧ୍ୟ ଭାରତରେ ଉତ୍ପାଦିତ ହେଉଛି।

୧୫. (କ) (i) ୧୯୨୨ ମସିହାରେ ମୁସ୍ତାଫା କାମାଲ ପାଶାଙ୍କ ନେତୃତ୍ୱରେ ତୁର୍କୀରେ ସାଧାରଣତନ୍ତ୍ର ପ୍ରତିଷ୍ଠିତ ହୋଇଥିଲା।
(ii) ଏହାଦ୍ୱାରା ସେଠାରେ ଖଲିଫା ପଦବୀର ଉଚ୍ଛେଦ ହେଲା। ଫଳରେ ଖିଲାଫତ୍ ଆନ୍ଦୋଳନର ଯୌକ୍ତିକତା ରହିଲା ନାହିଁ।
(iii) ଅସହଯୋଗ ଆନ୍ଦୋଳନ ସ୍ଥଗିତ ହେବା ପରେ ଖିଲାଫତ୍ ଆନ୍ଦୋଳନର ଅବସାନ ଘଟିଲା।
କିମ୍ବା, ଉତ୍କଳ ସମ୍ମିଳନୀର ତିନୋଟି ମୁଖ୍ୟ ଲକ୍ଷ୍ୟ ଥିଲା। ସେଗୁଡ଼ିକ ହେଲା -
(i) ପ୍ରାକୃତିକ ଓଡ଼ିଶାର ଏକତ୍ରୀକରଣ ଏବଂ ଓଡ଼ିଶାର ସମୁଦାୟ ବିକାଶ।
(ii) ସମସ୍ତ ଓଡ଼ିଆ ଭାଷାଭାଷୀ ଅ ଳଗୁଡ଼ିକୁ ଏକ ଶାସନାଧୀନ କରିବା।
(iii) ବିଚ୍ଛିନ୍ନା ଳରେ ଓଡ଼ିଆମାନଙ୍କ ଦ୍ୱାରା ସ୍ୱାର୍ଥର ସୁରକ୍ଷା।
(ଖ) (i) ହାଇଦ୍ରାବାଦର ଶାସକ ନିଜାମ ଓସମାନ ଅଲ୍ଲୀ ଖାଁ ସ୍ୱାଧୀନ ରହିବାକୁ ଚାହିଁଲେ ଓ ଏ କ୍ଷେତ୍ରରେ ସୟଦ୍ କାଶିମ୍ ରିଜଭିଙ୍କ ନେତୃତ୍ୱରେ 'ରଜାକର' ନାମକ ଏକ ସଶସ୍ତ୍ର ସଂଗଠନ ତାଙ୍କୁ ସମର୍ଥନ କଲା।
(ii) ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏଥିରେ କ୍ଷୁବ୍ଧ ହେଲେ ଓ ହାଇଦ୍ରାବାଦକୁ ଦଖଲ କରିବା ପାଇଁ 'ଅପରେସନ୍ ପୋଲୋ' ନାମକ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା।

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

# ‘ବିଷ ଖାଇବାନି କି ଖୁଆଇବାନି’




ମେଳାରେ ପ୍ରଫେସର ରାଧାମୋହନ ଉଦ୍‌ବୋଧନ ଦେଉଥିବାବେଳେ ମଞ୍ଚାସୀନ (ବାମରୁ) ଆୟୋଜକ ‘ପିସିଓ’ର ସମ୍ପାଦିକା ଅନ୍ନପୂର୍ଣ୍ଣା ଦାଶ, ଆଞ୍ଚଳିକ ଜୈବିକ କୃଷି କେନ୍ଦ୍ରର ନିର୍ଦ୍ଦେଶକ ଡ. ଅଜୟ ସିଂ ରାଜପୁତ, ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ, ଜୈବିକ କୃଷିବିତ୍ ସାବରମତୀ, ‘ପିସିଓ’ର ଅଧ୍ୟକ୍ଷ ତଥା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ‘ପିସିଓ’ର କୋଷାଧ୍ୟକ୍ଷ ଜୟାଶିଷ ରାୟ।





ମେଳାରେ ଖୋଲିଥିବା ଷ୍ଟଲ।

## ଅର୍ଗାନିକ୍ ଫେୟାର୍

- ଉଭୟ ବିକ୍ରେତା, ଗ୍ରାହକ ଲାଭବାନ: ସୌରଭ ଗର୍ଗ
- ସବୁ କୃଷକ ଜୈବିକ ଚାଷକୁ ଆପଣାନ୍ତୁ: ଅଜୟ ସିଂ ରାଜପୁତ
- ପ୍ରତି ମାସର ଦ୍ୱିତୀୟ ରବିବାର ଆୟୋଜିତ ହେବ

ଭୁବନେଶ୍ୱର, ୯।୨(ବ୍ୟୁରୋ)

ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ ଆବଶ୍ୟକ। କିନ୍ତୁ ଆଜିକାଲି ସ୍ୱାସ୍ଥ୍ୟକର ଖାଦ୍ୟ ପାଇବା ସହଜ ନୁହେଁ। ବଜାରରେ ମିଳୁଥିବା ପ୍ରତ୍ୟେକ ଖାଦ୍ୟଦ୍ରବ୍ୟରେ ରାସାୟନିକ ସାରର ବ୍ୟବହାର କରାଯାଉଛି, ଯାହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେଉଛି। ତେଣୁ ଏପରି ପରିପ୍ରେକ୍ଷୀରେ ଜୈବିକ(ଅର୍ଗାନିକ୍) ଖାଦ୍ୟ ପଦାର୍ଥ ଆମ ସମସ୍ତଙ୍କ ପାଇଁ ଜରୁରୀ ହୋଇପଡ଼ିଛି। ତେବେ କେଉଁ ଜାଗାରୁ ଜୈବିକ ଖାଦ୍ୟ ପଦାର୍ଥ ମିଳିପାରିବ ତାହା ଅଧିକାଂଶ ଲୋକେ ଜାଣନ୍ତି ନାହିଁ। ସେହିପରି ଜୈବିକ ଚାଷୀ ମଧ୍ୟ ସେମାନଙ୍କ ଉତ୍ପାଦନକୁ ବିକ୍ରିବଟା କରିବା ପାଇଁ ସ୍ଥାନ ପାଉନାହାଁନ୍ତି। ତେଣୁ ଚାଷୀ ଓ ଗ୍ରାହକଙ୍କୁ ସୁବିଧା ଯୋଗାଇ ଦେବା ପାଇଁ ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା (ପିସିଓ) ପକ୍ଷରୁ ଏକ ପ୍ରୟାସ ଆରମ୍ଭ ହୋଇଛି। ରବିବାର ପ୍ରେସ୍ କ୍ଲବ୍ ପରିସରରେ ଆୟୋଜିତ ହୋଇଥିଲା ‘ଅର୍ଗାନିକ୍ ଫେୟାର’, ଯେଉଁଥିରେ ଓଡ଼ିଶାର ବିଭିନ୍ନ କୋଣରୁ ଜୈବିକ ଉପାୟରେ ଉତ୍ପାଦନ କରୁଥିବା ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ବିଶେଷ କରି ପନିପରିବାଠାରୁ ଆରମ୍ଭ କରି ମହୁ, ଆଚାର, ବିଭିନ୍ନ କିସମର ଚାଉଳ, ଚକୋଲେଟ୍ ଭଳି ଖାଦ୍ୟ ପଦାର୍ଥ, ଜୈବିକ ଖତ ପ୍ରଦର୍ଶିତ ହେବା ସାଙ୍ଗକୁ ବିକ୍ରି ମଧ୍ୟ ହୋଇଥିଲା। ରବିବାର ହୋଇଥିବାରୁ ମେଳାରେ ଭିଡ଼ ଜମିଥିଲା। ଲୋକେ ଉତ୍ସାହର ସହିତ ଉକ୍ତ ଖାଦ୍ୟ ପଦାର୍ଥଗୁଡ଼ିକ କିଣିବା ସହିତ ପ୍ରେସ୍ କ୍ଲବ୍‌ର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ।

ଜୈବିକ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିକଟରେ ଯୁଗ୍ମଭାବେ ପଦ୍ମଶ୍ରୀ ସମ୍ମାନ ପାଇବାକୁ ଘୋଷିତ ହୋଇଥିବା ପ୍ରଫେସର ରାଧାମୋହନ ଓ ତାଙ୍କ ଝିଅ ସାବରମତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାବରମତୀ କହିଥିଲେ ଯେ, ଜୈବିକ ଖାଦ୍ୟକୁ ବିକ୍ରିବଟା ପାଇଁ ଚାଷୀଙ୍କୁ ପ୍ଲାଟଫର୍ମ ମିଳୁନି। ଯଦି ବ୍ଲକ୍ ସ୍ତରରେ ସେମାନଙ୍କୁ ବିକ୍ରିବଟା ପାଇଁ ଜାଗା ମିଳନ୍ତା ତେବେ ଗାଁ ଲୋକମାନେ ଏସବୁ ଖାଇବା ଆରମ୍ଭ କରନ୍ତେ। ଜୈବିକ ଚାଷ ପ୍ରସାର କରିବା ପାଇଁ ଗଣମାଧ୍ୟମର ବଡ଼ ଭୂମିକା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ‘ବିଷ ଖାଇବାନି କି ବିଷ ଖୁଆଇବାନି’ ଭଳି ସାବରମତୀ ସ୍ଲୋଗାନ ଦେଇଥିଲେ। ପ୍ରଫେସର ରାଧାମୋହନ କହିଥିଲେ ଯେ, ବର୍ତ୍ତମାନ ଯେଉଁ ସାର ବ୍ୟବହାର କରାଯାଉଛି ସେଥିରେ ମୂଳ ଉପାଦନ ହେଉଛି କୋଇଲା, ପେଟ୍ରୋଲିୟମ ଓ ଗ୍ୟାସ୍। ସେଗୁଡ଼ିକ ଅକ୍ଷୟ ନୁହେଁ। ଦିନେ ନା ଦିନେ ଏହାର କ୍ଷୟ ହେବ। ତେଣୁ ଏଥିପାଇଁ ବିଚାର କରିବାକୁ ପଡ଼ିବ। ଏହି ପରିପ୍ରେକ୍ଷୀରେ ଆମକୁ ବିଷମୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି। ତେଣୁ ଜୈବିକ ସାର ଓ ଜୈବିକ ଖାଦ୍ୟକୁ ଆମେ ସମସ୍ତେ ଆପଣେଇବା ଉଚିତ।

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମେଳା ଉଭୟ ବିକ୍ରେତା ଓ ଗ୍ରାହକଙ୍କ ପାଇଁ ଲାଭବାନ ହେବ ବୋଲି ମତବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ଜୈବିକ ଚାଷ ପାଇଁ ଓଡ଼ିଶା ହେଉଛି ପ୍ରକୃଷ୍ଟ ସ୍ଥାନ। କାରଣ ଦେଶରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ପେଷ୍ଟିସାଇଡ୍ ଓ ଫର୍ଟିଲାଇଜର ବ୍ୟବହାର କମ୍ ରହିଛି। ଓଡ଼ିଶାରେ କିପରି ଜୈବିକ ଚାଷକୁ ବୃଦ୍ଧି କରାଯାଇପାରିବ, ସେଥିପାଇଁ କାର୍ଯ୍ୟ କରାଯାଉଛି। ୨୦୧୮ରେ ଅର୍ଗାନିକ୍ ପଲିସି କରାଯାଇଛି। ଏହି ପଲିସି ଦ୍ୱାରା ୫ବର୍ଷରେ ୨ଲକ୍ଷ ହେକ୍ଟର ଜମି ଚାଷ କରିବା ଟାର୍ଗେଟ ରହିଛି। ବର୍ତ୍ତମାନ ଓଡ଼ିଶାରେ ୨୦ହଜାର ହେକ୍ଟର ଜମିରେ ଜୈବିକ ଚାଷ ହେଉଛି। ସବୁ ଜିଲାରେ ଜୈବିକ ଚାଷ ହେଉଛି। କିନ୍ତୁ ମାର୍କେଟିଂ ଏକ ବଡ଼ ସମସ୍ୟା। ଯେଉଁମାନେ ଜୈବିକ ଚାଷ କରୁଛନ୍ତି, ସେମାନଙ୍କୁ ସ୍ୱତନ୍ତ୍ର ସ୍ଥାନ ମିଳିବା ଉଚିତ୍। ତେଣୁ ସବୁ ଜିଲାରେ ମାସକୁ ଥରେ ଏଭଳି ଏକ ପ୍ରଦର୍ଶନୀ କରାଗଲେ ଉପକୃତ ହୋଇପାରିବ। ଏଥିପାଇଁ ଆମେ ସବୁ ଜିଲାପାଳଙ୍କ ସହିତ କଥା ହେବୁ। ଯେଉଁ ଜିଲାଗୁଡ଼ିକରେ ଅଧିକ ଜୈବିକ ଚାଷ ହେଉଛି, ସେଠାରେ ପ୍ରଥମେ ଆରମ୍ଭ କରିବୁ। ଖୁବ୍‌ଶୀଘ୍ର ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରିବା ପାଇଁ ଚେଷ୍ଟା କରିବୁ ବୋଲି ସୌରଭ ଗର୍ଗ କହିଛନ୍ତି।

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନ ଆଞ୍ଚଳିକ ଜୈବିକ କୃଷି କେନ୍ଦ୍ରର ନିର୍ଦ୍ଦେଶକ ଡ. ଅଜୟ ସିଂ ରାଜପୁତ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ଓଡ଼ିଶାର ପ୍ରଥମ ଅକ୍ଷର ‘ଓ’ ହେଉଛି ଅର୍ଗାନିକ୍। ଓଡ଼ିଶାର ‘ଓ’କୁ କେତେ ଆଗକୁ ନିଆଯାଇପାରିବ ତାହା ଆମର ଲକ୍ଷ୍ୟ ରହିଛି। ଜୈବିକ ଚାଷ କଲେ ଉତ୍ପାଦନ କମ୍ ହୁଏ ବୋଲି ଲୋକେ ଚିନ୍ତା କରନ୍ତି। କିନ୍ତୁ ସେଭଳି କିଛି ନୁହେଁ। ଯଦି ଜଣେ ଏହାର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଜାଣିଥିବ, ତେବେ ନିଶ୍ଚୟ ଭାବେ ଲାଭହେବ। ସବୁ କୃଷକ ଏହି ଚାଷକୁ ଆପଣେଇବା ଉଚିତ। ଜୈବିକ ଚାଷ କରୁଥିବା କୃଷକଙ୍କ କେବେ ବି କ୍ଷତି ହେବ ନାହିଁ। କାରଣ ଏହା ମଲ୍‌ଟି କ୍ରପିଂ ହୋଇଥିବାରୁ କେଉଁଥିରୁ ନା କେଉଁଥିରୁ ରିପ୍ଲେସ୍‌ମେଣ୍ଟ ମିଳିଯିବ। ତେବେ ଗାଈ ଓ ଷଣ୍ଢ ହେଉଛି ଜୈବିକ ଚାଷର ମୁଖ୍ୟ ସମ୍ବଳ। ତେଣୁ ସେମାନଙ୍କୁ ସୁରକ୍ଷା ଦେବା ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାର ଅଧ୍ୟକ୍ଷ ତଥା ‘ଧରିତ୍ରୀ’ ଏବଂ ‘ଓଡ଼ିଶା ପୋଷ୍ଟ’ ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ପ୍ରତି ମାସର ଦ୍ୱିତୀୟ ରବିବାର ଏହି ଫେୟାର ଆୟୋଜନ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ କ୍ଲବ୍‌ର କୋଷାଧ୍ୟକ୍ଷ ଜୟାଶିଷ ରାୟ ସଂଯୋଜନା କରିଥିବା ବେଳେ ସମ୍ପାଦିକା ଅନ୍ନପୂର୍ଣ୍ଣା ଦାଶ ମେଳା ଆୟୋଜନ ସମ୍ପର୍କରେ କହିଥିଲେ।



ମେଳାରେ ଆୟୋଜିତ ସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ଓ ଜୈବିକ କୃଷିପ୍ରେମୀ।



ଏକ ଷ୍ଟଲରେ ମୁଖ୍ୟଅତିଥି ସୌରଭ ଗର୍ଗ ଓ ମୁଖ୍ୟବକ୍ତା ଡ. ଅଜୟ ସିଂ ରାଜପୁତ।



ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଏକ ଷ୍ଟଲର ସାମଗ୍ରୀ ଦେଖୁଛନ୍ତି।



ପନିପରିବା ସମ୍ପର୍କରେ ପଚାରି ବୁଝୁଛନ୍ତି ଜୈବିକ କୃଷିପ୍ରେମୀ।

# ହାତୀ ଶିକାରୀ ବାବୁଲି ଗିରଫ



ଜବତ ସାମଗ୍ରୀ ସହ ଅଭିଯୁକ୍ତ ବାବୁଲି ମହାଳିକ।

ବଡ଼ମ୍ବା,୯।୨(ଡି.ଏନ୍.ଏ.)

ଆଠଗଡ଼ ବନଖଣ୍ଡ କର୍ମଚାରୀଙ୍କ ହାତରେ ଶୁକ୍ରବାର ରାତିରେ ହାତୀ ଶିକାରୀ ବାବୁଲି ମହାଳିକ ଧରାପଡ଼ିଛନ୍ତି। ନରସିଂହପୁରସ୍ଥିତ ଏକ ସଂରକ୍ଷିତ ଜଙ୍ଗଲରୁ ତାଙ୍କୁ ଗିରଫ କରାଯାଇ ଆଠଗଡ଼ ବନଖଣ୍ଡ କାର୍ଯ୍ୟାଳୟରେ ରଖାଯାଇଛି। ତାଙ୍କ ଘର ନରସିଂହପୁର ବ୍ଲକ କାନପୁର ଥାନା ଅନ୍ତର୍ଗତ ଦୁର୍ଗାପ୍ରସାଦ ଗ୍ରାମରେ ବୋଲି ଜଣାପଡିଛି। ଗିରଫ ପରେ ତାଙ୍କ ପାଖରୁ ହରିଣ ଶିଙ୍ଗ, ଚମଡ଼ା ଓ ବନ୍ଧୁକ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ସେ ବଡ଼ମ୍ବା, ନରସିଂହପୁର ସମେତ ଅନ୍ୟାନ୍ୟ ଅଞ୍ଚଳରୁ ହାତୀ ସମେତ ଅନ୍ୟାନ୍ୟ ବନ୍ୟଜନ୍ତୁ ଶିକାର କରିଥିବା ନେଇ ଆଠଗଡ଼ ଡିଏଫ୍‌ଓ ସସ୍ମିତା ଲେଙ୍କା ସୂଚନା ଦେଇଛନ୍ତି। ତାଙ୍କୁ ଧରିବା ପାଇଁ ବନ ବିଭାଗ ପକ୍ଷରୁ ଦୀର୍ଘ ଦିନ ଧରି ଉଦ୍ୟମ ଜାରି ରହିଥିଲା। ଏନେଇ ସାଇବର ପୋଲିସର ସହାୟତା ନିଆଯାଇଥିଲା। ନରସିଂହପୁରସ୍ଥିତ ଏକ ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ବୁଲୁଥିବା ବେଳେ ବନ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ମୋବାଇଲ୍ ମାଧ୍ୟମରେ ଟ୍ରାକିଂ କରି ତାଙ୍କୁ ଧରିଥିଲା। ୨୦୧୮ରେ ବଡ଼ମ୍ବା ବନ ବିଭାଗ ଅନ୍ତର୍ଗତ ହଳଦିଆ ଶ୍ରେଣୀ ସଂରକ୍ଷିତ ଜଙ୍ଗଲ ଓ କରଡ଼ା ସଂରକ୍ଷିତ ଜଙ୍ଗଲରେ ଦନ୍ତହାତୀ ଶିକାର ଓ ହାତୀମୁଣ୍ଡ କଟା ଘଟଣାରେ ବାବୁଲିଙ୍କ ସମ୍ପୃକ୍ତି ଥିଲା ବୋଲି ଡିଏଫ୍‌ଓ ଲେଙ୍କା କହିଛନ୍ତି। ଏହି ଘଟଣାରେ ବାବୁଲିଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ। ବାବୁଲିଙ୍କ ସହ ବନ୍ୟଜନ୍ତୁ ଶିକାରରେ ସମ୍ପୃକ୍ତଥିବା ଅନ୍ୟ ସହଯୋଗୀମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

# ସାମାଜିକ ବିଜ୍ଞାନ (SOCIAL SCIENCE)

(iii) ୧୯୪୮ ସେପ୍ଟେମ୍ବର ୧୩ ରୁ ୫ ଦିନ ମଧ୍ୟରେ ହାଇଦ୍ରାବାଦ ଭାରତୀୟ ସେନାର ଅକ୍ତିଆରକୁ ଆସିଲା। ୧୯୪୯ ନଭେମ୍ବରରେ ହାଇଦ୍ରାବାଦର ନିଜାମ ମିଳନ ପତ୍ରରେ ସ୍ୱାକ୍ଷର କଲେ ଏବଂ ହାଇଦ୍ରାବାଦ୍ ଭାରତରେ ମିଶିଗଲା।

**କିମ୍ବା,** (i) ୧୯୩୭ ମସିହା ଜୁଲାଇ ୨୮ ତାରିଖରେ ଓଡ଼ିଶା ବିଧାନସଭାର ପ୍ରଥମ ଅଧିବେଶନ ବସିଥିଲା।

(ii) ଏହା ରେଭେନ୍‌ସା କଲେଜ୍ ହଲରେ ବସିଥିଲା।

(iii) ଏହି ଅଧିବେଶନରେ ମୁକୁନ୍ଦ ପ୍ରସାଦ ଦାସ ବାଚସ୍ପତି ଓ ନନ୍ଦକିଶୋର ଦାସ ଉପବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ।

(ଗ) (i) ନୂତନ ରାଜ୍ୟ ବା ପ୍ରଦେଶ ଗଠନ ଦାବିର ସମାଧାନ ଉଦ୍ଦେଶ୍ୟରେ ‘ରାଜ୍ୟ ପୁନର୍ଗଠନ ଆୟୋଗ’ ଗଠିତ ହେଲା।

(ii) ୧୯୫୬ ମସିହାରେ ଏହା ଗଠିତ ହେଲା।

(iii) ଏଥିରେ ତିନିଜଣ ସଦସ୍ୟ ଥିଲେ।

**କିମ୍ବା,** (i) ଭାରତର ନିର୍ବାଚନ ଆୟୋଗ ଭାରତରେ ନିର୍ବାଚନ ପରିଚାଳନା କରନ୍ତି।

(ii) ଏହା ସଂସଦ ଓ ରାଜ୍ୟ ବିଧାନ ମଣ୍ଡଳର ସଦସ୍ୟ, ରାଷ୍ଟ୍ରପତି ଓ ଉପରାଷ୍ଟ୍ର ପଦ ପାଇଁ ନିର୍ବାଚନ ପରିଚାଳନା କରନ୍ତି।

(iii) ଏହା ନିର୍ବାଚନ କାର୍ଯ୍ୟକୁ ମଧ୍ୟ ନିୟନ୍ତ୍ରଣ କରିଥାନ୍ତି।

୧୬. (କ)(i) ରାଓଲାଟ୍ ଆଇନରେ ବ୍ୟବସ୍ଥା ଥିଲା ଯେକୌଣସି ଭାରତୀୟଙ୍କୁ ଗିରଫ କରି ବିନା ବିଚାରରେ କାରାଦଣ୍ଡ ଦିଆଯାଇ ପାରିବ।

(ii) ଏହି ଆଇନ୍ ୧୯୧୯ ମାର୍ଚ୍ଚ ୧୮ ତାରିଖରେ ଗୃହୀତ ହୋଇଥିଲା।

**କିମ୍ବା,** (i) ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଭାରତର ବିସ୍ମାର୍କ କୁହାଯାଏ।

(ii) ତାଙ୍କର କୂଟନୈତିକ ପାରଦର୍ଶିତା ଓ ରାଜନୀତିକ ବିଚକ୍ଷଣତା ବଳରେ ଭାରତରେ ଦେଶୀୟ ରାଜ୍ୟ ମିଶ୍ରଣ କରାଇ ଭାରତର ଏକତା ସୁଦୃଢ଼ କରାଇଥିବାରୁ ତାଙ୍କୁ ଏପରି କୁହାଯାଏ।

(ଖ) (i) ଭାରତର ତତ୍କାଳୀନ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କାଲାମ୍ ଆଜାଦ୍ ଖଡ଼ଗପୁରଠାରେ ପ୍ରଥମ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନର ଶୁଭାରମ୍ଭ କରିଥିଲେ।

(ii) ୧୯୫୧ ମସିହା ଅଗଷ୍ଟ ୧୮ ତାରିଖରେ ସେ ଏହାର ଶୁଭାରମ୍ଭ କରିଥିଲେ।

**କିମ୍ବା,** (i) ଆଦିବାସୀ ଓ ଦଳିତ ବର୍ଗର ଛାତ୍ରଛାତ୍ରୀମାନଙ୍କ ଶିକ୍ଷାର ବିକାଶ ପାଇଁ ସରକାର ଛାତ୍ରବୃତ୍ତି ପ୍ରଦାନ, ସ୍କୁଲ ଓ କଲେଜର ଦରମାଛାଡ଼, ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ କରିଛନ୍ତି।

(ii) ମାଗଣା ପ୍ରାଥମିକ ଶିକ୍ଷା ବ୍ୟାପକ କରିବାପାଇଁ ଆଦିବାସୀ ବହୁଳ ଅଞ୍ଚଳରେ ଶହଶହ ପ୍ରାଥମିକ ବିଦ୍ୟାଳୟ, ଆଶ୍ରମ ବିଦ୍ୟାଳୟ, ସେବାଶ୍ରମ ଓ ଆବାସିକ ବିଦ୍ୟାଳୟମାନ ଖୋଲାଯାଇଛି।

(ଗ) (i) ହିନ୍ଦୁବହୁଳ ଜୁନାଗଡ଼ ରାଜ୍ୟର ମୁସ୍‌ଲିମ୍ ନୱାବ ପାକିସ୍ଥାନ ସହିତ ଯୋଗଦେବା ଇଚ୍ଛା ପ୍ରକାଶ କରି ସାମରିକ ଶକ୍ତି ପ୍ରଦର୍ଶନ କଲେ।

(ii) ସେଠାରେ ଅନୁଷ୍ଠିତ ଗଣଭୋଟ ନୱାବଙ୍କ ସପକ୍ଷରେ ଯାଇ ନଥିବାରୁ ସେ ନିଜର ପରିବାର ସହ ପାକିସ୍ଥାନ ପଳାୟନ କଲେ ଓ ଜୁନାଗଡ଼ ଭାରତରେ ମିଶିଗଲା।

**କିମ୍ବା,** (i) ନିଜର ସହଯୋଗୀମାନଙ୍କ ସହିତ ରାଜନୀତିକ ମତଭେଦ ହେବାରୁ କୃଷ୍ଣଚନ୍ଦ୍ର ଗଜପତି ମିଳିତ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ।

(ii) ୧୯୪୪ ମସିହା ଜୁନ୍ ୨୯ ତାରିଖରେ ସେ ଇସ୍ତଫା ଦେଇଥିଲେ।

(ଘ) (i) ଆମଦେଶରେ ଲୋକସଭା ସଦସ୍ୟ, ବିଧାନସଭା ସଦସ୍ୟ ଓ ସ୍ୱାୟତ୍ତ ଶାସନ ସଂସ୍ଥାର ସଭ୍ୟମାନେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହୁଅନ୍ତି।

(ii) ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟସଭାର ସଦସ୍ୟ ଏବଂ ବିଧାନପରିଷଦର ସଦସ୍ୟମାନେ ପରୋକ୍ଷ ଭାବରେ ନିର୍ବାଚିତ ହୁଅନ୍ତି।

**କିମ୍ବା,** (i) କ୍ୟାବିନେଟ୍ ମିଶନର ପ୍ରସ୍ତାବ ଅନୁଯାୟୀ ଭାରତରେ ସମ୍ବିଧାନ ପ୍ରଣୟନ ସଭା ଗଠିତ ହେଲା।

(ii) ଏହାର ପ୍ରଥମ ବୈଠକ ୧୯୪୬ ମସିହା ଡିସେମ୍ବର ୯ ତାରିଖରେ ବସିଥିଲା।

❑❑❑



ଯଦି ଜଣେ ତୁମଠାରୁ ଭଲ ନ ହୋଇଥାଏ,
ତା' ସହିତ ବନ୍ଧୁତା ବାନ୍ଧ ନାହିଁ।
– କନ୍‌ଫୁସିୟସ



## ସଂକ୍ଷେପରେ

### ପୁଅ ମାଡ଼ରେ ବାପା ଆହତ

କୋରେଇ,୯।୨(ସ୍ୱ.ପ୍ର): ପାଣିକୋଇଲି ଥାନା ମାଳଆନ୍ଦପୁର ପଞ୍ଚାୟତ ରୁମାପଶି ଗ୍ରାମରେ ରବିବାର ଅପରାହ୍ଣରେ ପୁଅର ମାଡରେ ବାପା କ୍ଷତାକ୍ତ ହୋଇଛନ୍ତି। ପ୍ରକାଶ ଯେ, ରୁମାପଶି ଗ୍ରାମର ଆନନ୍ଦ ସ୍ୱାଇଁଙ୍କୁ ପାରିବାରିକ କଳହ ଯୋଗୁ ତାଙ୍କ ପୁଅ ଦେବାଶିଷ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏଥିରେ ଆନନ୍ଦ କ୍ଷତାକ୍ତ ହୋଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନନ୍ଦଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇବା ସହ ତଦନ୍ତ ଜାରି ରଖିଛି।

### ବରିଷ୍ଠ ଖବରଦାତାଙ୍କ ପିତୃ ବିୟୋଗ

ଚଣ୍ଡିଖୋଲ,୯।୨(ଡି.ଏନ.ଏ): ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ତଥା ଚଣ୍ଡିଖୋଲର ବରିଷ୍ଠ ଖବରଦାତା ବେଣୁଧର ପଣ୍ଡାଙ୍କ ପିତା ପଣ୍ଡିତ ବାବାଜୀ ଚରଣ ପଣ୍ଡାଙ୍କ (୮୯)ର ରବିବାର ପୂର୍ବାହ୍ଣରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡ଼ିତ ହେବା ସହ ଚିକିତ୍ସିତ ହେଉଥିଲେ। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗୋଡ଼ି ପାଟିଆ ଶ୍ମଶାନରେ ତାଙ୍କ ମୃତଦେହ ସତ୍କାର କରାଯାଇଛି। ବଡ଼ପୁଅ ଉମେଶ ଚନ୍ଦ୍ର ପଣ୍ଡା ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବପ୍ରକାଶ ବଳବନ୍ତରାୟ, ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜିମୁତ ମଙ୍ଗରାଜ, ଲଲାଟେନ୍ଦୁ ସେନାପତି, ପୂର୍ବତନ ବିଧାୟକ କାଙ୍ଗାଳି ଚରଣ ପଣ୍ଡା, ଭାଜପା ନେତ୍ରୀ ସିମନ୍ତିନୀ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହିତ ଶୋକ ପ୍ରକାଶ କରିଛନ୍ତି।

### କୁଆଁସ ମଙ୍ଗଳାଙ୍କ ବିଶ୍ୱଶାନ୍ତି ମହାଯଜ୍ଞୋତ୍ସବ

କୋରେଇ,୯।୨(ସ୍ୱ.ପ୍ର): କୋରେଇ ବ୍ଲକ ପଥରପଦା ପଞ୍ଚାୟତ ନୂଆପଦା ଗ୍ରାମରେ ଶ୍ରୀ ମହାମାୟୀ କୁଆଁସ ମଙ୍ଗଳାଙ୍କ ୪୧ତମ ବିଶ୍ୱଶାନ୍ତି ମହାଯଜ୍ଞୋତ୍ସବ ନୂଆପଦା ମହିମାନ୍ୱିତ ବିଗ୍ରହସ୍ଥଳୀଠାରେ ରବିବାରଠାରୁ ଆରମ୍ଭ ହୋଇଛି। ବ୍ରହ୍ମାଚାର୍ଯ୍ୟ, ପଣ୍ଡିତ ଓ ପୁରୋଧାଙ୍କ ତ୍ୱାବଧାନରେ ଷୋଡଶ ଉପଚାର ପୂଜା, ହୋମ ଯଜ୍ଞ, ଚଣ୍ଡୀପାଠ, ନାମଯଜ୍ଞ ଆଦି ଚାଲୁ ରହିଛି। ବୁଧବାର ରାତ୍ର ୪ ଘଟିକାରେ ପୂର୍ଣ୍ଣାହୂତି ହେବା ପରଦିନ ଘଟ ବିସର୍ଜନ କରାଯିବ। ଏଥି ନିମନ୍ତେ ଗ୍ରାମ ଉତ୍ସବ ମୁଖର ହୋଇଛି। ଗ୍ରାମରେ ସମ୍ପୂର୍ଣ୍ଣ ଆମିଷ ନିଷେଧ କରାଯାଇଛି। ପ୍ରତ୍ୟେକ ପରିବାରରେ ବନ୍ଧୁବାନ୍ଧବ ସହ ଆନନ୍ଦର ସହ ଗ୍ରାମବାସୀମାନେ ବିଶ୍ୱଶାନ୍ତି ଯଜ୍ଞରେ ଲାଗିପଡିଛନ୍ତି।

### ବାଇକ୍ ସହ ବସ ଧକ୍କା, ଆରୋହୀ ଗୁରୁତର

କୋରେଇ,୯।୨(ସ୍ୱ.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଷଠିପୁର ଯାଜପୁର ଟାଉନ ରାସ୍ତାର ରୁଢ଼ିଆ ବ୍ରିଜ ମୁଣ୍ଡରେ ରବିବାର ଅପରାହ୍ଣରେ ବାଇକ ସହ ବସର ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସିଂହପୁର ଓଳାଭର ଯାଉଥିବା ଓଁ ନମଃ ଶିବାୟ ନାମକ ବସ ସହ ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀ ଗୁରୁତର ହୋଇପଡିବାରୁ ତାଙ୍କୁ ସ୍ଥାନୀୟ ଲୋକେ ଯାଜପୁର ଡାକ୍ତରଖାନାକୁ ପଠାଇ ଦେଇଥିଲେ। ଆରୋହୀଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ଉଭୟ ବାଇକ ଓ ବସ୍‌କୁ ଜବତ କରିଛି।

# ଦୁର୍ଘଟଣାର କାରଣ ସାଜିଛି ବିପଦପୂର୍ଣ୍ଣ, ସଂକୀର୍ଣ୍ଣ ରାସ୍ତା

ଯାଜପୁର ଟାଉନ,୯।୨ (ଡିଏନଏ)

■ସଂକୀର୍ଣ୍ଣ ରାସ୍ତା ଯୋଗୁ ବଢ଼ୁଛି ଦୁର୍ଘଟଣା
■ପ୍ରଶସ୍ତୀକରଣ ଦାବି

ଯାଜପୁର ସହର ନିକଟ ଚିତାଲୋ ମହାବିଦ୍ୟାଳୟ ସଂଲଗ୍ନ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଚିତାଲୋ ଛକଠାରୁ ଚିତାଲୋ ମହାବିଦ୍ୟାଳୟ ଏବଂ ଚିତାଲୋ ଛକଠାରୁ ସୁନ୍ଦରାସାହି ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଦେଢ କିଲୋମିଟର ବ୍ୟାପୀ ରାସ୍ତାର ବହୁ ସ୍ଥାନରେ କଂକ୍ରିଟ୍ ଫାଟି ଖାଲଖମା ସୃଷ୍ଟି ହୋଇଛି। ଅପରପକ୍ଷରେ ରାସ୍ତା ସଂକୀର୍ଣ୍ଣ ଥିବା ଯୋଗୁ ଯାତାୟାତ ପାଇଁ ବାଧା ସୃଷ୍ଟି ହେଉଛି। ଏହି ରାସ୍ତା ଦେଇ ଯାଜପୁର ବ୍ଲକ, ବିଞ୍ଝାରପୁର ବ୍ଲକ, କେନ୍ଦ୍ରୀୟ ବିଦ୍ୟାଳୟ, ଭେଙ୍କଟେଶ୍ୱର ବିଦ୍ୟାଳୟ ଓ ଚିତାଲୋ ମହାବିଦ୍ୟାଳୟର ହଜାର ହଜାର ଛାତ୍ରୀଛାତ୍ର ଓ ସାଧାରଣ ଜନତା ଯାତାୟାତ କରିଥାନ୍ତି। ରାସ୍ତା ସଂକୀର୍ଣ୍ଣ ଓ ବିପଦପୂର୍ଣ୍ଣ ଥିବାରୁ ପ୍ରତ୍ୟହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ପୂର୍ବରୁ ଏହି ରାସ୍ତାରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜଣେ ବ୍ୟକ୍ତି କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ୩ଦିନ ତଳେ ଉକ୍ତ ରାସ୍ତାରେ ଜଣେ କଲେଜ ଛାତ୍ରୀଙ୍କର ଦୁର୍ଘଟଣା ଘଟି ଗୋଡ଼ ଭାଙ୍ଗି ଯାଇଛି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୩ବର୍ଷ ତଳେ ନିର୍ମାଣ ହୋଇଥିବା ଚିତାଲୋ ବାଲିପଦା ପିଏମ୍‌ଜିଏସ୍‌ୱାଇର ଦେଢ କିଲୋମିଟର ରାସ୍ତା ବର୍ତ୍ତମାନ ଖାଲଖମା ଓ ଜବରଦଖଲରେ ରହି ଗମନାଗମନ ଅନୁପଯୁକ୍ତ ଓ ସଂକୀର୍ଣ୍ଣ ହୋଇପଡ଼ିଛି। ତେଣୁ ଏହାର ପ୍ରଶସ୍ତୀକରଣ ପାଇଁ ଜନସାଧାରଣ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ହୋଇଆସୁଛି। ଏଥିପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଜନସ୍ୱାର୍ଥ ମାମଲା ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ଉଚ୍ଚନ୍ୟାୟାଳୟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଏପର୍ଯ୍ୟନ୍ତ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ସେହିଭଳି ବାଲିପଦାଠାରୁ ଚିତାଲୋ ଜଳସେଚନ ନଂ୧(କ) ଦେଢ କିଲୋମିଟର ବ୍ୟାପୀ ବନ୍ଧ ରାସ୍ତାର ନିର୍ମାଣ ଓ ବିକାଶ ଏକାନ୍ତ ଆବଶ୍ୟକ ହୋଇପଡ଼ିଛି। କେନାଲର ବାମପାର୍ଶ୍ୱ ରାସ୍ତା କେନାଲ ଧାରରେ ଏକାଧିକ ଘାଇ ହୋଇଥିବାରୁ ତଳ ଅଞ୍ଚଳକୁ କେନାଲରେ ଜଳ ପ୍ରବାହ ହୋଇପାରୁ ନାହିଁ। ସେଥିପାଇଁ ତଳ ଅଞ୍ଚଳ ଯଥା ଝାଡଙ୍ଗା, ରାହାସୋଇ, ବୃନ୍ଦାବନପୁର, ସାଇଁକୂଳ ଆଦି ଗ୍ରାମର ଚାଷୀମାନେ ଚାଷ ସମୟରେ କେନାଲ ପାଣି ପାଇଁ ଦାବି କରୁଛନ୍ତି। ତେଣୁ ଏହି ରାସ୍ତାର ପୁନଃନିର୍ମାଣ ଜରୁରୀ ହୋଇପଡିଛି। ପୁନଶ୍ଚ ୧(କ) ଜଳସେଚନ ରାସ୍ତା ଉପରେ ବାଲିପଦା ଓ ଦୋଗଡ଼ାଠାରେ ପୃଥକପୃଥକ ବିଦ୍ୟୁତ୍ ଟ୍ରାନ୍‌ସଫର୍ମର ବସିଥିବାରୁ କେହି ଯାତାୟାତ କରିପାରୁ ନାହାନ୍ତି। ତେଣୁ ସେଠାରୁ ଇଲେକ୍ଟ୍ରିକ୍ ସବ୍‌ଷ୍ଟେଶନ ଓ ଜବରଦଖଲରୁ ଉନ୍ମୁକ୍ତ କରି ତାହାର ପ୍ରଶସ୍ତୀକରଣ କରାଗଲେ ତାହା ଗମନାଗମନ ଉପଯୋଗୀ ହେବା ସହିତ ଉକ୍ତ ରାସ୍ତାରେ ପ୍ରତ୍ୟହ ଘଟୁଥିବା ଦୁର୍ଘଟଣାକୁ ଏଡାଇ ଦିଆଯାଇ ପାରିବ ବୋଲି ମତପ୍ରକାଶ ପାଇଛି। ଏହିସବୁ ସମସ୍ୟା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମାଧାନ କରିବାକୁ ଜନସାଧାରଣ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦାବି ହେଉଛି।

## ଜାପାନରୁ ଗାଁକୁ ଫେରିଲା ଓଡ଼ିଆ ଯୁବକଙ୍କ ମୃତଦେହ

ଚଣ୍ଡିଖୋଲ,୯।୨(ଡି.ଏନ.ଏ)

ବଡ଼ଚଣା ବ୍ଲକ ନଳୀପୁର ଗ୍ରାମର ସେକ ବାହାରୁଦ୍ଦିନ୍ (୨୯) ଜାପାନର ରାଜଧାନୀ ଟୋକିଓଠାରେ ଏକ ହୋଟେଲରେ ଚାକିରି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ସନ୍ଦେହଜନକ ହୋଇଥିବା ନେଇ ପରିବାର ତରଫରୁ ଅଭିଯୋଗ ହୋଇଥିଲା। ତାଙ୍କର ମୃତଦେହ କିଭଳି ଜାପାନରୁ ଆସିବ ସେନେଇ ଭାରତର ବୈଦେଶିକ ମନ୍ତ୍ରାଣାଳୟକୁ ଚିଠି ଲେଖି ପରିବାର ତରଫରୁ ଅନୁରୋଧ କରାଯାଇଥିଲା। ରବିବାର ବାହାରୁଦ୍ଦିନଙ୍କ ମୃତଦେହ ନିଜ ଗ୍ରାମ ନଳୀପୁରଠାରେ ପହଞ୍ଚିଛି। ମୃତଦେହ ଆସିବା ପରେ ଚଣ୍ଡିଖୋଲଠାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ସମେତ ବହୁ ବିଜୁ ଜନତା ଦଳର କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଉଭୟ ଦଳର ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ।

## ଡିଫା କପ୍ ଫୁଟବଲ: ସେମିରେ ଡିଫା ଧର୍ମଶାଳା

ଧର୍ମଶାଳା,୯।୨(ଡିଏନ୍‌ଏ)

ଧର୍ମଶାଳା ବାଣୀପୀଠ ପଡିଆରେ ଆୟୋଜିତ ୨୨ତମ ଡିଫା କପ୍ ଓ ଦ୍ୱିତୀୟ ବାର୍ଷିକ ରଣଜିତ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ରବିବାର ମ୍ୟାଚରେ ପଚ୍ଛାମୁଣ୍ଡାଇ ଏଫସି କେନ୍ଦ୍ରପଡାକୁ ୧/୦ ଗୋଲରେ ପରାସ୍ତ କରି ଡିଫା ଧର୍ମଶାଳା ସେମିରେ ପ୍ରବେଶ କରିଛି। ପ୍ରଥମାର୍ଦ୍ଧରେ ଡିଫା ପକ୍ଷରୁ ତାରିଣୀ ପ୍ରସାଦ ମହାନ୍ତି ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଏହି ଖେଳକୁ ଚିତ୍ତରଞ୍ଜନ ଓଝା ପରିଚାଳନା କରିଥିବାବେଳେ ସଙ୍କର୍ଷଣ ପାଣି ଓ ସେକ ଆସିଫ ଲାଇନରେ ସହାୟତା କରିଥିଲେ। ଅତିଥିଭାବେ ଯାଜପୁର କମର୍ସିଆଲ ଟ୍ୟାକ୍ସ ଅଫିସର ଅଶୋକ କୁମାର ସେଠୀ ଓ ଶିକ୍ଷାବିତ ନଦିଆ ବିହାରୀ କାନୁନଗୋ ଯୋଗଦେଇ ବିଜୟୀ ଦଳର ତାରିଣୀ ପ୍ରସାଦ ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ସହିତ ଆଳି ଆଥଲେଟିକ ଆସୋସିଏଶନ କେନ୍ଦ୍ରାପଡା ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଡିଫା ସାଧାରଣ ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

## ଡକାୟତ ଦଳକୁ ଗିରଫ କଲା ଟମ୍‌କା ପୋଲିସ

କଳିଙ୍ଗନଗର,୯।୨(ଡି.ଏନ.ଏ)

ଟମକା ପୋଲିସ ଯାଜପୁରରୋଡ ଓ ଦାନଗଦି ଅଞ୍ଚଳର ବିଭିନ୍ନ ସ୍ଥାନରେ ରବିବାର ଚଢାଉ କରି ଏକ ଡକାୟତି ଦଳକୁ ଗିରଫ କରିଛି। ଏହି ଦଳ ଟମକା ଅଞ୍ଚଳରେ ରହି ବିଭିନ୍ନ ସ୍ଥାନରୁ ଡାକାୟତି କରିଥିବା ପ୍ରମାଣ ମିଳିଛି। ଏହି ଦଳ ଗତ ୩୦ ତାରିଖରେ ଟମକା ଥାନା ଅର୍ନ୍ତଗତ ଏକ ମୋବାଇଲ ଦେକାନର ଅଜବେଷ୍ଟସ ଭାଙ୍ଗି ସେଠାରୁ ମୋବାଇଲ, ଲ୍ୟାପଟପ ଓ କିଛି ଟଙ୍କା ଚୋରି କରିଥିବାବେଳେ ଗତ ୨ ତାରିଖରେ ଜଳସୁଆଁ ପାଟଣାର ରାମଚନ୍ଦ୍ର କୁଅଁର ଟମକା ହାଟକୁ ଯାଉଥିବାବେଳେ ବାଟରେ ତାଙ୍କୁ ଭୁଜାଲି ଦେଖାଇ ତାଙ୍କଠାରୁ ୩୦ହଜାର ଟଙ୍କା ଲୁଟି ନେଇଥିଲେ। ଏହି ସବୁ ଅଭିଯୋଗକୁ ଭିତ୍ତି କରି ଟମକା ପୋଲିସ ୨ଟି ମାମଲା (ନଂ.୯/୨୦) ଓ (ନଂ.୧୨/୨୦) ରୁଜୁ କରି ତଦନ୍ତ ଚଳାଇ ଥିଲା। ଏହି ଡକାୟତ ଦଳର ୬ଜଣଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଣିକୋଇଲି ଥାନା ଶଙ୍ଖଚିଲା ଲକ୍ଷ୍ମୀନଗର ଅଞ୍ଚଳର କୁନୁ ଦାସ(୨୩), ଦାନଗଦି ଅଞ୍ଚଳର ବିଲୁ ପାତ୍ର(୩୭), ଟମକା ଥାନା ନୂଆ ବଗପାଟିଆ ଗ୍ରାମର ଗୋଲକ ପାତ୍ର (୪୫), ଯାଜପୁରରୋଡ ଥାନା ସେବରା ଗ୍ରାମର ମୋହନ ବେହେରା (୨୬)। ଏମାନଙ୍କ ସହିତ ଦୁଇଜଣ ନାବାଳକ ଥିବାରୁ ସେମାନଙ୍କୁ ଯାଜପୁର ବାଳ ସୁଧାର ଗୃହକୁ ପଠାଯାଇଛି। ଗୋଲକ ନିଜ ଘରେ ଅନ୍ୟ ଅଭିଯୁକ୍ତଙ୍କୁ ଅଶ୍ରୟ ଦେଇ ଚୋରି କରାଉଥିବାବେଳେ ମୋହନ ଚୋରି ସାମଗ୍ରୀ କ୍ରୟ କରି ଅନ୍ୟତ୍ର ବିକ୍ରି କରିଥାନ୍ତି। ସେମାନଙ୍କଠାରୁ ପୋଲିସ ୨୭ଟି ମୋବାଇଲ, ଲ୍ୟାପଟପ, ମୋଟର ସାଇକେଲ ସହିତ ୫ହଜାର ୫୦୦ ଟଙ୍କା ଓ ବିଭିନ୍ନ ମାରଣାସ୍ତ୍ର ଜବତ କରିଛି।

## ଜୟ ଜଗନ୍ନାଥ ସେବା ପ୍ରତିଷ୍ଠାନ ବାର୍ଷିକୋତ୍ସବ

ଜେନାପୁର,୯।୨(ଡିଏନଏ)

ଗ୍ରାମାଞ୍ଚଳରେ ଅନେକ ଲୁକ୍କାୟିତ ଶିଶୁପ୍ରତିଭା ପ୍ରସ୍ଫୁଟିତ ହେବା ପୂର୍ବରୁ ବଣମଲ୍ଲୀ ଭଳି ବଣରେ ମଉଳି ଯାଉଛନ୍ତି। ଗ୍ରାମାଞ୍ଚଳ ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନ କରୁଥିବା ପିଲାଙ୍କ ପ୍ରତିଭାର ଚିହ୍ନଟ ଓ ବିକାଶ ପାଇଁ ଚେଷ୍ଟା କରିଛି ଧର୍ମଶାଳା ବ୍ଲକ ସାହାଣୀଡିହ ପଞ୍ଚାୟତର ଦଣ୍ଡାଘାଟିଠାରେ ଥିବା ଜୟଜଗନ୍ନାଥ ସେବା ପ୍ରତିଷ୍ଠାନ। ଏହି ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟ ସମୂହକୁ ନେଇ ନୃତ୍ୟ, ସଙ୍ଗୀତ, ବକ୍ତୃତା ଓ ବୌଦ୍ଧିକ ଜ୍ଞାନ ପରୀକ୍ଷା ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବାର୍ଷିକ ଉତ୍ସବକୁ ସଭାପତି ରଘୁନାଥ ବେହେରା ଓ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକଭାବେ ଉଦଘାଟନ କରିଥିଲେ। ମୁଖ୍ୟଅତିଥିଭାବେ କୃଷ୍ଣଚନ୍ଦ୍ର ସାହୁ, ସିଆରସିସି ଗଣେଶ୍ୱର ବେହେରା ଯୋଗଦେଇ ଅନୁଷ୍ଠାନର ଏଭଳି ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥିଭାବେ ସମାଜର ଖବରଦାତା ବସନ୍ତକୁମାର ନାୟକ, ଦିଲୀପ କୁମାର ବରାଳ ମୁଖ୍ୟବକ୍ତା ଭାବେ ଶାମସୁନ୍ଦରପୁର ବିଦ୍ୟାଳୟର ଶିକ୍ଷକ ସତ୍ୟାନନ୍ଦ ମିଶ୍ର, କାହ୍ନୁଚରଣ ସାହୁ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବହୁ ସାଧୁସନ୍ଥଙ୍କ ଗହଣରେ ଅନୁଷ୍ଠାନର ସହଯୋଗରେ ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଛି। ଦୁଇ ଦିନ ଧରି ଆୟୋଜିତ ହେବାକୁ ଯାଉଥିବା ଏହି ଉତ୍ସବରେ ପ୍ରଥମ ଦିନରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ସୋମବାର ଉଚ୍ଚ ବିଦ୍ୟାଳୟସ୍ତରୀୟ ପିଲାଙ୍କର ପ୍ରତିଯୋଗିତା ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି ପରିବେଷଣ କରାଯାଇଥିଲା। ନେତାଜୀ ସାମ୍ବାଦିକ ସଂଘର ସଦସ୍ୟ ଅଶୋକ ଦାସ, ଶଙ୍କର ପ୍ରତାପ ଦାସ, ବାବୁଲି ରାଉତ, ସଭାପତି ସୌମ୍ୟରଞ୍ଜନ ପଣ୍ଡା, ସୁଶାନ୍ତ ଗୋଛାୟତ ଉପସ୍ଥିତ ଥିଲେ। ନୃତ୍ୟ ଓ ସଙ୍ଗୀତରେ ବିଚାରକ ଭାବେ ରଘୁନାଥ ବେହେରା, ସତ୍ୟନନ୍ଦ ମିଶ୍ର, ଗଣେଶ୍ୱର ବେହେରା ପିଲାଙ୍କ ପ୍ରତିଭାର ମୂଲ୍ୟାଙ୍କନ କରିଥିଲେ। ସଚେତନ ନାଗରିକ ମଞ୍ଚର ଆବାହକ ସରୋଜକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ।



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ବାର୍ଷିକୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

## ଛାତ୍ରୀଛାତ୍ରଙ୍କୁ ପୋଷାକ ମିଳି ନ ଥିବା ଅଭିଯୋଗ

ରତ୍ନଗିରି,୯।୨(ଡିଏନ୍‌ଏ)

ବରୀ ବ୍ଲକ ବାଲିବିଲି ପଞ୍ଚାୟତ ରୋରଡା ପିପଲ୍‌ବିଦ୍ୟାଳୟରେ ଅଦ୍ୟାବଧି ପୋଷାକ ବଣ୍ଟନ କରାଯାଇ ନାହିଁ। ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୮୯ ଛାତ୍ରୀଛାତ୍ର। ଶିକ୍ଷାବର୍ଷ ଶେଷ ହେବାକୁ ଯାଉଥିବାବେଳେ ଏଯାବତ୍ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରା ନ ଯିବା ନେଇ ଅସନ୍ତୋଷ ଦେଖାଦେଇଛି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନମୋହନ ପାଢୀଙ୍କୁ ପଚାରିବାରୁ, ପୋଷାକ ବଣ୍ଟନ ପାଇଁ ଆବଶ୍ୟକ ଅର୍ଥ ବିଦ୍ୟାଳୟକୁ ଆସି ନ ଥିବାରୁ ପୋଷାକ ବଣ୍ଟନ ସମ୍ଭବ ହୋଇପାରୁ ନାହିଁ ବୋଲି କହିଛନ୍ତି। ଅପରପକ୍ଷେ ବରୀ ମଣ୍ଡଳ ଶିକ୍ଷାଧିକାରୀ ପୋଷାକ ବଣ୍ଟନ ନିମନ୍ତେ ସବୁ ବିଦ୍ୟାଳୟକୁ ଆବଶ୍ୟକ ଅର୍ଥ ପୈଠ କରାଯାଇଛି। ମାତ୍ର ଉକ୍ତ ବିଦ୍ୟାଳୟରେ ପୋଷାକ ବଣ୍ଟନ କରା ନ ଯିବାର ଅଭିଯୋଗ ଆସିଛି। ତଦନ୍ତ କରାଯାଇ ଖୁବ୍‌ଶୀଘ୍ର ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଗଙ୍ଗାଧରପୁର କ୍ରିକେଟ୍: ଫାଇନାଲରେ କାଏମା



ଅତିଥି ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ।

ଧର୍ମଶାଳା,୯।୨(ଡିଏନ୍‌ଏ)

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲ ଖେଳ ପଡିଆରେ ଅନୁଷ୍ଠିତ ହେଉଥିବା ଗଙ୍ଗାଧରପୁର କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ଅନୁଷ୍ଠିତ ମ୍ୟାଚରେ କାଏମା ତରଞ୍ଜିଆ ଟିମ୍‌କୁ ୧୨୫ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। କାଏମା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୩୧୨ ରନ୍ ସଂଗ୍ରହ କରିଥିଲା। ଜବାବରେ ତରଞ୍ଜିଆ ଦଳ ବ୍ୟାଟିଂ କରି ୧୨.୨ ଓଭରରେ ସମସ୍ତ ୱିକେଟ ହରାଇ ୧୮୭ ରନ୍ କରି ପରାସ୍ତ ହୋଇଥିଲା। ଖେଳକୁ ଜଗନ୍ନାଥ ଦାସ ଓ ଅବିନାଶ ସାମଲ ପରିଚାଳନା କରିଥିଲେ। ଖେଳରେ ଅତିଥିଭାବେ ନଟବର ପରିଡା ଯୋଗଦେଇ ବିଜୟୀ ଦଳର ଆଶିଷ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ସୋମବାର ପ୍ରଥମାଖଣ୍ଡି ସହିତ ନଠୁଆବର ପଞ୍ଚାୟତ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜ୍ଞାନରଞ୍ଜନ ସାହୁ ସୂଚନା ଦେଇଛନ୍ତି।

## ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

କଳିଙ୍ଗନଗର,୯।୨(ଡି.ଏନ.ଏ)

ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ୟାସନଗରର ୩୧ତମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟ ସଭାପତି ଦିଗନ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ରାଜନୀତି ବିଭାଗ ମୁଖ୍ୟ ସୁଧିର ଚନ୍ଦ୍ର ଜେନା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତାଭାବେ ଆଇନଜୀବୀ ରଜତକୁମାର ରାଉତ ଯୋଗ ଦେଇଥିବାବେଳେ ବିଦ୍ୟାଳୟର ପରିଚାଳନା କମିଟି ସମ୍ପାଦକ ଦିଲୀପ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ସହ ପ୍ରଧାନାଚାର୍ଯ୍ୟ ପ୍ରଫୁଲ୍ଲ କୁମାର ନାୟକ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର କୁନିକୁନି ପିଲାଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମନିତ ଅତିଥି ଭାବେ ଅଧ୍ୟାପକ ଅକ୍ଷୟ କୁମାର ପଣ୍ଡା ଯୋଗ ଦେଇଥିବାବେଳେ ପ୍ରଧାନାଚାର୍ଯ୍ୟ ଅଭିମନ୍ୟୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପରିଚାଳନା କମିଟିର କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

## 'ଓଡ଼ିଆ ଲିପିକୁ ବଞ୍ଚାଇ ରଖନ୍ତୁ ଯୁବପିଢ଼ି'

ଚଣ୍ଡିଖୋଲ,୯।୨(ଡି.ଏନ.ଏ)

ବଡ଼ଚଣା ବ୍ଲକ ରଇପୁରସ୍ଥିତ ଯୁଗାନ୍ତର ସାଂସ୍କୃତିକ ପରିଷଦର ୪୧ତମ ବାର୍ଷିକ ଉତ୍ସବ ଓ କବି ତିଳକ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୟନ୍ତୀ ରବିବାର ରଇପୁର ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଯୁଗାନ୍ତର ସଭାପତି ଭଜହରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଶୈଳେଶ୍ୱର ନନ୍ଦ ଯୋଗଦେଇ ପୁରାତନ ଓଡ଼ିଆ ରଚୟିତାମାନେ ଯେଉଁ ଶବ୍ଦାବଳୀ ବ୍ୟବହାର କରି ଯାଇଛନ୍ତି, ତାହା ଏବେ କୌଣସି ଅଭିଧାନରୁ ମିଳେନାହିଁ। ଓଡ଼ିଆମାନେ ଏବେ ଓଡ଼ିଆ ଲିପିକୁ ଭୁଲି ବିଦେଶୀ ଭାଷା ପ୍ରତି ଆକର୍ଷିତ ହେଉଛନ୍ତି। ମାତ୍ର ଆଜିର ଯୁବପିଢ଼ି ଓଡ଼ିଆ ଲିପିକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରିବା ଜରୁରୀ ବୋଲି କହିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଯୁଗାନ୍ତର ସାଂସ୍କୃତିକ ପରିଷଦ ବାର୍ଷିକ ଉତ୍ସବ**

ମୁଖ୍ୟବକ୍ତାଭାବେ ଶାରଦା ପ୍ରସାଦ ମିଶ୍ର ଯୋଗଦେଇ ଭଞ୍ଜ ଯୁଗୀୟ ରଚନା ସହିତ ଅଭିମନ୍ୟୁ ସାମନ୍ତ ସିଂହାର ଓ ଦୀନକୃଷ୍ଣ ଦାସଙ୍କ ସାହିତ୍ୟ କୃତୀ ତୁଳନା କରିଥିଲେ। ଏହି ଅବସରରେ ଭାବଗ୍ରାହୀ ଦାସଙ୍କୁ ଅନନ୍ତ କିଶୋର ନାଟ୍ୟ ସମ୍ମାନ, ପଦ୍ମଶ୍ରୀ ଡି ପ୍ରକାଶ ରାଓଙ୍କୁ ସଂଗ୍ରାମୀ ବିଚିତ୍ରାନନ୍ଦ ରାୟ ସ୍ମୃତି ସମ୍ମାନ, ରମାକାନ୍ତ ଜେନାଙ୍କୁ ସଂଗ୍ରାମୀ ଅଭିମନ୍ୟୁ ମହାପାତ୍ର ସ୍ମୃତି ସମ୍ମାନ, ପ୍ରଫୁଲ୍ଲ ଚନ୍ଦ୍ର ସାମଲଙ୍କୁ ନବଘନ ସ୍ମୃତି ସମ୍ମାନ, ରାମହରି ଦାସଙ୍କୁ ଯୁଗାନ୍ତର କଳା ସମ୍ମାନ, ଶୈଳେଶ୍ୱର ନନ୍ଦଙ୍କୁ ଯୁଗାନ୍ତର ସମ୍ମାନ, ୨୦୧୯ ବାର୍ଷିକ ମାଟ୍ରିକ ପରୀକ୍ଷାରେ ଯାଜପୁର ଜିଲାରେ ପ୍ରଥମ ଓ ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବା ବାଇଶିମୌଜା ଧନଞ୍ଜୟ ବିଦ୍ୟାପୀଠର ଛାତ୍ର ସତ୍ୟଜିତ ନାୟକଙ୍କୁ ଦୁର୍ଗା ଦେବୀ ପ୍ରତିଭା ସମ୍ମାନ ଓ ୪ଜଣ ଛାତ୍ରଙ୍କୁ ବେଣୁଧର ପ୍ରତିଭା ସମ୍ମାନ ଓ ଜଣେ ଛାତ୍ରଙ୍କୁ ବାଞ୍ଛାନିଧି ମାତୃଭାଷା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଯୁଗାନ୍ତରର ସମ୍ପାଦକ ଭାଗ୍ୟଧର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରମେଶ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।

## ସଂକ୍ଷେପରେ

### ବର୍ଷୀୟାନ କମ୍ୟୁନିଷ୍ଟ ନେତା ସମ୍ବର୍ଦ୍ଧିତ

ଆଳି,୯।୨(ଡି.ଏନ.ଏ.): ଆଳି ଅଞ୍ଚଳର ବର୍ଷିୟାନ କମ୍ୟୁନିଷ୍ଟ ନେତା କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ରବିବାର କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ତିଖିରି ଅଞ୍ଚଳର ବିଶିଷ୍ଟ ସାମ୍ୟବାଦୀ ନେତା ସ୍ୱର୍ଗତ ଅର୍ଜୁନ ବେହେରାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସଭାରେ ସମ୍ବର୍ଦ୍ଧିତ କରାଯାଇଛି । ମଲ୍ଲିକ ତାଙ୍କ ଜୀବନକାଳ ମଧରେ ସଂଗ୍ରାମ, ତ୍ୟାଗ ଓ ସାଧାରଣ ମେହନତି ମଣିଷଙ୍କର ସ୍ୱାର୍ଥକୁ ନେଇ ଲଢେଇ ଜାରି ରଖିଥିବାରୁ ଅର୍ଜୁନ ଚରଣ ସ୍ମୃତି ସଂସଦ ପକ୍ଷରୁ ତାଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର ଓ ନଗଦ ଅର୍ଥରାଶି ପ୍ରଦାନ କରାଯାଇଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କେନ୍ଦ୍ରାପଡା ଜିଲା ସଂପାଦକ ରମଣୀ ରଞ୍ଜନ ରାଉତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବରେ ପାର୍ଟିର ରାଜ୍ୟ ସଂପାଦକ ଆଶିଷ କାନୁନଗୋ,ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା,ଡା କୁଳମଣି ସାମଲ ପ୍ରମୁଖ ଯୋଗଦେଇ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

### ବିଶ୍ୱଶାନ୍ତି ମହାଯଜ୍ଞ



ଆଳି,୯।୨(ଡି.ଏନ.ଏ) : ଆଳି ବ୍ଲକ କୋଳିଡିହ ପଞ୍ଚାୟତର ସାତମୌଜା ଛକଠାରେ ଶ୍ରୀ ଶ୍ରୀ ହନୁମାନ ମହାପ୍ରଭୁଙ୍କ ତ୍ରୟୋଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବୁଧବାର ଦିନ ଅଙ୍କୁରାରୋପଣ,ଗୁରୁବାର କଳସଯାତ୍ରା ଓ ଘଟସ୍ଥାପନା କରାଯାଇ ଅଗ୍ନିସ୍ଥାପନ ଆଦି କାର୍ଯ୍ୟ ସମ୍ପାଦନ ହୋଇଥିଲା । ଶୁକ୍ରବାର ବେଦପାଠ, ସୂର୍ଯ୍ୟପୂଜା, ଗୁରୁପୂଜା , ଗୋପୂଜା, ଯଜ୍ଞାହୁତି ଆଦି ପୂଜାକାର୍ଯ୍ୟ କରାଯାଇଥିଲା । ଶନିବାର ପୂର୍ଣ୍ଣାହୁତି ଦିଆଯାଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ କରାଯାଉଥିଲା । ଯଜ୍ଞ ପାଇଁ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଯଜ୍ଞ ଦେଖିବା ପାଇଁ କୋଳିଡିହ, ଦିନିଆରି, ବିଜୟନଗର, ଚନ୍ଦନନଗର, ଜାମୁଦଣ୍ଡା, ଇଛାପୁର, ତଆଁଳାଡିହା ଆଦି ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ତୁଳସୀ କ୍ଷେତ୍ରାଧିପତିଙ୍କ କନ୍ଦରାସୁର ବଧ ବେଶ

କେନ୍ଦ୍ରାପଡା ଅଫିସ,୯।୨

ରବିବାର ମାଘ ପୂର୍ଣ୍ଣିମା । ଏହି ଅବସରରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ କନ୍ଦରାସୁର ବଧ ବେଶ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ମନ୍ଦିର ପହଡ ଫିଟାଯାଇ ପୂଜାପଣ୍ଡାଙ୍କ ଦ୍ୱାରା ମଙ୍ଗଳ ଆଳତୀ ସମ୍ପର୍ଣ୍ଣ ହୋଇଥିଲା । ଶ୍ରୀଜୀଉଙ୍କ ନୀତି ସ୍ନାନ ପରେ ଗୋପାଳବଲ୍ଲଭ ଧୂପ ଓ ପରେ ଖେଚୁଡି ଧୂପ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଶ୍ରୀଜୀଉଙ୍କ ପହଡ ଫିଟିଥିଲା । ଏହି ସମୟରେ ଶ୍ରୀଜୀଉଙ୍କ ଶ୍ରୀଚରଣ, ଶ୍ରୀଭୂଜ, ତୁଳସୀ ଦେବୀଙ୍କ ବିଗ୍ରହ ସହ କାଷ୍ଠ ନିର୍ମିତ କନ୍ଦରାସୁର ବଧ ବେଶରେ ସଜ୍ଜିତ କରାଯାଇଥିଲା ।

ଏହି ବେଶରେ ଶ୍ରୀବଳଦେବଜୀଉଙ୍କ ଚରଣ ତଳେ କନ୍ଦରାସୁରକୁ ଉପବେଶନ କରାଯାଇଥିଲା । ଶ୍ରଜୀଉ ବାମ ହସ୍ତରେ କନ୍ଦରାସୁରର ମସ୍ତକକୁ ଧାରଣ କରି ଦକ୍ଷିଣ ହସ୍ତରେ ଲଙ୍ଗଳ ଦ୍ୱାରା ବଧ କରୁଥିବା ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା । ଏଥିସହ ବେଶ ରୀତିନୀତି ଅନୁଯାୟୀ ସାନୁଜ ଶ୍ରୀଜଗନ୍ନାଥ ବାମ ହସ୍ତରେ ଚକ୍ର ଓ ଦକ୍ଷିଣ ହସ୍ତରେ ପଦ୍ମ ସହ ଶୋଭା ପାଉଥିଲେ । ପାଳିତା କନ୍ୟା ତୁଳସୀ ଦେବୀ ବରଣମାଳା ସହିତ ଶ୍ରୀଜୀଉଙ୍କ ଦକ୍ଷିଣ ପାର୍ଶ୍ୱରେ ରହିଥିଲେ ।



କନ୍ଦରାସୁର ବଧ ବେଶରେ ଶ୍ରୀଜୀଉ ।

ରାତ୍ର ଧୂପ ପୂର୍ବରୁ ବେଶ ଉଲାଗି କରାଯାଇ ଶ୍ରୀଜୀଉଙ୍କୁ ମହାସ୍ନାନ କରାଯିବ । ସୂଚନାଯୋଗ୍ୟ ଯେ, ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ମହାଭାରତ ଯୁଦ୍ଧରେ ଶ୍ରୀବଳରାମ ଭାଗ ନ ନେଇ ବିଭିନ୍ନ ତୀର୍ଥକ୍ଷେତ୍ର ଭ୍ରମଣରେ ବାହାରି ଥିଲେ । ଏହି ସମୟରେ ସ୍ଥାନୀୟ କନ୍ଦରାପଡ଼ାରେ ପ୍ରବଳ ପ୍ରତାପୀ କନ୍ଦରାସୁର ଓ ସେନାପତି ମଧୁଦୈତ୍ୟ ଜନ ଉତ୍ପୀଡନରେ ମାତିଥିଲେ । ଏପରି କି ଯଜ୍ଞକୁ କନ୍ଦରାସୁରଙ୍କ ଆଦେଶରେ ନଷ୍ଟ କରାଯାଉଥିଲା । ମୁନି ଋଷିଙ୍କ ପ୍ରାର୍ଥନା କ୍ରମେ ଶ୍ରୀବଳରାମ ନିକଟସ୍ଥ ଲଳିତଗିରି ପାହାଡରେ ଅବସ୍ଥାନ କରୁଥିବା ସେନାପତିମଧୁଦୈତ୍ୟକୁମାରିବା ପରେ କନ୍ଦରାସୁର ବଧ କରିଥିଲେ । ଏହାପରେ କନ୍ଦରାସୁରର ପାଳିତା କନ୍ୟା ତୁଳସୀଙ୍କୁ ବିବାହ କରିଥିଲେ ।

# ପାଳପାଟଣାଠାରେ ନିମ୍ନମାନର ପଥର ପ୍ୟାଙ୍କିଂ ଓ ସ୍ପର ନିର୍ମାଣ

ପଟ୍ଟାମୁଣ୍ଡାଇ,୯।୨(ସ୍ୱ.ପ୍ର)

**ବ୍ରାହ୍ମଣୀ ନଦୀ କୂଳ ଖାଉଛି**

ବ୍ରାହ୍ମଣୀ ନଦୀର ପ୍ରଖର ସ୍ରୋତରେ ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ପାଳପାଟଣାଠାରେ ବାରମ୍ବାର କୂଳ ଅତଡା ଖାଇ ଉର୍ବର ଚାଷ ଜମି ନଦୀରେ ମିଶିଯାଉଛି । ଏହାର ସୁରକ୍ଷା ପାଇଁ ପାଳପାଟଣା ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ଜଳସମ୍ପଦ ବିଭାଗର ନିଦ ଭାଙ୍ଗୁନାହିଁ ।

ବ୍ରାହ୍ମଣୀ ନଦୀ କୂଳର ସୁରକ୍ଷା ଲାଗି ନଦୀ କୂଳରେ ପଥର ପ୍ୟାକିଂ ସହ ପଥର ଆପ୍ରୋନ୍ ନିର୍ମାଣ କରିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୧୬ କୋଟି ଟଙ୍କା ମଞ୍ଜୁର କରାଯାଇଛି । ପାଳପାଟଣା ଫେରିଘାଟ ଠାରୁ ଜେନାପାଟଣା ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ଦୂର ନଦୀବନ୍ଧରେ ଏହି କାମ ଚାଲିଛି । ଠିକାଦାର ଟେଣ୍ଡର ମାଧ୍ୟମରେ ଏହି କାର୍ଯ୍ୟର ଠିକା ନେଇଥିଲେ ମଧ୍ୟ ନିମ୍ନମାନର କାର୍ଯ୍ୟ ଯୋଗୁ ପଥର ସ୍ପର୍ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନଦୀରେ ବନ୍ୟା ହେଲେ ଯେ କୌଣସି ମୁହୂର୍ତ୍ତରେ ପଥର ପ୍ୟାକିଂ ଖସି ନଦୀ ଗର୍ଭରେ ଲୀନ ହୋଇଯିବା ଆଶଙ୍କା ରହିଛି । ଏହାଛଡା ତ୍ରୁଟିପୂର୍ଣ୍ଣ ପଥର ପ୍ୟାକିଂ କରିବା ଘଟଣା ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ନଦୀ କୂଳ ସୁରକ୍ଷା ପାଇଁ ପଥର ପ୍ୟାକିଂ ଓ ପଥର ଆପ୍ରୋନ୍ ଠିକ୍ ଭାବେ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ଏହି କାର୍ଯ୍ୟରେ ଗ୍ରାନାଇଟ୍ ପଥର ବ୍ୟବହାର କରାଯାଉନାହିଁ। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ କେନ୍ଦ୍ରାପଡା ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଆଗାମୀ ଦିନରେ ସମସ୍ୟା ସୃଷ୍ଟି ହେବ ବୋଲି ବନ୍ୟାଞ୍ଚଳବାସୀ ପାଳପାଟଣା ଗ୍ରାମବାସୀ କହିଛନ୍ତି । ଏହାଛଡା ପଥର ଆପ୍ରୋନ୍ ଓ ସ୍ପର୍ ନିର୍ମାଣରେ କେତେ ଟଙ୍କା ଖର୍ଚ୍ଚ ହେଉଛି ତାହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଗ୍ରାମୀଣ ପାଠାଗାର ଓ ପାର୍କ ଉଦ୍‌ଘାଟିତ

ଡେରାବିଶ,୯।୨(ସ୍ୱ.ପ୍ର.), ୯।୨

କେନ୍ଦ୍ରାପଡା ବ୍ଲକ ଭରତପୁର ପଞ୍ଚାୟତ ମେହେନ୍ଦିପୁରଠାରେ ଗ୍ରାମୀଣ ପାଠାଗାର ଗୃହ ଓ ପାର୍କର ଉଦ୍‌ଘାଟନ ରବିବାର ହୋଇଛି । ମୁଖ୍ୟଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ବିଡିଓ ସୁଧୀର କୁମାର ସିଂ, ସରପଞ୍ଚ ଜୀନତ ପ୍ରିୟଦର୍ଶିନୀ ରାଉତ, ସମିତି ସଭ୍ୟ ହେମନ୍ତ ବିଶ୍ୱାଳଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ବେହେରା କହିଥିଲେ ଯେ, ପଞ୍ଚାୟତର ତୃଣମୂଳ ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଡେଉଛନ୍ତି । ଗ୍ରାମର




ଉତ୍ସବରେ ବିଧାୟକ ଓ ଅନ୍ୟମାନେ ।

ପାନୀୟ ଜଳ, ସଡକ ଯୋଗାଯୋଗ, ଆବାସ ସମସ୍ୟା ସମାଧାନ କରିବା ସହିତ ଯୁବବର୍ଗଙ୍କ ପାଇଁ ପାଠାଗାର ବ୍ୟବସ୍ଥା କରାଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଚକ୍ରୋଡା ସରପଞ୍ଚ ବସନ୍ତ କୁମାର ରାଉତ, ସମିତିସଭ୍ୟ ଶିବ ପ୍ରସାଦ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ଦେବାଶୀଷ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

# ଚକ୍ଷୁ ଚିକିତ୍ସା ଶିବିର

ରାଜକନିକା,୯।୨(ଡି.ଏନ୍.ଏ.)

ରାଜକନିକା ବ୍ଲକ ଅନ୍ତର୍ଗତ ଅବଦୁଲପୁର ଜଗନ୍ନାଥ ପରିଷଦ ଏବଂ ଜାରକାସ୍ଥିତ ଭୂମିକା ଚକ୍ଷୁ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ମାଗଣା ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅବଦୁଲପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଡା. ସୁଜାତା ସ୍ୱାଇଁ ୩୨ ଜଣଙ୍କ ଚକ୍ଷୁ ପରୀକ୍ଷା କରିବା ସହ ୧୮ ଜଣଙ୍କର ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରିଥିଲେ । ସାମାଜିକ କର୍ମୀ ରବୀନ୍ଦ୍ର କୁମାର ଧଳ, କ୍ୟାମ୍ପ ମ୍ୟାନେଜର ଦେବେନ୍ଦ୍ର ସେଠୀ, ରୋଜାଲିନ ଦାସ,ସାରଳା ମଲ୍ଲିକ, ବୀରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରକୁ ଜରୀ, ବାଙ୍ଗରା, ଚରପଡା, ଅବଦୁଲପୁର, ହାଟସାହି ପ୍ରଭୃତି ଗ୍ରାମ ପଞ୍ଚାୟତର ଚକ୍ଷୁରୋଗୀମାନେ ଆସିଥିଲେ । ଅବଦୁଲପୁର ଗ୍ରାମର ଯୁବକମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଯୁକ୍ତ ୨ କଳାର ଉର୍ଦ୍ଦୁ ବିଷୟ ଛାତ୍ରୀ ସମ୍ବର୍ଦ୍ଧିତ



ଆୟେସାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

କେନ୍ଦ୍ରାପଡା ଅଫିସ,୯।୨

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶ୍ରେଣୀର ଛାତ୍ରୀ ଆୟେସା ବେଗମ ଗତବର୍ଷ ଦେଇଥିବା ଯୁକ୍ତ ୨ ପରୀକ୍ଷାରେ ଉର୍ଦ୍ଦୁ ବିଷୟରେ କେନ୍ଦ୍ରାପଡା ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ଗତ ବୁଧବାର ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ଏହି ପରୀକ୍ଷାରେ ୧୦୦ରୁ ୯୧ ନମ୍ବର ରଖିଥିଲେ । ଏଥିପାଇଁ ଓଡିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଠାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ପ୍ରଶାସନିକ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଓଡିଶା ଉର୍ଦ୍ଦୁ ଏକାଡେମୀ ସମ୍ପାଦକ ଡା. ସୟଦ ମୁଶିର ଆଲାମଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆୟେସା ହେଉଛନ୍ତି ସହରର ଜୟୀପୁରା ଗ୍ରାମର ସେକ୍ ଅସିରୁଦ୍ଦିନ ଓ ଅରଜୁ ବେଗମଙ୍କ କନ୍ୟା । ତାଙ୍କର ଏହି କୃତୀତ୍ୱ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୭୪୧ ମାମଲା ଫଇସଲା

କେନ୍ଦ୍ରାପଡା ଅଫିସ, ୯।୨

କେନ୍ଦ୍ରାପଡା ଜିଲାର ବିଭିନ୍ନ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୪୬୪୮ ମାମଲା ବିଚାର ପାଇଁ ପଞ୍ଜୀକୃତ ହୋଇଥିବା ବେଳେ ୭୪୧ଟି ମାମଲାର ଫଇସଲା ହୋଇଛି । ଏଥିସହିତ ମୋଟ ୧,୨୭,୧୮,୨୦୩ ଟଙ୍କାର ଦେୟ ଆଦାୟ ପାଇଁ ଫଇସଲା ହୋଇଛି । ଏହି ଲୋକ ଅଦାଲତରେ ୧୬୨ଟି ଦେୱାନୀ ମାମଲା ସାମିଲ ହୋଇଥିଲା । ଏଥିମଧ୍ୟରୁ ୪୮ଟି ମାମଲା ଫଇସଲା ହୋଇ ୨୬,୯୬,୧୦୪ ଟଙ୍କା ଦେୟ ପାଇଁ ଆଦେଶ ହୋଇଛି । ୨୮୭ଟି ଫୌଜଦାରୀ ମାମଲା ମଧ୍ୟରୁ ୪୯ଟି ସମାଧାନ ହୋଇ ମୋଟ ୪୦୦ ଟଙ୍କା ଆଦାୟ ହୋଇଛି । ପାରିବାରିକ ୬୧ଟି ମାମଲାରୁ ୨୦ଟିର ସମାଧାନ ହୋଇଛି । ସେହିପରି ୬୦ଟି ମୋଟରଯାନ ଦୁର୍ଘଟଣା ମାମଲାରୁ ୧୨ଟି ସମାଧାନ ହୋଇ ୫୨,୦୮,୦୦୦ ଟଙ୍କା ଦେୟ ପାଇଁ ଆଦେଶ ହୋଇଛି । ଏଥିସହ ୪୦୭୮ଟି ପ୍ରାକ୍ ମୋକଦ୍ଦମା ମଧ୍ୟରୁ ୩୧୨ଟିର ସମାଧାନ ହୋଇ ୪୮,୧୩,୬୯୯ ଟଙ୍କା ଜରିମାନା ଆଦେଶ ହୋଇଛି । କେନ୍ଦ୍ରାପଡା କୋର୍ଟ ପରିସରର ଏହି ଲୋକ ଅଦାଲତରେ ଜିଲା ଦୌରାଜଜ୍ ବାସୁଦେବ ପଣ୍ଡା, ପରିବାର ଅଦାଲତ ଜଜ୍ ଅନିତା ସାହୁ, ଏଡିଜେ ଏମ. ଆର. ଦୋରା ,ସିଜେଏମ ଜ୍ଞାନରଞ୍ଜନ ପଟ୍ଟନାୟକ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନ, ସିଭିଲ ଜଜ୍ କୁମୁଦିନୀ ମୁଦୁଲି, ସିଭିଲ ଜଜ୍ ଶୋଭନ କାନୁନଗୋ, ରେଜିଷ୍ଟ୍ରାର ପୂଣ୍ୟଶ୍ଳୋକ ରଥ, ଏସଡିଜେଏମ ଦିଗବିଜୟ ଦାସ, ସିଭିଲ ଜଜ୍ ପ୍ରଜ୍ଞା ପୂଜାପ୍ରଦା, ଜେଏମଏଫସି ଶର୍ମିଷ୍ଠା ଜେନା, ଜେଏମଏଫସି ପାରସ ପାଢୀ, ଜେଏମଏଫସି ସରିତା ପଣ୍ଡା, ଜେଏମଏଫସି ଜାରୀନ ଖାନ ଉପସ୍ଥିତ ଥିଲେ । ସେହିପରି ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ସିଭିଲ ଜଜ୍ ହରପ୍ରସାଦ ପାଢୀ, ଜେଏମଫସି ସାଲୋମି ସାହୁ, ଜେଏମଏଫସି କିଶୋର କୁମାର କର, ଆଳିରେ ଜେଏମଏଫସି ପି. ସୀତାଲକ୍ଷ୍ମୀ, ରାଜନଗରରେ ଜେଏମଏଫସି ସନ୍ଧାନଜିତ ପଣ୍ଡା ମାମଲାର ବିଚାର କରିଥିଲେ ।

# ମନ୍ଦିର ପ୍ରତିଷ୍ଠା ଉତ୍ସବ

କେନ୍ଦ୍ରାପଡା ଅଫିସ, ୯।୨

ପାଟକୁରା ବ୍ଲକ ଆଖୁଆଦକ୍ଷିଣୀ ଆଶ୍ରମ ପରିସରରେ ଅଭିରାମ ପରମହଂସ ଦେବଙ୍କ ଚତୁର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ୫ ଦିନ ବ୍ୟାପି ଏହି ବିଶ୍ୱଶାନ୍ତି ମହାଯଜ୍ଞ ହୋଇଥିଲା । ଏହି ଉପଲକ୍ଷେ ଶାନ୍ତିଧାମର ବରିଷ୍ଠ ନାମାଚାର୍ଯ୍ୟ ବାବାଜୀ ହରେକୃଷ୍ଣ ଦାସ ମହାରାଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାବାଜୀ ଦିଗମ୍ବର ଦାସ, ସୁକାନ୍ତ କୁମାର ନାୟକ, ପ୍ରବୀର କୁମାର ପରିଡା ଓ ପଣ୍ଡିତ ମୁରଲୀଧର ଆଚାର୍ଯ୍ୟ ଯୋଗ ଦେଇଥିଲେ ।

# ସପନେଶ୍ୱରଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ରାଜନଗର,୯।୨(ଡି.ଏନ.ଏ.)

ରାଜନଗର ବ୍ଲକର ବାହାପୁରସ୍ଥିତ ସପନେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନେ ପାଠ ପଢିବା ସହିତ କର୍ତ୍ତବ୍ୟନିଷ୍ଠ ହେବାକୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତା ଭାବେ କବି ହେମନ୍ତ କୁମାର ରାଉତ ଯୋଗଦେଇ ଶିକ୍ଷାର୍ଥୀମାନେ କ୍ରୀଡା କ୍ଷେତ୍ରରେ ପ୍ରତିଯୋଗୀ ମନୋଭାବ ରଖିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଏମପି ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ରାଜନଗର ଏବିଇଓ ନନ୍ଦ କିଶୋର ସ୍ୱାଇଁ, ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଜେନା, ଶିକ୍ଷା କମିଟିର ସଭାପତି ସଞ୍ଜୟ କୁମାର ଖଣ୍ଡୁଆଳ, ଅଜୟ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତବର୍ଷ କ୍ରୀଡାରେ ଚମ୍ପିୟନ ହୋଇଥିବା ନବମ ଶ୍ରେଣୀ ଛାତ୍ରୀ ମାନିକ କାମିଲା ଏବଂ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ବେହେରା, ପାଚିକା ସରସ୍ୱତୀ ସୂତାରଙ୍କୁ ବିଧାୟକ ସାହୁ ସମ୍ବର୍ଦ୍ଧିତ କରିଥିଲେ।

# ଶିକ୍ଷା ଓ ଶୃଙ୍ଖଳା ପରସ୍ପର ପରିପୂରକ




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।

ଆଳି, ୯।୨ (ଡି.ଏନ.ଏ.)

ଜଣେ ଛାତ୍ର ପାଇଁ ଶିକ୍ଷା ଓ ଶୃଙ୍ଖଳା ଉଭୟର ଆବଶ୍ୟକତା ରହିଛି । ଶିକ୍ଷା ଓ ଶୃଙ୍ଖଳା ପରସ୍ପର ପରିପୂରକ । ଗୋଟିଏକୁ ବାଦ ଦେଲେ ଅନ୍ୟଟି ମୂଲ୍ୟହୀନ ହୋଇପଡେ ବୋଲି ସ୍ଥାନୀୟ ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ନିକଟରେ ବିଦ୍ୟାଳୟ ପରିସରରେ ଏହି ବାର୍ଷିକ ଉତ୍ସବ ପାଳନ ହେବା ସହିତ ବିଦ୍ୟାଳୟର କେତେକ ପ୍ରାକ୍ତନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ନୃସିଂହ ଚରଣ ନନ୍ଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମାଜିକ କର୍ମୀ ଗୋପାଳକୃଷ୍ଣ ପରିଡା କହିଥିଲେ ଯେ, ଶିକ୍ଷା ପାଇଁ ଶୃଙ୍ଖଳା ଉପରେ ସମସ୍ତେ ଗୁରୁତ୍ୱ ଦେବା ଉଚିତ । ଜଣେ ଛାତ୍ର ଶୃଙ୍ଖଳିତ ହେଲେ ତାର ଶିକ୍ଷା ନୈତିକତା ଦିଗରେ ଆଗେଇବା ସହ ଭବିଷ୍ୟତରେ ସେ ସୁନାଗରିକ ହୋଇପାରିବ । ମୁଖ୍ୟବକ୍ତା ଭାବରେ ଓଷ୍ଟାର ଜିଲା ସମ୍ପାଦକ ତପନ ସିଂ ଯୋଗଦେଇ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ସୁନାମ ରଖିବା ପାଇଁ ଶୈକ୍ଷିକ ବାତାବରଣ ମଧରେ ରହିବା ଉଚିତ । ଏଥିପାଇଁ ଶିକ୍ଷକମାନଙ୍କର ମଧ ଭୂମିକା ରହିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ଉଦ୍ୟାନ କୃଷି ବିଭାଗର ଅବସରପ୍ରାପ୍ତ ଅଧିକାରୀ ଧରଣୀଧର ପାତ୍ର, ଗାଳ୍ପିକ ବି .ଏମ. ସେନାପତି, ଶିକ୍ଷାବିତ ଶରତ କୁମାର ରାୟ, ଅଖିଳ କୁମାର ବଳ, ଗଣେଶ୍ୱର ପାତ୍ର ଓ ବିଜୟ କୁମାର ବୋଇତି ପ୍ରମୁଖ ଯୋଗଦେଇ ନୈତିକତା ଓ ଶୃଙ୍ଖଳା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହି ଅବସରରେ ବିଦ୍ୟାଳୟରେ ଶିକ୍ଷାଦାନ କରି ଅବସର ଗ୍ରହଣ କରିଥିବା ଶିକ୍ଷକ ଭାସ୍କର ଚନ୍ଦ୍ର ମିଶ୍ର,ବିଶ୍ୱମ୍ବର ପାଣି,ଶରତ କୁମାର ସାହୁ ଓ ଗୀତା ମିଶ୍ରଙ୍କୁ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଏହାଛଡା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରା ଯାଇଥିଲା । ଉତ୍ସବ ପରିଚାଳନାରେ ଶିବପ୍ରସାଦ ସାହୁ, ସୁଶାନ୍ତ ମଲିକ, ସୁକେଶିନୀ ପ୍ରଧାନ, ରୋଜାଲିନ ସାମନ୍ତରାୟ ଓ ତୁଳସୀ ଦାସ ସହଯୋଗ କରିଥିଲେ ।

# ରାସ୍ତାଘାଟ ସମସ୍ୟା ନେଇ ଚିନ୍ତାରେ ପ୍ରଶାସନ

ପଟ୍ଟାମୁଣ୍ଡାଇ, ୯।୨ (ସ୍ୱ.ପ୍ର)

**ଭିତରକନିକା ମହୋତ୍ସବ ପାଇଁ ସଜବାଜ**

କେନ୍ଦ୍ରାପଡା ଜିଲାର ରାଜନଗରଠାରେ ହେବାକୁ ଥିବା ଭିତରକନିକା ମହୋତ୍ସବ ପାଇଁ ସମସ୍ତେ ତତ୍ପର ହୋଇ ଉଠିଛନ୍ତି । ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ୩ ଦିନିଆ ମହୋତ୍ସବ ଅନୁଷ୍ଠିତ ହେବ । ହେଲେ ମହୋତ୍ସବ ସ୍ଥଳକୁ ଯିବା ପାଇଁ ଥିବା ରାସ୍ତାଘାଟ ଶୋଚନୀୟ ହୋଇପଡିଥିବାରୁ ପ୍ରଶାସନ ଚିନ୍ତାରେ ରହିଛି । ମହୋତ୍ସବ ପୂର୍ବରୁ ରାସ୍ତାଘାଟର ମରାମତି କାର୍ଯ୍ୟ ସରିଯିବ ବୋଲି ପ୍ରଶାସନ ଦୃଢୋକ୍ତି ପ୍ରକାଶ କରୁଥିବା ବେଳେ କୌଣସି କାର୍ଯ୍ୟ ହୋଇନାହିଁ ବୋଲି ଅଭିଯୋଗ ହୋଇଛି । ପଟ୍ଟାମୁଣ୍ଡାଇ ବାଇପାସ୍ ଠାରୁ ମହୋତ୍ସବ ସ୍ଥଳ ନଳିତାପାଟିଆ ପର୍ଯ୍ୟନ୍ତ ପ୍ରାୟ ୫୦କିମି ଦୂର ହେବ । ତେବେ ପଟ୍ଟାମୁଣ୍ଡାଇ ଏମ୍ଏନ ହାଇସ୍କୁଲ ଠାରୁ ମଦନପୁର କଲେଜ ପର୍ଯ୍ୟନ୍ତ ୧୫କିମି ରାସ୍ତା ଏବେ ଶୋଚନୀୟ ହୋଇପଡିଛି । ପୂର୍ତ୍ତବିଭାଗ ଅଧୀନରେ ଥିବା ଏହି ରାସ୍ତା ୨ ବର୍ଷ ତଳେ ପୁନଃ ନିର୍ମାଣ ହୋଇଥିଲା । ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁ ଏହି ରାସ୍ତାର ପ୍ରାୟ ୨ କିଲୋମିଟର ଛୋଟ ବଡ ଖାଲଖମାରେ ପରିଣତ ହୋଇଛି । ୧୦ କୋଟି ୪୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତା ନଷ୍ଟ ହେବାକୁ ବସିଲାଣି । ପଟ୍ଟାମୁଣ୍ଡାଇ ବ୍ଲକର ଚନ୍ଦନନଗର, ସଂସାରଫଳ, ଓଉପଦା, ଖଣତା, ଦୋଶିଆ ପ୍ରଭୃତି ୯ଟି ପଞ୍ଚାୟତର ଅଧିବାସୀମାନେ ରାସ୍ତା ମରାମତି ପାଇଁ ବାରମ୍ବାର ଦାବି କରି ଆସୁଛନ୍ତି । ମାତ୍ର କର୍ତ୍ତୃପକ୍ଷ ଏ ଦିଗରେ ଆଦୌ ଦୃଷ୍ଟି ନ ଦେବା ସମସ୍ୟାକୁ ବହୁଗୁଣିତ କରିଦେଇଛି । ଏହାଛଡା ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି । ପ୍ରଥମ ଥର ପାଇଁ ହେବାକୁ ଯାଉଥିବା ଭିତରକନିକା ମହୋତ୍ସବରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବ ବୋଲି ଅନୁମାନ କରାଯାଉଛି । ତେଣୁ ଗମନାଗମନରେ କୌଣସି ସମସ୍ୟା ନ ହେବା ପାଇଁ ପ୍ରଶାସନ ସଜାଗ ରହିବାକୁ ସାଧାରଣରେ ଦାବି ହୋଇଛି ।



ଶୋଚନୀୟ ହୋଇଥିବା ରାସ୍ତା ।



ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ବାୟୋପିକର ପ୍ରଥମ ପୋଷ୍ଟର ରିଲିଜ୍ ହୋଇଛି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭେଡକରଙ୍କ ଦ୍ୱାରା ରବିବାର ଫାଷ୍ଟ ଲୁକ୍‌ର ପୋଷ୍ଟର ରିଲିଜ୍ କରାଯାଇଛି। କଲାମଙ୍କ ଜୀବନିକୁ ନେଇ ନିର୍ମାଣ କରାଯାଇଥିବା ଏହି ଫିଲ୍ମରେ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତି କିପରି ଶୀର୍ଷରେ ପହଞ୍ଚିପାରେ ତାହାକୁ ସ୍ଥାନିତ କରାଯାଇଛି। ଗଜଦୀଶ ଦାନେତି, ସୁଭର୍ଣ୍ଣା ପପୁ ଓ ଜନ୍ ମାର୍ଟିନଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମ ଚଳିତବର୍ଷ ଶେଷ ସୁଦ୍ଧା ପରଦାକୁ ଆସିବ ବୋଲି କୁହାଯାଉଛି।

# ଆଜିର ଆହ୍ୱାନ କୃମିରୋଗ ମୁକ୍ତ ସମାଜ




ଆମେ ସୁସ୍ଥ ଓ ନୀରୋଗ ରହିବା ପାଇଁ ବିଭିନ୍ନ ପ୍ରକାରର ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିଥାଉ। ଏକ ସକାରାତ୍ମକ ଓ ଆନନ୍ଦଦାୟକ ଜୀବନ ଶୈଳୀ ପାଇଁ ଆମେ ସର୍ବଦା ଚେଷ୍ଟିତ। ତେବେ ଏପରି କିଛି ରୋଗ ଅଛି ଯାହା ଆମ ଅଜାଣତରେ ଆମର ଶତ୍ରୁ ପଲଟିଯାଇଥାଏ। ସେଥିମଧ୍ୟରୁ କୃମିରୋଗ ହେଉଛି ଅନ୍ୟତମ । ପ୍ରତିବର୍ଷ ସରକାରଙ୍କ ତରଫରୁ ଜାତୀୟ କୃମିନାଶକ ଦିବସ ୧୦ ଫେବୃୟାରୀରେ ପାଳନ କରାଯାଉଛି । ଏକ କୃମିମୁକ୍ତ ସମାଜ ପାଇଁ ଏହି ଦିନ ୧ ବର୍ଷରୁ ୧୯ ବର୍ଷର ପ୍ରତ୍ୟେକ ପିଲାଙ୍କୁ କୃମିନାଶକ ବଟିକା ମାଗଣାରେ ଦିଆଯାଏ। କୃମି ସଂକ୍ରମଣ ଦ୍ୱାରା ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡେ। ଏହାଦ୍ୱାରା ରକ୍ତହୀନତା, ଭୋକ ନ ଲାଗିବା, କୁପୋଷଣ, ଦୁର୍ବଳ ଓ ଉଦ୍‌ବେଗ ଅନୁଭବ କରିବା, ପେଟ କାଟିବା ,ବାନ୍ତି ହେବା ତରଳ ଝାଡା, ଓଜନ କମିଯିବା ଭଳି ସମସ୍ୟା ଦେଖାଯାଇଥାଏ।

**କୃମି ନିୟନ୍ତ୍ରଣ ଓ ଏହାର ପ୍ରଭାବ:** ଆମ ଶରୀରରେ କୃମି ନିୟନ୍ତ୍ରିତ ହେଲେ ରକ୍ତହୀନତା ହୁଏନି। ଅର୍ଥାତ ଆମର ଲୋହିତ ରକ୍ତକଣିକା ପରିମାଣ ବୃଦ୍ଧି ହେବା ସହ ପୋଷଣ ସ୍ତରରେ ଉନ୍ନତି ହୋଇଥାଏ । ଏହାଦ୍ୱାରା ପିଲାମାନଙ୍କର ପାଠପଢ଼ା ପ୍ରତି ଆଗ୍ରହ ଆସେ ଓ ବିଦ୍ୟାଳୟକୁ ନିୟମିତ ଯାଇଥାନ୍ତି ।

**କୃମିନାଶକ ବଟିକା:** କୃମିନାଶକ ବଟିକା ଖାଇବା ଦ୍ୱାରା ପିଲାଙ୍କ ପୂର୍ଣ୍ଣାଙ୍ଗ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି ପାଇପାରିବ। କୃମିନାଶକ ବଟିକା ଆଲବେଣ୍ଡାଜୋଲ୍‌ର କୌଣସି ପ୍ରତିକୂଳ ପ୍ରଭାବ ନାହିଁ ଓ ଏହା ସମ୍ପୂର୍ଣ୍ଣ ନିରାପଦ । ତଣ୍ଟିରେ ବଟିକା ବେଳେ ବେଳେ ଲାଖିଯାଏ। ଏଣୁ ଏହାକୁ ସର୍ବଦା ଚକୋଲେଟ ପରି ଖାଇବା ଉଚିତ ବା ଚୋବାଇ ଚୋବାଇ ଖାଇପାରିବେ । ଏହା ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରରେ ଶିଶୁମାନଙ୍କୁ ଯୋଗାଇ ଦିଆଯାଏ । ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର ବିଦ୍ୟାଳୟରେ ଓ ବିଦ୍ୟାଳୟକୁ ଯାଉ ନ ଥିବା ପିଲା ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ଏହି ବଟିକା ଖାଇପାରିବେ । କିନ୍ତୁ ଏହା ପ୍ରଶିକ୍ଷିତ ଶିକ୍ଷକ ଓ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଦିଆଯିବା ଆବଶ୍ୟକ।

**ସଂକ୍ରମଣରୁ କିପରି ଦୂରେଇ ରହିବେ:** ସର୍ବଦା ବିଶୁଦ୍ଧ ପାନୀୟଜଳ ବ୍ୟବହାର କରିବା ଉଚିତ। ଖୋଲାରେ ମଳତ୍ୟାଗ କରିବେନି। ସବୁବେଳେ ଶୌଚାଳୟ ବ୍ୟବହାର କରିବା ଉଚିତ। ଖୋଲା ପାଦରେ ଚାଲିବା ମନା । ନିୟମିତ ଜୋତା ,ଚପଲ ବ୍ୟବହାର କରି ପରିବେଶ ପରିଷ୍କାର ରଖନ୍ତୁ। ଛୋଟ ଓ ପରିଷ୍କାର ନଖ ରଖିବା ଉଚିତ। ଖାଇବା ପୂର୍ବରୁ ଓ ଶୌଚାଳୟ ପରେ ସାବୁନରେ ଭଲ ଭାବରେ ହାତ ଧୋଇବା, ଖାଦ୍ୟ ପଦାର୍ଥକୁ ସର୍ବଦା ଘୋଡ଼ାଇ ରଖିବା ଓ ପନିପରିବା ବ୍ୟବହାର କରିବା ପୂର୍ବରୁ ଭଲ ଭାବରେ ପାଣିରେ ଧୋଇବା ଆଦି ପ୍ରତି ଦୃଷ୍ଟି ରଖିଲେ କୃମି ସଂକ୍ରମଣ ହେବାର ଆଶଙ୍କା କମ୍ ରହେ।

**– ବିରାଟରାଜା ପଧାନ,**
**ମୋ–୯୪୩୯୯୯୪୮୭୬**

# ୧୦ ହଜାର ଲୋକ ମାଗିଲେ ଇଚ୍ଛାମୃତ୍ୟୁ

**ଆମ୍‌ଷ୍ଟରଡାମ୍:** ସମସ୍ତେ ଦୀର୍ଘାୟୁ ହେବା ସହ ସୁସ୍ଥ ଓ ନିରାମୟ ଜୀବନଯାପନ କରିବାକୁ ଭଲପାଆନ୍ତି। ଜୀବନକୁ ଭରପୁର ଉପଭୋଗ କରିବାକୁ ସମସ୍ତଙ୍କର ଇଚ୍ଛା ଥାଏ। ହେଲେ ନେଦରଲ୍ୟାଣ୍ଡସ୍ ଏଭଳି ଏକ ଦେଶ, ଯେଉଁଠି ହଜାର ହଜାର ଲୋକ ଇଚ୍ଛାମୃତ୍ୟୁ କାମନା କରୁଛନ୍ତି। ନିକଟରେ ପାର୍ଲାମେଣ୍ଟରେ ନେଦରଲ୍ୟାଣ୍ଡ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଡଚ୍ ଏମ୍‌ପି ଖ୍ରୀଷ୍ଟିୟାନ୍ ଡେମୋକ୍ରାଟ୍ ହୁଗୋ ଡି ଜୋଙ୍ଗ ଏକ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଦେଶର ୧୦ହଜାର ଲୋକ ସେମାନଙ୍କ ଜୀବନ ଶେଷ କରିବା ପାଇଁ ସରକାରଙ୍କୁ ଇଚ୍ଛାମୃତ୍ୟୁ ମାଗିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତଙ୍କ ବୟସ ୫୫ର ଊର୍ଦ୍ଧ୍ୱ ହୋଇଥିବା ବେଳେ ସମସ୍ତେ ଗମ୍ଭୀର ରୋଗରେ ପୀଡ଼ିତ। ତେବେ ଏହି ସଂଖ୍ୟା ଦେଶର ମୋଟ ଜନ ସଂଖ୍ୟାର ୦.୧୮ ପ୍ରତିଶତ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ବିଷୟକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ହୁଗୋ ଡି ଜୋଙ୍ଗ ଚିନ୍ତାବ୍ୟକ୍ତ କରିବା ସହ ଇଚ୍ଛାମୃତ୍ୟୁ ମାଗିଥିବା ଲୋକମାନଙ୍କୁ ଜୀବନର ପ୍ରକୃତ ଅର୍ଥ ବୁଝାଇବାକୁ କହିଛନ୍ତି। ଏଭଳି ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇଥିବାରୁ ବଞ୍ଚିବାର ଆଶା ଛାଡ଼ିଦେଇଥିବା ଲୋକମାନଙ୍କ ମନରେ ପୁଣିଥରେ ନୂତନ ଆଶା ସଞ୍ଚାର କରିବା ପାଇଁ ସରକାରୀସ୍ତରରେ ବିଭିନ୍ନ ପଦକ୍ଷେପ ନେବାକୁ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ହୁଗୋ ଡି ଜୋଙ୍ଗ କହିଛନ୍ତି। ତେବେ ସଂସଦର ଅନ୍ୟ ଜଣେ ଏମ୍‌ପି କହିଛନ୍ତି, ସେ ୭୫ ଜଣଙ୍କ ଇଚ୍ଛାମୃତ୍ୟୁ ପାଇଁ ଏକ ବିଲ୍ ଆଣିବେ, ଯାହାଫଳରେ ଇଚ୍ଛାମୃତ୍ୟୁ ମାଗିଥିବା ଲୋକମାନେ ଶାନ୍ତିପୂର୍ଣ୍ଣ ଭାବେ ସେମାନଙ୍କ ଜୀବନକୁ ଶେଷ କରିପାରିବେ। କିନ୍ତୁ ଏଭଳି ସ୍ଥିତିରେ ଲୋକମାନେ ଆତ୍ମବିଶ୍ୱାସ ବଜାୟ ରଖିବା ଆବଶ୍ୟକ।



# କୁକୁରର ହାର୍ଟ ଅପରେଶନ

**ନୂଆଦିଲ୍ଲୀ:** ଦେଶରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଏକ ବଡ ସଫଳତା ମିଳିଛି। ପ୍ରଥମ କରି ସାଢେ ୭ ବର୍ଷର ଏକ କୁକୁରର ପେସ୍‌ମେକର ଇନ୍‌ପ୍ଲାଣ୍ଟ ସର୍ଜରୀ କରାଯାଇଛି। ପ୍ରାଣୀ ଚିକିତ୍ସକମାନେ ଦାବି କରିଛନ୍ତି କି, ଏଭଳି ଅପରେଶନ ଦେଶର ପ୍ରଥମ। ଖୁସି ନାମକ ଏକ ମାଈ କୁକୁର ଛାତିରେ ପେଡିଆଟ୍ରିକ୍ ପେସ୍‌ମେକର ଲଗାଯାଇଛି। ଏହି କୁକୁରର ହାର୍ଟ ସମ୍ପୂର୍ଣ୍ଣ ଭାବେ ବ୍ଲକ ହୋଇଯାଇଥିବା ଚିକିତ୍ସକମାନେ କହିଛନ୍ତି। ଫଳରେ କୁକରର ହାର୍ଟ ବିଟ୍ ମିନିଟକୁ ମାତ୍ର ୨୦ ଥର ହେଉଥିଲା। ସାଧାରଣରେ ହାର୍ଟ ବିଟ୍ ମିନିଟରେ ୬୦–୧୨୦ଥର ରହିବା ଦରକାର। ମ୍ୟାକ୍ସ ଭେଟ୍ସ ସୁପର ସ୍ପେଶାଲିଟି ହସ୍ପିଟାଲର ଛୋଟ ପ୍ରାଣୀଙ୍କ ଇଣ୍ଟରଭେନ୍‌ଶନାଲ କାର୍ଡିଓଲୋଜିଷ୍ଟ ଡା. ଭାନୁ ଦେବ ଶର୍ମାଙ୍କ କହିବା କଥା ହେଲା, ଖୁସିର ହାର୍ଟ ସମାନ୍ୟ ଢଙ୍ଗରେ ସଞ୍ଚାଳନ କରୁ ନ ଥିଲା। ଫଳରେ ସେ ବାରମ୍ବାର ବେହୋସ୍ ହୋଇଯାଉଥିଲା। କୁକୁରର ମାଲିକଙ୍କ କହିବା ଅନୁଯାୟୀ, ଖୁସି ହେଉଛି ଏକ





ଅଳସୁଆ କୁକୁର। ଡା. ଶର୍ମା ତା'ର ଇସିଜି କରିବା ପରେ କୁକୁରର ହାର୍ଟ ବ୍ଲକ ଥିବା ଜାଣିପାରିଥିଲେ। ଏହାପରେ ଡା.ଶର୍ମା ଓ ଡା. କୁନାଲଦେବ ଶର୍ମା ତାଙ୍କ ୟୁରୋପୀୟ ସହଯୋଗୀଙ୍କ ସହ ଆଲୋଚନା କରି କୁକୁରର ହାର୍ଟ ଅପରେଶନ କରିଥିଲେ। ଗତ ଡିସେମ୍ବର ୧୫ରେ ଏହି ଅପରେଶନ କରାଯାଇ ମାତ୍ର ଦେଢ ଘଣ୍ଟା ଭିତରେ କୁକୁର ଛାତିରେ ପେସ୍‌ମେକର ଲଗାଯାଇଥିଲା। କୁକୁରର ମାଲିକଙ୍କ କହିବା କଥା ଖୁସି ଏବେ ପୂର୍ବାବସ୍ଥାକୁ ଫେରି ଆସିଛି।

## ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ସଫଳତା

# ଆରୋହଣ କଲେ ୬୯୬୨ ମିଟର ଉଚ୍ଚ ଗିରିଶୃଙ୍ଗ

**ୱାଶିଂଟନ:** ଜଣେ ୭ ଶ୍ରେଣୀ ଛାତ୍ରୀ ଦକ୍ଷିଣ ଆମେରିକାର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଆକୋନ୍‌କାଗୁଆ ଆରୋହଣ କରିଛନ୍ତି। ମୁମ୍ବାଇର ନୌସେନା ସ୍କୁଲରେ ପଢୁଥିବା ଛାତ୍ରୀ କାମ୍ୟା କାର୍ତ୍ତିକେୟନ ଏଭଳି କରି ଏକ ନୂଆ ରେକର୍ଡ କରିଛନ୍ତି। ସର୍ବକନିଷ୍ଠ ପର୍ବତାରୋହୀ ଭାବେ ସେ ଏହି ଗିରିଶୃଙ୍ଗକୁ ଆରୋହଣ କରିଛନ୍ତି। ସେ ୬୯୬୨ ମିଟର ଉଚ୍ଚା ଗିରିଶୃଙ୍ଗ ମାଉଣ୍ଟ ଆକୋନ୍‌କାଗୁଆକୁ ୨୦୨୦ ଫେବୃୟାରୀ ୧ରେ ସଫଳତାର ସହିତ ଆରୋହଣ କରିଥିଲେ ବୋଲି ଭାରତୀୟ ନୌସେନା ପକ୍ଷରୁ ସୂଚନା ଦିଆଯାଇଛି।



# ଅବରାମଙ୍କ ପାଇଁ ଶାହରୁଖ ଗର୍ବିତ

ଶାହରୁଖ ଖାନ୍
ଅବ୍ରାମ ଖାନ୍

**ମୁମ୍ବାଇ:** ପିଲାର ସଫଳତାରେ ସାରା ଦୁନିଆରେ ଯଦି କିଏ ସବୁଠାରୁ ଅଧିକ ଖୁସି ହୋଇଥାଏ, ସେ ହେଲେ ମା'–ବାପା। ପିଲାର ଉନ୍ନତି ସବୁ ଅଭିଭାବକଙ୍କ ଆଖିରୁ ଖୁସିର ଲୁହ ବାହାର କରିଦିଏ। କିଛି ଏଭଳି ଖୁସି ହାସଲ କରିଛନ୍ତି ବଲିଉଡ୍ କିଙ୍ଗ୍ ଖାନ୍ ଶାହରୁଖ ଓ ଗୌରୀ ଖାନ୍। ପୁଅ ଅବ୍ରାମ ଖାନ୍ ତାଙ୍କ ପାଇଁ ଆଣିଦେଇଛନ୍ତି ଗର୍ବ ଓ ଗୌରବ। ଏଥିପାଇଁ ଶାହରୁଖଙ୍କ ଖୁସି କହିଲେ ନ ସରେ। ସେ ସାରା ଦୁନିଆକୁ ନିଜ ପୁଅଙ୍କ ସଫଳତା ଜଣାଇଛନ୍ତି। ଗୌରୀ–ଶାହରୁଖଙ୍କ ତିନୋଟି ସନ୍ତାନ। ସୁହାନା ଖାନ୍, ଆର୍ୟନ୍ ଖାନ୍ ଓ ଅବରାମ ଖାନ୍। ଅବରାମ ହେଉଛନ୍ତି ସବୁଠାରୁ ସାନ ସନ୍ତାନ। ଏଥିପାଇଁ ଶାହରୁଖ କୁନି ଅବରାମଙ୍କୁ ଟିକେ ଅଧିକା ଭଲପାଆନ୍ତି ଆଉ ସବୁ କଥାରେ ସପୋର୍ଟ ମଧ୍ୟ କରନ୍ତି। ଆଉ ଏହି ଭଲପାଇବା ଯୋଗୁ ମା'–ବାପାଙ୍କ ପାଇଁ ଗର୍ବ ଆଣିଦେଇଛନ୍ତି ଅବରାମ। ପ୍ରକୃତରେ ଅବରାମ ଟାଏକୋଣ୍ଡୋରେ ଗୋଲ୍ଡ ମେଡାଲ ଜିତିଛନ୍ତି। ଏନେଇ ଶାହରୁଖ ନିଜେ ସାରା ଦୁନିଆକୁ ଜଣାଇଛନ୍ତି। ନିଜ ଅଫିସିଆଲ ଟୁଇଟର୍ ହ୍ୟାଣ୍ଡେଲ୍‌ରେ ସେ ଗୋଲ୍ଡ ମେଡାଲ ଧରିଥିବା ଅବରାମଙ୍କ ଫଟୋ ସହ ଏକ ଇମୋଶନାଲ ପୋଷ୍ଟ ଶେୟାର କରିଛନ୍ତି। ଶାହରୁଖ ଲେଖିଛନ୍ତି, ସେ ନିଜ ଜୀବନରେ ଯେତିକି ଆୱାର୍ଡ ଜିତି ନାହାନ୍ତି, ତା'ଠାରୁ ଅଧିକ ତାଙ୍କ ପିଲାମାନେ ଜିତିଛନ୍ତି। ଶାହରୁଖ ଟୁଇଟ୍‌ରେ ଲେଖିଛନ୍ତି, "ମୋତେ ଲାଗୁଛି ମୋ ପିଲାମାନେ ମୋଠାରୁ ଅଧିକ ଆୱାର୍ଡ ପାଇଛନ୍ତି। ଏହା ବହୁତ ଭଲ କଥା। ଏବେ ମୋତେ ଆହୁରି ଟ୍ରେନିଂ ନେବାକୁ ପଡ଼ିବ। ମୁଁ ଗର୍ବିତ ଓ ଅନୁପ୍ରାଣିତ।" ଅନ୍ୟପକ୍ଷେ ଶାହରୁଖଙ୍କ ପ୍ରଫେଶନାଲ ଲାଇଫ୍ କଥା କହିବାକୁ ଗଲେ, ସେ ୨୦୧୮ରେ ରିଲିଜ୍ ହୋଇଥିବା ଫିଲ୍ମ 'ଜିରୋ' ପରେ ଆଉ ନଜରକୁ ଆସିନାହାନ୍ତି। ଫିଲ୍ମଟି ସଫଳ ହେବା ନେଇ ଶାହରୁଖଙ୍କ ବହୁତ ଆଶା ରହିଥିବାବେଳେ ଫିଲ୍ମଟି କିନ୍ତୁ ଫ୍ଲପ୍ ହୋଇଗଲା। ଆଗକୁ ସେ ଆଲିୟା–ରଣବୀରଙ୍କ ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ନଜରକୁ ଆସିବେ ବୋଲି ନିକଟରେ ଜଣାପଡ଼ିଛି। ଏକ ସ୍ପେଶାଲ୍ କ୍ୟାରେକ୍ଟରରେ ତାଙ୍କୁ ଫିଲ୍ମରେ ଦେଖିବାକୁ ମିଳିବ। 'ବ୍ରହ୍ମାସ୍ତ୍ର' ଡିସେମ୍ବରରେ ରିଲିଜ୍ ହେବ।



# ୧୭ତମ ସ୍ଥାନରେ ଭାରତ

## କରୋନା ସଂକ୍ରମଣ ଭୟ




**ନୂଆଦିଲ୍ଲୀ:** ଘାତକ କରୋନା ଭାଇରସ୍ ଏବେ କେବଳ ଚାଇନା ନୁହେଁ ବରଂ ସମଗ୍ର ବିଶ୍ୱକୁ ଆତଙ୍କିତ କରିଛି। ଚାଇନାର ୱୁହାନ ଏହି ଭୂତାଣୁର କେନ୍ଦ୍ରସ୍ଥଳ ହୋଇଥିଲେ ମଧ୍ୟ ଏହା ଏବେ ଅନ୍ୟ ୩୦ ଦେଶକୁ ମାଡ଼ି କବଳିତ କଲାଣି। ଏହି ଭାଇରସ୍ ମହାମାରୀ ରୂପ ଧାରଣ କରିଥିବାବେଳେ ଚାଇନାରେ ୮ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି।ଏଥିରୁମୁକ୍ତିପାଇବାପାଇଁବୈଜ୍ଞାନିକମାନେମଧ୍ୟଗବେଷଣାଜାରିରଖିଛନ୍ତି।ଗୁରୁତ୍ୱପୂର୍ଣ୍ଣବିଷୟହେଲା କରୋନା ବ୍ୟାପିବା ଦିଗରେ ଅତିସମ୍ବେଦନଶୀଳ ୩୦ ଦେଶର ତାଲିକା ପ୍ରକାଶ ପାଇଥିବାବେଳେ ଏଥିରେ ଭାରତ ୧୭ ର୍ୟାଙ୍କରେ ରହିଛି। ଇମ୍ପୋର୍ଟ ରିସ୍କ୍ ଆସେସ୍‌ମେଣ୍ଟ ମଡେଲ୍‌ର ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଚାଇନା ବ୍ୟତୀତ ଅନ୍ୟ କେଉଁ ୩୦ ଦେଶ ଏହି ଭୂତାଣୁ ଦ୍ୱାରା ସର୍ବାଧିକ ଶିକାର ହେବା ଆଶଙ୍କା ରହିଛି, ଏୟାର୍ ଟ୍ରାନ୍ସପୋର୍ଟେଶନ୍ ପାଟର୍ନର ବିଶ୍ଳେଷଣ ମାଧ୍ୟମରେ ଏ ବିଷୟରେ ଜାଣିବା ପାଇଁ ବର୍ଲିନ୍‌ର ହମ୍ବୋଲ୍ଟ୍ ବିଶ୍ୱବିଦ୍ୟାଳୟ ଏବଂ ରବର୍ଟ କୋଚ୍ ଇନ୍‌ଷ୍ଟିଚ୍ୟୁଟର ଗବେଷକମାନେ ଏକ ମଡେଲ୍(ପ୍ରକଳ୍ପ) ପ୍ରସ୍ତୁତ କରିଛନ୍ତି। ଏହି ମଡେଲ୍‌ରୁ ଜଣାପଡ଼ିଛି, ଚାଇନା ବ୍ୟତୀତ ଥାଇଲାଣ୍ଡ, ଜାପାନ୍ ଏବଂ ସାଉଥ୍ କୋରିଆରେ ଏହି ରୋଗ ସର୍ବାଧିକ ବ୍ୟାପିଛି। ସେହିପରି ଭାରତର ବିମାନବନ୍ଦରଗୁଡ଼ିକ ମଧ୍ୟରେ ଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତି ସବୁଠାରୁ ଅଧିକ ବିପଦ ଥିବା ଜଣାପଡ଼ିଛି। ଏହା ପଛକୁ ମୁମ୍ବାଇ, କୋଲ୍‌କାତା, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ ଏବଂ କୋଚି ବିମାନବନ୍ଦର ରହିଛି। ପ୍ରକାଶ ଯେ, ଇତିମଧ୍ୟରେ କେରଳରେ ୩ ଜଣଙ୍କଠାରେ କରୋନା ପଜିଟିଭ୍ ରହିଥିବା ସାମ୍ନାକୁ ଆସିଛି।

# ହାତୀ ମାରିବାକୁ ସରକାରଙ୍କ ନିର୍ଦ୍ଦେଶ

**ଗାବୋରୋନେ:** କେଉଁଠି କେଉଁଠି ହାତୀଙ୍କ ସଂଖ୍ୟା କମୁଥିବା ଶୁଣାଯାଉଥିବା ବେଳେ ଏମାନେ ଖାଦ୍ୟାଭାବରୁ ଜଙ୍ଗଲ ଛାଡି ଜନବସତି ମୁହାଁ ହେଉଥିବା ମଧ୍ୟ ଦେଖାଯାଇଛି। ବେଳେବେଳେ ହାତୀ ମଣିଷର ଲଢେଇରେ ଅନେକ ଲୋକଙ୍କ ଜୀବନ ଯିବା ଖବର ମଧ୍ୟ ଆସିଛି। ହେଲେ ଏବେ ବୋଟସୱାନାରେ ହାତୀଙ୍କୁ ମାରିବାକୁ ନିର୍ଦ୍ଦେଶ ଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ବୋଟସୱାନା ସରକାର ୬୦ ହାତୀଙ୍କୁ ମାରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଆଉ ଏଥିପାଇଁ ସରକାରଙ୍କ ପକ୍ଷରୁ ଲାଇସେନ୍ସ ମଧ୍ୟ ଜାରି କରାଯାଇଛି। ଯେଉଁ ସଂସ୍ଥା ବା ଏଜେନ୍ସି ହାତୀ ମାରିବାକୁ ଚାହିଁବେ ସେମାନଙ୍କ ପାଖରେ ଲାଇସେନ୍ସ ଥିବା ସହ ଏମାନେ ଗୋଟିଏ ହାତୀ ମାରିବାକୁ ପ୍ରାୟ ୩୧ ଲକ୍ଷ ଟଙ୍କା ଜମା କରିବାକୁ ପଡିବ ବୋଲି ସରକାର କହିଛନ୍ତି। ଏମିତି ୬୦ ହାତୀଙ୍କୁ ମାରିଲେ ସରକାର ପାଖାପାଖି ୧୮.୬୦ କୋଟି ଟଙ୍କା ଲାଭ କରିବେ ବୋଲି କୁହାଯାଏ। ବୋଟସୱାନାର ରାଷ୍ଟ୍ରପତି ମୋକଓ୍ୱେଟସି ମାସିସି ଗତ ୫ ବର୍ଷର ନିର୍ଦ୍ଦେଶକୁ ଫେରାଇ ନେଇ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଏହାର କାରଣ ହେଉଛି, ଏବେ ବୋଟସୱାନାରେ ହାତୀଙ୍କ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ଘଟିଛି। ୧୯୯୦ରେ ଏଠାରେ ହାତୀଙ୍କ ସଂଖ୍ୟା ପ୍ରାୟ ୮୦ ହଜାର ଥିବାବେଳେ ଏବେ ଏହା ୧.୩୦ ଲକ୍ଷରେ ପହଞ୍ଚିଲାଣି। ତେଣୁ ଏମାନେ ଜନବସତି ଭିତରକୁ ଚାଲିଆସି ଧନଜୀବନ ନଷ୍ଟ କରୁଥିବାରୁ ସରକାର ଏମାନଙ୍କୁ ମାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ହାତୀ ମାରୁଥିବା ଏଜେନ୍ସି ପରେ ହାତୀର ବିଭିନ୍ନ ଅଙ୍ଗ ବିକ୍ରିକରି ସେଥିରୁ ଆୟ କରିବ। ସେଥିପାଇଁ ହାତୀ ମାରିବାକୁ ହେଲେ ସରକାରଙ୍କ ନିକଟରେ ଟଙ୍କା ଜମା କରିବାକୁ କୁହାଯାଉଛି। ଏହାଦ୍ୱାରା ହାତୀ ବଂଶ ବୃଦ୍ଧିକୁ ଅଟକାଇ ହେବ।



# ଯାତ୍ରା ଆୟୋଜକ, ପାର୍ଟି ମ୍ୟାନେଜର, ଡ୍ୟାନ୍ସରଙ୍କ ନାଁରେ ମାମଲା

**ଖଣ୍ଡଗିରି ଯାତ୍ରାରେ ନଗ୍ନ ନୃତ୍ୟ ପ୍ରଦର୍ଶନ ଘଟଣା**

- କଳିଙ୍ଗ ଗଣନାଟ୍ୟ ପାଇଁ ଅଡୁଆ ବଢ଼ିଲା
- ବିବାଦ ବଢ଼ିବା ପରେ ମୁହଁ ଖୋଲିଲେ ଲଭ୍‌ଲୀ
- ଖଣ୍ଡଗିରି ମେଳାକୁ କଟକଣା ନେଇ କାନ୍ଦିଲେ ରାନୀ

ଭୁବନେଶ୍ୱର, ୯।୨(ବ୍ୟୁରେ)

କଟକଣା ସତ୍ତ୍ୱେ ଖଣ୍ଡଗିରି ଯାତ୍ରାରେ ନଗ୍ନ ନୃତ୍ୟ ପ୍ରଦର୍ଶନକୁ ନେଇ କଳିଙ୍ଗ ଗଣନାଟ୍ୟ ପାଇଁ ଅଡୁଆ ବଢ଼ିଛି। ପାର୍ଟି ମ୍ୟାନେଜର, ଯାତ୍ରା ଆୟୋଜକ ଓ ନଗ୍ନ ନୃତ୍ୟ ପ୍ରଦର୍ଶନ କରିଥିବା ଡ୍ୟାନ୍ସର ଲଭ୍‌ଲୀଙ୍କ ନାମରେ ଖଣ୍ଡଗିରି ଥାନାରେ ଆଇପିସି ଦଫା ୨୯୪, ୩୪ରେ ମାମଲା (ନଂ.୯୫/୨୦) ରୁଜୁ ହୋଇଛି। ପୋଲିସ ୫ ଓ ୭ ତାରିଖର ଡ୍ୟାନ୍ସ ଭିଡିଓକୁ ଯାଞ୍ଚ କରୁଛି। ଏଥିସହ ତଦନ୍ତରୁ ନଗ୍ନ ନୃତ୍ୟ ନେଇ ପ୍ରମାଣ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣ୍ଡଗିରି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ବିବାଦ ବଢ଼ିବା ପରେ ଡ୍ୟାନ୍ସର ଲଭ୍‌ଲୀ ଗଣମାଧ୍ୟମ ସମ୍ମୁଖକୁ ଆସି ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ଏଭଳି ନଗ୍ନ ନୃତ୍ୟ ପାଇଁ ଦୁଃଖ ପ୍ରକାଶ କରିବା ସହ ଏଭଳି ଆଉ କରିବେ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି, ସେତିକି ଟିକେ ପାଇଁ ଏମିତି ହେଉଛନ୍ତି। କିନ୍ତୁ ଭୋଜ୍‌ପୁରୀ ଡ୍ୟାନ୍ସରେ ଏହାଠୁ ଅଧିକ ହେଉଛି। ତାହାକୁ ଦେଖିଲେ ବିରୋଧ କରୁଥିବା ଲୋକେ କ'ଣ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଡ୍ୟାନ୍ସ ଦେଖିବା ପାଇଁ ଲୋକେ ଯାତ୍ରାକୁ ଆସୁଛନ୍ତି। ଏଭଳି ଡ୍ୟାନ୍ସର ଡିମାଣ୍ଡ ରହିଥିବାରୁ ଯାତ୍ରାପାର୍ଟି ମାଲିକ ଆମକୁ ଡାକୁଛନ୍ତି। ଡ୍ୟାନ୍ସ ସରିଗଲେ ହାତ ଗଣତି ଲୋକଙ୍କୁ ଛାଡିଦେଲେ ଅନ୍ୟମାନେ ଚାଲିଯାଉଛନ୍ତି। କିନ୍ତୁ ଡ୍ୟାନ୍ସ ପାଇଁ ମୁଁ ଆଜି ନାଁ କମେଇଛି। ଡ୍ୟାନ୍ସ କରିବି। ସେଥିପାଇଁ ସେଭଳି ପୋଷାକ ପିନ୍ଧିବି। ଯେଉଁ ବିଟ୍‌କୁ ନଗ୍ନତା ବୋଲି କହୁଛନ୍ତି ତାହାକୁ ଡ୍ୟାନ୍ସରେ ରଖିବି ନାହିଁ ବୋଲି ସେ କହିଛନ୍ତି।

ଏପଟେ ଗତବର୍ଷ ଖଣ୍ଡଗିରି ଯାତ୍ରାରେ ନଗ୍ନ ନୃତ୍ୟ ପ୍ରଦର୍ଶନ କରି ବିବାଦକୁ ଆସିଥିବା ରାନୀ ପଣ୍ଡା ତାଙ୍କ ସହ ଯାତ୍ରା ସଚ୍ଚିତାନନ୍ଦ ଉପରେ ଲଗାଯାଇଥିବା କଟକଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାବେଳେ କାନ୍ଦି କାନ୍ଦି କହିଛନ୍ତି, ମୋ ପାଇଁ କାହାର ପରିବାର ଅପୋଷା ନ ରହୁ। ମୋତେ ଖଣ୍ଡଗିରି ଯାତ୍ରାକୁ ବ୍ୟାନ୍ କଲେ ଠିକ୍ ଅଛି। କିନ୍ତୁ ଯାତ୍ରା ସଚ୍ଚିଦାନନ୍ଦକୁ ବ୍ୟାନ୍ କରିବା ଠିକ୍ ନ ଥିଲା। କାରଣ ଡ୍ୟାନ୍ସ ମୁଁ କରିଥିଲି, କିନ୍ତୁ ଯାତ୍ରା ସଚ୍ଚିଦାନନ୍ଦକୁ ବନ୍ଦ କରାଯିବାରୁ ସେଥିରେ କାମ କରୁଥିବା ଟେକ୍ନିସିଆନଙ୍କଠାରୁ ଆରମ୍ଭ କରି ଅନ୍ୟ କର୍ମଚାରୀଙ୍କ ପରିବାର ନାନା ସମସ୍ୟାରେ ରହିଛନ୍ତି। ସେମାନଙ୍କ ଅଭିଶାପ ମୋ ଉପରେ ପଡିବ। ନ୍ୟାୟଟା ସମସ୍ତଙ୍କ ପାଇଁ ସମାନ ହେବା ଉଚିତ। ଗତବର୍ଷ ଯାତ୍ରାରେ ନଗ୍ନ ଡ୍ୟାନ୍ସ କରିଥିବା ଅଭିଯୋଗ କରି କମିଶନରେଟ ପୋଲିସ ମୋର ଘର ପର୍ଯ୍ୟନ୍ତ ପଳାଇ ଆସିଲା। ଏବେ ପୋଲିସ କ'ଣ କରୁଛି। ଏପରି କି ପ୍ରଶାସନ, ଆୟୋଜକ ଏବଂ ବିଏମ୍‌ସି ଜାଣି ମଧ୍ୟ ଚୁପ୍ ରହୁଛି। ସେମାନଙ୍କ ଆଖିରେ ଏଭଳି ନଗ୍ନ ନୃତ୍ୟ ଦେଖିବାକୁ ମିଳୁନି କି ବୋଲି ରାନୀ ପ୍ରଶ୍ନ କରିଛନ୍ତି।

ଓଡ଼ିଶା ନାରୀ ସଚେତନ ମଞ୍ଚର ସଭାପତି ଡଲି ରଥ କହିଛନ୍ତି, ପୋଲିସ ଉପରେ ଆମର ଭରସା ରହିଛି। ପୋଲିସ କେବଳ ମାମଲା ରୁଜୁ କରି ବସି ପଡିଲେ ହେବ ନାହିଁ ସେମାନଙ୍କୁ ଗିରଫ କରିବା ଦରକାର। ଏହାହେଲେ ଆଗକୁ ଲଭ୍‌ଲୀ ଏଭଳି ନଗ୍ନ ନୃତ୍ୟ ପ୍ରଦର୍ଶନ କରିବେ ନାହିଁ। ଯଦି କରିବେ ଯାତ୍ରା ପାର୍ଟିର ଟିକେଟ ଏବଂ ଗେଟରେ କେବଳ ପ୍ରାପ୍ତ ବୟସ୍କଙ୍କ ପାଇଁ ଲେଖିଦିଅନ୍ତୁ। କେହି ପରିବାର ନେଇ ଯିବେ ନାହିଁ ବୋଲି ରଥ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଚନ ମଧୁର ତିଳକ ସରୁ**
**ଯାକୁ ଜାଣିଥିବ ଠକଙ୍କ ଗୁରୁ।**

ଶଠ ପ୍ରକୃତିର ବ୍ୟକ୍ତି ମଧୁର କଥା କହି ନିଜକୁ ଚିତା ଚଇତନରେ ସଜେଇ ଅନ୍ୟକୁ ପ୍ରଭାବିତ କରିବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳ ନିଷ୍କପଟ ବ୍ୟକ୍ତି ଏପରି କପଟତାକୁ ବୁଝି ନ ପାରି ତାଙ୍କରି ଫାଶରେ ପଡ଼ିଯାଇ ଠକାମିର ଶିକାର ହୋଇଯାଇଥାନ୍ତି। ଏପରି ଛଳ ପ୍ରକୃତିର ବ୍ୟକ୍ତି ଠକଙ୍କ ମଧ୍ୟରେ ଶ୍ରେଷ୍ଠ ଠକର ଆଖ୍ୟା ପାଉଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ବଳଦ ଗୋଡ଼ରେ ବାଗି**
**ଏ ଯୁବା ବୟସ ଯାଉଛି ଭାଙ୍ଗି**
**ଏକା ପାନଖିଆ ଲାଗି।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ନିଜର କରିବା ପାଇଁ ବା ଆପଣାର କରିବାକୁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ନିଜର ବୟସ ଗଡ଼େଇ ଗଡ଼େଇ ଆଶା ନିରାଶାରେ ପରିଣତ ହେଲେ ମନର ସବୁ ସରାଗ ମଉଳିଯାଏ। ମନରେ ଥିବା ସବୁ ଆଶା ପାଣି ଫୋଟକାରେ ମିଳେଇଯାଏ। ଏପରିସ୍ଥଳେ ସେ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ମହିଳାଙ୍କୁ ବ୍ଲାକ୍‌ମେଲିଂ, ବ୍ୟବସାୟୀ ଗିରଫ

ଭୁବନେଶ୍ୱର, ୯।୨(ବ୍ୟୁରେ): ଅନ୍ତରଙ୍ଗ ମୁହୂର୍ତ୍ତର ଅଶ୍ଳୀଳ ଭିଡିଓ ରଖି ମହିଳାଙ୍କୁ ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ ଖଣ୍ଡଗିରି ପୋଲିସ ଜଣେ ବ୍ୟବସାୟୀଙ୍କୁ ଶନିବାର ଗିରଫ କରିଛି। ସେ ହେଲେ କେନ୍ଦୁଝର ଟାଉନ୍‌ରେ ରହୁଥିବା ସିଦ୍ଧେଶ୍ୱର ସାହୁ(୩୯)। ପୋଲିସ ଭିଡିଓ ଥିବା ଉକ୍ତ ମୋବାଇଲ୍ ଫୋନ୍ ଜବତ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ସିଦ୍ଧେଶ୍ୱରଙ୍କର କେନ୍ଦୁଝରରେ ଏକ ଜଳଖିଆ ଦୋକାନ ରହିଛି। ସେଠାରେ ରହୁଥିବା ଜଣେ ବ୍ୟାଙ୍କ କର୍ମଚାରୀଙ୍କ ସ୍ତ୍ରୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସମୟରେ ସିଦ୍ଧେଶ୍ୱର ନିଜ ମୋବାଇଲ ଫୋନ୍‌ରେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡ଼ିଓ ଉତ୍ତୋଳନ କରି ରଖିଥିଲେ। ସ୍ୱାମୀଙ୍କର ଭୁବନେଶ୍ୱରକୁ ବଦଳି ପରେ ସେ ଖଣ୍ଡଗିରି ଅଞ୍ଚଳରେ ଆସି ରହୁଛନ୍ତି। ଏହାପରେ ସିଦ୍ଧେଶ୍ୱର ଉକ୍ତ ମହିଳାଙ୍କ ସହ ଯୋଗାଯୋଗରେ ଥିଲେ। ସ୍ୱାମୀ ନ ଥିବାବେଳେ ଭୁବନେଶ୍ୱର ଆସି ଉକ୍ତ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖନ୍ତି ସିଦ୍ଧେଶ୍ୱର। ଏଠାରେ ମଧ ସେ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ କରିଥିଲେ। ତାଙ୍କର ଏହି ପରକୀୟା ପ୍ରୀତି ସମ୍ପର୍କରେ ସ୍ୱାମୀ ଜାଣିବା ପରେ ମହିଳା ଜଣକ ସିଦ୍ଧେଶ୍ୱରଙ୍କଠାରୁ ଦୂରେଇ ରହିବାକୁ ଚେଷ୍ଟା କଲେ। କିନ୍ତୁ ଶାରୀରିକ ସମ୍ପର୍କ ନ ରଖିଲେ ଭିଡିଓ ଭାଇରାଲ୍ କରିଦେବାକୁ ଧମକ ଦେଇ ବ୍ଲାକ୍‌ମେଲ୍ କରୁଥିଲେ ସିଦ୍ଧେଶ୍ୱର। ଶେଷରେ ମହିଳା ଜଣକ ଖଣ୍ଡଗିରି ଥାନାରେ ଏନେଇ ଅଭିଯୋଗ କରିଥିଲେ।

# ପୁଣି ତେଜିଲା ପକ୍କାଘର ବଣ୍ଟନ କଳି

- କେଉଁ ତାଲିକା ଆଧାରରେ ଘର ବଣ୍ଟାଯିବ ସାର୍ବଜନୀନ ହେଉ: ଭାଜପା
- ଭଲ ପ୍ରଦର୍ଶନ ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ପୁରସ୍କୃତ କରିଛନ୍ତି: ବିଜେଡି

ଭୁବନେଶ୍ୱର,୯।୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ରାଜ୍ୟ ସରକାର ସର୍ବଦା ମିଛ ତଥ୍ୟ ଓ ବିଜ୍ଞାପନ ମାଧ୍ୟମରେ ଗରିବ ହିତାଧିକାରୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଗରିବଙ୍କୁ ନ୍ୟାଯ୍ୟ ହକ୍ ପାଇବାରୁ ବଞ୍ଚିତ କରାଯାଉଛି। ଗରିବ ବାସହୀନଙ୍କୁ ଦିବା ସ୍ୱପ୍ନ ଦେଖାଇ ସରକାର ପ୍ରତାରଣା କରୁଥିବା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଓଡିଶାରେ ୨୦ଲକ୍ଷ ଗରିବଙ୍କୁ ଘର ଦିଆଯିବ ବୋଲି ଘୋଷଣା କରିବାପରେ ଭାଜପା ଏଭଳି ଟାର୍ଗେଟ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିପାରିନାହାନ୍ତି। ପ୍ରଥମେ ସରକାର ୨୭,୪୯,୬୧୭ ହିତାଧିକାରୀଙ୍କ ତାଲିକା ଘୋଷଣା କରିଥିଲେ। ହେଲେ ଶାସକ ଦଳକୁ ସୁହାଇଲା ଭଳି ପ୍ରସ୍ତୁତ ହୋଇଥିବା ଏହି ତାଲିକାକୁ ଭାଜପା ପକ୍ଷରୁ ବିରୋଧ କରାଯାଇଥିଲା। ପରବର୍ତ୍ତୀ ସମୟରେ ଚାପର ବଶବର୍ତ୍ତୀ ହୋଇ ସରକାର ଏହାର ତଦନ୍ତ କଲେ। ଏହାପରେ ୧୩,୬୫,୦୨୫ ଅଯୋଗ୍ୟ ଥିବା ଜଣାପଡିବା ପରେ ପୁନଃ ତାଲିକା ପ୍ରସ୍ତୁତ କରି ଗତ ଡିସେମ୍ବର ୩୧ ତାରିଖ ସୁଦ୍ଧା ନୂତନ ତାଲିକା କରାଯିବ ବୋଲି କୁହାଗଲା। ପୁନର୍ବାର ଏହି ସମୟସୀମା ଜାନୁୟାରୀ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଗଲା। ମାତ୍ର ଏବେ ସୁଦ୍ଧା ଏହି ତାଲିକା ପ୍ରସ୍ତୁତ କରାଯାଇନାହିଁ। ଏପରି କି ରାଜ୍ୟରେ ୪୩ ହଜାର ଭୂମିହୀନଙ୍କୁ ଘରଡିହ ପ୍ରଦାନ କରାଯାଇନାହିଁ। ଅନ୍ୟପଟେ ଗୋଟିଏ ପରିବାର ନାଁରେ ଏକାଧିକ ଘର ଦିଆଯାଇଛି ବୋଲି ପୃଥ୍ୱୀରାଜ ଅଭିଯୋଗ କରିଛନ୍ତି।

ପୃଥ୍ୱୀରାଜ ଆହୁରି କହିଛନ୍ତି ଯେ, ଆସନ୍ତା ୩ ବର୍ଷରେ ୨୦ଲକ୍ଷ ବିଜୁ ପକ୍କାଘର ଯୋଗାଇବାର ଘୋଷଣା କରି ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରିବାର ଅପଚେଷ୍ଟା କରାଯାଉଛି। ସରକାର କେଉଁ ତାଲିକା ଆଧାରରେ ୨୦ଲକ୍ଷ ଘର ଯୋଗାଇବେ କହୁଛନ୍ତି ତାହା ସାର୍ବଜନୀନ କରନ୍ତୁ। ଜିଲାୱାରି ଠିକ୍ ତାଲିକା ପ୍ରସ୍ତୁତ କରାଯାଇ ହିତାଧିକାରୀଙ୍କ ନାମ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶ କରାଯାଉ। ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନିଜସ୍ୱ ଯୋଜନାଭାବେ ପ୍ରଚାର କରି ରାଜନୀତି ନ କରନ୍ତୁ। ନଚେତ୍ ଆଗାମୀ ଦିନରେ ବଡ ରାଜନୈତିକ ଆନ୍ଦୋଳନ ହେବ ବୋଲି ପୃଥ୍ୱୀରାଜ ଚେତାବନୀ ଦେଇଛନ୍ତି।

ଅନ୍ୟପକ୍ଷରେ ଭାଜପା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ବିଭିନ୍ନ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ ଲାଗି କେନ୍ଦ୍ର ସରକାର ଓଡିଶାକୁ ଦିଲ୍ଲୀରେ ପୁରସ୍କୃତ କରୁଛନ୍ତି। ମାତ୍ର ରାଜ୍ୟ ଭାଜପା କିନ୍ତୁ ଲୋକଙ୍କୁ ଭୁଲ୍ ସୂଚନା ଦେଇ ବିଭ୍ରାନ୍ତ ଉଦ୍ୟମ ଚଳାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଓଡିଶାରେ ସଫଳତାର ସହ କାର୍ଯ୍ୟକାରୀ କରି ଗାଁ ଗହଳିର ଲୋକଙ୍କୁ ପକ୍କାଘର ଯୋଗାଣ ଲାଗି କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଓଡିଶାକୁ ସର୍ବଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟଭାବେ ପୁରସ୍କୃତ କରିଛନ୍ତି। ତେଣୁ ଏଭଳି ଦାୟିତ୍ୱହୀନ ଏବଂ ଅସତ୍ୟ ମନ୍ତବ୍ୟ ଦେବା ଫଳରେ ରାଜ୍ୟବାସୀଙ୍କ ନିକଟରେ ରାଜ୍ୟ ଭାଜପା ନେତାମାନେ ନିଜର ବିଶ୍ୱସନୀୟତା ହରାଇ ପ୍ରତ୍ୟାକ୍ଷିତ ହେଉଛନ୍ତି। ଏଭଳି ଆଚରଣରୁ ବିରତ ନ ରହିଲେ ଭବିଷ୍ୟତରେ ମଧ୍ୟ ରାଜ୍ୟବାସୀ ଏହି ଦଳକୁ ପ୍ରତ୍ୟାଖ୍ୟାନ କରିବେ ବୋଲି ସସ୍ମିତ କହିଛନ୍ତି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ବୈଠକ

ଭୁବନେଶ୍ୱର, ୯।୨ (ବ୍ୟୁରୋ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ସ୍ଥାନୀୟ ଶ୍ରମିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସରକାରଙ୍କ କାଳକ୍ଷେପଣ ନୀତିକୁ ମିଳିତ ମଞ୍ଚର ସାମିଲ ସଙ୍ଗଠନଗୁଡିକ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଥିଲା। ଦାବି ପୂରଣ ନ ହେଲେ ବାଧ୍ୟହୋଇ ପୁଣି ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ। ସେତେବେଳେ ଯେଉଁ ପରିସ୍ଥିତି ଉପୁଜିବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମିଳିତ ମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପ୍ରକାଶ ଚନ୍ଦ୍ର ମହାନ୍ତି, ଗୋଲକ ନାୟକ ଓ ପବିତ୍ର ମହାଲା ଚେତାବନୀ ଦେଇଛନ୍ତି।

ମିଳିତ ମଞ୍ଚ ତା'ର ନିର୍ଦ୍ଦିଷ୍ଟ ଦାବି ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ, ପେନସନ ସହ ଚାକିରି ସର୍ତ୍ତାବଳୀ ଲାଗୁ, ୧୬୭ ହାଇସ୍କୁଲକୁ ଅନୁଦାନ ପ୍ରଦାନ, ୪୦, ୬୦ ଓ ୭୫% ଦରମା ପାଉଥିବା ଶିକ୍ଷକ, ଅଧ୍ୟାପକମାନଙ୍କ କ୍ଷେତ୍ରରେ ବାର୍ଷିକ ଇନକ୍ରିମେଣ୍ଟ ଲାଗୁ କରିବା, ୬୬୨ ଓ ୪୮୮ କଲେଜ କର୍ମଚାରୀଙ୍କ ମଧ୍ୟରେ ଥିବା ଅସଙ୍ଗତି ଦୂରୀକରଣ, ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ଟ୍ରେଣ୍ଡ ଗ୍ରାଜୁଏଟ୍ ହାରରେ ଦରମା ଦେବା, ବାଦ୍ ପଡ଼ିଥିବା ପଦବୀଗୁଡ଼ିକୁ ଅନୁଦାନ ପରିସରଭୁକ୍ତ କରିବା ଓ ଚାକିରି କାଳକୁ ୬୨ ବର୍ଷକୁ ବୃଦ୍ଧି କରିବା ଦାବିରେ ସରକାରଙ୍କ ସହ ବହୁବାର ଆଲୋଚନା ହୋଇଛି। ହେଲେ ସରକାରଙ୍କ କେବଳ ପ୍ରତିଶ୍ରୁତି ଛଡ଼ା ଆଉ କିଛି ମିଳୁନାହିଁ। ନିର୍ବାଚନ ପୂର୍ବରୁ ଏହି ଦାବିଗୁଡ଼ିକ ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିର୍ବାଚନ ପରେ ଏହାକୁ ଭୁଲି ଗଲେଣି। ନିର୍ବାଚନର ୩ ମାସ ମଧ୍ୟରେ ସପ୍ତମ ପେ ଲାଗୁ କରିବାକୁ ସମୟ ଦେଇଥିବା ସରକାର ଇତିମଧ୍ୟରେ ଦଶମାସ ନେଲେଣି। ତଥାପି ମିଳିତ ମଞ୍ଚ ଆନ୍ଦୋଳନକୁ ନ ଓହ୍ଲାଇ ରାଜ୍ୟର ଶାସକ ଓ ପ୍ରଶାସକମାନଙ୍କ ସହ ବାରମ୍ବାର ଆଲୋଚନା କରୁଛି। କିନ୍ତୁ କିଛି ସୁଫଳ ମିଳୁନାହିଁ। ରାଜ୍ୟର ସମସ୍ତ ବର୍ଗର କର୍ମଚାରୀମାନେ ସପ୍ତମ ବେତନ କମିଶନ ହାରରେ ଦରମା ପାଉଥିଲା ବେଳେ ଏହି ବର୍ଗର କର୍ମଚାରୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ତେଣୁ ଦାବି ପୂରଣ ନ ହେଲେ ଆନ୍ଦୋଳନ ଅନିର୍ବାର୍ଯ୍ୟ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏହି ସମସ୍ୟାଗୁଡ଼ିକ ଏକ ମାସ ମଧ୍ୟରେ ସମାଧାନ ନ ହେଲେ ମିଳିତ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘର ଏକ ପ୍ରେସ୍ ଇସ୍ତାହାରରେ ଜଣାଯାଇଛି।

# ଆଜି ବିପର୍ଯ୍ୟୟଜନିତ ସମ୍ଭାବ୍ୟ କ୍ଷୟକ୍ଷତି ହ୍ରାସ ସମ୍ପର୍କିତ ଆଞ୍ଚଳିକ କର୍ମଶାଳା

ଭୁବନେଶ୍ୱର,୯।୨(ବ୍ୟୁରୋ): ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଏନ୍‌ଡିଏମ୍‌ଏ) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍‌ଡମା)ଙ୍କ ମିଳିତ ସହଯୋଗରେ ସୋମବାର ଭୁବନେଶ୍ୱରରେ ଏକ କର୍ମଶାଳା ଆୟୋଜନ କରାଯାଉଛି। ଏହା ଦୁଇଦିନ ଧରି ଚାଲିବ। ଏଥିରେ ପ୍ରାକୃତିକ ଏବଂ ମନୁଷ୍ୟକୃତ ବିପର୍ଯ୍ୟୟଜନିତ କ୍ଷୟକ୍ଷତି ହ୍ରାସ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯିବ। ଏଥିରେ ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସମ୍ପର୍କରେ ଆଲୋଚନା ହେବ। ଏନ୍‌ଡିଏମ୍‌ଏ ସଦସ୍ୟ ତଥା ଓଡ଼ିଶା କ୍ୟାଡରର ବରିଷ୍ଠ ଆଇଏଏସ୍ ଅଧିକାରୀ ଜିଭିଭି ଶର୍ମା ଏହି ପ୍ରସଙ୍ଗରେ ଆଲୋଚନା କରିବେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ସରକାରଙ୍କ ଜଳସମ୍ପଦ ସଚିବ ୟୁ.ପି. ସିଂ, ରାଜ୍ୟର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ପ୍ରମୁଖ କର୍ମଶାଳାକୁ ସମ୍ବୋଧିତ କରିବେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ପାଣିପାଗ ବିଭାଗ, କେନ୍ଦ୍ରୀୟ ଜଳ ଆୟୋଗ, ଇନ୍‌କଏସ, ନ୍ୟାଶନାଲ ସେଣ୍ଟର ଫର ସେସମୋଲୋଜି(ଏନ୍‌ସିଏସ୍), ଜାତୀୟ ସଂସୂଚନା କେନ୍ଦ୍ର(ଏନ୍‌ଆଇସି), ଆଇଆଇଟି ମାଡ୍ରାସର ପ୍ରତିନିଧି ଯୋଗ ଦେବେ।

# ଗୁଡ଼୍‌ଗାଁଓରେ ବିକ୍ରି ନାବାଳିକା ଉଦ୍ଧାର, ମଧ୍ୟସ୍ଥ ମହିଳା ଗିରଫ

ରାଉରକେଲା ଅଫିସ,୯। ୨

ଷ୍ଟିଲ ସିଟିର ପ୍ଲାଣ୍ଟସାଇଟ ଥାନା ରେଲୱେ କଲୋନୀ ଅଞ୍ଚଳରୁ ନିଖୋଜ ଜଣେ ନାବାଳିକାଙ୍କୁ ଗୁଡ୍‌ଗାଁଓରୁ ପୋଲିସ ଉଦ୍ଧାର କରି ଶନିବାର ରାଉରକେଲା ଆଣିଛି। ତାଙ୍କୁ ସେଠାରେ ବିକ୍ରି କରାଯାଇଥିଲା ବୋଲି ଜଣାପଡ଼ିଛି। ତାଙ୍କର ଡାକ୍ତରୀମାଇନା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯିବା ପରେ ରାଜ୍ୟ ସରକାରଙ୍କ ସଖୀ ସହାୟତା କେନ୍ଦ୍ରରେ ରଖାଯାଇଛି। ଜିଲା ଶିଶୁ ମଙ୍ଗଳ ସମିତି ଅଧିକାରୀ ନାବାଳିକାଙ୍କୁ ପଚରାଉଚରା କରିଛନ୍ତି। ଅପହରଣ ମାମଲାରେ ସମ୍ପୃକ୍ତ ମଧ୍ୟସ୍ଥି ବାସନ୍ତୀ କଲୋନୀ ଦୁର୍ଗାପୁର ବସ୍ତିର ସୁନୀତା ସିଂ(୩୩) ନାମ୍ନୀ ଜଣେ ମହିଳାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଏକ ମାମାଲା (ନଂ. ୩୭୦/ ୨୦୨୦) ରୁଜୁ କରାଯାଇଛି।

ଗତ ଜାନୁୟାରୀ ୨୦ରେ ସୁନୀତା ସମ୍ପୃକ୍ତା ନାବାଳିକାଙ୍କୁ ଦିଲ୍ଲୀ ବୁଲାଇବାକୁ କହି ଗୁଡଗାଁଓ ନେଇଥିଲେ। ସେଠାରେ ତାଙ୍କୁ ଜଣେ ବ୍ୟବସାୟୀଙ୍କୁ ବିକ୍ରି କରି ଫେରି ଆସିଥିଲେ। ଏନେଇ ପରିବାର ଲୋକ ଟେର ପାଇ ନ ଥିଲେ। ଝିଅକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ପରେ ନିରାଶ ହୋଇଥିଲେ। ଗତ ୩ ଫେବୃୟାରୀରେ କୌଣସି ପ୍ରକାର ନାବାଳିକା ଫୋନ ଯୋଗେ ପରିବାର ସହ ସମ୍ପର୍କ ସ୍ଥାପନ କରିଥିଲେ। ତାଙ୍କୁ ସେଠାରେ ବିକ୍ରି କରାଯାଇଥିବା ଓ ନିର୍ଯାତନା ଦିଆଯାଉଥିବା କହିଥିଲେ। ସୁନୀତା ତାଙ୍କୁ ଦିଲ୍ଲୀ ବୁଲାଇବାକୁ କହି ପ୍ରତାରିତ କରିଥିବା ପରିବାର ଲୋକଙ୍କୁ ଜଣାଇ ଥିଲେ। ନାବାଳିକାଙ୍କ ସମ୍ପର୍କୀୟ ସୁନୀତାଙ୍କ ଘରକୁ ଯାଇ ଝିଅକୁ ଫେରାଇ ଆଣିବାକୁ ନିବେଦନ କରିଥିଲେ। ଝିଅକୁ ଗୁଡଗାଓଁରୁ ଆଣିବାକୁ ହେଲେ ଲକ୍ଷେ ଟଙ୍କା ଦେବାକୁ ପଡିବ ବୋଲି ସୁନୀତା ଦାବି କରିଥିଲେ। ଏମିତି ଅବସ୍ଥାରେ ନିରୁପାୟ ପରିବାର ଗତ ୪ରେ ପ୍ଲାଣ୍ଟସାଇଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାଉରକେଲାରୁ ପୋଲିସ ଟିମ ଗୁଡଗାଓଁ ଯାଇ ଶୁକ୍ରବାର ନାବାଳିକାଙ୍କୁ ସେଠାରୁ ଉଦ୍ଧାର କରିଥିଲା।

# ପ୍ରେମ ବ୍ୟାପାରକୁ ନେଇ ହତ୍ୟାକାଣ୍ଡ

- ସହଯୋଗୀ ୩ ଅଭିଯୁକ୍ତ ଫେରାର୍
- ଥାନାରେ ଅଭିଯୋଗ କଲେ ଭଡ଼ାଘର ମାଲିକ

ବେଦବ୍ୟାସ, ୯।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଦୁର୍ଗାମଣ୍ଡପ ଗଳିସ୍ଥିତ ଏକ ଭଡାଘରେ ପ୍ରେମ ବ୍ୟାପାରକୁ ନେଇ ହତ୍ୟାକାଣ୍ଡ ଘଟିଛି। ଭଡ଼ାରେ ରହୁଥିବା ଜଣେ ଜେସିବି ଚାଳକଙ୍କୁ ଶନିବାର ବିଳମ୍ବିତ ରାତିରେ ପିଟି ହତ୍ୟା କରାଯାଇଛି। ମୃତକ ହେଲେ ବ୍ରାହ୍ମଣୀତରଙ୍ଗ ଥାନା ଡୁମରନ୍ ନିବାସୀ ଗୋମେତ କିଣ୍ଡୋ (୩୫)। ପୋଲିସ ସୂଚନାନୁଯାୟୀ ବେଦବ୍ୟାସ ଦୁର୍ଗାମଣ୍ଡପ ଗଳିସ୍ଥିତ ଭୀମସେନ କୁଜୁରଙ୍କ ଘରେ ଭଡାସୂତ୍ରରେ ୪ଜଣ ଗାଡି ଚାଳକ ରହୁଥିଲେ। ଶନିବାର ବିଳମ୍ବିତ ରାତିରେ ଅତ୍ୟଧିକ ମଦ୍ୟପାନ କରି ଜଣେ ଯୁବତୀଙ୍କ ସହ ପ୍ରେମ ବ୍ୟାପାରକୁ ନେଇ ୪ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହା ପଡୋଶୀ ଲୋକେ ଜାଣିଥିଲେ। ପାଟିତୁଣ୍ଡ ସମ୍ପର୍କରେ ପଡୋଶୀମାନଙ୍କ ପାଖରୁ ଖବର ପାଇ ଘରମାଲିକଙ୍କ ପୁଅ ସୁପ୍ରକାଶ କୁଜୁର ରବିବାର ସକାଳେ ଆସିଥିଲେ। ସେ ଦେଖିବାକୁ ପାଇଥିଲେ ଯେ, ଜେସିବି ଚାଳକ ଗୋମେତ ମୃତ ଅବସ୍ଥାରେ ପଡିରହିଛନ୍ତି। ସାଙ୍ଗରେ ରହୁଥିବା ଅନ୍ୟ ୩ଜଣ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ଏନେଇ ସୁପ୍ରକାଶ ବ୍ରାହ୍ମଣୀତରଙ୍ଗ ଥାନାକୁ ଖବର କରିଥିଲେ। ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସଂଗ୍ରାମ କିଶୋର ବିଶ୍ୱାଳ, ଏସ୍‌ଡିପିଓ ଅସୀମ ପଣ୍ଡା, ଏସ୍‌ଆଇ ବି. କଲେତ, ଏଏସଆଇ କିଶୋର କୁମାର ମହାକୁଡ, ହାବିଲଦାର ବ୍ରଜକିଶୋର ଖମାରୀ ପ୍ରମୁଖ ସଦଳବଳ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିଥିଲେ। ପୋଲିସ ପ୍ରାଥମିକ ତଦନ୍ତରୁ ପିଟିପିଟି ହତ୍ୟା କରାଯାଇଥିବା ଜାଣିବାକୁ ପାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।


**OFFICE OF THE COLLECTOR & DISTRICT MAGISTRATE, ANGUL**

(ST & SC Development Section)
Ph. No. 06764-231173, Email: angdwo@gmail.com
No. 258 / Date: 31.01.2020

Applications are invited in prescribed format from eligible candidate for recruitment of Sikshya Sahayak (B.A., B.Ed. (Social Science & Language), B.Sc., B.Ed.) on contractual basis in different schools of ST & SC Development Department in Angul District. The applications should reach to District Welfare Office, Collectorate, Angul on or before 25.02.2020 (5.30 PM) by Regd. Post/ Speed Post only. Applications received after due date will not be taken in to consideration and liable to be rejected. This office will not be held responsible for any postal delay.

The details information regarding this recruitment i.e. details for engagement of Sikshya Sahayak / Sahayika application format with detail list of enclosures and check list etc. to be attached are available in the district website i.e. www.angul.nic.in as well as Notice Board of Collectorate, Angul, District Welfare Office, Angul, all Sub-Collector and Block Development Office of Angul district.

The Collector, Angul reserves the right for modification/ alternation / cancellation of this advertisement without assigning any reason thereof.

*Sd./- Collector, Angul*

**OFFICE OF THE EXECUTIVE ENGINEER**
**RWS&S DIVISION, BHANJANAGAR-761126**
Phone No. 06821-241026(O)/241079(R), Fax No.- 06821-241026/240056
email: eerwss_bnj@ori.nic.in, eerwssbnj2009@gmail.com
No. O-1016:
**Govt. of Orissa "e" Procurement Notice**
**Bid Identification No. E.E._RWS&S_22/2019-20**

1. The Executive Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate bid in Single Cover System according to the norm of "e" Procurement system in online mode for Erection, Installation, Testing, Commissioning etc. of 11 KV O.H.H.T. LINE, DP MOUNTED 11/0.4KV ELECTRICAL 16/25KVA SUB-STATION, L.T.LINE/SERVICE CONNECTION, INTERNAL WIRING OF PUMP HOUSES ETC. of different PWS Schemes in Ganjam District from the eligible contractors as per DTCN.
2. Nature of work : External & Internal Electrification.
3. No. of Tender : 07 Nos.
4. Tender Paper Cost : Rs. 4000/-
5. Tender Cost : 5.83 Lakhs to 7.99 Lakhs
6. Class of Contractor : H.T. Contractor
7. Date and Time of availability of bid document in the portal : dt.13.02.2020 at 11.00 AM to 24.02.2020 upto 5.00 PM
8. Date of opening of Bid : dt.27.02.2020 at 11.00 AM
9. Period of Completion : 60 (Sixty) days
10. The bidders have to participate in online bidding only. Further details can be seen from the website https://tendersorissa.gov.in

*Sd./- Executive Engineer*
*RWS&S Division, Bhanjanagar*
OIPR-25021/11/0008/1920

**NOTICE INVITING BID**
**Odisha State Medical Corporation Limited (OSMCL)**
In front of Ram Mandir, Convent Square, Unit – III, Bhubaneswar -751 001
Tel.: (0674) 2380660, Website: www.osmcl.nic.in, Email: logistics.osmcl.od@nic.in
Bid Ref. No: **OSMCL/2019-20/DRUGS-DPH/10** Date: 07.02.2020

**No. CAD-932:-** Online Bids through e-Tender portal (https://tendersodisha.gov.in) are invited from eligible bidders for supply of PPE (Personnel Protection Equipment) & N 95 Disposable Particulate respirator as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | **10.02.2020, 3 PM** | |
| 2. | Date & time of Pre-bid meeting | **12.02.2020, 11 AM** **Venue:** Conference Hall, Odisha State Medical Corporation Ltd., In front of Ram Mandir, Convent Square, Unit – III, Bhubaneswar | |
| 3. | Date & time of Online bid submission | **Start Date & Time** **13.02.2020, 3 PM** | **End Date & Time** **19.02.2020, 6 PM** |
| 4. | Date and Time for submission of Tender Document cost and EMD Amount as per Section IV | **20.02.2020** | **25.02.2020, till 11 AM** |
| 5. | Date & time of sample submission as per section-IV of tender documents | **25.02.2020, 5 PM** | |
| 6. | Date & time of online Technical bid opening | **25.02.2020, 11.30 AM** | |
| 7. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. The Authority reserves the right to accept / reject any part thereof or all the bids without assigning any reason thereof.

*Sd./- Managing Director, OSMC Ltd., Odisha*
OIPR-10112/11/0028/1920

**OFFICE OF THE EXECUTIVE ENGINEER**
**RWSS DIVISION, BERHAMPUR**
Near Jarada Bunglow, Pin – 760004, Ph. 0680-2296344
eerwss_bam@nic.in rwssbam@gmail.com
**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. EERWSSBAM- 17 /2019-20**

**No. O-1010:-** The Executive Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for Supply, drawing, design, construction, testing and commissioning and maintenance of different PWS Schemes and electrification works in Ganjam District from the eligible contractors as per DTCN.

| | | |
|---|---|---|
| 1. | Name of the work | Execution of different works of different P.W.S. Scheme in Ganjam District. |
| 2. | No. of Work (Tender) | 10 Nos. |
| 3. | Estimated cost (Approximate) | From Rs.9.14 Lakhs to Rs.328.00 Lakhs |
| 4. | Period of completion | From 60 days to 280 days |
| 5. | Date & Time of availability of bid document in the Portal | From 14.02.2020 at 11.00 hrs to 28.02.2020 upto 17.00 hrs |
| 6. | Last date & time for seeking clarification | 24.02.2020 upto 17.00 hrs |
| 7. | Dt. of opening of Bid | 29.02.2020 at 11.00 hrs |
| 8. | Late date / Time for receipt of bids in the Portal | 28.02.2020 upto 17.00 hrs |
| 9. | Name & address of the Officer inviting tender | Executive Engineer, RWSS Division, Near Jarada Bunglow, Berhampur-760004, Dist. Ganjam, Odisha. |

Further details can be seen from the e-procurement portal https://tendersorissa.gov.in

*Executive Engineer, RWS&S Division, Berhampur*
OIPR-25035/11/0009/1920



# ସ୍ୱାସ୍ଥ୍ୟୋପକାରୀ ବ୍ରେକ୍‌ଫାଷ୍ଟ

ବ୍ରେକ୍‌ଫାଷ୍ଟ (ସକାଳ ଜଳଖିଆ)ରେ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ତେବେ ଏଥିରେ କେଉଁ ଖାଦ୍ୟ ସାମିଲକଲେ ତାହା ଶରୀର ପାଇଁ ଉପକାରୀ ଜାଣନ୍ତୁ ସେ ସମ୍ପର୍କରେ...

- ପ୍ରଥମ କଥା ହେଲା, ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ।
- ସବୁଦିନେ ଯେପରି ଏହା ଦୈନନ୍ଦିନ ରୁଟିନ୍‌ରେ ସାମିଲହେବ ସେ ନେଇ ସଚେତନ ରହିବା ନିହାତି ଦରକାର।
- ବ୍ରେକ୍‌ଫାଷ୍ଟ ତାଲିକାରେ ଜୁସ୍ ସାମିଲ କରନ୍ତୁ। କାରଣ ଜୁସ୍ ଶରୀରରେ କ୍ୟାଲୋରି ବଢ଼ାଇବା ସହ ମନକୁ ଫୁର୍ତ୍ତି ରଖିଥାଏ।
- ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ।
- ଏହି ତାଲିକାରେ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଆଦୌ ସାମିଲ କରନ୍ତୁ ନାହିଁ।
- ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ବ୍ୟତୀତ ବ୍ରେଡ୍, ବିସ୍କୁଟ ଖାଇପାରିବେ।
- ସବୁବେଳେ ବ୍ରେକ୍‌ଫାଷ୍ଟରେ ହାଲୁକା ଖାଦ୍ୟ ଖାଆନ୍ତୁ। କାରଣ ଏପରି ଖାଦ୍ୟ ସହଜରେ ହଜମ ହୋଇଥାଏ।
- ଏହି ସମୟରେ ଏପରି ଖାଦ୍ୟ ଖାଆନ୍ତୁ ନାହିଁ ଯାହାଦ୍ୱାରା ଆପଣଙ୍କୁ ଆଳସ୍ୟ ଲାଗିବ।
- ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ। ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଫୁର୍ତ୍ତି ରଖିବା ସହ ମାନସିକତାକୁ ସକାରାତ୍ମକ ରଖିବ।
- ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ।



# ଜଳବାୟୁ ପରିବର୍ତ୍ତନ ବନାମ ବିବର୍ତ୍ତନ

"ଗୋଟିଏ ଅଞ୍ଚଳର ହାରାହାରି ଅଥବା ଦୀର୍ଘ ସମୟ ଧରି ଅନୁଭୂତ ପାଣିପାଗ ଅବସ୍ଥାକୁ ଜଳବାୟୁ କୁହାଯାଏ। ଅନ୍ୟପକ୍ଷରେ ବିଶ୍ୱ ତାପମାତ୍ରା, ବୃଷ୍ଟିପାତ, ବାୟୁ ପ୍ରବାହ ଏବଂ ଆନୁଷଙ୍ଗିକ ବିଷୟରେ କେତେ ଦଶନ୍ଧି ଅଥବା ତତୋଽଧିକ ପରିବର୍ତ୍ତନକୁ ଜଳବାୟୁ ପରିବର୍ତ୍ତନ କୁହାଯାଏ। ବିବର୍ତ୍ତନ ଧାରାରେ ତ୍ୱରିତ ଜୈବ ହସ୍ତକ୍ଷେପକୁ ମଧ୍ୟ ଜଳବାୟୁ ପରିବର୍ତ୍ତନ କୁହାଯାଇପାରିବ। ଏ ପୃଥିବୀରେ କେବେ ଜଳବାୟୁ ପରିବର୍ତ୍ତନ ହେଲା? ହୁଏତ ଯେତେବେଳେ ମଣିଷ ରନ୍ଧା/ପ୍ରକ୍ରିୟାକୃତ ଖାଦ୍ୟ ଖାଇଲା, କଳବୁଣା ପୋଷାକ ପିନ୍ଧିଲା, କୋଠାଘରେ ବାସକଲା ଏବଂ ଚାକିରି ଅନ୍ୱେଷଣରେ ସ୍ଥାନାନ୍ତର ହେଲା।"



ମନୋରଞ୍ଜନ ମହାନ୍ତି

ସମସ୍ତ ଜୀବଙ୍କ ପାଇଁ ମୁଖ୍ୟ କଥା ମଧ୍ୟରେ ପୃଥିବୀର ଆହ୍ନିକ ଓ ବାର୍ଷିକ ଗତି ନିୟନ୍ତ୍ରକ, ମାଧ୍ୟାକର୍ଷଣ ଶକ୍ତି, ସୂର୍ଯ୍ୟ, ଆକାଶ, ପୃଥିବୀ, ଜଳ, ଅଗ୍ନି, ବାୟୁ ଅନ୍ୟତମ। ପ୍ରଥମେ ଉଦ୍ଭିଦ ଓ ପରେ ପ୍ରାଣୀ ସୃଷ୍ଟି ହେଲେ। ସଂସାରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାଟି ହେଲା ଆଲୋକ ଶ୍ଳେଷଣ, ଯଦ୍ୱାରା ଉଦ୍ଭିଦ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ୍), ମାଟିରୁ ଜଳ ନେଇ ସୌରଶକ୍ତି ସାହାଯ୍ୟରେ ପତ୍ରରେ ଶ୍ୱେତସାର ଓ ଅମ୍ଳଜାନ ପ୍ରସ୍ତୁତ କରିଥାଏ।

**ପ୍ରକ୍ରିୟା:** ଅଙ୍ଗାରକାମ୍ଳ ଗ୍ୟାସ୍, ଜଳ, ସୌରଶକ୍ତି ଆଲୋକ ଶ୍ଳେଷଣ/ଶ୍ୱାସକ୍ରିୟା ଶ୍ୱେତସାର, ଅମ୍ଳଜାନ। ଏହି ଶ୍ୱେତସାର ହିଁ ପ୍ରାଣୀଙ୍କ ପାଇଁ ଖାଦ୍ୟ ଓ ତନ୍ତୁ। (ପ୍ରକୃତରେ ସି-୩ ଉଦ୍ଭିଦ (ଧାନ, ବିରି ଇତ୍ୟାଦି), ସି-୪ ଉଦ୍ଭିଦ (ଆଖୁ, ମକା ଇତ୍ୟାଦି) ଏବଂ କାମ୍ ଉଦ୍ଭିଦ (ସିଜୁ, ସପୁରି ଇତ୍ୟାଦି) ଦ୍ୱାରା ଅଙ୍ଗାରକାମ୍ଳ ଗ୍ୟାସ୍ ଯଥାକ୍ରମେ ଜୈବିକ ପଦାର୍ଥ ୩ ଫସ୍‌ଫୋଗ୍ଲିସେରେଟ୍, ଅକ୍ସାଲୋଆସିଟେଟ୍ ଏବଂ କ୍ରାସୁଲାସିଆନ୍ ଅମ୍ଳରେ ପରିଣତ ହୁଏ)। ଅତଏବ ବିଷ ରୂପକ ଅଙ୍ଗାରକାମ୍ଳକୁ ଅମୃତରେ ପରିଣତ କରିବା ଶକ୍ତି ଉଦ୍ଭିଦଠାରେ ରହିଛି। ଯୁକ୍ତରାଷ୍ଟ୍ର ଆମେରିକାର ପ୍ରସିଦ୍ଧ କବକବିତ୍ ଏଏଚ୍‌ଆର୍ ବୁଲର (୧୯୦୬) ପୂର୍ବୋକ୍ତ ସମୀକରଣ ଆଧାରରେ କିଛି ଭିନ୍ନ ଭବିଷ୍ୟବାଣୀ କରିଥିଲେ, "ଯଦି ଆଲୋକଶ୍ଳେଷଣ ପ୍ରକ୍ରିୟା ଅନବରତ ଚାଲୁରହେ ଏବଂ କାଠର ଧ୍ୱଂସ ପ୍ରକ୍ରିୟା ବନ୍ଦ ରହେ, ତେବେ ଆଗାମୀ ୨୦ ବର୍ଷ ମଧ୍ୟରେ ସମସ୍ତ ଜୀବଜଗତ ଅଙ୍ଗାରକାମ୍ଳ ଅଭାବରୁ ହୁଏତ ନିଶ୍ଚଳ ହୋଇଯିବ। ଅତଏବ ଜୈବିକ ବିଘଟନ (ଶ୍ୱାସକ୍ରିୟା) କାଠର ବିନିଯୋଗ ପାଇଁ ଉଭୟ ବଡ଼ ଆଶୀର୍ବାଦ ଏବଂ ଚରମସୀମା।" ବୋଧହୁଏ ମହାଶୟ ଏବର ଅବିଚାରିତ ବୃକ୍ଷଚ୍ଛେଦନ, ଜଙ୍ଗଲ ଅବକ୍ଷୟ ଏବଂ ସର୍ବୋପରି କଳକାରଖାନା ଓ ଯାନବାହନରୁ ନିର୍ଗତ ଅଙ୍ଗାରକାମ୍ଳ ବିଷୟରେ କଳ୍ପନାକରି ନ ଥିବେ।

ସାରା ବିଶ୍ୱରେ ମାଟିରେ ଗଚ୍ଛିତଥିବା ୨୭୦୦ ଗିଗାଟନ୍ (୧ଗିଗାଟନ୍ = ୧ଲକ୍ଷ କୋଟି କିଲୋଗ୍ରାମ୍) ଅଙ୍ଗାରକ (କାର୍ବନ) ମଧ୍ୟରୁ ଜୈବିକ ଅଙ୍ଗାରକ ୧୫୫୦ ଗିଗାଟନ, ଅଜୈବିକ ଅଙ୍ଗାରକ ୯୫୦ ଗିଗାଟନ୍, ପିଟ୍ ଓ ଆର୍ଦ୍ରଭୂମି ଅଙ୍ଗାରକ ୧୫୦ ଗିଗାଟନ୍ ଏବଂ ଭୂପୃଷ୍ଠ ଉଦ୍ଭିଦ ଅବଶେଷ ଅଙ୍ଗାରକ ୫୦ ଗିଗାଟନ୍। ଡିଜେଲ, ପେଟ୍ରୋଲ, କିରୋସିନ ଇତ୍ୟାଦି ଜୀବାଶ୍ମ ଇନ୍ଧନ ଯୋଗୁ ବର୍ଷକୁ ହାରାହାରି ୧୧ ଗିଗାଟନ୍ ଅଙ୍ଗାରକ ବାୟୁମଣ୍ଡଳରେ ମିଶୁଛି। ଏତଦ୍‌ବ୍ୟତୀତ ବାୟୁମଣ୍ଡଳରେ ୭୮୦ ଗିଗାଟନ୍ ଏବଂ ଜୀବମାନଙ୍କ ଶରୀରରେ ୬୦୦ ଗିଗାଟନ୍, ସାଗର, ମହାସାଗରରେ ୩୮,୨୦୦ ଗିଗାଟନ୍ ଅଙ୍ଗାରକ ଅଛି। ଆଲୋକ ଶ୍ଳେଷଣ ପ୍ରକ୍ରିୟାରେ ଉଦ୍ଭିଦରାଜି ବାର୍ଷିକ ୧୨୦ ଗିଗାଟନ୍ ଅଙ୍ଗାରକ ଅଥବା ୪୩୯ ଗିଗାଟନ୍ ଅଙ୍ଗାରକାମ୍ଳ ଗ୍ୟାସ୍ ବାୟୁମଣ୍ଡଳରୁ ଗ୍ରହଣକରି ସେଥିରୁ ୬୦ ଗିଗାଟନ୍ ଅଙ୍ଗାରକକୁ ମାଟିରେ ଗଚ୍ଛିତ କରନ୍ତି। ଏକ ୧୦୦ କିଲୋଗ୍ରାମ ଓଜନ (ଶୁଷ୍କକାଠ) ବୃକ୍ଷରେ ୫୦କି.ଗ୍ରା. ଅଙ୍ଗାରକ, ୪୪କି.ଗ୍ରା. ଅମ୍ଳଜାନ, ୬କି.ଗ୍ରା. ଉଦ୍‌ଜାନ ସହିତ କିଛି ପରିମାଣରେ ଧାତବ ପଦାର୍ଥ ଥାଏ। ଏଣୁ ବୃକ୍ଷଟି ବାୟୁମଣ୍ଡଳରୁ ୧୮୩ କି.ଗ୍ରା. ଅଙ୍ଗାରକାମ୍ଳ ଗ୍ୟାସ୍ ଗ୍ରହଣ କରିଥାଏ। ଅନ୍ୟପକ୍ଷରେ ସାରା ପୃଥିବୀରେ ୧୩,୮୬,୦୦୦ ଟ୍ରିଲିୟନ ଟନ୍(୧ଟ୍ରିଲିୟନ ଟନ୍=୧ଲକ୍ଷ କୋଟି କିଲୋଗ୍ରାମ/ଲିଟର) ଜଳରାଶି ମଧ୍ୟରୁ ବରଫ ଓ ହିମବାହର ପରିମାଣ ୨୩,୮୭୪ ଟ୍ରି.ଟନ୍, ଭୂଗର୍ଭ ମଧୁରଜଳ ୧୦,୬୭୨ ଟ୍ରି.ଟନ, ଭୂପୃଷ୍ଠ (ନଦୀ, ହ୍ରଦ ଇତ୍ୟାଦି) ମଧୁରଜଳ ୧୦୪ ଟ୍ରି.ଟନ୍, ଭୂପୃଷ୍ଠ (ସାଗର, ମହାସାଗର) ଲବଣଜଳ ୧୩,୫୧,୩୫୦ ଟ୍ରି.ଟନ୍। ପରୀକ୍ଷାରୁ ଜଣାଯାଇଛି ଯେ, ଏକ ବୟସ୍କ ପୂର୍ଣ୍ଣାବୟବ ବୃକ୍ଷ ଏକ ଶୁଷ୍କ ଖରାଦିନରେ ମାଟିରୁ ୨୦୦-୪୦୦ ଲିଟର ଜଳ ଗ୍ରହଣ କରିଥାଏ। ପୁନଶ୍ଚ ବିଶ୍ୱ ଖାଦ୍ୟ ଓ କୃଷି ସଂସ୍ଥା ଅନୁସାରେ ଏକ କିଲୋଗ୍ରାମ୍ ପ୍ରତ୍ୟେକ ଦୁଗ୍ଧ, ଗହମ, ଧାନ, ଅଣ୍ଡା, ସୋୟାବିନ୍, କୁକୁଡ଼ାମାଂସ, ଘୁଷୁରି ମାଂସ ଏବଂ ଗୋମାଂସ ଉତ୍ପାଦନ ପାଇଁ ଯଥାକ୍ରମେ ୭୯୦,୧୧୬୦,୧୪୦୦,୨୭୦୦,୨୭୫୦,୪୧୦୦,୪୬୦୦ ଏବଂ ୧୩,୫୦୦ ଲିଟର ମଧୁର ଜଳର ଆବଶ୍ୟକତା ହୋଇଥାଏ।

ଗୋଟିଏ ଅଞ୍ଚଳର ହାରାହାରି ଅଥବା ଦୀର୍ଘ ସମୟ ଧରି ଅନୁଭୂତ ପାଣିପାଗ ଅବସ୍ଥାକୁ ଜଳବାୟୁ କୁହାଯାଏ। ଅନ୍ୟପକ୍ଷରେ ବିଶ୍ୱ ତାପମାତ୍ରା, ବୃଷ୍ଟିପାତ, ବାୟୁ ପ୍ରବାହ ଏବଂ ଆନୁଷଙ୍ଗିକ ବିଷୟରେ କେତେ ଦଶନ୍ଧି ଅଥବା ତତୋଽଧିକ ପରିବର୍ତ୍ତନକୁ ଜଳବାୟୁ ପରିବର୍ତ୍ତନ କୁହାଯାଏ। ବିବର୍ତ୍ତନ ଧାରାରେ ତ୍ୱରିତ ଜୈବ ହସ୍ତକ୍ଷେପକୁ ମଧ୍ୟ ଜଳବାୟୁ ପରିବର୍ତ୍ତନ କୁହାଯାଇପାରିବ। ଏ ପୃଥିବୀରେ କେବେ ଜଳବାୟୁ ପରିବର୍ତ୍ତନ ହେଲା? ହୁଏତ ଯେତେବେଳେ ମଣିଷ ରନ୍ଧା/ପ୍ରକ୍ରିୟାକୃତ ଖାଦ୍ୟ ଖାଇଲା, କଳବୁଣା ପୋଷାକ ପିନ୍ଧିଲା, କୋଠାଘରେ ବାସକଲା ଏବଂ ଚାକିରି ଅନ୍ୱେଷଣରେ ସ୍ଥାନାନ୍ତର ହେଲା। ଏପରିକି ଗୁମ୍ଫା ମଧ୍ୟରେ ବାସ କରୁଥିବା ଲଙ୍ଗଳା ମଣିଷ, ପଥର ଅସ୍ତ୍ରରେ ବନ୍ୟ ପଶୁପକ୍ଷୀ ଶିକାର କରି, କଞ୍ଚାମାଂସ ଏବଂ ଫଳମୂଳ ଖାଉଥିବା ମଣିଷ ଯେତେବେଳେ ଅକ୍ଷତ ଜଙ୍ଗଲକୁ ସଫାକରି ଚାଷକାର୍ଯ୍ୟ ଆରମ୍ଭକଲା, ବୋଧହୁଏ ସେତେବେଳେ ଜଳବାୟୁ ପରିବର୍ତ୍ତନ ହେଲା। ସଭ୍ୟତାର ଅତି ଉନ୍ନତି ବିଷମ ଜଳବାୟୁର କାରଣ। ଜଣଙ୍କର ଆବଶ୍ୟକ ପାଇଁ ଭଗବାନ ସବୁ ସୃଷ୍ଟି କରିଛନ୍ତି, କିନ୍ତୁ ଲୋଭ ପାଇଁ ନୁହେଁ (ମହାତ୍ମା ଗାନ୍ଧୀ)। ଯଦି ସମ୍ପଦର ଉପଯୋଗ ଦେହଳି ସୀମା ଭିତରେ ରହୁଥାନ୍ତା, ତେବେ ପରିବର୍ତ୍ତନ ବିବର୍ତ୍ତନ ଧାରାର ନିୟନ୍ତ୍ରଣ ସୀମା ମଧ୍ୟରେ ରହନ୍ତା। ବୋଧହୁଏ ଅଧିକାଂଶ ଲୋକ ସମ୍ପଦର ବିନିଯୋଗ ବିଶେଷକରି ଅବିମୃଶ୍ୟକାରୀ ଭାବରେ ଶୋଷଣ କଲାବେଳେ ଶକ୍ତି ସଂରକ୍ଷଣ ନିୟମର ଅର୍ଥ ଠିକ୍ ଭାବରେ ବୁଝିପାରିନାହାନ୍ତି। "ଶକ୍ତି ସୃଷ୍ଟି କରାଯାଇପାରିବ ନାହିଁ କି ଧ୍ୱଂସ କରାଯାଇ ପାରିବ ନାହିଁ, ଶକ୍ତି ଅକ୍ଷୟ ବରଂ ଏହାର ରୂପାନ୍ତର କରାଯାଇପାରିବ।" ଏହି ରୂପାନ୍ତର ପ୍ରକ୍ରିୟା ସହିତ ଲୁକ୍କାୟିତ ହୋଇ ରହିଥିବା ତଥ୍ୟଟି ହେଉଛି- ପାର୍ଶ୍ୱକ୍ରିୟା/ଉପଜାତ'ଉତ୍ପନ୍ନ ହୋଇଥାଏ/ହୋଇ ନ ଥାଏ। ଉଦାହରଣ ସ୍ୱରୂପ- ଏକ ଡିଜେଲ ଜେନେରେଟର ବିଦ୍ୟୁତ୍ ଆଲୋକ ଉତ୍ପାଦନ କଲାବେଳେ ଧୂଆଁ ଛାଡ଼ିଥାଏ (ସୀମା ଭିତରେ, ଉପଜାତ)। ବାଇସାଇକେଲ ଘଣ୍ଟିକୁ ଅନବରତ ବଜାଇଲେ ସ୍ଥିତିସ୍ଥାପକତା କ୍ଳାନ୍ତି ଆସିଥାଏ (ସୀମା ବାହାରେ)। ଏକ ପ୍ଲାଷ୍ଟିକ ଗିନାରେ ଅଳ୍ପ ଜଳ ରଖି ଖରାରେ ଥୋଇଦେଲେ (୩୦-୪୫ ଡିଗ୍ରୀ ସେଲସିୟସ୍) ଜଳ ଅଦୃଶ୍ୟ ହେବାକୁ ଲାଗେ (ସୀମାବାହାରେ, ପାର୍ଶ୍ୱ ପ୍ରତିକ୍ରିୟା ନାହିଁ)। ଜଳ ୧୦୦ ଡିଗ୍ରୀ ସେଲସିୟସ୍‌ରେ ତରଳ ଅବସ୍ଥାରୁ ଗ୍ୟାସୀୟ (ବାଷ୍ପୀକରଣ) ଅବସ୍ଥାକୁ ଯାଏ। ମାତ୍ର ନିମ୍ନ ତାପମାତ୍ରାରେ କିପରି ସମ୍ଭବ? ଏହା ସତ୍ୟ ଯେ, ପାତ୍ର ଜଳର ଉପର (ବାୟୁ ସଂସ୍ପର୍ଶ) ସ୍ତରରେ ଅଣୁକରଣ ପରିମିତ ସୂକ୍ଷ୍ମସ୍ତରରେ ଥିବା ଜଳ ଅଣୁଗୁଡ଼ିକର ତାପମାତ୍ରା ୧୦୦ ଡିଗ୍ରୀ ସେଲସିୟସ୍‌ରେ ପହଞ୍ଚିଥାଏ। ଫଳରେ ବାଷ୍ପୀକରଣ ଆରମ୍ଭ ହୋଇଥାଏ (ସୀମା ଭିତରେ)।





*-ବୈଜ୍ଞାନିକ, କୃଷିବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ (ଓୟୁଏଟି), ମହିଷାପାଟ*
*ମୋ : ୯୪୩୭୬୭୧୪୦୨*

## ଫୁସ୍‌ଫୁସ୍ କ୍ୟାନ୍‌ସର ଚିହ୍ନଟ କରିବ ସଫ୍ଟୱେର

ଆଜିକାଲି କ୍ୟାନ୍‌ସରକୁ କିପରି ସହଜରେ ଚିହ୍ନଟ କରାଯାଇପାରିବ ସେ ନେଇ କ୍ୟାନ୍‌ସର ବିଶେଷଜ୍ଞମାନେ ଚେଷ୍ଟା ଜାରି ରଖିଛନ୍ତି। ଏକ୍ଷେତ୍ରରେ ଆଉ ପାଦେ ଆଗକୁ ଆଗେଇଛନ୍ତି ଲଣ୍ଡନ ୟୁନିଭର୍ସିଟିର କ୍ୟାନ୍‌ସର ବିଜ୍ଞାନୀମାନେ। ସେମାନେ ଦୀର୍ଘ ତିନିବର୍ଷ ଗବେଷଣାକରି ଏକ ସଫଟ୍‌ୱେର ପ୍ରସ୍ତୁତ କରିଛନ୍ତି। ଏହାଦ୍ୱାରା ଫୁସ୍‌ଫୁସ୍



କ୍ୟାନ୍‌ସରକୁ ସହଜରେ ଚିହ୍ନଟ କରିହେବ ବୋଲି ସେମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ଏହି ସଫ୍ଟୱେର ଟୁଲ୍ ପ୍ରଣାଳୀରେ ଫୁସ୍‌ଫୁସ୍ କ୍ୟାନ୍‌ସର ଚିହ୍ନଟ କରିବା ଅତି ସହଜ ଏବଂ ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଛି ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ମସ୍ତିଷ୍କ କାର୍ଯ୍ୟଦକ୍ଷତା ଓ ପ୍ରୋଟିନ୍

ମସ୍ତିଷ୍କର କାର୍ଯ୍ୟଦକ୍ଷତାକୁ ଆହୁରି ସକ୍ରିୟ କରିବା ପଛରେ ଏକ ପ୍ରୋଟିନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଉକ୍ତ ପ୍ରୋଟିନଟି ହେଲା 'ବିଡିଏନ୍‌ଏଫ୍'। ମସ୍ତିଷ୍କର କାର୍ଯ୍ୟଦକ୍ଷତା ଉପରେ ଗବେଷଣା କରିବା ସମୟରେ ଆମେରିକୀୟ ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏକଥା ଜାଣିପାରିଛନ୍ତି। ସେମାନେ ମସ୍ତିଷ୍କ ଭିତରେ ଥିବା କୋଷଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା କରିଥିଲେ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, 'ବିଡିଏନ୍‌ଏଫ୍' ପ୍ରୋଟିନ୍‌ରୁ କ୍ଷରଣ ହେଉଥିବା ନ୍ୟୁରୋଟ୍ରାନ୍ସମିଟର ମସ୍ତିଷ୍କରେ ଥିବା କୋଷଗୁଡ଼ିକୁ ଆହୁରି ସକ୍ରିୟ କରିଥାଏ।

# ଏପିଲେପ୍‌ସି



ଡା. ନିତ୍ୟାନନ୍ଦ ସ୍ୱାଇଁ

ପ୍ରତିବର୍ଷ ଫେବୃୟାରୀ ଦ୍ୱିତୀୟ ସୋମବାରରେ ପାଳିତ ହୋଇଥାଏ 'ଅନ୍ତର୍ଜାତୀୟ ଅପସ୍ମାର (ଏପିଲେପ୍‌ସି) ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...

ସୁସ୍ଥ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ମସ୍ତିଷ୍କର ସ୍ନାୟୁକୋଷଗୁଡ଼ିକ ନିରନ୍ତର ଭାବରେ ପ୍ରତି ସେକେଣ୍ଡରେ ଅନ୍ତତଃ ୮୦ ଥର ଅନ୍ୟ ସ୍ନାୟୁକୋଷଗୁଡ଼ିକୁ ସ୍ନାୟୁ ସଙ୍କେତମାନ ପ୍ରେରଣ କରିଥାନ୍ତି। ଏଭଳି ଅବସ୍ଥାକୁ ମସ୍ତିଷ୍କ ସହଜରେ ସମ୍ଭାଳିନିଏ। ମାତ୍ର ଏପିଲେପ୍‌ସି ନାମକ ରୋଗରେ ଏହି ସ୍ନାୟୁ ସଙ୍କେତ ପ୍ରେରଣର ସଂଖ୍ୟା ୫୦୦ ଥରରୁ ଅଧିକ ହୋଇଯାଏ। ସ୍ନାୟୁକୋଷଗୁଡ଼ିକର ଏଭଳି ଅସ୍ୱାଭାବିକ ଅତ୍ୟଧିକ କ୍ରିୟାଶୀଳତା ଯୋଗୁ ପ୍ରକାଶ ପାଏ ବାତ ମାରିବା କି ମୂର୍ଚ୍ଛା ଚାଲିଯିବା ଭଳି ଲକ୍ଷଣ।

'ଏପିଲେପ୍‌ସି' ହେଉଛି ରୋଗଟିର ଡାକ୍ତରୀ ନାମ। ଓଡ଼ିଆ ଭାଷାରେ ଏହାକୁ 'ଅପସ୍ମାର' କିମ୍ବା 'ମୃଗୀ' ରୋଗ ବୋଲି କହନ୍ତି। ଏହା ଏକ ମସ୍ତିଷ୍କ ରୋଗ। ରୋଗଟି ସବୁ ବୟସର ଯେକୌଣସି ବ୍ୟକ୍ତିକୁ ହୋଇପାରେ। ମାତ୍ର ବେଶି ଆକ୍ରାନ୍ତ କରିଥାଏ ପିଲାମାନଙ୍କୁ।

**କାହିଁକି ହୁଏ :** ଜନ୍ମ ସମୟରେ ପିଲାର ମସ୍ତିଷ୍କ ପାଇଁ ଅମ୍ଳଜାନ ଅଭାବ ହେଲେ, ଦୁର୍ଘଟଣା ଯୋଗୁ ମସ୍ତିଷ୍କରେ ଆଘାତ ଲାଗିଲେ, ଷ୍ଟ୍ରୋକ୍ ହେଲେ ମସ୍ତିଷ୍କରେ ଅର୍ବୁଦ ବା ଟ୍ୟୁମର ଜାତ ହେଲେ ଏବଂ ମସ୍ତିଷ୍କରେ ପ୍ରଦାହ ହେଲେ ଏପିଲେପ୍‌ସିର ଶିକାର ହୋଇପଡ଼ିବା ଭଳି ସମ୍ଭାବନା ସୃଷ୍ଟି ହୁଏ। ମାତ୍ର ଅଧିକାଂଶ କ୍ଷେତ୍ରରେ ରୋଗର କୌଣସି କାରଣ ଠଉରାଇ ହୁଏନାହିଁ। ରୋଗର ମଧ୍ୟ ରହିଛି ବଂଶଗତ ପ୍ରଭାବ।

**କ'ଣ ହୁଏ :** ସାଧାରଣ ଭାବରେ ରୋଗୀଠାରେ ସର୍ବାଙ୍ଗ ବାତ ମାରି ରୋଗୀ ଅଚେତ ହୋଇପଡ଼େ। ବାତ ମାରିବା ହଠାତ୍ ଦେଖାଯାଏ। କାହା କାହା କ୍ଷେତ୍ରରେ ବାତ ମାରିବାର ପୂର୍ବ ସୂଚନା ରୋଗୀକୁ ଜଣାପଡ଼ିଯାଏ, ଯେପରିକି କୌଣସି ଗନ୍ଧର ଉପସ୍ଥିତି ନ ଥାଇ ଅସ୍ୱାଭାବିକ ଗନ୍ଧ ବାରିବା, ଶବ୍ଦର ସୂଚନା ନ ଥାଇ ଶବ୍ଦ ଶୁଣିପାରିବା, ଜିଭରେ କୌଣସି ସ୍ୱାଦ ଅନୁଭବ କରିବା ଇତ୍ୟାଦି। ବାତ ମାରିବା ବେଳେ ହାତଗୋଡ଼ ନାଠି ହୋଇଯାଇପାରେ। ମନକୁ ମନ ଝାଡ଼ା ପରିସ୍ରା ହୋଇଯାଏ। ଜିଭ ବି କାମୁଡ଼ି ହୋଇଯାଇପାରେ। ବାତ ମାରିବା ଲକ୍ଷଣ ସାଧାରଣତଃ ରହିଥାଏ ଅଳ୍ପ କିଛି ସେକେଣ୍ଡରୁ କିଛି ମିନିଟ ପାଇଁ। ତେବେ ବେଳେବେଳେ ଅତି ଗୁରୁତର ଅବସ୍ଥା ଉପୁଜି ପାଞ୍ଚ ମିନିଟରୁ ବେଶି ସମୟ ବାତ ମାରିବା ଚାଲୁ ରହିପାରେ। କାହା କାହା କ୍ଷେତ୍ରରେ ସର୍ବାଙ୍ଗ ବାତ ପ୍ରକାଶ ନ ପାଇ ରୋଗୀର ମୁଣ୍ଡ, ହାତ ଓ ଗୋଡ଼ରେ ସାମୟିକ ତଥା ଅନିୟମିତ ମୃଦୁ ପେଶୀ ସଙ୍କୋଚନ ପ୍ରକାଶ ପାଏ। କିଛି ସେକେଣ୍ଡ ପାଇଁ ରୋଗୀ ବୋକା ଭଳି ଚାହିଁରହେ। ବାତ ମାରିବା ବନ୍ଦ ହୋଇଯିବା ପରେ ରୋଗୀ ଗାଢ଼ ନିଦରେ ଶୋଇଯାଏ। ବାତ ମାରିବା ସମୟରେ ରୋଗୀ ପଡ଼ିଯାଇ ହାଡ଼ ଭାଙ୍ଗିଯିବା, ମସ୍ତିଷ୍କରେ ଗୁରୁତର ଆଘାତ ପାଇବା, ଗାଧୋଇବା ସମୟରେ ବାତମାରି ରୋଗୀ ଜଳରେ ବୁଡ଼ି ମରିଯିବା, ଦୁଇଚକିଆ କି ଚାରିଚକିଆ ଯାନରେ ଯାତ୍ରା କରୁଥିବା ସମୟରେ ବାତ ମାରିଲେ ରୋଗୀ ଦୁର୍ଘଟଣା ଘଟାଇବା ପରି କୁପରିଣାମ ଉପୁଜିପାରେ। ଏପିଲେପ୍‌ସି ରୋଗ ସମ୍ବନ୍ଧରେ ଜନସାଧାରଣଙ୍କ ମନ ଭିତରେ ରହିଛି ଅନେକ ଭୁଲ୍ ଧାରଣା। ସେଥିପାଇଁ ରୋଗଗ୍ରସ୍ତ ବ୍ୟକ୍ତିମାନଙ୍କୁ ଅନେକ ସମୟରେ ହେୟଜ୍ଞାନ କରାଯାଇଥାଏ। ସେମାନଙ୍କୁ ଚାକିରି ଦେବା ପାଇଁ ବହୁ ସଂସ୍ଥା କୁଣ୍ଠିତ ହୋଇଥାନ୍ତି। ମାତ୍ର ଏଭଳି ପାତରଅନ୍ତର ଆଦୌ ବାଞ୍ଛନୀୟ ନୁହେଁ କି ବିଜ୍ଞାନସମ୍ମତ ମଧ୍ୟ ନୁହେଁ। ଏପିଲେପ୍‌ସି ରୋଗ ବିଷୟରେ ଭ୍ରାନ୍ତଧାରଣାକୁ ଦୂରକରିବା ଓ ରୋଗ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃୟାରୀ ଦ୍ୱିତୀୟ ସୋମବାର ଦିନ ପାଳିତ ହୋଇଥାଏ 'ଇଣ୍ଟରନ୍ୟାଶନାଲ ଏପିଲେପ୍‌ସି ଡେ' ବା 'ଅନ୍ତର୍ଜାତୀୟ ଅପସ୍ମାର ଦିବସ'।

**ନିର୍ଣ୍ଣୟ, ଚିକିତ୍ସା :** ଏହି ରୋଗ ନିର୍ଣ୍ଣୟ ପାଇଁ ରକ୍ତ ପରୀକ୍ଷା, ଇଇଜି ପରୀକ୍ଷା, ସିଟି ସ୍କାନ୍, ଏମ୍‌ଆର୍‌ଆଇ ତଥା ପେଟ ସ୍କାନ୍ ଭଳି ପରୀକ୍ଷାର ଆବଶ୍ୟକତା ପଡ଼େ। ବାତ ମାରିବା ବନ୍ଦ କରିପାରୁଥିବା ଔଷଧ ଦେଇ ରୋଗୀର ଚିକିତ୍ସା କରାଯାଏ। ଅନ୍ୟପକ୍ଷରେ ନୂଆଦିଲ୍ଲୀସ୍ଥିତ ଅଲଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ(ଏମ୍‌ସ)ର ସ୍ନାୟୁଶଲ୍ୟ ବିଭାଗର ପ୍ରଫେସର ଭାବରେ କାର୍ଯ୍ୟରତ ଡା. ମମତା ଭୂଷଣ ସିଂ 'ଲାଇଫ ଲାଇନ୍ ଏକ୍ସପ୍ରେସ' ନାମକ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ସ୍ୱତନ୍ତ୍ର ଏପିଲେପ୍‌ସି କ୍ଲିନିକ ଖୋଲି ଏପରି ରୋଗୀଙ୍କର ମାଗଣା ଚିକିତ୍ସା କରିବା ସହ ଏ ନେଇ ଜନସଚେତନତା ସୃଷ୍ଟି କରୁଛନ୍ତି।



*-'ଅଭୀପ୍‌ସା', ସେକ୍ଟର-୬, ୧୧୩୧, ଅଭିନବ ବିଡ଼ାନାସୀ, କଟକ*

ଠିକ୍ ଉପାୟରେ ଚାଲୁଥିବା ବାଣିଜ୍ୟିକ ସଂସ୍ଥାଗୁଡ଼ିକୁ ଋଣ ଯୋଗାଣର ଆବଶ୍ୟକତା ରହିଛି। ଏହା ଦ୍ୱାରା ଋଣ ଅଭିବୃଦ୍ଧି ଏବଂ କମ୍ପାନୀଗୁଡ଼ିକର ଉନ୍ନତି ସାଧନ ହେବ।
– ରାଜୀବ କୁମାର, ଅର୍ଥ ସଚିବ



ପୁଣି ଥରେ ବ୍ୟାଙ୍କ ମିଶ୍ରଣ ପଦକ୍ଷେପ ନେବା ଲାଗି ସରକାର ପ୍ରସ୍ତୁତ ଅଛନ୍ତି। ଆବଶ୍ୟକତା ପଡ଼ିଲେ ଏ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ।
– ଅନୁରାଗ ଠାକୁର, ଅର୍ଥ ରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ରପ୍ତାନିକାରୀଙ୍କ ଲାଗି ଅନିବାର୍ଯ୍ୟ ହେବ ଜିଏସ୍‌ଟିଇନ୍ ତଥ୍ୟ



**ନୂଆଦିଲ୍ଲୀ,୯-୨:** ରପ୍ତାନିକାରୀ ଏବଂ ଆମଦାନୀକାରୀଙ୍କ ଲାଗି ଫେବୃୟାରୀ ୧୫ରୁ ଜିଏସ୍‌ଟିଇନ୍ ତଥ୍ୟ ପ୍ରଦାନ କରିବା ଅନିବାର୍ଯ୍ୟ ହେବ। ସାମଗ୍ରୀ ଓ ସେବା ଟିକସ କ୍ଷେତ୍ରରେ ହେଉଥିବା ରାଜସ୍ୱ ଠକେଇକୁ ରୋକିବା ଦିଗରେ ରାଜସ୍ୱ ବିଭାଗ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଏ କ୍ଷେତ୍ରରେ ଟିକସ ଠକେଇ କରୁଥିବା ଲୋକଙ୍କୁ ଧରିବା ଲାଗି ବିଭାଗ ଏବେ କଡ଼ା ପଦକ୍ଷେପ ଗ୍ରହଣ କରିଛି। ଏଭଳି କେତେକ ମାମଲା ସାମ୍ନାକୁ ଆସିଥିବା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ(ସିବିଆଇସି) ପକ୍ଷରୁ ସୂଚନା ଦିଆଯାଇଛି। ସିବିଆଇସି ନୂଆ ନିଷ୍ପତ୍ତି ଉପରେ ଏକ ସର୍କୁଲାର ଜାରି କରିଛି। ଏଥିରେ କୁହାଯାଇଛି ଯେ, ରପ୍ତାନିକାରୀ, ଆମଦାନୀକାରୀ ଜିଏସ୍‌ଟିଏନ୍‌ରେ ପଞ୍ଜୀକରଣ କରିଥିଲେ ମଧ୍ୟ ପ୍ରବେଶ କିମ୍ବା ଶିପିଂ ବିଲ୍ କ୍ଷେତ୍ରରେ ଜିଏସ୍‌ଟିଇନ୍ ସମ୍ପର୍କରେ ଘୋଷଣା କରୁନାହାନ୍ତି। ଜିଏସ୍‌ଟିଇନ ହେଉଛି ସେହି ୧୫ ସଂଖ୍ୟା ବିଶିଷ୍ଟ ନମ୍ବର, ଯାହା ଜିଏସ୍‌ଟିରେ ପଞ୍ଜୀକରଣ କରୁଥିବା ପ୍ରତି ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥାଏ। ସୀମା ଶୁଳ୍କ ବିଭାଗକୁ ଆମଦାନୀକାରୀ ବିଲ୍ ଅଫ୍ ଏଣ୍ଟ୍ରି ଏବଂ ରପ୍ତାନିକାରୀମାନେ ଶିପିଂ ବିଲ୍ ବେଳେ ଫାଇଲିଂ କରିବାର ଆବଶ୍ୟକତା ରହିଛି।

### ଶିଳ୍ପ ସହ ଯୋଡ଼ି ହେବା ସରକାରଙ୍କ ଇଚ୍ଛା: ସୀତାରାମନ

**କଲିକତା, ୯-୨:** ଶିଳ୍ପ ଜଗତ ସହ ନିରନ୍ତର ଭିତ୍ତିରେ ଯୋଡ଼ି ହେବା ସରକାରଙ୍କ ଇଚ୍ଛା। ଏ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଉଦ୍ୟୋଗ ଏବଂ ବାଣିଜ୍ୟ ସହ ଯୋଡ଼ି ହୋଇ ସରକାର ଜଣେ ଫାସିଲିଟେଟର ବା ସୁବିଧା ଯୋଗାଣ ଭାବେ କାର୍ଯ୍ୟ କରିବେ। ଟିକସ ପ୍ରଦାନ କ୍ଷେତ୍ରରେ ଯେଭଳି କୌଣସି ଅସୁବିଧା ହେବ ନାହିଁ ତାକୁ ମଧ୍ୟ ସରକାର ଦେଖିବେ। ସେ କହିଛନ୍ତି ଯେ, ଟିକସ ପ୍ରଶାସନକୁ ଦକ୍ଷ କରିବା ଲାଗି ସରକାର ନିରନ୍ତର ଭିତ୍ତିରେ ପଦକ୍ଷେପ ନେଉଛନ୍ତି। ଫେସଲେସ୍ ଆପିଲ ଭଳି ସୁବିଧା ଲୋକଙ୍କ ଲାଗି ଆସିଛି। ଟିକସ କ୍ଷେତ୍ରରେ ବିଭିନ୍ନ ସମସ୍ୟା କେବଳ ଟେକ୍ନୋଲୋଜି ଦ୍ୱାରା ସମାଧାନ କରାଯାଇ ପାରିବ।

# ରାଜ୍ୟ ପାଇବେ ୩୫ ହଜାର କୋଟିର ଜିଏସ୍‌ଟି କ୍ଷତିପୂରଣ

**ନୂଆଦିଲ୍ଲୀ,୯-୨**

- ୨ଟି କିସ୍ତିରେ ମିଳିବ
- କ୍ଷତିପୂରଣରେ ବିଳମ୍ବ ନେଇ ରାଜ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ
- କ୍ଷତିପୂରଣ ବାବଦ ୨.୧୧ ଲକ୍ଷ କୋଟି ଦେଇଛି କେନ୍ଦ୍ର



ରାଜ୍ୟଗୁଡ଼ିକ ଶୀଘ୍ର ଆଉ ୩୫ ହଜାର କୋଟି ଟଙ୍କାର ଜିଏସ୍‌ଟି କ୍ଷତିପୂରଣ ପାଇବେ। ଜିଏସ୍‌ଟି ଲାଗୁ ହେବା ପରେ ରାଜ୍ୟ ସହୁଥିବା ରାଜସ୍ୱ କ୍ଷତିକୁ ଭରଣା କରିବା ଲାଗି କେନ୍ଦ୍ର ସରକାର ଏଭଳି ବ୍ୟବସ୍ଥା କରିଛନ୍ତି। ଜିଏସ୍‌ଟି ଆସିବା ପରେ ରାଜ୍ୟଗୁଡ଼ିକର ରାଜସ୍ୱରେ ବାର୍ଷିକ ୧୪% ବୃଦ୍ଧି ନ ହେବା କ୍ଷେତ୍ରରେ ରାଜ୍ୟଗୁଡ଼ିକ କେନ୍ଦ୍ର ସରକାର ୫ ବର୍ଷ ଲାଗି ନିଶ୍ଚିତ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। ୨୦୧୫-୧୬କୁ ଏଥି ଲାଗି ମୂଳ ବର୍ଷ ବୋଲି ଧରାଯାଇଛି। ୨୦୧୭-୧୮, ୨୦୧୮-୧୯ ଏବଂ ଚଳିତ ଆର୍ଥିକ ବର୍ଷ ପ୍ରଥମ ୪ ମାସରେ କ୍ଷତିପୂରଣ ପ୍ରଦାନ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କୌଣସି ମତ ପାର୍ଥକ୍ୟ ଦେଖା ଯାଇନାହିଁ। ଏବେ ଜିଏସ୍‌ଟି କ୍ଷତିପୂରଣ ସେସ୍‌ରୁ ସରକାର ପାଉଥିବା ରାଜସ୍ୱରେ ରାଜ୍ୟଗୁଡ଼ିକୁ ଅର୍ଥ ପ୍ରଦାନ କରିବା ପର୍ଯ୍ୟାପ୍ତ ହେଉନାହିଁ। ଗତ ବର୍ଷ ଅଗଷ୍ଟରୁ ଠିକ୍ ସମୟରେ କ୍ଷତିପୂରଣ ଅର୍ଥ ପ୍ରଦାନ କରିବାରେ କେନ୍ଦ୍ର ସରକାର ଅସୁବିଧା ସାମ୍ନା କରିବା ଯୋଗୁ ଅର୍ଥ ପ୍ରଦାନରେ ବିଳମ୍ବ ହେଉଛି। ଏହାକୁ ନେଇ ଗତ ଡିସେମ୍ବର ମାସରେ କିଛି ରାଜ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ।

ଅଗଷ୍ଟ-ସେପ୍ଟେମ୍ବର ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ୩୫,୨୯୮ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ କରିଛନ୍ତି। ୨ଟି କିସ୍ତିରେ ଶୀଘ୍ର ରାଜ୍ୟଗୁଡ଼ିକୁ ଅର୍ଥ ଯୋଗାଇ ଦିଆଯିବାର ଯୋଜନା ରହିଛି। ପ୍ରଥମ କିସ୍ତି ଅକ୍ଟୋବର-ନଭେମ୍ବର ମାସ ଲାଗି ରହିବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୨୦୧୭-୧୮ ଏବଂ ୨୦୧୮-୧୯ ଜିଏସ୍‌ଟି କ୍ଷତିପୂରଣ ବାବଦ ଆଦାୟ ହୋଇଥିବା ଅର୍ଥର ବଳକାକୁ କନସୋଲିଡେଟେଡ ଫଣ୍ଡ ଅଫ୍ ଇଣ୍ଡିଆ ବା ଏକୀକୃତ ପାଣ୍ଠିରେ ଜମା ରଖାଯାଇଛି। ଏହି ପାଣ୍ଠି ଅର୍ଥକୁ ପୁଣି ଥରେ ଜିଏସ୍‌ଟି କ୍ଷତିପୂରଣ ପାଣ୍ଠିକୁ ସ୍ଥାନାନ୍ତର କରାଯିବ ବୋଲି ଅଧିକାରୀ କହିଛନ୍ତି। ଦୁଇଟି ପର୍ଯ୍ୟାୟରେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ପ୍ରଦାନ କରିବା ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଧ୍ୟ ଘୋଷଣା କରିଥିଲେ।

ବର୍ତ୍ତମାନ ଜିଏସ୍‌ଟି ବ୍ୟବସ୍ଥାରେ ୫, ୧୨, ୧୮ ଏବଂ ୨୮% ସ୍ଲାବ୍‌ରେ ଟିକସ ଆଦାୟ କରାଯାଉଛି। ସର୍ବୋଚ୍ଚ ଟିକସ ସ୍ଲାବରେ ରହିଥିବା ଲକ୍ସ୍ୟୁରୀ ଏବଂ ଅବଗୁଣକାରୀ ସାମଗ୍ରୀ ଉପରେ ସେସ୍ ଲାଗୁ କରାଯାଉଛି। ଏହି ଅର୍ଥକୁ ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ଭାବେ ପ୍ରଦାନ କରାଯାଉଛି। ୨୦୧୭ ଜୁଲାଇ ପହିଲା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ଭାବେ ୨.୧୧ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଜୁଲାଇ ୨୦୧୭ରୁ ମାର୍ଚ୍ଚ ୨୦୧୮ ମଧ୍ୟରେ ୪୮,୭୮୫ କୋଟି, ୨୦୧୮ ଏପ୍ରିଲରୁ ୨୦୧୯ ମାର୍ଚ୍ଚ ମଧ୍ୟରେ ୮୧,୧୪୧ କୋଟି ରାଜ୍ୟଗୁଡ଼ିକ ଲାଭ କରିଛନ୍ତି। ଗତ ବର୍ଷ ଏପ୍ରିଲ-ମେ, ଜୁନ-ଜୁଲାଇ ଯଥାକ୍ରମେ ୧୭,୭୮୯ କୋଟି ଏବଂ ୨୭,୯୫୬ କୋଟି ଟଙ୍କା ରାଜ୍ୟଗୁଡ଼ିକୁ ଦିଆଯାଇଛି। ୨୦୧୯ ଅଗଷ୍ଟ-ସେପ୍ଟେମ୍ବରରେ ୩୫,୨୯୮ କୋଟି ଟଙ୍କା ଦିଆଯାଇଛି। ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ କହିଛନ୍ତି ଯେ, ୨୦୨୦-୨୧ରେ ୧୨% ରାଜସ୍ୱ ଅଭିବୃଦ୍ଧି ହାସଲ କରିବା ସମ୍ଭବ ହେବ। ଏହି ଆଧାରରେ ଜିଏସ୍‌ଟିରେ ଉନ୍ନତି ଆସିଲେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ପ୍ରଦାନ କରିବା ସୁବିଧା ହେବ। ରାଜସ୍ୱରେ ଉନ୍ନତି ଆସିଲେ ଟିକସ ହାରରେ ହ୍ରାସ ନେଇ ବିଚାର କରାଯିବ। ଅନୁପାଳନ ବଢ଼ିଲେ ଟିକସ ଢାଞ୍ଚାରେ ମଧ୍ୟ ପରିବର୍ତ୍ତନ ଆସିପାରେ। ମାସିକ ଅନ୍ତତଃ ପକ୍ଷେ ୧ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ସେ ମତ ଦେଇଛନ୍ତି।

# କମ୍ପାନୀ ଶୁଭାରମ୍ଭ ଲାଗି କମିବ ମଞ୍ଜୁରୀ ସମୟ

**ନୂଆଦିଲ୍ଲୀ,୯-୨**



ଦେଶ ମଧ୍ୟରେ କମ୍ପାନୀ ଶୁଭାରମ୍ଭ କରିବା ଲାଗି ଲାଗୁଥିବା ମଞ୍ଜୁରୀ ସମୟ କମିବ। ବ୍ୟବସାୟ ସୁଗମତା ବୃଦ୍ଧି କରିବାକୁ କେନ୍ଦ୍ର ସରକାର ୧୫ ଫେବୃୟାରୀଠାରୁ ନୂଆ ବ୍ୟବସ୍ଥା କାର୍ଯ୍ୟକାରୀ କରାଇବେ। ନୂଆ କମ୍ପାନୀ ଗଠନ ଲାଗି ସରକାର ଏକୀକୃତ ଇଲେକଟ୍ରୋନିକ ଫର୍ମ ଆଣିବେ। ଏହା ଦ୍ୱାରା କମ୍ପାନୀଙ୍କୁ ଇପିଏଫ୍‌ଓ ଏବଂ ଇଏସ୍‌ଆଇସି ପଞ୍ଜୀକରଣ ନମ୍ବର ତତ୍କାଳ ପ୍ରଦାନ କରାଯିବ। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ସ୍ପାଇସ ପ୍ଲସ ଫର୍ମ ଆରମ୍ଭ କରିବ। ଏଥିରେ ୧୦ ସେବା ଲୋକଙ୍କୁ ମିଳିବ। ଏଥିରେ ଲୋକଙ୍କୁ ଅନେକ ପ୍ରକ୍ରିୟା ଦେଇ ଯିବାକୁ ପଡ଼ିବ ନାହିଁ। ଫଳରେ ଅର୍ଥ ଏବଂ ସମୟ ବଞ୍ଚିବ। ଏହା ଦ୍ୱାରା ବାଣିଜ୍ୟ କରିବା ଧାରା ସହଜ ହେବ ବୋଲି ସରକାରଙ୍କ ପକ୍ଷରୁ ଏକ ପବ୍ଲିକ ନୋଟିସ ଦ୍ୱାରା କୁହାଯାଇଛି। ଶ୍ରମ ମନ୍ତ୍ରଣାଳୟ ରାଜସ୍ୱ ବିଭାଗ ଏବଂ ମହାରାଷ୍ଟ୍ର ସରକାର ଏହି ଫର୍ମ ଦ୍ୱାରା କେତେକ ସେବା ଯୋଗାଇ ଦେଉଛନ୍ତି। ଫେବୃୟାରୀ ୧୫ଠାରୁ ନୂଆ କମ୍ପାନୀଙ୍କ ଲାଗି ଇପିଏଫ୍‌ଓ ଏବଂ ଇଏସ୍‌ଆଇସି ପଞ୍ଜୀକରଣକୁ ବାଧ୍ୟତାମୂଳକ କରାଯାଇଛି। କମ୍ପାନୀର ନାମ ସଂରକ୍ଷଣ କିମ୍ବା ଇନକର୍ପୋରେଶନ ବାଦ ଇପିଏଫ୍‌ଓ ଏବଂ ଇଏସ୍‌ଆଇସି ପଞ୍ଜୀକରଣ ନମ୍ବର ଜାରି କରାଯିବ। ସେହିଭଳି ବାଧ୍ୟତାମୂଳକ ପାନ, ଟାନ, କମ୍ପାନୀର ବ୍ୟାଙ୍କ ଆକାଉଣ୍ଟ, ପ୍ରଫେଶନାଲ ଟାକ୍ସ ପଞ୍ଜୀକରଣ, ଡାଇରେକ୍ଟର ପରିଚୟ ପତ୍ର(ଡିନ୍),ଜିଏସ୍‌ଟି ଇନ୍ ମଧ୍ୟ ଏହି ଫର୍ମ ଦ୍ୱାରା ପ୍ରଦାନ କରାଯିବ। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ୱେବସାଇଟରେ ଏହି ଫର୍ମ ଉପଲବ୍ଧ ହେବ। ଦେଶରେ ବର୍ତ୍ତମାନ ୧୧.୫ ଲକ୍ଷ ପଞ୍ଜୀକୃତ କମ୍ପାନୀ କାର୍ଯ୍ୟ କରୁଛନ୍ତି। ପ୍ରତି ମାସରେ ହଜାର ହଜାର ସଂଖ୍ୟାରେ କମ୍ପାନୀ ଏହି ତାଲିକାରେ ଯୋଡ଼ି ହେଉଛନ୍ତି। ନିରନ୍ତର ଭିତ୍ତିରେ ଫାଇଲିଂ କରୁଥିବା ଏବଂ ନିୟାମକ ଆବଶ୍ୟକତା ପୂରଣ କରିଥିବା କମ୍ପାନୀଗୁଡ଼ିକୁ ସକ୍ରିୟ କମ୍ପାନୀ ଭାବେ ବିଚାର କରାଯାଇଥାଏ।

# ହିରୋ ଇଲେକ୍ଟ୍ରିକ୍-ଏସ୍‌ବିଆଇ ଚୁକ୍ତି

**ଭୁବନେଶ୍ୱର,୯-୨**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଏବଂ ପ୍ରମୁଖ ଇଯାନ ନିର୍ମାତା ହିରୋ ଇଲେକ୍ଟ୍ରିକ ଚୁକ୍ତିରେ ସାମିଲ ହୋଇଛନ୍ତି। ଡିଲର ନେଟୱର୍କ ଇନଭେଣ୍ଟୋରୀକୁ ଆର୍ଥିକ ସମାଧାନ ପ୍ରଦାନ ଦିଗରେ ଏହି ଚୁକ୍ତି ସହାୟକ ହୋଇ ପାରିବ। ଏହି ପଦକ୍ଷେପ ଦ୍ୱାରା ହିରୋ ଇଲେକ୍ଟ୍ରିକ ସାରା ଦେଶରେ ଏହାର ଉପସ୍ଥିତି ବଢ଼ାଇବା ସହ ଗ୍ରାହକଙ୍କୁ ସେବା ଯୋଗାଣ ଧାରା ଉନ୍ନତ କରିବାକୁ ଯୋଜନା ରଖିଛି। ଚଳିତ ବର୍ଷ କମ୍ପାନୀ ୧ ହଜାର ଡିଲରଶିପ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ଉକ୍ତ ଚୁକ୍ତି ନୂଆ ଡିଲର ଏବଂ ବର୍ତ୍ତମାନର ଡିଲରଙ୍କୁ ଅଧିକ ନିବେଶ ଦିଗରେ ସହାୟତା କରିବ। ଏହା ସହ ଦେଶ ମଧ୍ୟରେ ଇଯାନକୁ ପ୍ରୋତ୍ସାହନ ଦିଗରେ କମ୍ପାନୀ କାର୍ଯ୍ୟକ୍ରମ ଜାରି ରଖିଛି। ଇନଭେଣ୍ଟୋରୀ ଫାଇନାନ୍ସି ଦିଗରେ ଏହି ଚୁକ୍ତି ଦ୍ୱାରା ଆଗକୁ ବଢ଼ିବାରେ ସହାୟତା କରିବ ବୋଲି କମ୍ପାନୀର ସିଇଓ ସୋହିନ୍ଦର ଗିଲ୍ କହିଛନ୍ତି। ପ୍ରଦୂଷଣ ମୁକ୍ତ ଯାନକୁ ପ୍ରୋତ୍ସାହନ ଦିଗରେ ଏହି ଚୁକ୍ତି ବିଶେଷ ସହାୟକ ହେବ ବୋଲି ଏସ୍‌ବିଆଇ ଏମ୍‌ଡି ପି.କେ. ଗୁପ୍ତା କହିଛନ୍ତି।

## ସେଲ୍‌ରେ ୫% ଅଂଶଧନ ବିକ୍ରି ନେଇ ସରକାରଙ୍କ ଯୋଜନା

**ନୂଆଦିଲ୍ଲୀ,୯-୨**

ଷ୍ଟିଲ ଅଥରିଟି ଇଣ୍ଡିଆ ଲିମିଟେଡ (ସେଲ୍)ରେ ୫% ଅଂଶଧନ ବିକ୍ରି କରିବାକୁ ସରକାର ଯୋଜନା କରୁଛନ୍ତି। ଅଫର ଫର ସେଲ ଦ୍ୱାରା ଏହି ଯୋଜନାକୁ ରୂପରେଖ ପ୍ରଦାନ କରାଯିବ। ନିବେଶ ଏବଂ ଲୋକ ସମ୍ପତ୍ତି ପରିଚାଳନା ବିଭାଗ(ଦୀପମ)ର ଜଣେ ବରିଷ୍ଠ ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏଥିଲାଗି ସିଙ୍ଗାପୁର ଏବଂ ହଂକଂରେ ରୋଡ ଶୋ ଆୟୋଜନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। କରୋନା ଭାଇରସ ଲାଗି ହଂକଂ ରୋଡ ଶୋ' ଏବେ ବାତିଲ କରାଯାଇଛି। ସେଲ୍‌ରେ ସରକାରଙ୍କ ୭୫% ଅଂଶଧନ ରହିଛି। ୨୦୧୪ ଡିସେମ୍ବରରେ ଏହାର ୫% ଅଂଶଧନ ବିକ୍ରି କରାଯାଇଥିଲା।

# ଆୟକର ବିଭାଗ ଆଣିଲା ଇ-କାଲ୍‌କୁଲେଟର

**ନୂଆଦିଲ୍ଲୀ,୯-୨**



ଆୟକର ବିଭାଗ ପକ୍ଷରୁ ନୂଆ ଇ-କାଲକୁଲେଟର ସୁବିଧା ଆରମ୍ଭ କରାଯାଇଛି। ଆୟକରର ନୂଆ ଏବଂ ପୁରୁଣା ନିୟମରେ କେତେ ପରିମାଣର ଟିକସ ଦେବାକୁ ହେବ ତାର ତୁଳନା କରିବା ଲାଗି ଏଭଳି ଏକ ପଦକ୍ଷେପ ବିଭାଗ ପକ୍ଷରୁ ହାତକୁ ନିଆଯାଇଛି। ବିନା କୌଣସି ଡିଡକସନ ଏବଂ ଏକଜେମସନ ଦାବି କରି ଟିକସଦାତା ନୂଆ ଆୟକର ଆଇନ ଦ୍ୱାରା ଟିକସ ଦେବାକୁ ଚୟନ କରୁଥିଲେ କେତେ ପରିମାଣର ଟିକସ ଦେବେ ତାହା ନୂଆ ବ୍ୟବସ୍ଥା ଦ୍ୱାରା ସହଜରେ ଜାଣିପାରିବେ। କାଲକୁଲେଟରରେ ତୁଳନା ଟେବୁଲ ରହିଛି। ଏହି ସୁବିଧାକୁ ଆୟକର ବିଭାଗର ଇ-ଫାଇଲିଂ ୱେବସାଇଟରୁ ଟିକସଦାତା ଲାଭ କରିପାରିବେ।

# କରୋନା ଯୋଗୁ ପର୍ଯ୍ୟଟନ ଶିଳ୍ପର ୩,୫୦୦ କୋଟି କ୍ଷତି ଆଶଙ୍କା

**ନୂଆଦିଲ୍ଲୀ,୯-୨**



କରୋନା ଭାଇରସ ଯୋଗୁ ଦେଶର ଅନ୍ୟ କ୍ଷେତ୍ର ଉପରେ ପ୍ରଭାବ ପଡୁଥିବା ଦେଖାଯାଉଛି। ଦେଶର ପର୍ଯ୍ୟଟନ ଶିଳ୍ପ ଏହା ଦ୍ୱାରା ଗଭୀର କ୍ଷତି ସହିଥିବା କୁହାଯାଉଛି। ଏକ ଗଣମାଧ୍ୟମ ରିପୋର୍ଟ ମୁତାବକ ଭାରତୀୟ ଟୁର ଅପରେଟରଙ୍କୁ ୩,୫୦୦ କୋଟି କ୍ଷତି ହେବା ନେଇ ଆଶଙ୍କା କରାଯାଉଛି। ଏଭଳି ସ୍ଥିତି ବର୍ଷ ସାରା ଲାଗି ରହିଲେ ଟୁର ଅପରେଟରଙ୍କୁ ୧୪ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ କ୍ଷତି ସହିବାକୁ ପଡ଼ିବ ବୋଲି ଅନୁମାନ କରାଯାଉଛି। କରୋନା ଭାଇରସ ଦ୍ୱାରା ବର୍ତ୍ତମାନ ସୁଦ୍ଧା ପ୍ରାୟ ୮୦୦ ଲୋକଙ୍କର ମୃତ୍ୟୁଘଟିଛି। ୩୪ ହଜାରରୁ ଅଧିକ ଲୋକ ଏହା ଦ୍ୱାରା ସଂକ୍ରମିତ ହୋଇଛନ୍ତି। କରୋନା ଯୋଗୁ ଅନ୍ୟ ଦେଶରୁ ଆସୁଥିବା ଲୋକମାନେ ସେମାନଙ୍କ ଟିକେଟ ରଦ୍ଦ କରୁଛନ୍ତି। ଏହାର ପ୍ରଭାବ ପର୍ଯ୍ୟଟନ ଏବଂ ହୋଟେଲ ଶିଳ୍ପ ଉପରେ ପଡ଼ିଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ଶ୍ରୀରାମ ଟାୱାର ପ୍ରାଇଭେଟ୍ ଲିମିଟେଡ୍
ଦ୍ୱାରା ଆପଣଙ୍କର ଖାଲି ପଡ଼ିଥିବା ଜମି, ଛାତ, କ୍ଷେତ ପ୍ଲଟ୍‌ରେ Digital Tower ଲଗାନ୍ତୁ।
ଅଗ୍ରିମ- 50,00,000/-
+ ଭଡ଼ା- 50,000/-
+ 20 ବର୍ଷ କୋର୍ଟ ଏଗ୍ରିମେଣ୍ଟ
TOLL FREE : 1800-102-1344

TEJAS MOBILE NETWORK COMPANY
ତେଜସ୍ କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି ଓ ଛାତ ଉପରେ ଟାୱାର ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡ଼ା 25,000/- ଟଙ୍କା ପାଆନ୍ତୁ । (ବିମା+ ମେଡିକାଲ ଖର୍ଚ୍ଚ ମାଗଣା) ଆଜି ହିଁ ସଂମ୍ପର୍କ କରନ୍ତୁ
Digital Xpress,Mini Shop No-7, City Point Complex,Bangalore-530068
Call / SMS Now
9691833895

FINANCE

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲୋକଙ୍କ ଭରସା)
ଶ୍ରୀରାମ ଫାଇନାନ୍ସ
କାମ ଆମର ବିଶ୍ୱାସ ଆପଣଙ୍କର
ଲୋନ
ଲୋନ ପାଆନ୍ତୁ, ଉଜ୍ଜ୍ୱଳ ଭବିଷ୍ୟତ ବନାନ୍ତୁ
• ସମ୍ପତ୍ତି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାରକାର୍ଡ଼ ଋଣ • ବ୍ୟକ୍ତିଗତ ଋଣ • ବିପିଏଲ୍ ଋଣ
2% ସୁଧ | 50% ଛାଡ଼
ମହିଳା, ସିପାହି, କୃଷକ, ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶେଷ ରିହାତି
083074-68262

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ । Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ | ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ଖର୍ଚ୍ଚ ଋଣରୁ କଟିବ
ALL INDIA FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
094682-97482
ADDRESS: T-51, GAUTAMPURI, DELHI

ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡ଼ା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ହିନ୍ଦୁସ୍ତାନ ଟାୱାର୍
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। 9000000 ଅଗ୍ରିମ + 60000 ଭଡ଼ା + ବାଇକ୍ + 20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ ।
7838639856
8929313996

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଲ ଦେବା ପରେ ଖୁସି ମନାଉଛନ୍ତି ଓଡ଼ିଶାର ଅମିତ୍ ରୋହିଦାସ (ଡାହାଣ)।



ଭାରତ-ବେଲଜିୟମ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ ।

# ପ୍ରୋ ଲିଗ୍‌ରେ ଭାରତର ପ୍ରଥମ ପରାଜୟ

**ଭୁବନେଶ୍ୱର ୯।୨(କ୍ରୀଡ଼ା ପ୍ରତିନିଧି)**

ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତ ପ୍ରଥମ ପରାଜୟ ସ୍ୱାଦ ଚାଖିଛି। କଳିଙ୍ଗ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ମ୍ୟାଚରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳ ବିଶ୍ୱ ଚାମ୍ପିୟନ ବେଲଜିୟମଠାରୁ ୨-୩ ଗୋଲରେ ପରାସ୍ତ ହୋଇଛି। ଏଥିସହ ବିଶ୍ୱର ଏହି ନମ୍ବର ୱାନ ଦଳ ଶନିବାର ମ୍ୟାଚ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଉତ୍ତମ ପ୍ରଦର୍ଶନ ପାଇଁ ବେଲଜିୟମର ନିକୋଲାସ ଡି କେର୍ପେଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏହି ମ୍ୟାଚ ପରେ ୬ ମ୍ୟାଚରୁ ୧୪ ପଏଣ୍ଟ ସହିତ ବେଲଜିୟମ ଟେବୁଲର ଶୀର୍ଷରେ ଅପରିବର୍ତ୍ତିତ ରହିଛି। ଭାରତ ୪ ମ୍ୟାଚରୁ ୮ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରୋ ଲିଗ୍‌ରେ ଭାରତର ଏହା ପ୍ରଥମ ପରାଜୟ। ୨୦୧୯ରେ ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ଭାରତ ଅଂଶଗ୍ରହଣ କରି ନ ଥିଲା। ଶନିବାର ବେଲଜିୟମକୁ ୨-୧ ଗୋଲରେ ହରାଇଥିବା ଭାରତ ପୂର୍ବରୁ ପ୍ରଥମ ୨ଟି ମ୍ୟାଚରେ ନେଦରଲାଣ୍ଡକୁ ପରାସ୍ତ କରିଥିଲା।

ପ୍ରଥମ ମ୍ୟାଚରେ ପରାଜୟକୁ ସହଜରେ ହଜମ କରିପାରି ନ ଥିବା ବେଲଜିୟମ ଦ୍ୱିତୀୟ ମ୍ୟାଚରେ ଯୋଜନାବଦ୍ଧ ଭାବେ ଖେଳିଥିଲା। ଆକ୍ରମଣାତ୍ମକ ରଣନୀତିରେ ଦଳ ସଫଳ ହୋଇଥିଲା ଏବଂ ୩ୟ ମିନିଟରେ ଗୋଲ ଦେଇ ଭାରତ ଉପରେ ଚାପ ପକାଇଥିଲା। ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ବେଲଜିୟମକୁ ଅଗ୍ରଣୀ କରାଇଥିଲେ ଆଲେକଜାଣ୍ଡର ହେଣ୍ଡ୍ରିକ୍ସ। ଭାରତ କିନ୍ତୁ ଚାପର ବଶବର୍ତ୍ତୀ ନ ହୋଇ ଆକ୍ରମଣକୁ ଜୋର୍‌ଦାର କରିଥିଲା। ୧୫ତମ ମିନିଟରେ ବିବେକ ସାଗର ପ୍ରସାଦ ଗୋଲ ଦେବାରୁ ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ମ୍ୟାଚ ୧-୧ସ୍ଥିତିକୁ ଚାଲି ଆସିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମ୍ୟାଚ ସ୍ୱାଭାବିକ ଭାବେ ସଂଘର୍ଷ ବଢ଼ିଥିଲା। ୧୭ତମ ମିନିଟରେ ବେଲଜିୟମର ମାକ୍ସିମେ ପ୍ଲେନେଭକ୍ସ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ପୁଣି ଅଗ୍ରଣୀ କରାଇଥିଲେ। ତେବେ ଏହାର ଅଳ୍ପ କିଛି ସେକେଣ୍ଡ ପରେ ଭାରତ ଗୋଲଟିକୁ ପରିଶୋଧ କରି ଦେଇଥିଲା। ପେନାଲ୍ଟି କର୍ନର ଶଟ୍ ବେଲଜିୟମ ଗୋଲକିପର ଭାନ୍ ଡୋରେନ ଲୋଇକଙ୍କ ଦ୍ୱାରା ସଫଳତାର ସହ ଡିଫେଣ୍ଡ ହୋଇ ଫେରି ଆସୁଥିବାବେଳେ ଓଡ଼ିଆ ତାରକା ଅମିତ୍

## ଗୋଲ ସ୍କୋରର

**■ ବେଲଜିୟମ**
ଆଲେକଜାଣ୍ଡର ହେଣ୍ଡ୍ରିକ୍ସ: ୩ୟ ମିନିଟ(ପେନାଲ୍ଟି କର୍ନର)
ମାକ୍ସିମେ ପ୍ଲେନେଭକ୍ସ: ୧୭ ଓ ୨୬ତମ ମିନିଟ(ଫିଲ୍ଡ ଗୋଲ)

**■ ଭାରତ**
ବିବେକ ସାଗର ପ୍ରସାଦ: ୧୫ତମ ମିନିଟ(ଫିଲ୍ଡ ଗୋଲ)
ଅମିତ ରୋହିଦାସ: ୧୭ତମ ମିନିଟ(ପେନାଲ୍ଟି କର୍ନର)

## ହକି ପ୍ରୋ ଲିଗ୍ ପଏଣ୍ଟ ଟେବୁଲ

| ଦଳ | ଖେଳିଛି | ଜିତିଛି | ଶୁ.ବିଜୟ | ଶୁ.ପରାଜୟ | ପରାଜୟ | ପଏଣ୍ଟ |
|---|---|---|---|---|---|---|
| ବେଲଜିୟମ | ୬ | ୪ | ୧ | ୦ | ୧ | ୧୪ |
| ଭାରତ | ୪ | ୨ | ୧ | ୦ | ୧ | ୮ |
| ନେଦରଲାଣ୍ଡ୍ସ | ୪ | ୨ | ୦ | ୧ | ୧ | ୭ |
| ଅଷ୍ଟ୍ରେଲିଆ | ୪ | ୧ | ୧ | ୧ | ୧ | ୬ |
| ଜର୍ମାନୀ | ୨ | ୧ | ୧ | ୦ | ୦ | ୫ |
| ଗ୍ରେଟ ବ୍ରିଟେନ | ୪ | ୧ | ୦ | ୨ | ୧ | ୫ |
| ସ୍ପେନ | ୬ | ୧ | ୦ | ୧ | ୪ | ୪ |
| ଆର୍ଜେଣ୍ଟିନା | ୨ | ୧ | ୦ | ୦ | ୧ | ୩ |
| ନ୍ୟୁଜିଲାଣ୍ଡ | ୪ | ୦ | ୧ | ୦ | ୩ | ୨ |

## ବେଲଜିୟମଠାରୁ ୨-୩ ଗୋଲରେ ହାରିଲା

ରୋହିଦାସଙ୍କ ରିବାଉଣ୍ଡ୍ ଶଟ୍ ଭାରତୀୟ ଶିବିରରେ ଖୁସି ଆଣି ଦେଇଥିଲା। ମ୍ୟାଚ ୨-୨ ସ୍ଥିତିକୁ ଆସିଯିବାପରେ ଅଗ୍ରଣୀ ନେବାପାଇଁ ଉଭୟ ଦଳ ଉଦ୍ୟମକୁ ଜୋରଦାର କରିଥିଲେ। ସମକକ୍ଷ ପ୍ରଦର୍ଶନ କରୁଥିବାରୁ ପ୍ରତିଟି ମିନିଟ ଓ ବଲ୍‌ର ମୁଭ୍ ଉଭୟ ଦଳପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଏ ପରିସ୍ଥିତିରେ ୨୬ତମ ମିନିଟରେ ଭାରତୀୟ ଖେଳାଳିଙ୍କ ତ୍ରୁଟି ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଗୋଲପୋଷ୍ଟର ଲେଫ୍ଟ କର୍ନରରୁ ଡି ଏରିଆ ମଧ୍ୟକୁ ଦିଆ ଯାଇଥିବା ପାସ୍ ଭାରତୀୟ ଖେଳାଳିଙ୍କ ପାଖକୁ ଯିବା ପୂର୍ବରୁ ବେଲଜିୟମର ମାକ୍ସିମେ ଚତୁରତାର ସହ ଆଗକୁ ଆସି ବଲ୍‌କୁ ନିୟନ୍ତ୍ରଣକୁ ନେଇ ଯାଇଥିଲେ। ଗୋଲକିପରଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ସମ୍ମୁଖରେ ନ ଥିବାରୁ ଏହାକୁ ପୋଷ୍ଟ ମଧ୍ୟକୁ ପଠାଇବାକୁ ମାକ୍ସିମେଙ୍କ ପାଇଁ କୌଣସି ଅସୁବିଧା ହୋଇ ନ ଥିଲା। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ବେଲଜିୟମ ୩-୨ ଗୋଲରେ ଅଗ୍ରଣୀ ନେଇ ଯାଇଥିଲା।

୩୩ତମ ମିନିଟରେ ଗୋଲ ପରିଶୋଧ ପାଇଁ ଭାରତ ସୁଯୋଗ ପାଇଥିଲେ ହେଁ ପେନାଲ୍ଟି କର୍ନର ମିସ୍ ହୋଇଥିଲା। ୪୫ତମ ମିନିଟରେ ମଧ୍ୟ ଫଳ ସମାନ ହୋଇଥିଲା। ୫୦ତମ ମିନିଟରେ ବେଲଜିୟମ ଗୋଲପୋଷ୍ଟ ଫାଙ୍କା ଥିବାବେଳେ ଗୁରଜାନ୍ତ ସିଂ ବଲ୍ ପାଇଥିଲେ ହେଁ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଥିଲେ। ଶେଷ ୧୦ ମିନିଟରେ ଭାରତ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ବେଲଜିୟମ ଖେଳାଳିମାନେ ତାହା ହେବାକୁ ଦେଇ ନ ଥିଲେ। ଅର୍ଥାତ୍ ଦ୍ୱିତୀୟାର୍ଦ୍ଧରେ କୌଣସି ଗୋଲ ହୋଇ ନ ପାରିବାରୁ ବେଲଜିୟମ କଳିଙ୍ଗ ଷ୍ଟାଡିୟମରେ ପୁଣି ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଏଠାରେ ୨୦୧୮ରେ ରେଡ୍ ଲାୟନ୍ସ ବିଶ୍ୱ ଚାମ୍ପିୟନ ହୋଇଥିଲା।

## କଳିଙ୍ଗ କର୍ନର

### ପାଗ ବଦଳିଲା, ମ୍ୟାଚର ମଜାନେଲେ ଦର୍ଶକ

ଭୁବନେଶ୍ୱର, ୯।୨(କ୍ରୀଡ଼ା ପ୍ରତିନିଧି): ଚଳିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ରେ ଶନିବାର ଭାରତ-ବେଲଜିୟମ ପ୍ରଥମ ମ୍ୟାଚ ଅବସରରେ ବର୍ଷା ଓ କୋହଲା ପାଗ ଯୋଗୁ ଅଳ୍ପ ଦର୍ଶକ ବର୍ଷାରେ ଭିଜି ମ୍ୟାଚ ଉପଭୋଗ କରିଥିଲେ। ମାତ୍ର ରବିବାର ଦ୍ୱିତୀୟ ମ୍ୟାଚ ବେଳକୁ ପାଗ ବଦଳି ଯାଇଥିଲା। ଉତ୍ତମ ପରିବେଶରେ ମ୍ୟାଚ ଦେଖିବା ପାଇଁ ହକିପ୍ରେମୀମାନେ ଷ୍ଟାଡିୟମରେ ଉପସ୍ଥିତ ରହି ପ୍ରିୟ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏକାଧିକ ସ୍କୁଲ ପିଲାଙ୍କ ପାଇଁ ମଧ୍ୟ ମ୍ୟାଚ ଦେଖିବାର ବ୍ୟବସ୍ଥା କରାଯାଇଥିଲା। ଫଳରେ ଷ୍ଟାଡିୟମ ଦର୍ଶକରେ ପାଖାପାଖି ଭରି ଯାଇଥିଲା।

### ଓଲି ସହିତ ସେଲ୍‌ଫି

ପ୍ରତି ମ୍ୟାଚ ଭଳି ରବିବାର ମ୍ୟାଚ ଅବସରରେ ମଧ୍ୟ ମାସ୍କଟ ଓଲି ଦର୍ଶକଙ୍କ ଆକର୍ଷଣରେ ରହିଥିଲା। ପ୍ରଥମାର୍ଦ୍ଧରେ ଓଲି ଷ୍ଟାଡିୟମ ପଡ଼ିଆର ଚତୁର୍ଦ୍ଦିଗ ପରିକ୍ରମା କରି ଦର୍ଶକଙ୍କୁ ଉତ୍ସାହିତ କରିଥିବାବେଳେ ମ୍ୟାଚ ସରିବାପରେ ଗ୍ୟାଲେରୀକୁ ଆସି ଦର୍ଶକଙ୍କ ଗହଣରେ ସମୟ ବିତାଇଥିଲା। ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ କଳିଙ୍ଗ ଦର୍ଶକ ଭୁଲି ନ ଥିଲେ। ଅନେକ ଦର୍ଶକ ଓଲି ସହିତ ସେଲ୍‌ଫି ନେଇ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।


ଭାରତ ପରାଜୟରେ ମର୍ମାହତ ଜଣେ କୁନି ସମର୍ଥକ।

## ହକି ଖେଳ ଦେଖିଲେ ଶ୍ରବଣବାଧିତ ଛାତ୍ରୀଛାତ୍ର

**ଭୁବନେଶ୍ୱର,୯।୨(ବ୍ୟୁରୋ)**

ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଉଦ୍ୟମକ୍ରମେ ଶ୍ରବଣବାଧିତ ବିଦ୍ୟାଳୟର ଛାତ୍ରୀଛାତ୍ର ହକିଖେଳ ଦେଖିବାକୁ ସୁଯୋଗ ପାଇଛନ୍ତି। ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍-୨୦୨୦କୁ ଶନିବାର ନିମାପଡାର ଶ୍ରବଣବାଧିତ ପତିତପାବନ ସେବା ସଂଘ ଏବଂ ରବିବାର ରାଜଧାନୀର ସତ୍ୟଭାମା ଦେବୀ ଉଚ୍ଚ ମାଧ୍ୟମିକ ଶ୍ରବଣବାଧିତ ବିଦ୍ୟାଳୟର ଛାତ୍ରୀଛାତ୍ର ଉପଭୋଗ କରିଥିଲେ। ଉଭୟ ଶିକ୍ଷାନୁଷ୍ଠାନର ୯୦ ଲେଖାଏ ପିଲାଙ୍କ ପାଇଁ ଏସକର୍ଟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।



## 'ଅନେକ ଶିଖିବାର ଅଛି'

ଏଫଆଇଏଚ୍ ହକି ପ୍ରୋ ଲିଗ୍‌ରେ ରବିବାର ବେଲଜିୟମଠାରୁ ୨-୩ ଗୋଲରେ ପରାଜୟରେ ଦୁଃଖିତ ହୋଇଛନ୍ତି ଅଧିନାୟକ ମନପ୍ରୀତ ସିଂ। ଆମେ ଗୋଲ ଦେବାପାଇଁ ଅନେକ ସୁଯୋଗ ପାଇଥିଲୁ। ମାତ୍ର ତା'ର ସଦୁପଯୋଗ କରିପାରି ନ ଥିଲୁ। ବେଲଜିୟମ ବିପକ୍ଷ ୨ଟି ମ୍ୟାଚରୁ ଆମକୁ ଅନେକ କିଛି ଶିଖିବାକୁ ମିଳିଛି। ତେବେ ମୁଁ ମୋ ଦଳକୁ ନେଇ ଗର୍ବିତ। ପ୍ରଥମ ମ୍ୟାଚରେ ଆମେ ସ୍ପିଡ୍ ହକିର ନମୁନା ଦେଖାଇ ଆରମ୍ଭରୁ ହିଁ ଆକ୍ରମଣାତ୍ମକ ଖେଳିଥିଲୁ ଏବଂ ଗୋଲ ଦେବାରେ ସକ୍ଷମ ହୋଇଥିଲୁ। କାଉଣ୍ଟର ଆକ୍ରମଣ ମଧ୍ୟ ଆମର ଭଲ ରହିଥିଲା। ତାହାକୁ ଗୋଲରେ ପରିଣତ କରିବା ଆବଶ୍ୟକ ରହିଛି। ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ପୂର୍ବରୁ ଆମେ ଟ୍ରେନିଂ ସେସନରେ ତ୍ରୁଟି ସୁଧାରିବୁ'' ବୋଲି ମନପ୍ରୀତ କହିଛନ୍ତି। ଚଳିତ ପ୍ରୋ ଲିଗ୍‌ରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଚଳିତମାସ ୨୧ ଓ ୨୨ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ।

# ଓଡ଼ିଶା ମହିଳା ଫୁଟବଲ ଦଳ ଚାମ୍ପିୟନ

## ନ୍ୟାଶନାଲ ମାଷ୍ଟର୍ସ ଗେମ୍ସ



ଚାମ୍ପିୟନ ଓଡ଼ିଶା ଦଳ ଅତିଥିଙ୍କ ସହ ।

**ଭୁବନେଶ୍ୱର, ୯।୨(କ୍ରୀଡ଼ା ପ୍ରତିନିଧି)**

ନିଜ ନେତୃତ୍ୱରେ ରାଜ୍ୟରେ ମହିଳା ଫୁଟବଲର ମୂଳଦୁଆ ପକାଇଥିବା ଗୀତାଞ୍ଜଳି ସାମନ୍ତରାୟ ଏବେ ପୁଣିଥରେ ଯାଦୁ ଦେଖାଇଛନ୍ତି। ତାଙ୍କ ଅଧିନାୟକତ୍ୱରେ ଓଡ଼ିଶା ମହିଳା ଭେଟେରାନ ଫୁଟବଲ ଦଳ ଗୁଜରାଟର ବରୋଦାରେ ଅନୁଷ୍ଠିତ ନ୍ୟାଶନାଲ ମାଷ୍ଟର୍ସ ଗେମ୍ସରେ ଚାମ୍ପିୟନ ହୋଇଛି। ୧୯୯୨ରେ ଗୀତାଞ୍ଜଳିଙ୍କ ନେତୃତ୍ୱରେ ଓଡ଼ିଶା ମହିଳା ଫୁଟବଲ ଦଳ ରାଜ୍ୟ ବାହାରେ ପ୍ରଥମଥର ପାଇଁ ଆସାମରେ ଫୁଟବଲ ଖେଳିଥିଲା। ସେତେବେଳେ ଅନଭିଜ୍ଞ ଓଡ଼ିଶା ଦଳ ବହୁ ଗୋଲ ବ୍ୟବଧାନରେ ପରାଜିତ ହୋଇଥିଲେ ହେଁ ମିଳିଥିବା ଅଭିଜ୍ଞତା ପରେ କାମ ଦେଇଥିଲା। ଗୀତାଞ୍ଜଳିଙ୍କ ନେତୃତ୍ୱରେ ଦଳ ରାଜ୍ୟ ପାଇଁ ଅନେକ ଗୌରବ ଆଣିଥିଲା। ସମ୍ପ୍ରତି ନାଲ୍‌କୋରେ କାର୍ଯ୍ୟରତ ଗୀତାଞ୍ଜଳି ଖେଳ ଛାଡ଼ିବା ପରେ ମଧ୍ୟ ଫୁଟବଲରୁ ସମ୍ପୂର୍ଣ୍ଣ ଦୂରେଇ ଯାଇ ନ ଥିଲେ। ଫଳ ସ୍ୱରୂପ ଦୀର୍ଘ ୧୫-୧୬ ବର୍ଷ ପରେ ମଧ୍ୟ ପୁଣିଥରେ ଏକ ରାଜ୍ୟ ଦଳର ନେତୃତ୍ୱ ନେଇ ସେ ସଫଳତାର ସ୍ୱାଦ ଚାଖିଛନ୍ତି। ଗୀତାଞ୍ଜଳିଙ୍କ ଦଳରେ ସରିତା ମିଶ୍ର, ଦୀପ୍ତି ମିଶ୍ର, କଳ୍ପନା ବେହେରା, ପ୍ରଥମା ପ୍ରିୟଦର୍ଶିନୀ, ଡେଜି ମହାନ୍ତି, ଗୀତାଞ୍ଜଳି, ମମତାଜ ବେଗମ, ସମସାଦ ବେଗମ, ଅରୁଣା ଘିବିଲା ଓ ଅନୁପମା ଘିବିଲା ପ୍ରମୁଖ ସ୍ଥାନ ପାଇଥିଲେ।

# ରାଜ୍ୟସ୍ତରୀୟ ଦିବାରାତ୍ର କବାଡ଼ି ଉଦ୍‌ଘାଟିତ

**ଯାଜପୁର ଟାଉନ,୯।୨(ଡିଏନ୍ଏ)**

ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ ପକ୍ଷରୁ ୨ ଦିନିଆ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ବିରଜା ୟୁଥ୍ କ୍ଲବ ଆନୁକୂଲ୍ୟରେ ଯାଜପୁର ବାଳାଶ୍ରମ ପଡିଆଠାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ ଯୋଗଦେଇ ଏହି ଖେଳକୁ ଉଦ୍‌ଘାଟନ କରିଥିବାବେଳେ ବିଧାୟକ ପ୍ରଣବ ପ୍ରକାଶ ଦାସ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଯାଜପୁର ପୌରପରିଷଦର ପୂର୍ବତନ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଓଡ଼ିଶା କବାଡି ଆସୋସିଏଶନ୍ ରେଫରୀ ବୋର୍ଡର ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ୬ଟି ଟିମ୍ ଭାଗ ନେଇଥିବାବେଳେ ମହିଳା ଓ ପୁରୁଷ ବିଭାଗରେ ୮ଟି ଟିମ୍ ଭାଗ ନେଇଛନ୍ତି। ସମୁଦାୟ ୧୮ଟି ଲିଗ୍ ଓ ନକ୍‌ଆଉଟ୍ ସିଷ୍ଟମ୍‌ରେ ଖେଳ ହେବ। ଉଦ୍‌ଘାଟନୀ ମ୍ୟାଚ ମହିଳା ବିଭାଗ ପକ୍ଷରୁ ମା' ବିରଜା ୟୁଥ କ୍ଲବ୍ (ଯାଜପୁର) ସହ କିଶୋର କ୍ଲବ (ଭୁବନେଶ୍ୱର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ କିଶୋର କ୍ଲବ ବିଜୟ ଲାଭ କରିଥିଲା। ସେହିପରି ପୁରୁଷ ବିଭାଗ ପକ୍ଷରୁ ସାଇ (ଢେଙ୍କାନାଳ) ସହ ଆସିକା କବାଡି କ୍ଲବ (ଗଞ୍ଜାମ) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ଢେଙ୍କାନାଳ ବିଜୟ ଲାଭ କରିଥିଲା। ଏହି ଟୁର୍ନାମେଣ୍ଟକୁ ଓଡ଼ିଶା କବାଡି ଆସୋସିଏଶନ୍‌ର ରେଫରି ବୋର୍ଡ ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନଙ୍କ ନେତୃତ୍ୱରେ ୧୭ଜଣ ରେଫରି ଖେଳ ପରିଚାଳନା କରୁଛନ୍ତି। ଟୁର୍ନାମେଣ୍ଟକୁ ବିରଜା ୟୁଥ କ୍ଲବର ସାଙ୍ଗଠନିକ ସମ୍ପାଦକ ବିନେଶ କୁମାର ଗୌଡ଼ା, କୃଷ୍ଣକାନ୍ତ ପଣ୍ଡା, ଅନାଦି ସାହୁ, ସୁରେଶ ସାହୁ, ସୁଭାଙ୍ଗୀ ରାୟ, ଶିବାନୀ ସିଂ, ମନସ୍ୱିନୀ ସାହୁ, ପ୍ରକାଶ କୁମାର ଲାଲାଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ। ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ ଦିବରାତ୍ର କବାଡି ଟୁର୍ନାମେଣ୍ଟ ୨ଦିନ ଧରି ଅନୁଷ୍ଠିତ ହେଉଥିବାବେଳେ ସୋମବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।


ଖେଳାଳିଙ୍କ ଗହଣରେ ବିଧାୟକ ପ୍ରଣବ ପ୍ରକାଶ ଦାସ।

“ ମୋ ଘୋଡ଼ାର ନାମ ‘ଆଜାଦ କଶ୍ମୀର’ ରହିବା କାହାରି କଥାରେ ନାମ ପରିବର୍ତ୍ତନ କରିବା ପ୍ରଶ୍ନ ଉଠୁନାହିଁ।
**–ଉସ୍‌ମାନ ଖାନ୍, ପାକିସ୍ତାନୀ ଅଶ୍ୱଚାଳକ**



“ ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆରେ ଟିମ୍ ସୌଦିଙ୍କ ନିକଟରେ ଦୃଷ୍ଟାନ୍ତମୂଳକ ଲିଡରଶିପ୍ କ୍ୱାଲିଟି ଦେଖିବାକୁ ମିଳିଥିଲା।
**–ହାମିଶ ବେନେଟ୍, ନ୍ୟୁଜିଲାଣ୍ଡ ପେସ୍ ବୋଲର**



## ସଂକ୍ଷେପରେ

### ଫାଇନାଲରେ ଭାରତ-ଅଷ୍ଟ୍ରେଲିଆ

ମେଲବୋର୍ନ,୯।୨: ଚଳିତ ତ୍ରିରାଷ୍ଟ୍ରୀୟ ସିରିଜ୍‌ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୬ ରନ୍‌ରେ ଇଂଲଣ୍ଡକୁ ହରାଇ ଦେଇଛି। ଫଳରେ ଭାରତ ଫାଇନାଲରେ ପ୍ରବେଶ କରିଛି। ଟିମ୍ ଇଣ୍ଡିଆ ୪ ମ୍ୟାଚ୍‌ରୁ ୨ ଜିତିଥିବାବେଳେ ସମାନ ସଂଖ୍ୟକ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା। ସିରିଜର ଫାଇନାଲ ମ୍ୟାଚ୍ ୧୨ ତାରିଖରେ ଜଙ୍କଶନ ଓଭାଲଠାରେ ଖେଳାଯିବ। ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୧୩୨ ରନ୍ କରିଥିଲା। ଦଳ ପାଇଁ ବେଥ ମୁନି ୫୦ ଓ ରାଚେଲ ହାଇନେସ ୨୪ ରନ୍ କରିଥିଲେ। ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ସୋଫି ଇକଲେଷ୍ଟୋନ ଓ ସାରା ଗ୍ଲେନ ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଇଂଲଣ୍ଡ ଶେଷ ପର୍ଯ୍ୟନ୍ତ ଖେଳି ୭ ଉଇକେଟ ହରାଇ ୧୧୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ସୋଫି ମଲିନେକ୍ସ ୩ ଉଇକେଟ ହାତେଇଥିଲେ।

### ନେପାଳ ବ୍ୟାଟ୍ସମ୍ୟାନଙ୍କ ବିଶ୍ୱ ରେକର୍ଡ

କାଠମାଣ୍ଡୁ,୯।୨: ନେପାଳର ଯୁବ ବ୍ୟାଟ୍ସମ୍ୟାନ କୁଶାଳ ମଲ୍ଲା ସ୍ୱତନ୍ତ୍ର ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବକନିଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଶନିବାର ଆମେରିକା ବିପକ୍ଷରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ କୁଶାଳ ପଦାର୍ପଣ କରିଛନ୍ତି। ସେ ୧୫ ବର୍ଷ ଓ ୩୪୦ ଦିନ ବୟସରେ ପ୍ରଥମ ଅନ୍ତର୍ଜାତୀୟ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ୫୧ ବଲର ସମ୍ମୁଖୀନ ହୋଇ ୫୦ ରନ୍ କରିଥିଲେ। ତାଙ୍କ ଇନିଂସ ଯୋଗୁ ନେପାଳ ୩୫ ରନ୍‌ରେ ୟୁଏସ୍‌ଏକୁ ହରାଇ ଦେଇଛି। ଏଥିପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବକନିଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଅର୍ଦ୍ଧଶତକ ହାସଲ କରିବାର ରେକର୍ଡ ନେପାଳର ରୋହିତ ପଉଡେଲଙ୍କ ନାମରେ ଥିଲା। ସେ ୧୬ ବର୍ଷ ୧୪୬ ଦିନରେ ୨୦୧୯ରେ ୫୫ ରନ୍‌ର ଇନିଂସ ଖେଳିଥିଲେ।

# ବାଂଲାଦେଶକୁ ପ୍ରଥମ ଟାଇଟଲ

## ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍

**ପୋଚେଫ୍‌ଷ୍ଟ୍ରୁମ୍,୯।୨(ପି.ଟି.)**

ଅଣ୍ଡରଡଗ୍ କୁହାଯାଉଥିବା ବାଂଲାଦେଶ ଏଥର ୧୯ ବର୍ଷରୁ କମ୍ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍ ଟାଇଟଲ ହାସଲ କରିଛି। ସ୍ଥାନୀୟ ସେନୱେଜ ପାର୍କ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଫାଇନାଲ ମ୍ୟାଚ୍‌ରେ ବାଂଲାଦେଶ ଡକ୍‌ୱର୍ଥ ଲୁଇସ୍ ନିୟମରେ ଗତଥରର ଚାମ୍ପିୟନ ଭାରତକୁ ୨୩ଟି ବଲ୍ ବାକି ରଖି ୩ ଉଇକେଟରେ ବିଜୟୀ ହୋଇଛି। ଏଥିସହିତ ପ୍ରଥମଥର ପାଇଁ ବାଂଲାଦେଶ ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଟସ୍ ଜିତି ବାଂଲାଦେଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି

**ଯଶସ୍ୱୀ ଜୈସ୍ୱାଲ ପ୍ଲେୟାର ଅଫ୍ ଦ ସିରିଜ**

ଭାରତ ୪୭.୨ ଓଭରରେ ୧୭୭ ରନକରି ଅଲଆଉଟ ହୋଇଥିଲା। ମ୍ୟାଚ୍‌ର ଶେଷ ଆଡକୁ ବର୍ଷା ହେବା କାରଣରୁ ବାଂଲାଦେଶ ସମ୍ମୁଖରେ ଡକ୍‌ୱର୍ଥ ଲୁଇସ୍ ନିୟମରେ ୪୬ ଓଭରରେ ପରିବର୍ତ୍ତିତ ୧୭୦ ରନର ଟାର୍ଗେଟ ଧାର୍ଯ୍ୟ କରାଯାଇଥିଲା। ବାଂଲାଦେଶ ଏହାକୁ ୪୨.୧ ଓଭରରେ ହାସଲ କରିନେଇ ଥିଲା।

୧୭୮ ରନ ବିଜୟ ଲକ୍ଷ୍ୟର ପିଛା କରି ବାଂଲାଦେଶ ଭଲ ଆରମ୍ଭ କରିଥିଲା। ପ୍ରଥମ ଉଇକେଟରେ ଦୁଇ ଓପନର ପରଭେଜ ହୋସେନ ଇମୋନ ଓ ତାନ୍‌ଜିଦ୍ ହାସନ ୫୦ ରନ ସଂଗ୍ରହ କରିଥିଲେ। ତେବେ ତାନଜିଦ ୧୭ ରନ କରି ଲେଗ୍ ସ୍ପିନର ରବି ବିଷ୍ଣୋଇଙ୍କ ଦ୍ୱାର ଆଉଟ ହୋଇଥିଲେ। ଏହାପରେ ବିଷ୍ଣୋଇଙ୍କୁ ସମ୍ମୁଖୀନ ହୋଇ ନ ପାରି ବାଂଲାଦେଶ କେତୋଟି ଉଇକେଟ ହରାଇଥିଲା। ଇମୋନ ୪୭ ରନକରି ଆଉଟ ହୋଇଥିବା ବେଳେ ଅଧିନାୟକ ଆକବର ଅଲି ଧୈର୍ଯ୍ୟର ସହ ବ୍ୟାଟିଂ କରି ୪୩ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ବିଷ୍ଣୋଇ ସର୍ବାଧିକ ୪, ସୁଶାନ୍ତ ମିଶ୍ରା ୨ ଓ ଜୈସ୍ୱାଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ବାଂଲାଦେଶ ଅଧିନାୟକ ଆକବର ଅଲି ସୁଇପ୍ ଶଟ୍ ଖେଳୁଛନ୍ତି।

### ଜୈସ୍ୱାଲଙ୍କ କ୍ରମାଗତ ଚତୁର୍ଥ ଅର୍ଦ୍ଧଶତକ

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ବାଂଲାଦେଶ ବୋଲରଙ୍କ ସମ୍ମୁଖୀନ ହୋଇପାରି ନ ଥିଲା ଓ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଆରମ୍ଭରୁ ଭାରତ ଝଟ୍‌କା ଖାଇଥିଲା। ଓପନର ଦିବ୍ୟାଂଶ ସାକସେନା ମାତ୍ର ୨ ରନ କରି ଆଉଟ ହେବା ପରେ ଭାରତ ବେଶ୍ ମନ୍ଥର ବ୍ୟାଟିଂ କରିଥିଲା। ପ୍ରଥମ ୧୦ ଓଭରରେ ମାତ୍ର ୨୩ ରନ ସଂଗ୍ରହ କରିଥିଲେ ଭାରତୀୟ ବ୍ୟାଟ୍ସମ୍ୟାନ। ପୁଣି ଥରେ ଓପନର ଯଶସ୍ୱୀ ଜୈସ୍ୱାଲ ନିଜର ଚମ୍‌କ ଦେଖାଇଥିଲେ। ସେ ୧୨୧ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୧ ଛକା ସହ ସର୍ବାଧିକ ୮୮ ରନ କରି ଆଉଟ ହୋଇ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଜୈସ୍ୱାଲ କ୍ରମାଗତ ଚତୁର୍ଥ ଥର ପାଇଁ ୫୦ରୁ ଅଧିକ ସ୍କୋର ଅର୍ଜନ କରି ଏକ ବିରଳ ସଫଳତା ହାସଲ କରିଛନ୍ତି। ସେ ଟୁର୍ନାମେଣ୍ଟରେ ସର୍ବାଧିକ ୪୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ସେ ଗତ ୬ଟି ମ୍ୟାଚ୍‌ରେ ଯଥାକ୍ରମେ ୫୯, ଅପରାଜିତ ୨୯, ଅପରାଜିତ ୫୭, ୬୨, ଅପରାଜିତ ୧୦୫ ଓ ୮୮ ରନ ସଂଗ୍ରହ କରିଛନ୍ତି। କ୍ରମାଗତ ଚତୁର୍ଥ ଅର୍ଦ୍ଧଶତକ ହାସଲ କରିବାରେ ପୂର୍ବରୁ ସର୍ଫରାଜ ଖାନ୍, ବ୍ରିଟ ୱିଲିୟମ୍ସ ସଫଳ ହୋଇଥିଲେ। ବିଶ୍ୱକପ୍‌ରେ ଜୈସ୍ୱାଲ ତୃତୀୟ ବ୍ୟାଟ୍ସମ୍ୟାନ ଭାବେ ୫ଟି ଅର୍ଦ୍ଧଶତକ ହାସଲ କରି ରେକର୍ଡ କରିଛନ୍ତି। ଦ୍ୱିତୀୟ ଉଇକେଟ ଜୈସ୍ୱାଲ ଓ ତିଲକ ବର୍ମା ୯୩ ରନ କରି ସ୍ଥିତି ସମ୍ଭାଳିବା ସହ ସ୍କୋରକୁ ଆଗକୁ ବଢାଇଥିଲେ। ବର୍ମା ୬୫ଟି ବଲ୍ ଖେଳି ୩ ଚୌକା ସହ ୩୮ ରନ କରି ଆଉଟ ହୋଇଥିଲେ। ଦଳର ସ୍କୋର ୧୫୬ ଥିବା ବେଳେ ଜୈସ୍ୱାଲ ଆଉଟ ହୋଇଥିଲେ। ସେ ମିଡ୍ ଉଇକେଟରେ ତାନଜିଦ୍ ହାସନଙ୍କୁ ଛୋଟିଆ କ୍ୟାଚ୍ ଦେଇ ସୋରିଫୁଲ ଇସ୍‌ଲାମଙ୍କ ଶିକାର ହୋଇଥିଲେ। ଏହାପରେ ଭାରତର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା। ଏକଦା ୩ ଉଇକେଟ ହରାଇ ଭାରତ ୧୫୬ ରନ ସଂଗ୍ରହ କରିଥିଲା। ତେବେ ମାତ୍ର ୨୧ ରନରେ ଭାରତ ତା'ର ଅନ୍ତିମ ୭ ଉଇକେଟ ହରାଇଥିଲା। ଉଇକେଟକିପର ବ୍ୟାଟ୍ସମ୍ୟାନ ଧ୍ରୁବ ଜୁରେଲ ୨୨ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଦଳର ୮ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଏହି କ୍ରମରେ ପ୍ରିୟମ ଗର୍ଗ ୭, ଅଥର୍ବ ଆଙ୍କୋଲେକର ୩, ରବି ବିଷ୍ଣୋଇ ୨, ସୁଶାନ୍ତ ମିଶ୍ର ୩ ରନ କରି ଆଉଟ ହୋଇଥିବା ବେଳେ ସିଦ୍ଧେଶ ବୀର ଓ କାର୍ତ୍ତିକ ତ୍ୟାଗୀ ଖାତା ଖୋଲିପାରି ନ ଥିଲେ। ଆକାଶ ସିଂ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ଦ୍ରୁତ ବୋଲର ଅଭିଷେକ ଦାସ ସର୍ବାଧିକ ୩, ସୋରିଫୁଲ ଓ ତାନ୍‌ଜିଦ ହାସନ ସାକିବ ୨ଟି ଲେଖାଏ, ରାକିବୁଲ ହାସନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ସାରା ଟୁର୍ନାମେଣ୍ଟରେ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ଭାରତୀୟ ଓପନର ଯଶସ୍ୱୀ ଜୈସ୍ୱାଲ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ସେହିପରି ବାଂଲାଦେଶ ଅଧିନାୟକ ଆକବର ଅଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଛନ୍ତି।

### ସଂକ୍ଷିପ୍ତ ସ୍କୋର

**ଭାରତ ୪୭.୨ ଓଭରରେ ୧୭୭ ଅଲଆଉଟ** (ଜୈସ୍ୱାଲ– ୮୮, ତିଲକ ବର୍ମା– ୩୮, ଜୁରେଲ– ୨୨, ଅଭିଷେକ– ୩/ ୪୦, ସୋରିଫୁଲ– ୨/ ୩୧, ତାନ୍‌ଜିମ– ୨/୨୮)। **ବାଂଲାଦେଶ ୪୨.୧ ଓଭରରେ ୧୭୦/୭**
ଆକବର– ୪୩*, ପରଭେଜ– ୪୭, ତାନଜିଦ୍– ୧୭, ବିଷ୍ଣୋଇ– ୪/୩୦, ସୁଶାନ୍ତ– ୨/୨୫, ଜୈସୁଆଲ– ୧/୧୫

# ଚ୍ୟାରିଟି ମ୍ୟାଚରେ ପଣ୍ଟିଂ ଏକାଦଶ ବିଜୟୀ

**ମେଲବୋର୍ନ,୯।୨**

କ୍ରିକେଟର ବହୁ କିମ୍ବଦନ୍ତୀ ପୂର୍ବତନ ଖେଳାଳି ଏକାଠି ହୋଇଥିଲେ। ରବିବାର ଜଙ୍କଶନ ଓଭାଲରେ ଅନୁଷ୍ଠିତ ବୁଶଫାୟାର ଚ୍ୟାରିଟି ମ୍ୟାଚ୍‌ରେ ପଣ୍ଟିଂ ଏକାଦଶ ୧ ରନ୍‌ରେ ଗିଲକ୍ରିଷ୍ଟ ଏକାଦଶକୁ ହରାଇ ଦେଇଛି। କ୍ୟାରିୟରରେ ପ୍ରାୟତଃ ବୋଲିଂ କରି ନ ଥିବା ମାଥ୍ୟୁ ହେଡେନ ଖାଲି ପାଦରେ ବୋଲିଂ କରିବା ଉଲ୍ଲେଖନୀୟ ଘଟଣା ଥିଲା। ମ୍ୟାଚ୍‌ରୁ ଆୟ ୭୭ ନିୟୁତ ଅଷ୍ଟ୍ରେଲିଆନ ଡଲାର ଜଙ୍ଗଲରେ ନିଆଁ କ୍ଷୟକ୍ଷତି ପୂରଣ ପାଇଁ ରେଡକ୍ରସ ପାଣ୍ଠିକୁ ପ୍ରଦାନ କରାଯାଇଛି।
୧୦ ଓଭରିଆ ମ୍ୟାଚ୍‌ରେ ୧୦୫ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ଗିଲକ୍ରିଷ୍ଟ ଏକାଦଶ ପାଇଁ ଶେନ ୱାଟଶନ(୩୦) ଓ ଆଡାମ ଗିଲକ୍ରିଷ୍ଟ ୩ ଓଭରରେ ୪୯ ରନ୍ କରିଥିଲେ। ଚତୁର୍ଥ ଓଭରରେ ଲୁକ ହଜ ପ୍ରତିପକ୍ଷ ଦଳର ଅଧିନାୟକ ଗିଲଖ୍ରୀଷ୍ଟ (୧୭)ଙ୍କୁ ଆଉଟ୍ କରିଥିଲେ। ଫଳରେ ଯୁବରାଜ ସିଂ ଗ୍ରାଉଣ୍ଡକୁ ଓହ୍ଲାଇଥିଲେ। କିଛି ସମୟରେ ବ୍ରେଟ ଲି ପ୍ରତିପକ୍ଷ ବ୍ୟାଟ୍ସମ୍ୟାନ ବ୍ରାଡ ହଜ (୦) ଓ ଯୁବରାଜ (୨)ଙ୍କୁ ଆଉଟ୍ କରି ପ୍ୟାଭିଲିୟନ ପଠାଇଥିଲେ। ଏହାପରେ ଆଣ୍ଡ୍ର୍ୟୁ ସାଇମଣ୍ଡ୍ସ ୨୯ ରନ୍‌ର ଚିତ୍ତାକର୍ଷକ ଇନିଂସ ଖେଳି ପିଚ୍ ଛାଡ଼ିଥିଲେ। କିନ୍ତୁ ପରେ କାମେରନ ସ୍ମିଥ (୫) ଓ ନିକ ରିଓ୍ୱଲଟ (୯)ଙ୍କ ଯୋଗଦାନ ସତ୍ତ୍ୱେ ଦଳ ବିଜୟଲକ୍ଷ୍ୟଠାରୁ ଦୁଇ ରନ୍ ପଛରେ ପଡ଼ିଯାଇଥିଲା। ଗିଲଖ୍ରୀଷ୍ଟ ଏକାଦଶ ୧୦ଓଭରରେ ୬ ଉଇକେଟ ହରାଇ ୧୦୩ ରନ୍ କରିଥିଲା। ଏଥିପୂର୍ବରୁ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ପଣ୍ଟିଂ ଏକାଦଶ ଆରମ୍ଭରୁ ଜଷ୍ଟିନ ଲାଙ୍ଗର (୬)ଙ୍କ ଉଇକେଟ ହରାଇଥିଲା। ପରେ ମାଥ୍ୟୁ ହେଡେନ ଓ ରିକି ପଣ୍ଟିଂ ଦ୍ୱିତୀୟ ଉଇକେଟ ପାଇଁ ୨୯ ରନ୍ ଯୋଡ଼ିଥିଲେ। ହେଡେନ (୧୬)ଙ୍କୁ ୫ମ ଓଭରରେ ଆଉଟ୍ କରି ଭାରତୀୟ ଅଲରାଉଣ୍ଡର ଯୁବରାଜ ଦଳକୁ ଆବଶ୍ୟକ ବ୍ରେକ ଥ୍ରୁ ଯୋଗାଇଥିଲେ। ପରେ ପଣ୍ଟିଂ ୨୬ ଓ ବ୍ରାୟନ ଲାରା (୩୦)ଙ୍କ ଯୋଗୁ ଦଳ ୧୦ ଓଭରରେ ୫ ଉଇକେଟ ହରାଇ ୧୦୪ ରନ୍ କରିଥିଲା।



ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳି।

### ଗୋଟିଏ ଫଟୋରେ ୧୭୧ ଅନ୍ତର୍ଜାତୀୟ ଶତକ

**ନୂଆଦିଲ୍ଲୀ,୯।୨**

ବୁଶଫାୟାର ଚ୍ୟାରିଟି ମ୍ୟାଚ୍ ପୂର୍ବରୁ କ୍ରିକେଟର ଦୁଇ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଓ ରିକି ପଣ୍ଟିଂ ନେଟ୍ସ ସେସନରେ ବ୍ୟାଟିଂ ଅଭ୍ୟାସ କରୁଥିଲେ। ଦୁହିଁଙ୍କ ନାମରେ ଅନ୍ତର୍ଜାତୀୟ ସ୍ତରରେ ୧୭୧ ଶତକ ରହିଛି। ଉଭୟଙ୍କୁ ଗୋଟିଏ ସ୍ଥାନରେ ଦେଖିବା ପ୍ରଶଂସକଙ୍କ ଭିନ୍ନ ଅଭିଜ୍ଞତା ଥିଲା। ଅନ୍ତର୍ଜାତୀୟ କ୍ରିକେଟ ପାଉନ୍ସିଲ (ଆଇସିସି) ପକ୍ଷରୁ ସଚିନ ଓ ପଣ୍ଟିଂଙ୍କ ଏକ ଭିଡିଓ ଶେୟାର କରାଯାଇଛି। ଏହାର କ୍ୟାପଶନରେ ଲେଖାଯାଇଛି, ଗୋଟିଏ ଫ୍ରେମରେ ୬୧,୮୪୦ ରନ୍, ୧୭୧ ଶତକ ଓ ୪ ବିଶ୍ୱକପ୍। ଉଲ୍ଲେଖଯୋଗ୍ୟ, ତେନ୍ଦୁଲକରଙ୍କ ନାମରେ ୧୦୦ ଓ ପଣ୍ଟିଂ ନାମରେ ୭୧ ଅନ୍ତର୍ଜାତୀୟ ଶତକ ରହିଛି। ବୁଶଫାୟାର ମ୍ୟାଚ୍‌ରେ ତେନ୍ଦୁଲକର ପଣ୍ଟି ଏକାଦଶର କୋଚ୍ ଦାୟିତ୍ୱରେ ଥିଲେ।

# ନସିମ୍‌ଙ୍କ ହ୍ୟାଟ୍ରିକ୍

**ରାଓ୍ୱଲପିଣ୍ଡି, ୯।୨**

ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଇନିଂସ ପରାଜୟ ଏଡାଇବାକୁ ବାଂଲାଦେଶ ସଂଘର୍ଷ ଜାରି ରଖିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ପ୍ରଥମ ଇନିଂସରେ ୮୨.୫ ଓଭରରେ ୨୩୩ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ପ୍ରଥମ ଇନିଂସ ଆରମ୍ଭ କରି ୧୨୨.୫ ଓଭରରେ ୪୪୫ ରନ କରି ଅଲଆଉଟ ହୋଇଥିଲା। ଫଳରେ ପାକିସ୍ତାନ ପ୍ରଥମ ଇନିଂସରେ ୨୧୨ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୫ ଓଭରରେ ୬ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିଛି। ୪ ଉଇକେଟ ହାତରେ ରଖି ବାଂଲାଦେଶ ଏବେ ୮୬ ରନ ପଛରେ ପଡିଛି। ଇନିଂସ ପରାଜୟ ଏଡାଇବା ପାଇଁ ବାଂଲାଦେଶ ୮୭ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ମୋମିନୁଲ ହକ୍ ୩୭ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଲିଟନ ଦାସ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ପାକିସ୍ତାନର ୧୬ ବର୍ଷୀୟ ପେସର ନସିମ୍ ଶାହ ବିଶ୍ୱର ସର୍ବକନିଷ୍ଠ ବୋଲର ଭାବେ ହ୍ୟାଟ୍ରିକ ଅର୍ଜନ କରି ବାଂଲାଦେଶର ବିପର୍ଯ୍ୟୟ ଘଟାଇଛନ୍ତି। ସେ ଇନିଂସର ୪୧ତମ ଓଭରର ଚତୁର୍ଥ, ପଞ୍ଚମ ଓ ଷଷ୍ଠ ବଲ୍‌ରେ ଯଥାକ୍ରମେ ନାଜମୁଲ ହୋସେନ ସାଣ୍ଟୋ, ତାଇଜୁଲ ଇସ୍‌ଲାମ ଓ ଅଭିଜ୍ଞ ମହମୁଦୁଲ୍ଲାଙ୍କୁ ଆଉଟ କରି ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଦଳ ତରଫରୁ ଅନ୍ୟମାନଙ୍କ ମଧ୍ୟରେ ତାମିମ ଇକବାଲ ୩୪, ସୈଫ୍ ହାସନ ୧୬, ନାଜମୁଲ ୩୮ ରନ କରି ଆଉଟ ହୋଇଛନ୍ତି। ବୋଲିଂରେ ପାକିସ୍ତାନ ତରଫରୁ ନସିମ ସର୍ବାଧିକ ୪, ୟାସିର ଶାହା ୨ଟି ଉଇକେଟ ହାସଲ କରିଛନ୍ତି।



ବରୋଦାରେ ଅନୁଷ୍ଠିତ ନ୍ୟାଶନାଲ ମାଷ୍ଟର୍ସ ଗେମ୍ସର ମହିଳା ଶଟ୍‌ପୁଟ୍ ଓ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣିମ ସଫଳତା ପାଇଥିବା ତାରକା ଆଥଲେଟ୍ ପାର୍ବତୀ ସେଠୀ ରବିବାର ଓଡ଼ିଶା ଫେରିବାପରେ ପଦକ ପ୍ରଦର୍ଶନ କରୁଛନ୍ତି।

# ନ୍ୟୁଜିଲାଣ୍ଡର ଗେମ୍ ପ୍ଲାନ

**ଭିଭିଏସ୍ ଲକ୍ଷ୍ମଣ**

ହାମିଲଟନରେ ସର୍ବୋଚ୍ଚ ବିଜୟ ଲକ୍ଷ୍ୟ ଚେଜ୍ ପରେ ନ୍ୟୁଜିଲାଣ୍ଡ ବେଶ୍ ଖୁସି ଥିବ। ମାତ୍ର ଶନିବାର ଅକଲାଣ୍ଡଠାରେ ବହୁ ପ୍ରମୁଖ ଖେଳାଳିଙ୍କ ଅନୁପସ୍ଥିତିରେ ଭାରତକୁ ପୁଣି ପରାସ୍ତ କରି ସିରିଜ ଜିତିବା ଦଳର ଆନନ୍ଦକୁ ଦ୍ୱିଗୁଣିତ କରିଥିବ ନିଶ୍ଚୟ। ଦୃଢ଼ ବ୍ୟାଟିଂ ଲାଇନ୍ ଅପ୍ ଥିବା ଭାରତ ପାଇଁ ନ୍ୟୁଜିଲାଣ୍ଡ ୨୭୪ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ପରେ ଭ୍ରମଣକାରୀ ଦଳକୁ ୨୫୧ସ୍କୋରରେ ଅଲଆଉଟ କରିଦେଇଥିଲା। ମ୍ୟାଚରେ ରସ୍ ଟେଲରଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ବାସ୍ତବିକ ପ୍ରଶଂସନୀୟ। ଟେଲରଙ୍କ ବ୍ୟତୀତ ଓପନର ମାର୍ଟିନ ଗୁପ୍‌ଟିଲଙ୍କ ବ୍ୟାଟିଂ ମଧ୍ୟ ଉଲ୍ଲେଖନୀୟ ଥିଲା। ଭାରତ ମିଡଲ ଅର୍ଡରରେ ବିପର୍ଯ୍ୟୟ ଘଟାଇ ଥିଲା। ଏକଦା ନ୍ୟୁଜିଲାଣ୍ଡର ସ୍କୋର ୨୨୦ରେ ସୀମିତ ହୋଇଯିବା ଭଳି ମନେ ହେଉଥିଲା। ମାତ୍ର ନବାଗତ କାଇଲ ଜେମିସନଙ୍କ ଯୋଗଦାନ ପରେ ଦଳର ସ୍କୋର ଆଗକୁ ବଢିଥିଲା। ଅଧିନାୟକ ବିରାଟ କୋହଲି ଯେତେବେଳେ ବ୍ରେକଥ୍ରୁ ଆଣିବାକୁ ଚାହିଁଥାନ୍ତି ସେ ଯଶପ୍ରୀତ ବୁମ୍‌ରାଙ୍କୁ ବ୍ୟବହାର କରିଥାନ୍ତି। ମାତ୍ର ତାଙ୍କର ଏହି କୌଶଳ କାର୍ଯ୍ୟ କରି ନ ଥିଲା। ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରି ନ ଥିଲେ। ହେଲେ ନ୍ୟୁଜିଲାଣ୍ଡ ଦ୍ୱାରା ଧାର୍ଯ୍ୟ ବିଜୟ ଲକ୍ଷ୍ୟ ଦଳ ପାଇଁ ନିରାପଦ ନ ଥିଲା। ବୋଲରମାନଙ୍କ ସଫଳତା ଉପରେ ଦଳର ଫଳାଫଳ ନିର୍ଭର କରୁଥିଲା। ଭାରତ ପାଇଁ ଟାର୍ଗେଟ ସହଜ ମନେ ହେଉଥିଲା। ମାତ୍ର ଦଳ ପ୍ରଥମ ୧୦ ଓଭରରେ ଶୀଘ୍ର ୩ଟି ଉଇକେଟ ହରାଇଥିଲା। ତନ୍ମଧ୍ୟରେ କୋହଲିଙ୍କ ଉଇକେଟ ରହିଥିଲା। ଭାରତୀୟ ଅଧିନାୟକଙ୍କୁ ଆଉଟ କରିବା ଲାଗି ନ୍ୟୁଜିଲାଣ୍ଡ ଯେଉଁ ଗେମ୍‌ପ୍ଲାନ କରିଥିଲା ସେଥିରେ ସଫଳ ରହିଥିଲା। ଶାରୀରିକ ଭାବେ ଫିଟ୍ ନ ଥାଇ ମଧ୍ୟ ଟିମ୍ ସୌଦି ଚମତ୍କାର ସୁଇଙ୍ଗ ବଲ୍ ପକାଇ କୋହଲିଙ୍କୁ ଆଉଟ କରିବାରେ ସଫଳ ହୋଇଥିଲେ। କେଦାର ଯାଦବ ଏବଂ ଭଲ ବ୍ୟାଟିଂ କରୁଥିବା ଶ୍ରେୟାସ ଆୟାର ଶଟ୍ ସିଲେକ୍ସନରେ ତ୍ରୁଟି ଯୋଗୁ ଆଉଟ୍ ହୋଇଥିଲେ। ଯାଦବ ଜଣେ ଅଭିଜ୍ଞ ସମ୍ପନ୍ନ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ। ହେଲେ ସେ ଷ୍ଟ୍ରାଇକ୍ ରୋଟେଟ କରିବାରେ ସଫଳ ହୋଇ ପାରି ନ ଥିଲେ। ଲୋୟର ଅର୍ଡରରେ ରବୀନ୍ଦ୍ର ଜାଡେଜା ଭଲ ବ୍ୟାଟିଂ କରିଥିଲେ। ତେବେ ମଙ୍ଗଳବାର ଖେଳାଯିବାକୁ ଅନ୍ତିମ ମ୍ୟାଚ ପାଇଁ ଭାରତକୁ ଉପଯୁକ୍ତ ରଣକୌଶଳ ପ୍ରସ୍ତୁତ କରିବାକୁ ହେବ। **(ଗେମ୍‌ପ୍ଲାନ)**

ROYAL STAG CUP
INDIA vs NEW ZEALAND
ODI & TEST
*MEGA MUSIC CDs

## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



✓ ଉଷାରାଣୀ ଦାଶ
ଆବିର୍ଭାବ : ତା ୧୪.୦୭.୧୯୪୭
ଶ୍ରାବଣ କୃଷ୍ଣ ଏକାଦଶୀ ସୋମବାର
ତିରୋଧାନ : ତା ୦୧.୦୨.୨୦୧୮
ଫାଲ୍‌ଗୁନ କୃଷ୍ଣ ପ୍ରତିପଦ ଗୁରୁବାର ଅପରାହ୍ନ ୩.୨୫
ଆଜି ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ନିବେଦନ ଜଣାଇବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ । ଆପଣଙ୍କ ପରି ସରଳ, ନିଷ୍ପାପର, ଠାକୁର ବିଶ୍ୱାସୀ ଓ ପରୋପକାରୀ ମହାତ୍ମାଙ୍କ ଆଶୀର୍ବାଦରେ ଆମର ଚଲାପଥ କୁସୁମିତ ହେଉ। ଶୋକ ସନ୍ତପ୍ତ -
ସ୍ୱାମୀ, ପୁତ୍ର-ବାବୁ ଓ ଅନୁ, ପୁତ୍ରବଧୂ-ଲକ୍ଷ୍ମୀ ଓ ଲିଲି ନାତୁଣୀ- ଅଙ୍କିତା, ବୈଜୟନ୍ତୀ, ଅର୍ପିତା ଓ ବନ୍ଧୁ ବାନ୍ଧବ ବର୍ଗ
ଧ-୬୮୦୬୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ମିନାକ୍ଷୀ ଦଳବେହେରା
ଆବିର୍ଭାବ: ୨୩।୦୫।୧୯୫୮
ତିରୋଧାନ: ୨୦।୦୨।୨୦୧୯
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆମ୍ଭମାନଙ୍କ ମଧ୍ୟରେ ତୁମର ସ୍ମୃତି ଏବେ ବି ଉଜ୍ଜୀବିତ। ତୁମର ଅନୁପସ୍ଥିତି ଏକ ବିରାଟ ଶୂନ୍ୟତା। ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୬୬୩୭

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଫେବୃୟାରୀ ୧୦/୨୦୨୦ Bhubaneswar, Monday, February 10/2020

# ମେଣ୍ଟରାଜପୁର ଛକରେ ବସ୍ ଦୁର୍ଘଟଣାର ଦୃଶ୍ୟ...


ଗଞ୍ଜାମ ଜିଲା ମେଣ୍ଟରାଜପୁର ଛକରେ ରବିବାର ବିଦ୍ୟୁତ୍ ତାର ଲାଗି ସିଲ୍‌କି ସିଟି ବସ୍ ଦୁର୍ଘଟଣାସ୍ଥଳରେ ଜମା ହୋଇଥିବା ସ୍ଥାନୀୟ ଲୋକେ।


ପୋଡ଼ି ଯାଇଥିବା ବସ୍ ଭିତର।


ନିର୍ବନ୍ଧ ପାଇଁ ଯାଇଥିବା ପୂଜା ସାମଗ୍ରୀ।

## ମିଷ୍ଟର ୱାର୍ଲଡ ପ୍ରତିଯୋଗୀ ହେବେ କେନ୍ଦ୍ରାପଡ଼ା କ୍ରୀଡ଼ାବିତ୍

**କେନ୍ଦ୍ରାପଡା ଅଫିସ, ୯।୨**

ଆସନ୍ତା ଜୁନ ମାସରେ ଥାଇଲାଣ୍ଡରେ ମିଷ୍ଟର ୱାର୍ଲଡ ପ୍ରତିଯୋଗିତା ହେବ । ଭାରତୀୟଙ୍କ ପକ୍ଷରୁ କେନ୍ଦ୍ରାପଡାର କ୍ରୀଡାବିତ୍ ଦିବାକର ଗୋଚ୍ଛାୟତ ପ୍ରୋ କାର୍ଡ ବିଜେତା ଭାବେ ଏହି ପ୍ରତିଯୋଗିତାର ପ୍ରତିଯୋଗୀ ହୋଇଛନ୍ତି । ଗତ ୮ ତାରିଖରେ ସେ ଓଡିଶାର ଏକମାତ୍ର ପ୍ରତିଯୋଗୀ ଭାବେ ଆସାମର ଗୁଆହାଟୀ ସହରସ୍ଥିତ ଜିଲା ପାଠାଗାର ଅଡିଟୋରିୟମରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇଥିଲେ । ୱାର୍ଲଡ ଫେଡେରେଶନ ପକ୍ଷରୁ ଆୟୋଜିତ ଏହି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସେ ପ୍ରଥମ ସ୍ଥାନ ହାସଲ କରି ପ୍ରୋ କାର୍ଡ ବିଜେତା ହୋଇଛନ୍ତି । କେନ୍ଦ୍ରାପଡା ବ୍ଲକ ଗରାପୁର ଗ୍ରାମର ବାବାଜୀ ଗୋଚ୍ଛାୟତ ଓ ରଙ୍ଗଲତା ଗୋଚ୍ଛାୟତଙ୍କ ସାନପୁଅ ଦିବାକର ଏବେ କଟକସ୍ଥିତ ଏକ ଜିମରେ ଅଭ୍ୟାସ କରୁଛନ୍ତି । ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ସେ ମିଷ୍ଟର ଏସିଆ, ମିଷ୍ଟର ଇଣ୍ଡିଆ, କଳିଙ୍ଗ କୁମାର ଆଦି ଉପାଧି ପାଇବା ସହ ଜାତୀୟସ୍ତରରେ ମୋଟ ୫ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ପାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ସ୍ଥାନୀୟ କ୍ରୀଡାବିତ୍‌ମାନେ ଶୁଭେଚ୍ଛା ଜଣାଇଛନ୍ତି ।



ଅନ୍ୟମାନଙ୍କ ଗହଣରେ କ୍ରୀଡ଼ାବିତ୍ ଦିବାକର ଗୋଚ୍ଛାୟତ।

## କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ ନେଇ ତଦାରଖ କଲା ଟିମ୍

**ରାଜନଗର,୯।୨(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ବିଭିନ୍ନ ଯୋଜନାରେ କେନ୍ଦ୍ର ଦେଉଥିବା ଟଙ୍କା ବିନିଯୋଗ ହେଉଛି ନା ନାହିଁ ଏବଂ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ, ସେ ନେଇ କେନ୍ଦ୍ରୀୟ ଟିମ୍ ତଦାରଖ କରିଥିଲେ । ନ୍ୟାଶନାଲ ଲେଭଲ ମନିଟରିଂ କମିଟିର ରୋହିତ ବର୍ମା ଓ ବିପୁଲ ବର୍ମା ରାଜନଗର ବ୍ଲକର ସାତଭାୟା, ଗୁପ୍ତି ଓ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଗସ୍ତ କରି ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସ୍ଥିତି ପରଖିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ପାଇଥିବା ହିତାଧିକାରୀଙ୍କ ଘରକୁ ଯାଇ କେତେ ଟଙ୍କା ମିଳିଛି, ଏନେଇ ଉତ୍କୋଚ ଦେଇଛ କି ନାହିଁ ପଚାରି ବୁଝିଥିଲେ । ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାର ହିତାଧିକାରୀଙ୍କୁ ଭେଟି ସେମାନେ ଠିକ ଭାବରେ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ଏଥିସହ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ କରାଯାଉଥିବା ବଗପାଟିଆ ରାସ୍ତା କାର୍ଯ୍ୟ ବୁଲି ଦେଖିଥିଲେ। କେନ୍ଦ୍ରୀୟ ଟିମ୍ ସହିତ ରାଜନଗର ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଜଳଧର ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ. ଉପେନ୍ଦ୍ର ବେହେରା, ରାଜନଗର ବ୍ଲକର କନିଷ୍ଠ ଯନ୍ତ୍ରୀ ଇଂ. ଦେବ ରଞ୍ଜନ ବେହେରା, ଇଂ. ପ୍ରଭାତ କୁମାର ମାଝି, ଇଂ. ରବି ନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡା ୩ଟି ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜିଆରଏସମାନେ ଉପସ୍ଥିତ ଥିଲେ।




## ଜୁଆଣିଆ ଗୋଷ୍ଠୀସଂଘର୍ଷ ଘଟଣା: ଶାନ୍ତି କମିଟି ବୈଠକରେ ବିବାଦର ସମାଧାନ

**ଆଳି,୯।୨(ଡି.ଏନ.ଏ)**

ଗତ ୨ ତାରିଖ ରାତିରେ ଆଳି ଥାନା ଅନ୍ତର୍ଗତ ଜୁଆଣିଆ ଗ୍ରାମରେ ସରସ୍ୱତୀ ମେଢ ଭସାଣିକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଥିବା ବେଳେ ଏହାକୁ ନେଇ ଲାଗି ରହିଥିବା ବିବାଦର ସମାଧାନ ଶାନ୍ତିକମିଟି ମାଧ୍ୟମରେ କରାଯାଇଛି । ଗତ ଶୁକ୍ରବାର ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ ଦେଙ୍କ ନେତୃତ୍ୱରେ ଆଳି ଥାନା ପରିସରରେ ଆୟୋଜିତ ଶାନ୍ତିକମିଟି ବୈଠକରେ ଆଳି ଥାନା ଆଇଆଇସି ସଲିଳ କୁମାର ପ୍ରଧାନ, ଜୁଆଣିଆ ଗୋଖାସାହି ପୂଜା କମିଟି ଓ ସବର୍ଣ୍ଣସାହି ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ରହି ଗ୍ରାମରେ ଶାନ୍ତି ଫେରାଇ ଆଣିବା ନିମନ୍ତେ ଆଲୋଚନା କରିଥିଲେ । ଆଗାମୀ ଦିନରେ ଏହିଭଳି ଘଟଣା କିପରି ନ ଘଟିବ ସେଥିପ୍ରତି ସମସ୍ତେ ସଚେତନ ରହିବେ ବୋଲି ମତ ପ୍ରକାଶ ପାଇଥିଲା । ସୂଚନାଯୋଗ୍ୟ ଯେ, ଜୁଆଣିଆର ଗୋଖାସାହି ଓ ସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ସରସ୍ୱତୀ ମେଢ ଭସାଣିକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏହି ଗୋଷ୍ଠୀ ସଂଘର୍ଷରେ ଉଭୟ ଗୋଷ୍ଠୀର ୧୧ ଜଣ ଆହତ ହୋଇଥିବା ବେଳେ ଦୁଇପକ୍ଷଙ୍କ ପକ୍ଷରୁ ଆଳି ଥାନାରେ ଏତଲା ଦିଆ ଯାଇଥିଲା । ଘଟଣାକୁ ଗୁରୁତର ସହ ନେଇ ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ ଦେ ଓ ଆଳି ଥାନା ଏସଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ଜୁଆଣିଆ ଯାଇ ଶାନ୍ତିକମିଟି ମାଧ୍ୟମରେ ଗ୍ରାମରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ ।




## ଜାତୀୟ ଅନୁସୂଚିତ ଜାତି କମିଶନର ତନାଘନା

**କେନ୍ଦ୍ରାପଡା ଅଫିସ, ୯।୨**

**ରଞ୍ଜନ ମୃତ୍ୟୁ ଘଟଣା**

ଓଡିଶା ଜନସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡା ଜିଲା ଆବାହକ ରଞ୍ଜନ କୁମାର ଦାସଙ୍କ ମୃତ୍ୟୁ ଘଟଣାକୁ ଜାତୀୟ ଅନୁସୂଚିତ ଜାତି କମିଶନ ଗୁରୁତ୍ୱ ଦେଇଛି। ଓଡିଶା ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଯୁବ ଓ ଛାତ୍ର ପରିଷଦର ସଭାପତି ହଳଧର ସେଠୀଙ୍କ ଆବେଦନ କ୍ରମେ କମିଶନ କେନ୍ଦ୍ରାପଡା ଏସପିଙ୍କୁ ଏହି ମୃତ୍ୟୁ ଘଟଣାର ସବିଶେଷ ତଥ୍ୟ ପାଇବା ପାଇଁ ଦିଲ୍ଲୀ ଡକାଇଛନ୍ତି । ଆସନ୍ତା ୨୧ ତାରିଖ ମଧ୍ୟାହ୍ନରେ ଜାତୀୟ କମିଶନର ସଦସ୍ୟ ଡ. ଯୋଗେନ୍ଦ୍ର ପାଶୱାନ ଓ କେନ୍ଦ୍ରାପଡା ଏସପିଙ୍କର ନୂଆଦିଲ୍ଲୀସ୍ଥ ଲୋକାୟୁକ୍ତ ଭବନରେ ଆଲୋଚନା ହେବ ବୋଲି ଗତ ୬ ତାରିଖରେ କଲିକତାସ୍ଥିତ କମିଶନ କାର୍ଯ୍ୟାଳୟରୁ କେନ୍ଦ୍ରାପଡା ଏସପିଙ୍କୁ ଚିଠି ହୋଇଛି । ଏହି ଚିଠିରେ ରଞ୍ଜନଙ୍କ ମୃତ୍ୟୁ ମାମଲା (ନଂ– ୨୪/୨୦)ର କେସ ଡାଏରୀ, ମାମଲାର ବର୍ତ୍ତମାନର ସ୍ଥିତି, କାର୍ଯ୍ୟାନୁଷ୍ଠାନ, ପରିବାର ସଦସ୍ୟଙ୍କୁ ସହଯୋଗ ସମ୍ପର୍କରେ ଆଲୋଚନା ହେବ ବୋଲି ଏଥିରେ ଉଲ୍ଲେଖ ଅଛି । ସୂଚନାଯୋଗ୍ୟ ଯେ, ଗତ ୧ ତାରିଖରେ ମାର୍ଶାଘାଇ ଥାନା ଭଗବାନପୁର–ବେରୁହାଁ ରାସ୍ତାର ଏକ ମୋଡ ନିକଟ ଖାଲରୁ ରଞ୍ଜନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏହି ସମୟରେ ତାଙ୍କ ଉପରେ ମୋଟର ସାଇକେଲ ପଡି ରହିଥିଲା । ବ୍ୟବଚ୍ଛେଦ ରିପୋର୍ଟ ପାଇବା ପରେ ରଞ୍ଜନଙ୍କ ମୃତ୍ୟୁ ସଡକ ଦୁର୍ଘଟଣାଜନିତ ବୋଲି ଜିଲା ପୋଲିସ କହିଛି । ଅପରପକ୍ଷରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଓସା, କଂଗ୍ରେସର ଅନୁଧ୍ୟାନକାରୀ ଦଳ, ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର, ସ୍ଥାନୀୟ ବୁଦ୍ଧିଜୀବୀମାନେ ସନ୍ଦେହ ପ୍ରକାଶ କରିଛନ୍ତି । ମୃତ୍ୟୁ ଘଟଣାର ପାରପାର୍ଶ୍ୱିକ ସ୍ଥିତି ଦୁର୍ଘଟଣାଜନିତ ନୁହେଁ ବୋଲି ଗତ ୮ ଦିନ ଧରି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜାରି ରହିଛି । ସେହିପରି ରଞ୍ଜନ ଅନୁସୂଚିତ ଜାତିର ହୋଇଥିବାରୁ ଏହି ମାମଲାକୁ ଜାତୀୟ କମିଶନ ନିକଟକୁ ନେଇଥିବା କଂଗ୍ରେସ ନେତା ସେଠୀ ପ୍ରକାଶ କରିଛନ୍ତି ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୨୦ ପରିବାରକୁ ଧୂଆଁବିହୀନ ଚୁଲା ବଣ୍ଟନ

**ଖଣ୍ଡପଡ଼ା,୯।୨(ସ୍ୱ.ପ୍ର.):** ନୟାଗଡ଼ ବନଖଣ୍ଡର ଖଣ୍ଡପଡା ବନାଞ୍ଚଳ ଅଧୀନ ସିଂଘାପଡା ପଞ୍ଚାୟତ ସାରେଣ୍ଡା ଗ୍ରାମର ୨୦ ପରିବାରକୁ ରବିବାର ଧୂଆଁବିହୀନ ଚୁଲା ବଣ୍ଟନ କରାଯାଇଛି । ନୟାଗଡ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡିଙ୍କ ଉପସ୍ଥିତି ତଥା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଚୁଲା ବିତରଣ କରାଯାଇଥିଲା। ବନଖଣ୍ଡ ଅଧିକାରୀ ଏହି ଚୁଲାର ବ୍ୟବହାର ଓ ଉପକାରିତା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

### ହୋମଗାର୍ଡଙ୍କୁ ଆକ୍ରମଣ ଅଭିଯୋଗରେ ୨ ଗିରଫ

**ବୋଲଗଡ,୯।୨(ଡି.ଏନ.ଏ.):** କାର୍ଯ୍ୟରତ ହୋମଗାର୍ଡଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବୋଲଗଡ ପୋଲିସ ରବିବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ତୁସାରକାନ୍ତ ରାଉତରାୟ (୩୮) ଓ ବେଗୁନିଆ ଥାନା ଚକାପଦା ଗ୍ରାମର ସମିର ପଣ୍ଡା (୨୫)। ଥାନା ଆଇଆଇସି ସେଖ ଅକବର ଅଲ୍ଲୀଙ୍କଠାରୁ ପ୍ରକାଶ ଯେ, ୫୭ନଂ ଜାତୀୟ ରାଜପଥର କୁମାରୀ ଛକଠାରେ ଦୀନବନ୍ଧୁ ପ୍ରହରାଜ ନାମକ ହୋମଗାର୍ଡ ଟ୍ରାଫିକ ନିୟନ୍ତ୍ରଣ ପାଇଁ କାର୍ଯ୍ୟରତ ଥିଲେ। ତୁସାର ଓ ସମିର ବାଇକ ଯୋଗେ ଯାଉଥିବା ବେଳେ ଏକ କାର ସେମାନଙ୍କ ବାଇକ୍‌ରେ ବାଜିଥିଲା। ଯୁବକ ଦ୍ୱୟ କାରଟିକୁ ଅଟକାଇ ଥିବା ବେଳେ ହୋମଗାର୍ଡ ଦିନବନ୍ଧୁ ପହଞ୍ଚି ବାରଣ କରିବା ସମୟରେ କାରଟି ପଳାଇଯାଇଥିଲା। ଏଥିରେ ଯୁବକମାନେ ଉତ୍‌କ୍ଷିପ୍ତ ହୋଇ ହୋମଗାର୍ଡଙ୍କୁ ଆକ୍ରମଣ କରିଥିବା ଦିନବନ୍ଧୁ ଅଭିଯୋଗ କରିଥିଲେ। ପୋଲିସ ୨୧/୧୯ରେ ଏକ ମାମଲା ରୁଜୁ କରିଥିଲା।

### ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ନିରାକାରପୁର,୯।୨(ଡି.ଏନ.ଏ.):** ଖୋର୍ଦ୍ଧା ରେଳ ଡିଭିଜନ ଅଧୀନରେ ଥିବା ନିରାକାରପୁର ରେଳ ଷ୍ଟେଶନ୍ ୩ ନଂ. ରେଳ ଧାରଣାରେ ରବିବାର ସାଢେ ୪ଟାରେ ଗୋଟିଏ ମାଲବାହୀ ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ସେ ହେଲେ ପୁରୀ ଜିଲା କଣାସ ଥାନା ଅନ୍ତର୍ଗତ କଁପୁର ଗ୍ରାମର ସୌମ୍ୟ ରଞ୍ଜନ ପଣ୍ଡା (୧୯)। କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ମୃତ ଯୁବକ ଜଣକ ଏକ ବାଇକ୍ (ନଂ. ଓଡି ୧୩-ଏଚ୍-୯୭୬୯)କୁ ଆଣି ୪ ନଂ. ପ୍ଲାଟ ଫର୍ମ ବାହାରେ ରଖି ଷ୍ଟେଶନ ଭିତରକୁ ଯାଇ ପଡିଥିବା ଚେୟାରେ ବସି ଫୋନରେ କଥା ହେଉଥିଲେ। ସେହି ସମୟରେ ଖୋର୍ଦ୍ଧାରୋଡରୁ ବାଲୁଗାଁ ଅଭିମୁଖେ ଯାଉଥିବା ମାଲବାହୀ ଟ୍ରେନ ଆଗକୁ ହଠାତ ଡେଇଁ ପଡିବାରରୁ ରେଳ ଧାରଣାରେ କଟି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ନିରାକାରପୁର ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୋବାଇଲ ଜବତ କରିବା ସହ ମୃତକ ବାହାରେ ରଖିଥିବା ଗାଡିରୁ ତାଙ୍କ ପରିଚୟ ପାଇଥିଲା। ଏ ନେଇ ରେଳପଥ ଫାଣ୍ଡି ପକ୍ଷରୁ (ନଂ.୧୩/୨୦)ରେ ମାମଲା ରୁଜୁ କରିଛି। ସନ୍ଧ୍ୟା ହୋଇ ଯାଇଥିବାରୁ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# ମିନି ବସ୍ ଓଲଟି ଜଣେ ମୃତ



ଓଲଟି ପଡ଼ିଥିବା ଯାତ୍ରୀବାହୀ ବସ୍।

**ନୟାଗଡ଼ ଅଫିସ/ ଖଣ୍ଡପଡା,୯।୨(ସ୍ୱ.ପ୍ର.)**

ରବିବାର ଅପରାହ୍ଣ ୪ଟାରେ ଖଣ୍ଡପଡା-ନୟାଗଡ଼ ପୂର୍ତ୍ତବିଭାଗ ରାସ୍ତାର କଇଁଥପଲ୍ଲୀ ଗ୍ରାମ ନିକଟରେ ମିନି ବସ୍ ଓଲଟି ଜଣଙ୍କର ମୃତ୍ୟୁ ଘଟିଛି । ସେ ହେଲେ ରାମଚନ୍ଦ୍ର ରଣା ଓରଫ ଝୁନା (୪୫), ଘର ଗଞ୍ଜାମ ଜିଲା ଛତ୍ରପୁର ଥାନା ସୁନ୍ଦରପୁର ଗାଁରେ। ମିନି ବସରେ ଯାତ୍ରା କରୁଥିବା ୧୦ ପରିବାରର ୩୫ ଜଣଙ୍କ ମଧ୍ୟରୁ ୨୦ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୦ଜଣ ଶିଶୁ ଅଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସମସ୍ତେ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି। ଗାଁରୁ ବସ୍ ଆସିବା ପରେ ଫେରିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ବସ୍ ତଳୁ ରାମଚନ୍ଦ୍ରଙ୍କ

**ଆହତ ୨୦ ଜଣଙ୍କ ମଧ୍ୟରେ ୧୦ ଶିଶୁ**

ମୃତଦେହ ଖଣ୍ଡପଡା ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

ପ୍ରାପ୍ତ ସୂଚନା ଅନୁସାରେ ଶନିବାର ରାତି ପ୍ରାୟ ୨ଟାରେ ଓଆର ୦୨କ୍ୟୁ-୦୫୦୨ନଂ. ବିଶିଷ୍ଟ ମିନିବସ୍ ଯୋଗେ ୧୦ ପରିବାରର ୩୫ ପର୍ଯ୍ୟଟକ ନୟାଗଡ଼ ଜିଲାର ପର୍ଯ୍ୟଟନସ୍ଥଳୀ ବୁଲିବାକୁ ବାହାରିଥିଲେ। ସେମାନେ ଓଡଗାଁର ରଘୁନାଥ ମନ୍ଦିର, ଶରଣକୁଳର ଲଡୁବାବା ଓ କଣ୍ଟିଲୋର ପ୍ରଭୁ ନୀଳମାଧବଙ୍କୁ ଦର୍ଶନ କରି ବୁଗୁଡା ବୁଦ୍ଧଖୋଲ ଦେଖିବାକୁ ଯାଉଥିଲେ। ସେଠାରୁ ଗାଁକୁ ଫେରିଥାନ୍ତେ। ଏପରିସ୍ଥଳେ ରବିବାର କଇଥପଲ୍ଲୀ ଗଡାଣିରେ ବସଟି କୌଣସି କାରଣରୁ ରାସ୍ତା ଉପରେ ଓଲଟି ପଡିଥିଲା। ବସ୍ ଚାଳକ ବୃନ୍ଦାବନ ସାହୁଙ୍କୁ ଖଣ୍ଡପଡ଼ା ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି ।

**ଭାଇବ୍ରେଶନ ଘଟାଉଛି ଦୁର୍ଘଟଣା**

କଇଥପଲ୍ଲୀ ଗଡାଣିରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଏଠାରେ ଗାଡି ଗଡିଲାବେଳେ ରାସ୍ତାରେ ଭାଇବ୍ରେଶନ ସୃଷ୍ଟି ହେଉଛି। ଚାଳକ ଏ ସମ୍ପର୍କରେ ନ ଜାଣି ଗାଡ଼ି ନେବାବେଳେ ଦୁର୍ଘଟଣା ଘଟିଥାଏ। ଆହତ ସୁନ୍ଦରପୁରର ଅଭି ନାହାକ(୪୭)ଙ୍କ ସୂଚନା ଅନୁସାରେ କଇଥପଲ୍ଲୀ ଗଡାଣି ନିକଟରେ ବସ୍ ଭିତରେ କ'ଣ ଶବ୍ଦ ହେଲା। ସଙ୍ଗେ ସଙ୍ଗେ ଦେଖିବା ବେଳକୁ ବସ୍‌ଟି ଓଲଟି ପଡିଲା। କ୍ଲିନରଙ୍କ ପାଖରେ ଠିଆ ହୋଇଥିବା ରାମଚନ୍ଦ୍ରଙ୍କ ଉପରେ ବସ୍‌ଟି ମାଡି ବସିଥିଲା। ପରେ ପୁଣି ଆଉଥରେ ଗାଡ଼ି ଓଲଟିଥିଲା। ଭଗବାନଙ୍କ କୃପାରୁ ଆମେ କେବଳ ଆହତ ହୋଇ ବର୍ତ୍ତି ଯାଇଛୁ । ବିଚରା ରାମଚନ୍ଦ୍ର ପ୍ରାଣ ହରାଇଲେ। ରାମଚନ୍ଦ୍ରଙ୍କ ସହ ପତ୍ନୀ ମାମି ଥିଲେ। ସ୍ୱାମୀଙ୍କ ମୃତ୍ୟୁରେ ମାମି ଭାଙ୍ଗି ପଡିଥିବା ଅଭି କହିଛନ୍ତି।



ଦୁର୍ଘଟଣାରେ ଆହତ ବ୍ୟକ୍ତିମାନେ।

## କୋରଡାଗଡରେ ବିଶ୍ୱଶାନ୍ତି ମହାଯଜ୍ଞ



**ନୂଆଗାଁ,୯।୨ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ କୋରଡାଗଡରେ ୫ଦିନ ଧରି ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି ମହାଯଜ୍ଞର ରବିବାର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ଅଙ୍କୁରାରୋପଣ ପରେ ବିଭିନ୍ନ ଦିବସରେ ନାମସଂକୀର୍ତ୍ତନ, ଘୃତାହୁତି, ପ୍ରବଚନ ସହ ଅନ୍ୟ ନୀତିକାନ୍ତି କରାଯାଇଥିଲା। ରବିବାର ସନ୍ଧ୍ୟା ୭ ଘଟିକା ସମୟରେ ପୂର୍ଣ୍ଣାହୁତି ହେବା ପରେ ରାତ୍ର ୮ଘଟିକାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅଷ୍ଟପ୍ରହର ନାମଯଜ୍ଞ

**ନୂଆଗାଁ,୯।୨ (ଡି.ଏନ.ଏ.)**

ନୂଆଗାଁ ବ୍ଲକ ପଞ୍ଚୁପାଣ୍ଡବ ପୀଠଠାରେ ରବିବାର ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି କାର୍ଯ୍ୟକ୍ରମ କିଛିବର୍ଷ ହେଲା ବନ୍ଦ ହୋଇଯାଇଥିଲା। ନୂଆଗାଁ ସରପଞ୍ଚ ଗଜେନ୍ଦ୍ର ନାଥ ପ୍ରଧାନ ସ୍ଥାନୀୟ ଭାଲିଆପଦର ଗ୍ରାମବାସୀ ଓ କିଛି ଯୁବକଙ୍କୁ ନେଇ ପୁନର୍ବାର ଏହା ଆରମ୍ଭ କରିଛନ୍ତି। ଏଥିରେ ଆଖପାଖ ଗ୍ରାମର ସଂକୀର୍ତ୍ତନ ଦଳ ଯୋଗଦେଇ ନାମସଂକୀର୍ତ୍ତନ କରିଥିଲେ।

# ଅବଧି ଶେଷ ପରେ ବି ସରୁନି ରାସ୍ତା କାମ

**ନୂଆଗାଁ,୯।୨ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତର ଆର୍‌ଡି ରାସ୍ତାଠାରୁ ଗୋହରିବାଦୁ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣରେ ଶିଥିଳତା ଯୋଗୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୮ କିଲୋମିଟର ଦୂର ମାଇଛେଳି ପଞ୍ଚାୟତର ବାରଘରିଆ, ଅଠରଗଣ୍ଡା, କପାଗାଡୁ, ନାଗିରଖର, ଗୋହିରିବାଦୁ ଆଦି ଗ୍ରାମକୁ ପକ୍କା ରାସ୍ତାଟିଏ ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। କୌଣସି ଲୋକ ରୋଗରେ ପଡିଲେ ଡାକ୍ତରଖାନା ନେବା ସମ୍ଭବ ହେଉ ନ ଥିଲା। ଏପରି କି ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ମେଡିକାଲ ଯିବା ସମୟରେ ରାସ୍ତାରେ ପ୍ରସବ ହେବାର ନଜିର ରହିଛି। ରାସ୍ତା ନିର୍ମାଣ ପାଇଁ ଅନେକ ରାଜନେତା ଓ ପ୍ରଶାସନକୁ ଗୁହାରି କରିବାରେ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ପରେ ସରକାର ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ

**ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ**



ଗୋହିରିବାଦୁ ରାସ୍ତା କର୍ଦ୍ଦମାକ୍ତ।

ଯୋଜନାରେ ସାମିଲ କରି ନିର୍ମାଣ ପାଇଁ ଅନୁଦାନ ଦେଇଛନ୍ତି। ଆର୍‌ଡି ରାସ୍ତାଠାରୁ ଗୋହିରିବାଦୁ ୪.୩ କିଲୋମିଟର ରାସ୍ତା ପାଇଁ ୨୩୯.୪୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ୧୬।୫।୨୦୧୮ରେ ରାସ୍ତାକାମ ଆରମ୍ଭ କରି ୧୬।୨।୨୦୧୯ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଠିକାଦାରଙ୍କ ମନଇଚ୍ଛା କାର୍ଯ୍ୟ ଯୋଗୁ ଏହା ଶେଷ ହୋଇପାରି ନାହିଁ। ପତୁଣି ରାସ୍ତାକାମ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆବଶ୍ୟକ ପରିମାଣର ମୋରମ, ବାଲି, ପଥର ଗୁଣ୍ଡ ବ୍ୟବହାର ହେଉ ନ ଥିବାବେଳେ ଠିକ୍ ଭାବେ ରୋଲିଂ କରାଯାଉ ନାହିଁ। ପୂର୍ବଠାରୁ ରାସ୍ତା ଅଧିକ ଶୋଚନୀୟ ହୋଇପଡିଛି। ଫଳରେ ଛାତ୍ରୀଛାତ୍ର ସ୍କୁଲ, କଲେଜକୁ ଯିବାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଭିଯୋଗ ପାଇଁ ଗ୍ରାମବାସୀ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ କାହାରି ଦେଖା ମିଳୁ ନ ଥିବା କହିଛନ୍ତି। ଏ ସମ୍ପର୍କରେ ନୂଆଗାଁ ଆର୍‌ଡି ଏସ୍‌ଡିଓ ତ୍ରିଲୋଚନ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ସେହି ରାସ୍ତା ଦେଖି ମୁ ନିଜେ ଅସୁବିଧା ଅନୁଭବ କରିଛି। ବର୍ଷା ପରେ କାମ କରିବା ପାଇଁ ଠିକାଦାରଙ୍କୁ କହିଛି। ଠିକ୍ ଭାବେ ଶୀଘ୍ର ରାସ୍ତା କାମ ସାରିବା ପାଇଁ ଜିଲାପାଳ ମଧ୍ୟ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ସେ କହିଛନ୍ତି।

## ଗ୍ରାମାଞ୍ଚଳରେ ନିର୍ମାଣାଧୀନ ପାଇଖାନା ନିମ୍ନମାନର ଅଭିଯୋଗ

**ବେଗୁନିଆ,୯।୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଗ୍ରାମାଞ୍ଚଳର ଗରିବ ହିତାଧିକାରୀମାନଙ୍କ ପାଇଁ ନିର୍ମାଣ କରାଯାଉଥିବା ପାଇଖାନା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ସ୍ୱଚ୍ଛ ଭାରତ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଏହି ପାଇଖାନାକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତଦାରଖ କରୁଛି। ହେଲେ ଆବଶ୍ୟକ ପରିମାଣରେ କଞ୍ଚାମାଲ ସହ ସିମେଣ୍ଟ ଦିଆଯାଉନାହିଁ। ଏହାସହ ଭଙ୍ଗା ଓ ଖରାପ ଇଟାରେ ଯୋଡେଇରେ ପାଇଖାନା ଗୃହ ନିର୍ମାଣ କରାଯାଉଛି। ପୁରୁଣା ଟିଣ ଚାଦରରେ ତିଆରି କବାଟକୁ ମୁଖ୍ୟ ଦ୍ୱାରକୁ ଆବଦ୍ଧ କରାଯାଉଥିବା ବେଳେ ମାତ୍ର ୩ଟି ଦୁର୍ବଳ ନଦ ଯୋଡେଇ କରାଯାଇ ଟାଙ୍କି ନିର୍ମାଣ ହେଉଛି। ଫଳରେ ଏହା ଖୁବ୍ କମ ଦିନରେ ଭୁଶୁଡି ପଡିବାର ଆଶଙ୍କା ପ୍ରକାଶ ପାଉଛି। ତେବେ ଏ ନେଇ କେତେଜଣ ଗରିବ ହିତାଧିକାରୀ ବେଗୁନିଆ ବିଡିଓଙ୍କ ପାଖରେ ଅଭିଯୋଗ କରିଛନ୍ତି। ତଦାରଖ କରିବେ ବୋଲି ବିଡିଓଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳୁଛି। ସୂଚନାଯୋଗ୍ୟ, ଗ୍ରାମାଞ୍ଚଳରେ ଦେଖା ଦେଇଥିବା ବିପର୍ଯ୍ୟସ୍ତ ପରିମଳରେ ସୁଧାର ଆଣିବାକୁ ସ୍ୱଚ୍ଛ ଭାରତ ଯୋଜନା ମାଧ୍ୟମରେ ୧୨ ହଜାର ଟଙ୍କା ବ୍ୟୟ ବରାଦରେ ଗରିବ ଲୋକଙ୍କ ପାଇଁ ପାଇଖାନା ନିର୍ମାଣ କରିବାରେ ସରକାର ଲାଗି ପଡିଛନ୍ତି। ଗରିବ ଲୋକେ ଆର୍ଥିକ ଅନଟନରେ ଗତି କରୁଥିବାରୁ ଠିକାଦାର ମାଧ୍ୟମରେ ଏହି ପାଇଖାନା ନିର୍ମାଣ କରାଯାଉଛି।

# ତାଲିକାରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ନାଁ ନାହିଁ

**ନୟାଗଡ଼ ଅଫିସ,୯।୨**

ରାଜ୍ୟର ୭ ଡିଗ୍ରୀ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାକୁ ଯାଉଛି । ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ନିଷ୍ପତ୍ତି ଅନୁସାରେ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁଷା) ଜରିଆରେ ସମ୍ପୃକ୍ତ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ କରୁଛି। ହେଲେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ନାଁ ଏଥିରେ ନାହିଁ । ନୟାଗଡ଼ ବିଧାୟକ ଉଚ୍ଚ ଶିକ୍ଷାମନ୍ତ୍ରୀ ଥିବାବେଳେ ମହାବିଦ୍ୟାଳୟର ନାଁ ନ ରହିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁବର୍ଣ୍ଣଜୟନ୍ତୀ ପାଳନ କରିସାରିଛି। ଏହା ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବା ପାଇଁ ସବୁ ପ୍ରକାରର ମାନଦଣ୍ଡ ରହିଛି । ପ୍ରାପ୍ତ ସୂଚନା ଅନୁସାରେ ଭୁବନେଶ୍ୱରର କମଳା ନେହେରୁ ମହିଳା ମହାବିଦ୍ୟାଳୟ ଓ ଏକାମ୍ର ମହାବିଦ୍ୟାଳୟ, ମୟୁରଭଞ୍ଜର ଉଦଳା ଡିଗ୍ରୀ କଲେଜ, ରାଇରଙ୍ଗପୁର କଲେଜ, ପୁରୀ ଜିଲା ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ବରଗଡ ଜିଲା ରମ୍ଭା ଡିଗ୍ରୀ କଲେଜ ବିଶ୍ୱବିଦ୍ୟାଳୟକୁ ଉନ୍ନୀତ ହେବ। ପୂର୍ବରୁ ରମାଦେବୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ ଅଛି। ଏହି ୭ ମହାବିଦ୍ୟାଳୟକୁ ଅନୁବନ୍ଧିତ ମହାବିଦ୍ୟାଳୟ ବଦଳରେ ଏକକ ବିଶ୍ୱ ବିଦ୍ୟାଳୟ କରାଯିବାକୁ ଯୋଜନା ହୋଇଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ରାଜଶ୍ରୀ ମହାନ୍ତି କେନ୍ଦ୍ର ମାନବ ସମ୍ବଳ ବିଭାଗ ଯୁଗ୍ମ ସଚିବ

**ବିଶ୍ୱବିଦ୍ୟାଳୟ ମାନ୍ୟତା ଅପେକ୍ଷାରେ ରାଜ୍ୟର ୭ ମହାବିଦ୍ୟାଳୟ**

କାମିନି ଚୌହାନ ରତନଙ୍କୁ ଚିଠି ଲେଖି ଅବଗତ କରିଛନ୍ତି। ରାଜ୍ୟରେ ରୁଷା ପାଣ୍ଠି ସୁବିନିଯୋଗ କରି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଓ ଡିଗ୍ରୀ କଲେଜଗୁଡିକୁ ସ୍ୱୟଂଶାସିତ କରାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଥିବା ଜଣାପଡିଛି । ଏହା ଜଣାପଡିବା ପରେ ନୟାଗଡରେ ଶିକ୍ଷାବିତ୍ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କର କୁହନ୍ତି, ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଅଣଦେଖା କରାଯିବା ଉଚିତ ନୁହେଁ । ଆମ ଜିଲାର ବିଧାୟକ ଶିକ୍ଷା ମନ୍ତ୍ରୀ ଥିବାବେଳେ ଯଦି ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବ ନାହିଁ ଆଉ କେତେବେଳେ ମିଳିବ ବୋଲି ପ୍ରଶ୍ନ କରିଛନ୍ତି । ଜିଲା ଓକିଲ ସଂଘ ପୂର୍ବତନ ସଭାପତି ରଣଜିତ ଦାଶ କୁହନ୍ତି, ଏହା ନିଜ ନିର୍ବାଚନମଣ୍ଡଳୀରେ ଥାଇ ଉଚ୍ଚ ଶିକ୍ଷା ମନ୍ତ୍ରୀ କିପରି ଅଣଦେଖା କରୁଛନ୍ତି । ତୁରନ୍ତ ଏହାକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାକୁ ପଦକ୍ଷେପ ନିଅନ୍ତୁ। ଏହା ନ ହେଲେ ଜିଲା ସଦର ମହକୁମାରେ ଛାତ୍ର ଆନ୍ଦୋଳନ ତେଜିବ। ସାମାଜିକ କର୍ମୀ ଚନ୍ଦ୍ରବିଜୟୀ ମିଶ୍ର କୁହନ୍ତି, ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯିବା ଦରକାର। ଯେଉଁ ୭ଟି ମହାବିଦ୍ୟାଳୟ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାକୁ ଯାଉଛନ୍ତି ତା'ଠାରୁ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ ଉନ୍ନତତର।

## ଧରିତ୍ରୀ ଖବରଦାତାଙ୍କ ପିତୃ ବିୟୋଗ

**ନୟାଗଡ ଅଫିସ,୯।୨:** ରଣପୁରର ଧରିତ୍ରୀ ଖବରଦାତା ସୁକାନ୍ତ ଡାକୁଆଙ୍କ ପିତା ଦଣ୍ଡପାଣି ଡାକୁଆଙ୍କର ରବିବାର ଭୋର ସମୟରେ ରଣପୁର ହାଟସାହିସ୍ଥ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୮ ବର୍ଷ ହୋଇଥିଲା। ସେ କିଛିଦିନ ଧରି ଲିଭର ସୋରିଆସିସ୍ ରୋଗରେ ଅକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ହୋମିଓପ୍ୟାଥି ଚିକିତ୍ସକ ଭାବେ ରଣପୁର ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁରେ ରଣପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରଣପୁର ପ୍ରେସ କ୍ଲବ ପକ୍ଷରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ରଣପୁର ମଲାଗୁଣୀ ନଦୀ ନିକଟ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ପୀତାମ୍ବର, ସୁକାନ୍ତ, ସୁଶାନ୍ତଙ୍କ ସମେତ ଭଉଣୀ, ଭିଣୋଇ, ପରିବାର ସଦସ୍ୟ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।



# ନୀଳମାଧବ ପୀଠରେ ମହାନଦୀ ଆରତି ମହୋତ୍ସବ

**ଖଣ୍ଡପଡ଼ା,୯।୨(ସ୍ୱ.ପ୍ର.)**

ମାଘମାସର ଅନ୍ତିମ ଦିବସ ମାଘପୂର୍ଣ୍ଣିମା ତିଥିରେ ଶ୍ରୀନୀଳମାଧବ ପୀଠରେ ମହାନଦୀ ଆରତି ଉତ୍ସବ ପାଳିତ ହୋଇଯାଇଛି। ଏହି ପବିତ୍ର ଉତ୍ସବ ତଥା ଶ୍ରୀ ନୀଳମାଧବ ଜୀଉଙ୍କ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁ ଭିଡ ଜମାଇଥିଲେ। ଏହି ଅବସରରେ ମହାନଦୀର ବାଲୁକା ଶଯ୍ୟାରେ ଜିଲା ଆଦିତ୍ୟ ବାହିନୀ ପକ୍ଷରୁ ୧୧ତମ ବାର୍ଷିକ ମହାନଦୀ ଆରତୀ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଗଙ୍ଗା ମନ୍ଦିର ପ୍ରତିଷ୍ଠାତା ଗୋବିନ୍ଦ ଚନ୍ଦ୍ର ମହାରଣା ପ୍ରଥମେ ନୀଳମାଧବ ଜୀଉଙ୍କ ସିଂହଦ୍ୱାରଠାରୁ ଶ୍ରୀ ଜୀଉଙ୍କ ଆଜ୍ଞାମାଳ ଓ ପ୍ରଜ୍ୱଳିତ ପ୍ରଦୀପକୁ ଶୋଭାଯାତ୍ରାରେ ଗଙ୍ଗା ପୀଠକୁ ଆଣିଥିଲେ। ଏହି ପରମ୍ପରା ଉଜ୍ଜୀବିତ ରଖିବାକୁ ଉଦ୍ୟମ ଜାରି ରଖିଥିବା ସନ୍ଥ ସେବକ ଭକ୍ତ ପ୍ରଭୁଜୀ ଲଳିତ ନାରାୟଣ ଦାସ ମହାନଦୀ ଆରତିର ଉଦ୍ଦେଶ୍ୟ ଅବତାରଣା କରିଥିଲେ। ସେ କହିଥିଲେ, ଜୀବଜଗତ ବଞ୍ଚିବା ପାଇଁ ଜଳ ଜରୁରୀ। ଜଳର ଅନ୍ୟ ନାମ ଗଙ୍ଗା, ଏହି ଗଙ୍ଗା ପବିତ୍ର ହେଲେ ଜୀବଜଗତ ସୁସ୍ଥ ରହିବେ । ଗଙ୍ଗାମାତା ଅଶୁଦ୍ଧ ହେଲେ ଜୀବ ଜଗତର ନାନା ରୋଗ ଦେଖାଦେବ । ଏଣୁ ଗଙ୍ଗା ତଥା ମହାନଦୀକୁ ପ୍ରଦୂଷଣ ମୁକ୍ତ କରିବାକୁ ସେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ମୁଖ୍ୟ ଗଙ୍ଗାଦେବୀଙ୍କ ମନ୍ଦିରରେ ଆରତି କାର୍ଯ୍ୟକ୍ରମ ହୋଇଥିବା ବେଳେ ସମବେତ ଶ୍ରଦ୍ଧାଳୁ ଦୀପାଳୀ ଧରି ବନ୍ଦନା କରିସାରି ମହାନଦୀରେ ଭସାଇ ଦେଇଥିଲେ। ଉତ୍ସବରେ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ, ସଦସ୍ୟ ସରୋଜ କୁମାର ମିଶ୍ର, ଦେବୋତ୍ତର ମ୍ୟାନେଜର ହରିହର ଦାଶ, ଅନନ୍ତ ଚରଣ ମହାପାତ୍ର, ପୂଜକ ସମାଜର ସମ୍ପାଦକ ମନୋଜ କୁମାର ମିଶ୍ର, ପୂର୍ବତନ ସଭାପତି ରାଜୀବ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆଦିତ୍ୟ ବାହିନୀର କାର୍ଯ୍ୟକାରୀ ସଭାପତି ପ୍ରଭାକର ଶିରୋମଣି ସଂଯୋଜନା କରିଥିଲେ। ଶତାଧିକ ମହିଳା ପୁରୁଷ ହାତରେ ଦୀପ ଧରି ମହାନଦୀ କୂଳରେ ମହାନଦୀ (ଗଙ୍ଗା) ମାତାଙ୍କୁ ଆରତି କରିଥିଲେ । ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଶବ୍ଦରେ ମହାନଦୀ କୂଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମକୁ ଭଗବାନ ଦାସ ଅଗ୍ରୱାଲା ପ୍ରମୁଖ ପରିଚାଳନା କରିଥିଲେ।



ମହାନଦୀ ଆରତି ପୂର୍ବରୁ ଗଙ୍ଗା ଆରତି କରାଯାଉଛି।

# ବାଇକ୍ ପରି ଦୌଡୁଛି ସାଇକେଲ

- ପ୍ରେମାନନ୍ଦଙ୍କ ନୂଆ ଉଦ୍ଭାବନ
- ପେଟ୍ରୋଲ ବଦଳରେ ବ୍ୟାଟେରିରେ ଚାଲୁଛି
- ୪ ଘଣ୍ଟା ଚାର୍ଜରେ ଗଡୁଛି ୨୫ କିମି

**ନୟାଗଡ଼ ଅଫିସ,୯।୨(ଲୋକନାଥ ମିଶ୍ର)**

ବାଇକ୍ ପରି ଦୌଡୁଛି ସାଇକେଲ। ଷ୍ଟାର୍ଟ କରିବା ପରେ ଆକ୍ସିଲରେଟର ବଢାଇବା କ୍ଷଣି ଏହାର ବେଗ ବଢୁଛି। ହର୍ନ ମଧ ବାଜୁଛି। ପେଟ୍ରୋଲ ବଦଳରେ ଏଥିରେ ବ୍ୟାଟେରି ସଂଯୋଗ ହୋଇଛି। ଏହାକୁ ୪ ଘଣ୍ଟା ଚାର୍ଜ କଲେ ଗଡୁଛି ୨୫ କିମି। ଏହି ସାଇକେଲକୁ ବ୍ୟବହାର କଲେ ଚାଳକଙ୍କର ଲାଭ ଅଧିକ। ଖର୍ଚ୍ଚ ପ୍ରାୟ ନ ଥାଏ। ପରିବେଶ ପ୍ରଦୂଷଣର ସମ୍ଭାବନା ନାହିଁ। ନୂଆ ମୋଟରଯାନ ଆଇନ ଏହା ପାଇଁ ପ୍ରଯୁଜ୍ୟ ନୁହେଁ। ପୁଣି ହେଲମେଟ୍‌ର ଆବଶ୍ୟକତା ନାହିଁ। ମୋବାଇଲ ଚାର୍ଜ କରିବାର ସୁବିଧା ବି ଉପଲବ୍ଧ। ଏଭଳି ଏକ ଯାନ ଉଦ୍ଭାବନ କରିଛନ୍ତି ନୟାଗଡ ଜିଲା ରଣପୁର ବ୍ଲକ ଦର୍ପନାରାୟଣପୁର ଗାଁର ପ୍ରେମାନନ୍ଦ ନାୟକ। କଲେଜ ପାଠପଢ଼ା ଶେଷ ପରେ ସେ ଏହି ଯାନ ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି।



**ପାଠପଢ଼ା ପରେ ଉଦ୍ଭାବନ ଚିନ୍ତା ଆସିଥିଲା**

ପିଲାଟି ଦିନରୁ କ'ଣ ଏକ ନୂଆ ଉପକରଣ ତିଆରି କରି ଚର୍ଚ୍ଚାରେ ରହିବାକୁ ଚାହୁଁଥିଲେ ପ୍ରେମାନନ୍ଦ। ତେବେ ସମୟ ତାଙ୍କୁ ସାଥ୍ ଦେଉ ନ ଥିଲା। କଲେଜ ପାଠପଢ଼ା ପରେ ବେକାର ଜୀବନରେ ତାଙ୍କ ମନରେ ଉଦ୍ଭାବନର ଚିନ୍ତା ଉଙ୍କି ମାରିଥିଲା। ୨୦୧୫ରେ ସ୍ନାତକ ଶେଷହେବା ପରେ ସେ ବୈଦ୍ୟୁତିକ ଉପକରଣକୁ ନେଇ ଅଭିଯାନ ଆରମ୍ଭ କଲେ। ବ୍ୟାଟେରି ଚାଳିତ ସାଇକେଲ ତିଆରି କରିବାରେ ଲାଗିପଡିଲେ। ପଡୋଶୀ ଭଞ୍ଜନଗର ଗାଁର ସାଙ୍ଗ ରବୀନ୍ଦ୍ର ନାୟକ ତାଙ୍କୁ ଏ ଦିଗରେ ସହଯୋଗର ହାତ ବଢ଼ାଇଲେ। ଆଗକୁ ବଢ଼ିବା ପାଇଁ ପ୍ରେରଣା ମଧ୍ୟ ଦେଲେ। ତାଙ୍କ ପଛରେ ପରିବାରର ସଦସ୍ୟମାନଙ୍କ ଭୂମିକା ମଧ କମ୍ ନ ଥିଲା। ଶେଷରେ ଦୀର୍ଘଦିନର ପରିଶ୍ରମ ତାଙ୍କୁ ସଫଳତା ଦେଇଥିଲା। ୩ ହଜାର ଟଙ୍କାର ସାଇକେଲରେ ୭ ହଜାର ଟଙ୍କା ଖର୍ଚ୍ଚ କରି ସେ ତାଙ୍କର ଇପ୍‌ସିତ ଯାନ ତିଆରି କରିବାରେ ସଫଳ ହେଲେ। ସେ ପ୍ରସ୍ତୁତ କରିଥିବା ସାଇକେଲ ବାଇକ୍ ପରି ଦୌଡୁଛି। ଯଦି ବ୍ୟାଟେରି ଚାର୍ଜ ସରିଯାଏ, ଟେନ୍‌ସନ ହେବାର ନାହିଁ। ପେଡାଲ ମାରି ବି ଏହାକୁ ଚଳାଇ ହେଉଛି। ଏଥିରେ ହିଲିୟମ ବ୍ୟାଟେରି, ୧୨ ଭୋଲ୍ଟର ୨ଟି ବ୍ୟାଟେରି ସହ ୨୫୦ ୱାଟ୍‌ର ଗିୟର ମୋଟର, ହେଡ୍ ଲାଇଟ୍, ହର୍ନ, ଆକ୍ସିଲରେଟର, ବ୍ରେକ ଲାଗିଛି। ଏହି ସାଇକେଲକୁ ଦେଖି ସାଙ୍ଗସାଥି, ଗାଁ ଓ ପରିବାର ଲୋକଙ୍କ ଖୁସି କହିଲେ ନ ସରେ। ଆଗକୁ ଏଥିରେ ବ୍ୟାଟେରି ବଦଳରେ ସେ ସୋଲାର ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛନ୍ତି। ହେଲେ ଏଥିପାଇଁ ଅର୍ଥ ବାଧକ ସାଜିଛି। ସରକାରୀ ସହାୟତା ମିଳିଲେ ସେ ଆଗକୁ ଯାଇପାରନ୍ତେ ବୋଲି ପ୍ରେମାନନ୍ଦ କହିଛନ୍ତି।

## ସଂକ୍ଷେପରେ

### ଜଗନ୍ନାଥପୁର ଶାସନରେ ମନ୍ଦିର ପ୍ରତିଷ୍ଠା



**ଭଞ୍ଜନଗର,୯।୨(ଡି.ଏନ.ଏ):** ଜଗନ୍ନାଥପ୍ରସାଦ ନିକଟବର୍ତ୍ତୀ ଜଗନ୍ନାଥପୁରଶାସନ ଗ୍ରାମଦେବୀ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୪ ତାରିଖରୁ ଆରମ୍ଭ ହୋଇ ୭ରେ ପୂର୍ଣ୍ଣାହୁତି ହୋଇଛି । ପ୍ରତିଷ୍ଠା ଦିବସ ଗୁଡ଼ିକରେ ପଣ୍ଡିତ ଦିଗାମ୍ବର ଷଡ଼ଙ୍ଗୀଙ୍କ ନେତୃତ୍ୱରେ କର୍ତ୍ତା ଭାବେ ସରୋଜ କୁମାର ତ୍ରିପାଠୀ ଓ ସସ୍ମିତା ଦେବୀ, ପୁରୀ ରାଜଗୁରୁ ସୁଧାଂଶୁ ଶେଖର, ପୁରୀ ମଠ ଅଧକ୍ଷ ଡ. ପ୍ରଫୁଲ କୁମାର ରଥ ଏବଂ କ୍ଷୀରୋଦ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ମନ୍ଦିର ପ୍ରତିଷ୍ଠା ସହ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନରେ ସହଯୋଗ କରିଥିଲେ। ରତ୍ନମୁଦ ଉତ୍ସବରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ଼. କମ୍ବୁପାଣି ସାମନ୍ତ, ଅବସରପ୍ରାପ୍ତ ଏସିଏଫ୍ ଗୋକୁଳାନନ୍ଦ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ।

### ଆଦିବାସୀ ଜାଗରଣ କ୍ଲବ ପାଇକ ତିଗିରିଆ ଚାମ୍ପିୟନ

**ବେଗୁନିଆ/ ଜଟଣୀ,୯। ୨ (ଡି.ଏନ.ଏ.):** ଖୋର୍ଦ୍ଧା ପୌର ପରିଷଦ ଅର୍ନ୍ତଗତ ଗୁରୁଜଙ୍ଗ ପଡ଼ିଆରେ ଚାଲିଥିବା ୨ୟ କପ୍-୨୦୨୦ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ

**କପ୍-୨୦୨୦ ଫୁଟ୍‌ବଲ**

ବାସୁଦେବ ଫୁଟ୍‌ବଲ କ୍ଲବ ଭାଲିଆବାଡ଼ିକୁ ୫-୪ ଟ୍ରାଇବ୍ରେକର ଗୋଲରେ ହରାଇ ଆଦିବାସୀ ଜାଗରଣ କ୍ଲବ ପାଇକ ତିଗିରିଆ ଚାମ୍ପିୟନ ହୋଇଥିଲା। ମ୍ୟାଚ ଅତ୍ୟନ୍ତ ଚିତାକର୍ଷକ ହୋଇଥିଲା। ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ଖେଳରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଫଳରେ ଟ୍ରାଇବ୍ରେକର ଗୋଲ ଜରିଆରେ ଖେଳର ନିଷ୍ପତ୍ତି କରାଯାଇଥିଲା। ମ୍ୟାଚକୁ ପ୍ରଫୁଲ୍ଲ କୁମାର ବେହେରା ମୁଖ୍ୟ ରେଫରି ଭାବେ ପରିଚାଳନା କରିଥିବା ବେଳେ ଲାଇନ୍ସ ମ୍ୟାନ ଭାବେ ତନୁଜ ଶ୍ରୀଚନ୍ଦନ ଓ ସୌମ୍ୟକାନ୍ତ ପଟ୍ଟନାୟକ ସହଯୋଗ କରିଥିଲେ। ସେହିପରି ୪ର୍ଥ ରେଫରି ଭାବେ କମଳା ପ୍ରସାଦ ରାଉତରାୟ ଦାୟିତ୍ୱ ତୁଲାଇଥିଲେ। ଟୁର୍ଣ୍ଣାମେଣ୍ଟର ଆୟୋଜକ ପ୍ରିୟବ୍ରତ ସାମନ୍ତରାୟ ଓ ଅବ୍ୟକ୍ତ ହରିହର ଖାଡଙ୍ଗାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ପୂର୍ବତନ ପୌର ଉପାଧକ୍ଷ ସଞ୍ଜୟ ସିଂ, ମଳୟେଶ ପ୍ରଧାନ, ବୈକୁଣ୍ଠ ମହାନ୍ତି ପ୍ରମୁଖ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଏବଂ ଅର୍ଥରାଶି ପ୍ରଦାନ କରିଥିଲେ। ସେହପରି ଫାଇନାଲ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବେ ଦୀପକ ରଞ୍ଜନ ଜୟସିଂହ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଦେବୀ ପ୍ରସାଦ ନାୟକଙ୍କୁ ପୁରସ୍କୃତ କରାଯାଇଥିଲା।

# ୧୪ ମାସରେ ବଦଳିଲେଣି ୨ ଆଇଆଇସି

**ଓଡ଼ଗାଁ, ୯।୨( ସ୍ୱ.ପ୍ର.)**



**ଆଦର୍ଶ ଥାନା ଓଡ଼ଗାଁ**

- ଆଇଆଇସି ପଦବୀ ଖାଲିନେଇ ନାନା ଆଲୋଚନା
- ଜିଲାରେ ଅଫିସର ନାହାନ୍ତି କହିଲେ ଏସ୍‌ପି

ନୟାଗଡ ଜିଲା ଓଡ଼ଗାଁ ଥାନାକୁ ଜିଲାର ଏକମାତ୍ର ଆଦର୍ଶ ଥାନା ଭାବେ ମୁଖ୍ୟମନ୍ତ୍ରୀ ଘୋଷଣା କରିବାର ୧୪ ମାସ ବିତିଲା । ହେଲେ ଏଠାରେ ଭାରପ୍ରାପ୍ତ ଆଇଆଇସି ପଦବୀ ଖାଲି ରହିବା ନେଇ ସାଧାରଣରେ ନାନା ଆଲୋଚନା ହେଉଛି। ୨୬ ନଭେମ୍ବର ୨୦୧୮ରେ ମୁଖ୍ୟମନ୍ତ୍ରୀ ଜିଲାରେ ଭୌଗୋଳିକ ଓ ଆପରାଧିକ ମାମଲାକୁ ଗୁରତ୍ୱ ଦେଇ ସ୍ଥାନୀୟ ଥାନାକୁ ଆଦର୍ଶ ଥାନା ଭାବେ ଘୋଷଣା କରିଥିଲେ। ଉଦ୍‌ଘାଟନ ହେବାର ଅବ୍ୟବହତି ପୂର୍ବରୁ ଏଠାରେ କାର୍ଯ୍ୟରତ ଥାନା ଆଇଆଇସି ଅନୀଲ କୁମାର ପ୍ରଧାନଙ୍କୁ ଆଦର୍ଶ ଥାନାର ଉନ୍ନତୀକରଣ ନିମନ୍ତେ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା। ହେଲେ ଶେଷ ସ୍ପର୍ଶ ଦେବାବେଳକୁ ଆଇଆଇସି ପ୍ରଧାନଙ୍କୁ ଅପ୍ରତ୍ୟାଶିତ ଭାବେ ଅକ୍ଟୋବର ମାସରେ ବଦଳି କରିଦିଆଯାଇଥିଲା । ତାଙ୍କ ସ୍ଥାନରେ ମାତ୍ର ୪୦ ଦିନ ନିମନ୍ତେ ବୈଦ୍ୟନାଥ ଭୋଇଙ୍କୁ ଭାରପ୍ରାପ୍ତ ଥାନା ଆଇଆଇସି ଭାବେ ଅବସ୍ଥାପିତ କରାଯାଇଥିଲା । ଏପରିସ୍ଥଳେ ଜ୍ୟୋତିପ୍ରକାଶ ପଣ୍ଡା ପ୍ରଥମ ଆଦର୍ଶ ଥାନା ଆଇଆଇସି ଭାବେ ନଭେମ୍ବର ୨୦୧୮ରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ତାଙ୍କ କାର୍ଯ୍ୟକାଳର ଏକ ବର୍ଷ ନ ପୂରୁଣୁ ଅକ୍ଟୋବର ୨୦୧୯ରେ ପ୍ରଶାସନିକ କାରଣ ଦର୍ଶାଇ ଜିଲା ପୋଲିସ ମୁଖ୍ୟାଳୟକୁ ଫେରାଇ ନିଆଯାଇଥିଲା । ସେହି ମାସରେ ଆଦର୍ଶ ଥାନାର ପ୍ରଥମ ମହିଳା ଆଇଆଇସି ଭାବେ ମମତା ପତିଙ୍କୁ ଅବସ୍ଥାପିତ କରାଯାଇଥିଲା । ହେଲେ ଗତ ଜାନୁୟାରୀ ମାସରେ ହେବାକୁ ଥିବା ମହୋତ୍ସବ ପୂର୍ବ ସନ୍ଧ୍ୟାରେ ତାଙ୍କୁ ମାତ୍ର ୧୦୦ ଦିନ ନ ପୂରୁଣୁ ଜିଲା ପୋଲିସ ହେଡ୍‌କ୍ୱାର୍ଟରକୁ ଫେରାଇ ନିଆଯାଇଥିଲା। ଆଦର୍ଶ ଥାନା ଘୋଷଣା ହେବାର ୧୪ ମାସ ଭିତରେ ଦୁଇ ଜଣ ଆଇଆଇସି ଏବଂ ଏକମାସ ପୂର୍ବରୁ ଦୁଇଜଣଙ୍କୁ ବଦଳି କରିବା ନେଇ ସାଧାରଣରେ ନାନା ଆଲୋଚନା ହେଉଛି । ସୂଚନା ଯୋଗ୍ୟ ୨୦୧୮ରେ ୨୩୮, ୨୦୧୯ରେ ୨୩୭ ଓ ୨୦୨୦ରେ ଅଦ୍ୟାବଧି ୩୪ ମକଦ୍ଦମା ସ୍ଥାନୀୟ ଥାନାରେ ରୁଜୁ ହୋଇଛି । ବହୁ ମାମଲା ଥାନା ବାହାରେ ରଫାଦଫା ହେଉଥିବା ଆଲୋଚନା ହେଉଥିବା ବେଳେ ଆଉ କେତେକ ବିଭିନ୍ନ ଚାପରେ ଚାପି ହୋଇଯାଉଛି । ଏ ନେଇ ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ସାହାଣୀଙ୍କ ମତାମତ ଲୋଡିବାରୁ ଜିଲାରେ ଅଧିକାରୀ ପଦବୀ ଅଭାବ କାରଣରୁ ଏଭଳି ପରିସ୍ଥିତି ଦେଖାଦେଇଛି । ହେଲେ ସେ ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

# କୁଲାଡ଼ରେ ଭଞ୍ଜ ଜୟନ୍ତୀ ପାଳିତ



ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

**ଭଞ୍ଜନଗର,୯।୨(ଡି.ଏନ୍.ଏ.)**

ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସଙ୍ଗଠନ ଏବଂ ଘୁମୁସର ସ୍ୱର ପକ୍ଷରୁ ରବିବାର କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମପୀଠ କୁଲାଡରେ ଭଞ୍ଜ ଜୟନ୍ତୀ ପାଳିତ ହୋଇଯାଇଛି। ବର୍ତ୍ତମାନର କୁଲାଡ ରାଜା ତଥା ଭଞ୍ଜ ରାଜବଂଶ ଦାୟାଦ ପ୍ରଶାନ୍ତ ଭଞ୍ଜଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକ ଅନନ୍ତରାମ କର, ଆଇନଜୀବୀ ସୋମନାଥ ନାୟକ, ଭଞ୍ଜ ଗବେଷକ ଡ. ପ୍ରଦୀପ କୁମାର ପଟ୍ଟନାୟକ, ଘୁମୁସର ସ୍ୱରର ସଭାପତି ବି. ପ୍ରକାଶ ଚନ୍ଦ୍ର ପାତ୍ର, ମନୁ ନନ୍ଦ ପତି, ରତ୍ନାକର ମହାରଣା, ଶଶାଙ୍କ କିରଣ ତ୍ରିପାଠୀ, ପଣ୍ଡିତ ସୀମାଞ୍ଚଳ ପଣ୍ଡା, କୁଲାଡ ସରପଞ୍ଚ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭଞ୍ଜ ଇତିହାସ ଉପରେ ଆଲୋଚନା କରିଥିଲେ। ଏହାପରେ କବିତା ପାଠୋତ୍ସବ ହୋଇଥିଲା। ଶଙ୍କର୍ଷଣ ତ୍ରିପାଠୀ, କାର୍ତ୍ତିକେଶ୍ୱର ପ୍ରଧାନ, ତ୍ରିନାଥ ବେହେରା, ସୁନୀଲ ପାଣି, ମୋନାଲିସା ମିଶ୍ର, ଉଷ୍ମିତା ମଞ୍ଜରୀ ମିଶ୍ର, ଶିଶିର ନାୟକ ପ୍ରମୁଖ କବିତା ପାଠ କରିଥିଲେ। ଏହି ଅବସରରେ ବିଶ୍ୱନାଥ ଶତପଥୀ, ସୀମାଞ୍ଚଳ ତ୍ରିପାଠୀ ଓ ଅଜିତ କୁମାର ତ୍ରିପାଠୀଙ୍କୁ ଘୁମୁସର ସ୍ୱର ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ତାରେଶ୍ୱରଦେବଙ୍କ ପୀଠରେ ନୀଳାଚଳ ଭକ୍ତ ସମ୍ମିଳନୀ


ତାରେଶ୍ୱରଦେବଙ୍କ ମନ୍ଦିରରେ ଭକ୍ତମାନେ ଦୀପ ସମର୍ପଣ କରୁଛନ୍ତି।

**ବୋଲଗଡ,୯।୨(ଡି.ଏନ.ଏ.)**

ବୋଲଗଡ ବ୍ଲକ ବାଙ୍କୋଇସ୍ଥିତ ପ୍ରସିଦ୍ଧ ଶ୍ରୀ ଶ୍ରୀ ତାରେଶ୍ୱର ଦେବଙ୍କ ପୀଠରେ ରବିବାର ଏକବିଂଶତମ ନୀଳାଚଳ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ଦେବନୀତି ଆରମ୍ଭ ପରେ ପ୍ରଭାତ ଅବକାଶ କରାଯାଇଥିଲା । ପରେ ଭକ୍ତମାନଙ୍କ ଦ୍ୱାରା ତାରେଶ୍ୱର ଦେବଙ୍କୁ ସମୂହ ଭାବେ ଦୀପ ସମର୍ପଣ କରାଯାଇଥିଲା। ଏହି ଅବସରରରେ ଭକ୍ତି ସଙ୍ଗୀତ ପରିବେଷଣ ପରେ ପୂର୍ବାହ୍ନ ୧୦ଟାଠାରୁ ଜପ, ଧ୍ୟାନ, ସତ୍‌ସଙ୍ଗ ଓ ଆଳତି କାର୍ଯ୍ୟକ୍ରମ ହୋଇଥିଲା । ଶିବତତ୍ତ୍ୱ ଆଲୋଚନା ସଭାରେ ଟିକୋତାଳସ୍ଥିତ ଶ୍ରୀ ରାମକୃଷ୍ଣ ସେବାଶ୍ରମର ଅଧ୍ୟକ୍ଷ ସ୍ୱାମୀ ଭାଗବତା ନନ୍ଦ ପୁରୀ ପୌରୋହିତ୍ୟ କରିବା ସହିତ ମହାଶିବରାତ୍ରୀରେ ହରିହର ମିଳନ ଶୀର୍ଷକରେ ଆଲୋଚନା କରିଥିଲେ। ସେହିପରି ଅଶୋକ କୁମାର ଦାଶ ଶିବବିବାହ ଓ ବାବା ଶ୍ରୀ ଦିବାକର ଦାସ ଶିବକଥାମୃତ ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୪ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗଦେଇଥିଲେ।

# ସାହିତ୍ୟ ବଞ୍ଚାଇବାକୁ ହେଲେ ଭାଷା ବଞ୍ଚିବା ଜରୁରୀ

**ଫୁଲବାଣୀ ଅଫିସ,୯।୨**

ଆମ ସାହିତ୍ୟ, ସଂସ୍କୃତି ଓ ପରମ୍ପରା ବଞ୍ଚାଇବାକୁ ହେଲେ ଆମ ମାଟି ମା'ର ଭାଷାକୁ ବଞ୍ଚାଇବାକୁ ପଡ଼ିବ। ଫୁଲବାଣୀ ବିଜୁ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ କାଦମ୍ବିନୀ ସାହିତ୍ୟ ମହୋତ୍ସବରେ ଅତିଥି ଭାବେ ଯୋଗଦେଇ ପୂର୍ବତନ ଏମ୍‌ପି ତଥା ସିନେ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଏହା କହିଛନ୍ତି। ମହୋତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକା ଡ. ପ୍ରବୀଣା ମହାନ୍ତି, ଜୟନ୍ତୀ ରଥ, ବିଧାୟକ ଅଙ୍ଗଦ କହଁର, ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ଜିଲାପାଳ ଡା. ବୃନ୍ଦା ଡି. ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି କନ୍ଧମାଳର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନେଇ ଓଡ଼ିଆ ଓ କୁଇ ସାହିତ୍ୟ ରଚନା ଉପରେ ଆଲୋକପାତ କରିଥିଲେ । ଜିଲା ଲେଖକ ସାମ୍ମୁଖ୍ୟ ସଭାପତି ରବୀନ୍ଦ୍ର ନାଥ ମିଶ୍ର ଏଥିରେ ପୌରହିତ୍ୟ କରିଥିବା ବେଳେ କାଦମ୍ବିନୀର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ପ୍ରାରମ୍ଭିକ ସୂଚନା ଓ ସମ୍ପାଦିକା ଇତିଶ୍ରୀ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କାଦମ୍ବିନୀ ପତ୍ରିକା ସମେତ ଅନେକ ବହି ଉନ୍ମୋଚନ କରାଯାଇଥିଲା । ଏଥିସହ କନ୍ଧମାଳ ଓ ବୌଦ୍ଧ ଜିଲାର ଲେଖିକା, ଲେଖକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କବି ଓ କବିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିତ୍ୟିକା ସୁଷମା ମିଶ୍ର ସଭାପତିତ୍ୱ କରିଥିଲେ। ବହୁ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ।

## ବଣିକ ସଂଘ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ

**ବାଲୁଗାଁ,୯।୨(ଡି.ଏନ.ଏ.)**

ବାଲୁଗାଁ ଅଞ୍ଚଳରେ ଥିବା ଶ୍ରୀଉମାମହେଶ୍ୱର ବଣିକ ସଂଘ ପକ୍ଷରୁ ରବିବାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ବଣିକ ସଂଘର ସଭାପତି ରବି ନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିଲିକା ବିଧାୟକ ତଥା ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ, ମୁଖ୍ୟବକ୍ତା ଭାବେ ସର୍ବଭାରତୀୟ ବ୍ୟବସାୟିକ ସଂଘର ସଭାପତି ବି.ସି. ଭାର୍ତ୍ତିଆ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଚିଲିକା ବିଧାୟକ ରଘୁନାଥ ସାହୁ ଯୋଗଦେଇଥିଲେ। ସେହିପରି ସର୍ବଭାରତୀୟ ଟ୍ରେଡ଼ର୍ସ ଆସୋସିଏଶନର ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲ, ଓଡ଼ିଶା ବ୍ୟବସାୟିକ ସଂଘର କାର୍ଯ୍ୟକାରୀ ସଭାପତି ବ୍ରିଜ୍‌ମୋହନ ଅଗ୍ରୱାଲ, ସଭାପତି ସି. ରବୀନ୍ଦ୍ର ନାଥ ଓ ଓଡ଼ିଶା ବ୍ୟବସାୟିକ ସଂଘର ମହାସଚିବ ସୁଧାକର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସମ୍ପାଦକ ସରୋଜ କୁମାର ପାତ୍ର ବିବରଣୀ ପାଠ କରିଥିବା ବେଳେ ବ୍ୟବସାୟ ଅନୁଷ୍ଠାନଗୁଡ଼ିକରେ ହେଉଥିବା ସେମାନଙ୍କର ଅସୁବିଧା ଦୂର କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ବିଧାୟକଙ୍କୁ ଜଣାଇଥିଲେ। ଏଥିସହ ଶ୍ରୀଉମାମହେଶ୍ୱର ବଣିକ ସଂଘର ବରିଷ୍ଠ ବ୍ୟବସାୟୀ ରମେଶ ପାତ୍ର ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଅଧ୍ୟକ୍ଷ ଧୀରେନ୍ଦ୍ରନାଥ ପାତ୍ର ଏବଂ ପତ୍ନୀ ରାଜେଶ୍ୱରୀ ଅଙ୍ଗଦାନ କରିବା ନିମନ୍ତେ ଏହି ଉତ୍ସବରେ ଘୋଷଣା କରିଥିଲେ। ଅଙ୍ଗଦାତାମାନଙ୍କର ଏପରି ଘୋଷଣାକୁ ସଂଘ ଓ ମଞ୍ଚାସୀନ ଅତିଥିଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ଶିକ୍ଷାବିତ୍ ଦୁଃଖୀଶ୍ୟାମ ଦାସଙ୍କ ପରଲୋକ

**ନୟାଗଡ ଅଫିସ,୯।୨**



ନୟାଗଡର ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ, ଅନୁବାଦକ, ପରିବେଶବିତ୍, ସାମାଜିକ କର୍ମୀ ତଥା ପ୍ରଫେସର ଦୁଃଖୀଶ୍ୟାମ ଦାସ (୭୩)ଙ୍କ ଶନିବାର ରାତି ସାଢ଼େ ୧୦ଟାରେ ନୟାଗଡ ମଧୁସୂଦନନଗର ବାସଭବନରେ ପରଲୋକ ହୋଇ ଯାଇଛି। ଓଡିଆ ଭାଷାରେ ଓଡିଶାର ଶାସନ ଦାବି ନେଇ ସେ ଆନ୍ଦୋଳନରେ ସାମିଲ ହୋଇ ସରକାରଙ୍କ ବିରୋଧରେ ଲଢ଼େଇ କରିଥିଲେ। ଓଡିଆ ବିଶ୍ୱବିଦ୍ୟାଳୟ ଦାବି ସହ ଜିଲାରେ ଓଡିଆ ଭାଷାର ପ୍ରସାର ଦିଗରେ ସେ କାମ କରିଥିଲେ। ଶରଣକୁଳ ମହାବିଦ୍ୟାଳୟରୁ ଅଧ୍ୟକ୍ଷ ଭାବେ ସେ ଅବସର ନେଇ ସାମାଜିକ କାମରେ ନିୟୋଜିତ ଥିଲେ। ତାଙ୍କ ମୃତ୍ୟୁରେ ନୟାଗଡ ଜିଲାରେ ଶୋକର ଛାୟା ଖେଳିଯାଇଛି। ଏ ଅବସରରେ ଭାଷା ଆନ୍ଦୋଳନ ଓଡିଶା ପକ୍ଷରୁ ଶୋକ ପ୍ରକାଶ କରାଯାଇଛି । ଶିକ୍ଷାବିତ୍ ଦାସ ଓ ଭାରତ ବିକାଶ ପରିଷଦ ନୟାଗଡ ଶାଖାର ପୂର୍ବତନ ଅଧ୍ୟକ୍ଷ ପ୍ରାଣକୃଷ୍ଣ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ରବିବାର ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଶାଖା ଅଧ୍ୟକ୍ଷ ବିଦ୍ୟାଧର ଆଚାର୍ଯ୍ୟଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭାରତ ବିକାଶ ପରିଷଦର ରାଜ୍ୟ ଅର୍ଥ ସଚିବ ଶ୍ରୀଧର ସାହୁ, ବରିଷ୍ଠ ନାଗରିକ ମଞ୍ଚର ଜିଲା ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, ପ୍ରଫେସର ହର ପ୍ରସାଦ ମହାପାତ୍ର, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଓଡିଆ ଭାଷା ଆନ୍ଦୋଳନ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥି, ନୟାଗଡ ଭାଷା ଆନ୍ଦୋଳନ ସମିତି ଆବାହକ ଶିବରାମ ମହାପାତ୍ର, ନୟାଗଡ ଜିଲା କଂଗ୍ରେସ କମିଟି ସଭାପତି ରଣଜିତ୍ ଦାଶ ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଦୁର୍ଘଟଣାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

**ଫିରିଙ୍ଗିଆ,୯।୨**

କନ୍ଧମାଳ ଜିଲା ଫିରିଙ୍ଗିଆ ମହାବିଦ୍ୟାଳୟ ନିକଟରେ ରବିବାର ରାତିରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତ ନୂଆପଡା ଗୋପିପଦର ଗାଁର ବାବିନ୍ଦ୍ର କହଁର (୨୮)।

ପ୍ରକାଶ ଯେ, ବାବିନ୍ଦ୍ର ଫିରିଙ୍ଗିଆରୁ କାମସାରି ରାତିରେ ସାଇକେଲରେ ଗାଁକୁ ଫେରୁଥିଲେ। ଫିରିଙ୍ଗିଆ ସାରଙ୍ଗଗଡ ରାସ୍ତାର ପଞ୍ଚାୟତ ଜୁନିୟର କଲେଜ ନିକଟରେ ସାରଙ୍ଗଗଡ ପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବାଇକ୍ ଆରୋହୀ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ବାବିନ୍ଦ୍ରଙ୍କୁ ଉଦ୍ଧାର କରି ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫିରିଙ୍ଗିଆ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଫିସର ବିଭୂତି ଭୂଷଣ ମୁଦୁଲି କହିଛନ୍ତି।

# ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ପୂର୍ଣ୍ଣାହୁତି


ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବାଚସ୍ପତି ପୁଷ୍ପାଞ୍ଜଳି ଦେଉଛନ୍ତି।

**ଦିଗପହଣ୍ଡି,୯।୨(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କଇଠଡା ପଞ୍ଚାୟତ କମଳାପୁର ଗ୍ରାମସ୍ଥିତ କାଶୀ ବିଶ୍ୱନାଥଙ୍କ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ପଞ୍ଚ କୁଣ୍ଡୀୟ ରୁଦ୍ର ମହାଯଜ୍ଞରେ ରବିବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ଏହି ଅବସରରେ ଦିଗପହଣ୍ଡି ବିଧାୟକ ତଥା ବାଚସ୍ପତି ଡ଼.ସୂର୍ଯ୍ୟନାରାୟଣ ପାତ୍ର ମହାଯଜ୍ଞ ସ୍ଥଳରେ ଉପସ୍ଥିତ ରହିଥିଲେ। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ୫ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଗତ ୨ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ମହାଯଜ୍ଞରେ ପଣ୍ଡିତ ଅଶୋକ କୁମାର ପାଢୀଙ୍କ ପୌରହିତ୍ୟରେ ବହୁ ସଂଖ୍ୟକ ପୁରୋହିତ ହୋମ, ପୂଜାର୍ଚ୍ଚନା କାର୍ଯ୍ୟରେ ନିୟୋଜିତ ଥିଲେ। ଲକ୍ଷ୍ମୀନାରାୟଣ ସାହୁ ସସ୍ତ୍ରିକ କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମହାଯଜ୍ଞ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ତଥା ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, କେ.ହରିବନ୍ଧୁ ରେଡ୍ଡୀ, ଗଣପତି ମଲିକ, ସୁଦାମ ଦୋରା, ସିମାଞ୍ଚଳ ସାହୁ, ରମେଶ ଚନ୍ଦ୍ର ମିଶ୍ର, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ରବିନ୍ଦ୍ର ନାଥ ଡାକୁଆ ପ୍ରମୁଖ ଶୈବପୀଠ ପରିଚାଳନା କମିଟିର ସମସ୍ତ ସଭ୍ୟ ଯଜ୍ଞସ୍ଥଳରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଆଖପାଖ ଅଞ୍ଚଳର ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରିଥିଲେ।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ବାର୍ଷିକୀ ପାଳିତ

**ପାରଳାଖେମୁଣ୍ଡି,୯।୨(ସ୍ୱ.ପ୍ର.)**

ପାରଳାଖେମୁଣ୍ଡିସ୍ଥିତ ସତ୍‌ସଙ୍ଗ ବିହାରଠାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜନ୍ମ ବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଠାକୁରଙ୍କୁ ସହର ପରିକ୍ରମା କରାଯାଇଥିଲା। ପରେ ଆୟୋଜିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ଠାକୁରଙ୍କ ବାଣୀ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସତସଙ୍ଗ ବିହାରର ସମ୍ପାଦକ ଡମ୍ବରୁଧର ଦାସ, ବଦ୍ରିନାଥରୁ ସନ୍ୟାସୀ ଗୁରୁ ଶ୍ରେଷ୍ଠନନ୍ଦଜୀ, ରତ୍ନାକର ସ୍ୱାଇଁ(ରିତ୍ୱିକ), ନୃସିଂହ ଶ୍ରୀଚନ୍ଦନ, ଅଧିକାରୀ ମୃତ୍ୟୁଞ୍ଜୟ ଦାସ, ବିଷ୍ଣୁଚରଣ ବୈତର ଯୋଗ ଦେଇଥଲେ। କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାସରଥି ଗମାଙ୍ଗ ଉପସ୍ଥିତ ଥିଲେ। ପାରଳାଖେମୁଣ୍ଡିସତସଙ୍ଗବିହାରରୁରିତ୍ୱିକ ପ୍ରଶାନ୍ତ କୁମାର ପ୍ରଧାନ ଓ କାହ୍ନୁଚରଣ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଗିରଶ୍ ରଥ ଓ ସୁରେଶ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁଞ୍ଜବିହାରୀ ବଡକୁମରଙ୍କ ଏହାର ପରିଚାଳନା କରିଥିଲେ।

# ବଡ଼ରଗଡ଼କୁ ହରାଇ ସେମିରେ ଭଞ୍ଜନଗର



ଟ୍ରଫିସହ ୨ ଦଳର ଖେଳାଳି ଓ ଅତିଥିବୃନ୍ଦ।


କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି।

**ଭଞ୍ଜ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ**

**ଭଞ୍ଜନଗର,୯।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଭଞ୍ଜନଗର ଜେଲ ପଡ଼ିଆରେ ରବିବାର ଠାରୁ ୫ମ ଭଞ୍ଜ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନି ମ୍ୟାଚ୍ ବରଗଡ଼ ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲସ ଓ ଭଞ୍ଜନଗର ଗୁରୁବା ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ଗୁରୁବା ଏକାଦଶ ୩-୦ ଗୋଲରେ ବିଜୟୀ ହୋଇ ପ୍ରଥମଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମ ମିନିଟ୍‌ରେ ହିଁ ଭଞ୍ଜନଗର ବରଗଡ଼ ବିରୋଧରେ ପ୍ରଥମ ଗୋଲ ଦେଇଥିଲେ। ଏହାର ୫ ମିନିଟ ପରେ ପୁଣି ଆଉ ଏକ ଗୋଲ ଦେଇ ୨-୦ରେ ଅଗ୍ରଣୀ ରହିଥିଲା। ଫଳରେ ବରଗଡ଼ ଖେଳାଳୀମାନେ ଚାପରେ ଥିଲେ ମଧ୍ୟ କଡ଼ା ମୁକାବିଲା କରିଥିଲେ। ଦ୍ୱିତୀୟ ହାପ୍‌ରେ ଆଉ ଗୋଟିଏ ଗୋଲ୍‌ଦେଇ ଭଞ୍ଜନଗର ୩-୦ରେ ବିଜୟୀ ହୋଇଥିଲା। ଭଞ୍ଜନଗରର ଅମର ଲାକ୍ରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ମ୍ୟାଚ୍‌କୁ ରେଫରି ପ୍ରଶାନ୍ତ କୁମାର ପାଲ, ଲାଇନ୍ସମ୍ୟାନ୍ ବ୍ରହ୍ମାନନ୍ଦ ଭୋଇ, ଦୁର୍ଗା ଆଚାରୀ, ପ୍ରଦୀପ ପ୍ରଧାନ ପରିଚାଳନା କରିଥିଲେ। ସୋମବାର ନେପାଳର ନେପାଳଗଞ୍ଜ ଓ ଭୁବନେଶ୍ୱର ଜଗା ୟୁନାଇଟେଡ କ୍ଲବ ମଧ୍ୟରେ ମୁକାବିଲା ହେବ। ଭଞ୍ଜନଗର ଆଇଆର୍‌ବି ବାଟାଲିୟନ କମାଣ୍ଡିଙ୍ଗ୍ ଅଫିସର ପ୍ରଭାତ କିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ସୁମା ପ୍ରଧାନ, ସରକାରୀ ଓକିଲ ଉଷାକାନ୍ତ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ଉତ୍ସବରେ ଭଞ୍ଜନଗର ଫୁଟ୍‌ବଲ ଆସୋସିଏଶନ ସଭାପତି ଅମରନାଥ ରଥ ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ଈଶ୍ୱର ରାଓ ଆଚାରୀ, ସୁଧୀର ରଞ୍ଜନ ବେହେରା, ଚିଦାନନ୍ଦ ସ୍ୱାଇଁ, ଶରତ ମହାନ୍ତି, ପତିତ ପ୍ରଧାନ, ପ୍ରେମଚାନ୍ଦ ସିଂ, ସଦାଶିବ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ଫାଇନାଲ ମ୍ୟାଚ୍ ୧୬ ତାରିଖରେ ହେବ।